୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୯/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, November 29/2024 | Page 16 | ₹ 7.00 | BALASORE

୫୧ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 6 | ମୂଲ୍ୟ₹୭/-

# ଡିଜିପି ସମ୍ମିଳନୀ ଭଣ୍ଡୁର କରିବାକୁ ପନ୍ନୁଙ୍କ ଧମକ

**ଭୁବନେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସମ୍ମିଳନୀର ଦିନକ ପୂର୍ବରୁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁର୍‌ପତ୍‌ୱନ୍ତ ସିଂ ପନ୍ନୁ ଗୁରୁବାର ଏକ ଧମକପୂର୍ଣ୍ଣ ବାର୍ତ୍ତା ଜାରି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସମେତ ବହୁ ବରିଷ୍ଠ ସୁରକ୍ଷା ଅଧିକାରୀ ଯୋଗଦେବାକୁ ଥିବା ଏହି ସର୍ବଭାରତୀୟ ବୈଠକକୁ ଭଣ୍ଡୁର କରାଯିବ ବୋଲି ସେ ଏଥିରେ ଧମକ ଦେଇଛନ୍ତି। ଏପରିକି ଭୁବନେଶ୍ୱରକୁ 'ସିଟି ଅଫ୍ ଟେରର୍' ବୋଲି ସେ ସମ୍ବୋଧନ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ପୋଲିସ ସମସ୍ତ ପ୍ରକାର ବିପଦକୁ ମୁକାବିଲା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି।**


ଗୁର୍‌ପତ୍‌ୱନ୍ତ ସିଂ ପନ୍ନୁ

**ଭୁବନେଶ୍ୱର,୨୮।୧୧(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ଶୁକ୍ରବାରଠାରୁ ୩ ଦିନିଆ ସର୍ବଭାରତୀୟ ୫୯ତମ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସବୁ ରାଜ୍ୟର ଡିଜିପି, ଆଇଜି, ବିଭିନ୍ନ ସୁରକ୍ଷା ଏଜେନ୍ସି ଅଧିକାରୀଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ପ୍ରମୁଖ ଯୋଗ ଦେବେ। ତେବେ ଏହି ସମ୍ମିଳନୀର ଦିନକ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ସୃଷ୍ଟି ହୋଇଛି। ଆମେରିକାରେ ରହୁଥିବା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ଏହି ଡିଜିପି ସମ୍ମିଳନୀକୁ ଟାର୍ଗେଟ୍ କରିଛନ୍ତି। ପନ୍ନୁ ଗୁରୁବାର ସୋସିଆଲ୍ ମିଡିଆରେ ଏକ ଭିଡିଓ ଜାରି କରି ଏହି ସମ୍ମିଳନୀରେ ବ୍ୟାଘାତ ସୃଷ୍ଟି କରିବାକୁ ଆହ୍ୱାନ ଦେବା ସହ ଧମକପୂର୍ଣ୍ଣ ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ମନ୍ଦିରମାଳିନୀ ସହର ନୁହେଁ, ବରଂ ଆତଙ୍କର ସହର ବୋଲି ଏଥିରେ ସମ୍ବୋଧନ କରିଛନ୍ତି। ଏପରିକି ମୋଦି-ଶାହା-ଡୋଭାଲଙ୍କ ଗସ୍ତ ଭୁବନେଶ୍ୱର ପାଇଁ ବଡ଼ ସୁରକ୍ଷା ବିପଦ ଆଣିଛି ବୋଲି ସେ କହିଛନ୍ତି। ତେବେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କ ଏଭଳି ଧମକପୂର୍ଣ୍ଣ ଭିଡିଓ ପରେ ଦେଶ ତଥା ରାଜ୍ୟରେ ଚର୍ଚ୍ଚାର ବିଷୟ ସୃଷ୍ଟି ହୋଇଥିବାବେଳେ ରାଜଧାନୀରେ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପନ୍ନୁ ଭିଡିଓରେ କହିଛନ୍ତି, ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ), ବିଏସ୍‌ଏଫ୍ (ବର୍ଡର ସିକ୍ୟୁରିଟି ଫୋର୍ସ), ☞ପୃଷ୍ଠା-୪


ଡିଜିପି ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ଗୁରୁବାର ଭୁବନେଶ୍ୱର ଏଜି ଛକ ନିକଟରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଉଛି।

## ସମ୍ମିଳନୀ ପାଇଁ ସିକ୍ୟୁରିଟି ବ୍ଲାଙ୍କେଟ୍: ପୋଲିସ କମିଶନର

ସର୍ବଭାରତୀୟ ୫୯ତମ ଡିଜିପି ସମ୍ମିଳନୀର ଦିନକ ପୂର୍ବରୁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ଧମକପୂର୍ଣ୍ଣ ଭିଡିଓ ଜାରି କରିଛନ୍ତି। ସେ ଏହି ସମ୍ମିଳନୀକୁ ଟାର୍ଗେଟ କରି ଭଣ୍ଡୁର କରିବାକୁ ଆହ୍ୱାନ ଦେଇଛନ୍ତି। ଏଭଳିସ୍ଥିତିରେ ସମ୍ମିଳନୀ ପାଇଁ ସିକ୍ୟୁରିଟି ବ୍ଲାଙ୍କେଟ୍ ପ୍ରସ୍ତୁତ କରାଯାଇଛି। ସବୁ ପ୍ରକାର ଆତଙ୍କୀ ନିରୋଧୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ କମିଶନର କହିଛନ୍ତି ଯେ, ଭାରତ ବିରୋଧୀ ତତ୍ତ୍ୱ ଆମ ପାଇଁ ଚ୍ୟାଲେଞ୍ଜ ରହିଥିବା ବେଳେ ଏଥିପାଇଁ ଏଭଳି ସମ୍ମିଳନୀ ହୁଏ। ଉକ୍ତ ତତ୍ତ୍ୱମାନଙ୍କୁ ଲଗାତର ନିପାତ କରାଯାଉଛି। ଏହି ସମ୍ମିଳନୀ ପାଇଁ ୮୦ରୁ ଊର୍ଦ୍ଧ୍ୱ ପ୍ଲାଟୁନ୍ ଫୋର୍ସ ନିୟୋଜିତ କରାଯାଇଛି। ଓଡ଼ିଶା ପୋଲିସ, ବିଭିନ୍ନ ଏଜେନ୍ସି, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ରାଜ୍ୟ ତଥା ଦେଶର ଗୋଇନ୍ଦା ସଂସ୍ଥା ଭଲ ସମନ୍ୱୟ ରଖା କରି ଏହି ସିକ୍ୟୁରିଟି ବ୍ଲାଙ୍କେଟ୍ ପ୍ରସ୍ତୁତ କରିଛନ୍ତି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ବୋଲି ସିଂ କହିଛନ୍ତି।

# ଗତ ସରକାର ଜବରଦସ୍ତ ବିଲ୍ ପାସ୍ କରାଉଥିଲେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)**

### ଓଡ଼ିଶା ସାମଗ୍ରୀ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍-୨୦୨୪ ପାରିତ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଗୃହରେ ଯେକୌଣସି ବିଲ୍ ଆସୁ ତାହା ଉପରେ ବିନା ବିତର୍କରେ ପାରିତହେବା କଥା ନୁହେଁ। ହେଲେ ଗତ ସରକାରରେ ବିରୋଧୀଙ୍କ ସହ ଆଲୋଚନା ନ କରି ଜବରଦସ୍ତ ବିଲ୍ ପାସ୍ କରିଦିଆଯାଉଥିଲା। ହେଲେ ରାଜ୍ୟର ନୂଆ ସରକାର ସେମିତି କରିବନାହିଁ। ଆମ ସରକାର ବିଲ୍‌ପାସ୍‌କରିବା ପୂର୍ବରୁ ଆଲୋଚନା ଲାଗି ୨ ଘଣ୍ଟା ସମୟ ଦେଲେ। ବିଲ୍ ଉପରେ ଆଲୋଚନା ହେଲା। ବିଲ୍ ପାସ୍ ପାଇଁ ଅଧିକ ସମୟ ଦେବା ଲାଗି ବିରୋଧୀ ଦଳ ଯାହା କହୁଛନ୍ତି ତାହା ଗ୍ରହଣୀୟ ନୁହେଁ। ଖାଲି ବିରୋଧୀ ଦଳରେ ଅଛନ୍ତି ବୋଲି ଏହି କଥା କହୁଛନ୍ତି। ପୂର୍ବରୁ ଏହି ବିଲ୍ ଉପରେ ବହୁ ଆଲୋଚନା ହୋଇସାରିଛି। ବିଲ୍ ପାସ୍ କରିବାର ଏକ ନିର୍ଦ୍ଦିଷ୍ଟ ସମୟସୀମା ରହିଛି, ତାହା ପାଖେଇ ଆସିଥିବାରୁ ଏହାକୁ ପାସ୍ କରିବା ଲାଗି ଆଗତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଅପରାହ୍ନରେ ଗୃହରେ କହିଛନ୍ତି।

ଓଡ଼ିଶା ସାମଗ୍ରୀ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪କୁ ଗୃହରେ ପାରିତ କରିବା ଲାଗି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିରୋଧୀ କେତେକ ଭଲ ମତାମତ ଦେଇଛନ୍ତି। ହେଲେ ବିରୋଧୀ ସଦସ୍ୟ ମୁଢ଼ି, ଚୁଡ଼ା, ଗୁଡ଼, ଫଳ, ଦହି, କ୍ଷୀର ଆଦି ଉପରୁ ଯେଉଁ ୫ ପ୍ରତିଶତ ଜିଏସ୍‌ଟି ଆଦାୟ କଥା କହୁଛନ୍ତି ଏବଂ ତାକୁ ପ୍ରତ୍ୟାହାର ଲାଗି ଜିଏସ୍‌ଟି କାଉନସିଲ୍‌ରେ ଉଠାଇବାକୁ ଦାବି କରିଛନ୍ତି ତାହା ଗ୍ରହଣୀୟ ନୁହେଁ। କାରଣ ଖୋଲାବଜାରରେ ଯେଉଁମାନେ ମୁଢ଼ି, ଚୁଡ଼ା, କ୍ଷୀର ଆଦି ବିକ୍ରି କରୁଛନ୍ତି ତା' ଉପରେ ଜିଏସ୍‌ଟି ଲଗାଯାଉ ନାହିଁ। ସବୁ ଗରିବ ଲୋକ ବଡ଼ ବଡ଼ ମଲ୍‌କୁ ଯାଇ ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଏହିସବୁ ଜିନିଷ ଖାଉନାହାନ୍ତି। ଯେଉଁମାନେ ଚୁଡ଼ା, ମୁଢ଼ି, କ୍ଷୀର, ଦହି ଆଦି ପ୍ୟାକେଟ୍‌କରି କମ୍ପାନୀ ଜରିଆରେ ବିକ୍ରି କରୁଛନ୍ତି ସେମାନେ ୫ ପ୍ରତିଶତ ଜିଏସ୍‌ଟି ଦେଉଛନ୍ତି। ଗରିବ ଲୋକମାନେ ଗାଁରେ ହଲଦିରାମ୍ କିମ୍ବା ଅନ୍ୟ ବଡ଼ କମ୍ପାନୀର ମୁଢ଼ି, ଚୁଡ଼ା ପ୍ୟାକେଟ ଆଣି ଖାଉନାହାନ୍ତି। ସେସବୁ ବଡ଼ ବଡ଼ିଆ ଲୋକ ଖାଉଛନ୍ତି। ବିରୋଧୀ ସଦସ୍ୟ ଯାହା କହୁଥିଲେ ଜିଏସ୍‌ଟି କାଉନସିଲ୍‌ରେ ତରବରିଆ ଭାବେ କିଛି ନିଷ୍ପତ୍ତି ନିଆଯାଏ, ☞ପୃଷ୍ଠା-୪

# ରାଜ୍ୟରେ ୨୧୦୩ ହାତୀ, ଢେଙ୍କାନାଳରେ ସର୍ବାଧିକ

### ପ୍ରଥମ ଶୀତଦିନିଆ ହାତୀ ଗଣନା ରିପୋର୍ଟ ପ୍ରକାଶ

### ୬ ମାସରେ ବଢ଼ିଛନ୍ତି ୫ ହାତୀ, ୧୩ ବନଖଣ୍ଡରେ ନାହାନ୍ତି

**ଭୁବନେଶ୍ୱର,୨୮।୧୧(ବନ୍ଦନା ସେଠୀ)**



ଓଡ଼ିଶା ଜଙ୍ଗଲରେ ଏବେ ୨୧୦୩ ହାତୀ ରହିଛନ୍ତି। ଗତ ୬ ମାସ ମଧ୍ୟରେ ରାଜ୍ୟରେ ୫ ହାତୀ ବଢ଼ିଥିବା ପ୍ରଥମ ଶୀତଦିନିଆ ହାତୀ ଗଣନା ରିପୋର୍ଟରୁ ଜଣାପଡ଼ିଛି। ତେବେ ଏହାକୁ ହାତୀ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରିବା ସହ ବଢ଼ିଚାଲିଥିବା ହାତୀମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବନ ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶ ପାଇଥିବା ରାଜ୍ୟର ପ୍ରଥମ ଶୀତଦିନିଆ ହାତୀ ଗଣନା ରିପୋର୍ଟରୁ ଏହା ଜଣାପଡ଼ିଛି। ଏଥିମଧ୍ୟରେ ୩୩୪ଟି ବୟସ୍କ ଦନ୍ତା ରହିଥିବାବେଳେ ୧୨ଟି ବୟସ୍କ ମାଖନା ହାତୀ, ୬୭୮ଟି ବୟସ୍କ ମାଇହାତୀ, ୧୮୬ଟି ଅପ୍ରାପ୍ତ ବୟସ୍କ ଦନ୍ତା, ୪ଟି ଅପ୍ରାପ୍ତ ବୟସ୍କ ମାଖନା, ୩୦୫ଟି ଅପ୍ରାପ୍ତ ମାଇହାତୀ, ୧୮୧ଟି କିଶୋର ଏବଂ ୪୦୩ଟି ଛୁଆ ହାତୀ ରହିଛନ୍ତି। ରାଜ୍ୟର ୨୮ ଜିଲାରେ ଥିବା ୪୮ଟି ବନଖଣ୍ଡରେ ଏହି ଗଣନା କରାଯାଇଥିଲା। ତେବେ ୧୩ଟି ବନଖଣ୍ଡରେ ଶୀତଦିନେ କୌଣସି ହାତୀ ନ ଥିବାବେଳେ ୫ଟି ବନଖଣ୍ଡରେ ସର୍ବାଧିକ ☞ପୃଷ୍ଠା-୪

## ମଧ୍ୟାହ୍ନଭୋଜନ ଖାଇ ୨୧ ଛାତ୍ରୀଛାତ୍ର ଅସୁସ୍ଥ

**ବ୍ରହ୍ମଗିରି,୨୮।୧୧(ସ୍ୱାଧୀନ ଚମ୍ପତିରାୟ)**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଡିମିରିସେଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ଖାଇ ୨୧ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୮୧ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ପ୍ରତ୍ୟେକ ଦିନ ଭଳି ଗୁରୁବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବାର କିଛି ସମୟ ପରେ ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରପ୍ରସାଦ ନନ୍ଦ, ଛାତ୍ରୀ ସୁଜାତାମୟୀ ଭୋଇ, ପଞ୍ଚମ ଶ୍ରେଣୀ ଛାତ୍ରୀ ମିକିସ୍ୱାଇଁ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ। ସେହିପରି ଅନ୍ୟ ୯ଜଣ ଛାତ୍ରୀଛାତ୍ର ମଧ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ଅଭିଭାବକ ଏବଂ ଶିକ୍ଷକମାନେ ମିଶି ୧୨ଜଣ ଛାତ୍ରୀଛାତ୍ରଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେହିପରି ବିଦ୍ୟାଳୟ ଛୁଟି ହୋଇଯାଇଥିଲେ ମଧ୍ୟ ଘରକୁ ଯାଇଥିବା ଅନ୍ୟ ୯ଜଣ ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରିବାରୁ ସେମାନଙ୍କୁ ମଧ୍ୟ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥତା ଅନୁଭବ କରିବାରୁ ଘରକୁ ଫେରିଥିଲେ। ଏ ସମ୍ପର୍କରେ ଖଜୁରିଆ ଆଞ୍ଚଳିକ ସାଧନକେନ୍ଦ୍ର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏଫ୍‌ଟିଏ: ଏକ ଅପୂର୍ବ ସୁଯୋଗ**

# ଶପଥ ନେଲେ ହେମନ୍ତ ସୋରେନ୍


ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ଗୁରୁବାର ରାଞ୍ଚିର ମୋରାବାଦୀ ମଇଦାନରେ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି। **(ରିପୋର୍ଟ: ପୃଷ୍ଠା-୧୨)**

# ଆଳୁ ରପ୍ତାନି ଉପରେ ପଶ୍ଚିମବଙ୍ଗର ପୁଣି ଅଙ୍କୁଶ

**ଭୋଗରାଇ,୨୮।୧୧(ପ୍ରଦୀପ ଦାସ)**

### ସୀମାନ୍ତରୁ ଫେରିଲା ଶତାଧିକ ଟ୍ରକ୍

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ଆଳୁ ରପ୍ତାନି ଉପରେ ପୁଣି ଅଙ୍କୁଶ ଲଗାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ନିଜ ରାଜ୍ୟରେ ଆଳୁ ଓ ପିଆଜର ମୂଲ୍ୟ ବୃଦ୍ଧି ଯୋଗୁ ଖାଉଟିଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିବାରୁ ବଜାର ଦର ନିୟନ୍ତ୍ରଣ ପାଇଁ ବୁଧବାର ମମତା ରାଜ୍ୟ କୃଷି ବିପଣନ ମନ୍ତ୍ରୀ ବିଚାରାମ ମାନ୍ନା, ଟାସ୍କଫୋର୍ସ ଓ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ କରି ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ତ୍ରିପୁରା ଓ ଆସାମ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

ପଶ୍ଚିମବଙ୍ଗର ଆଳୁ ଚାଷୀମାନେ ପଞ୍ଜାବ ଓ ଉତ୍ତରପ୍ରଦେଶରୁ ଅଧିକ ଦାମ୍‌ରେ ବିହନ କିଣୁଥିବାରୁ ଚାଷୀଙ୍କ ଉତ୍ପନ୍ନ ଆଳୁ ନିଜ ରାଜ୍ୟରେ ସୁଲଭ ମୂଲ୍ୟରେ ଖାଉଟିଙ୍କୁ ବିକ୍ରି ନ କରି ଶୀତଳଭଣ୍ଡାରରୁ ଅନ୍ୟ ରାଜ୍ୟକୁ ଅଧିକ ଲାଭ ପାଇବା ଆଶାରେ ବିକ୍ରି କରୁଛନ୍ତି। ଫଳରେ ପଶ୍ଚିମବଙ୍ଗରେ ଆଳୁର ମୂଲ୍ୟ ବୃଦ୍ଧି ଘଟୁଛି ବୋଲି ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ ହୋଇ କହିବା ସହିତ ଯେପର୍ଯ୍ୟନ୍ତ ଆଳୁର ବଜାର ଦର ନିୟନ୍ତ୍ରଣ ନ ହୋଇଛି ସେ ପର୍ଯ୍ୟନ୍ତ ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନି ବନ୍ଦ ରହିବ ବୋଲି ପ୍ରଶାସନିକ ଅଧିକାରୀଙ୍କୁ କଡ଼ା ତାଗିଦ୍ କରିଛନ୍ତି। ମମତାଙ୍କ ଏଭଳି କଡ଼ା ଆଭିମୁଖ୍ୟ ଯୋଗୁ ବୁଧବାର ରାତିରୁ ଓଡ଼ିଶା ଅଭିମୁଖେ ଆସୁଥିବା ଶତାଧିକ ଆଳୁ ଟ୍ରକ୍‌କୁ ଓଡ଼ିଶା ସୀମାନ୍ତ ୩୫ କି.ମି. ଦୂର ଜାତୀୟ ରାଜପଥ ବେଲଦା ନାକା ପଏଣ୍ଟ ଓ ଭୋଗରାଇ ବର୍ଡର୍ ରାମନଗର ଓ ଦୀଘାଠାରେ ପ୍ରଶାସନ, ପୋଲିସ ପକ୍ଷରୁ ଆଳୁ ଓ ପିଆଜ ଗାଡ଼ି ଅଟକ ରଖାଯାଇ ଯାଞ୍ଚ କରାଯିବା ସହିତ ଗାଡ଼ିଗୁଡ଼ିକ ଫେରାଇ ଦିଆଯାଇଛି। ଗୁରୁବାରଠାରୁ ଓଡ଼ିଶା ହାଟ ବଜାରରେ ଆଳୁ, ☞ପୃଷ୍ଠା-୪

# ନଭେମ୍ବର ସୁଦ୍ଧା ୨୧ ବର୍ଷ ହୋଇଥିଲେ ମିଳିବ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର,୨୮।୧୧(ଅନିଲ ଦାସ)**

### ୧୫ ଦିନରେ ସରିବ ଯାଞ୍ଚ ପ୍ରକ୍ରିୟା

ନଭେମ୍ବର ସୁଦ୍ଧା ଯେଉଁ ମହିଳାଙ୍କର ବୟସ ୨୧ ବର୍ଷ ପୂରିଥିବ ସେମାନେ ମଧ୍ୟ 'ସୁଭଦ୍ରା' ଆବେଦନ କରିପାରିବେ। ସେମାନେ ଆବେଦନ କଲେ ସୁଭଦ୍ରା ଟଙ୍କା ପାଇପାରିବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ର ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଆସନ୍ତା ୧୫ଦିନ ଭିତରେ 'ସୁଭଦ୍ରା' ଆବେଦନ ଖାରଜର ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ହୋଇଥିବେ, ସେମାନେ ଟଙ୍କା ପାଇବେ। ଯେଉଁ ଜାଗାରେ ଅଧିକ ରିଜେକ୍ସନ ଅଛି, ସେହି ସ୍ଥାନକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ମାଲକାନଗିରି, ଗଜପତି ଓ କୋରାପୁଟ ଜିଲାରେ ଅଧିକ ଆବେଦନ ଖାରଜ ହୋଇଛି। ମାଲକାନଗିରିର ୨ ବ୍ଲକରୁ ରିପୋର୍ଟ ଆସିଥିଲା। ସିଡିପିଓଙ୍କ ଦାୟିତ୍ୱରେ ସେଠି ଟିମ୍ ପହଞ୍ଚିଛନ୍ତି। ସେଠାରେ ଯାଞ୍ଚ ଚାଲିଛି। ୧୫ ଦିନ ☞ପୃଷ୍ଠା-୪

# ୫୩,୪୮୦ ଏକର ସରକାରୀ ଜମି ଜବରଦଖଲରେ ରହିଛି: ମନ୍ତ୍ରୀ

**ଭୁବନେଶ୍ୱର,୨୮।୧୧(ସୁନିତ୍ ମିଶ୍ର)**

ବର୍ତ୍ତମାନ ସୁଦ୍ଧା ରାଜ୍ୟର ୫୩,୪୮୦ ଏକର ୫୨୫ ଡିସିମିଲ ସରକାରୀ ଜମି ଜବରଦଖଲରେ ଅଛି। ଉକ୍ତ ଜବରଦଖଲ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଜିଲା ସ୍ତରରେ ଓଡ଼ିଶା ପ୍ରିଭେନ୍‌ସନ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋଚ୍‌ମେଣ୍ଟ(ଓପିଏଲ୍‌ଇ) ଆକ୍ଟ, ୧୯୭୨ ଓ ରୁଲ୍‌ସ ୧୯୮୫ର ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନିଆଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବିଧାୟକ ଅରୁଣ କୁମାର ସାହୁ ଅଣତାରକା ପ୍ରଶ୍ନ ସଂଖ୍ୟା ୪୫୦ରେ ପଚାରିଛନ୍ତି, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରି ଉକ୍ତ ଜମିକୁ ସରକାରୀ ଖାତାକୁ ଆଣିବା ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ କି ବୋଲି ପଚାରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ଓପିଏଲ୍‌ଇ ଆକ୍ଟ, ୧୯୭୨ ଆଧାରରେ ☞ପୃଷ୍ଠା-୪

# କାନାଡ଼ା ଆକାଶରେ ରହସ୍ୟମୟ ଆଲୋକ ସ୍ତମ୍ଭ

**ଓଟ୍ଟାୱା,୨୮।୧୧**

କାନାଡାର କେନ୍ଦ୍ରୀୟ ଆଲବର୍ଟା ଜନସାଧାରଣ ନିକଟରେ ରାତି ଆକାଶରେ ଶହ ଶହ ଆଲୋକ ସ୍ତମ୍ଭ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହି ରହସ୍ୟମୟ ଉଜ୍ଜ୍ୱଳ ଆଲୋକ ସ୍ତମ୍ଭଗୁଡ଼ିକ ଭୂମି ସ୍ତରରୁ ବାହାରି ଆକାଶ ଆଡ଼କୁ ବିଚ୍ଛୁରିତ ହୋଇଥିଲା, ଯାହାକି ଅଲୌକିକ ତଥା ଦର୍ପଣ ଭଳି ଭ୍ରମ ସୃଷ୍ଟି କରିଥିଲା। ନିର୍ଦ୍ଦିଷ୍ଟ ଶୀତ ପରିବେଶ ଯୋଗୁ ଏହି ପ୍ରାକୃତିକ ଦୃଶ୍ୟ ଭ୍ରାନ୍ତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।



### କିପରି ସୃଷ୍ଟି ହୁଏ ଆଲୋକ ସ୍ତମ୍ଭ

ସାଧାରଣତଃ ରାସ୍ତା ପାର୍ଶ୍ୱ ଲାଇଟ୍ ଭଳି କୃତ୍ରିମ ଉତ୍ସରୁ ଆସୁଥିବା ଆଲୋକ ବାୟୁମଣ୍ଡଳରେ ଭାସମାନ ଅବସ୍ଥାରେ ଥିବା ୦.୦୨ ମିଲିମିଟରର ଷଟ୍‌କୋଣୀୟ ବରଫ କ୍ରିଷ୍ଟାଲରେ ପ୍ରତିଫଳିତ ହୋଇ ଆଲୋକ ରଶ୍ମିର ସ୍ତମ୍ଭ ସୃଷ୍ଟି କରିଥାଏ। ପ୍ଲେଟ୍ ଆକୃତିର ଏହି କ୍ରିଷ୍ଟାଲଗୁଡ଼ିକ କ୍ଷୁଦ୍ର ଦର୍ପଣ ଭଳି କାର୍ଯ୍ୟ କରିଥାଏ, ଯାହା ଭୂମି ସ୍ତରରୁ ଆସୁଥିବା ଆଲୋକକୁ ପ୍ରତିଫଳିତ କରିଥାଏ। ଆଲୋକ ବରଫ ସ୍ଫଟିକ ଦ୍ୱାରା ପ୍ରତିଫଳିତ ହୋଇ ଉଜ୍ଜ୍ୱଳ ଆଲୋକର ଝିଲ୍‌ମିଲ ସ୍ତମ୍ଭ ସଦୃଶ ଦେଖାଯାଏ, ଯାହା ଭୂମିରୁ ଆକାଶ ଆଡ଼କୁ ଲମ୍ବିଥାଏ। ତେଣୁ ଏହା କୌଣସି ଅଲୌକିକ କାର୍ଯ୍ୟ କିମ୍ବା ରହସ୍ୟମୟ ଘଟଣା ନୁହେଁ ବରଂ ପ୍ରାକୃତିକ ଏବଂ ବିଜ୍ଞାନସମ୍ମତ। ଶୀତଦିନେ ଅତ୍ୟଧିକ ଥଣ୍ଡା ଜଳବାୟୁରେ ରୁଷିଆ, କାନାଡ଼ା, ସ୍କାଣ୍ଡିନେଭିଆ ଆଦି ଦେଶରେ ଏଭଳି ଆଲୋକ ସ୍ତମ୍ଭ ଦୃଶ୍ୟ ହୋଇଥାଏ।

## ସଂକ୍ଷେପରେ

### ପାକିସ୍ତାନରେ ସାମ୍ପ୍ରଦାୟିକ ହିଂସାରେ ୧୦ ମୃତ

ପେଶାୱର,୨୮।୧୧

ପାକସ୍ତାନର ଉତ୍ତରପୂର୍ବରେ ଥିବା ଖାଇବର ପଖ୍ତୁନ୍‌ଖ୍ୱା ପ୍ରଦେଶରେ ସାମ୍ପ୍ରଦାୟିକ ହିଂସା ଜାରି ରହିଛି। ଶିୟା ଏବଂ ସୁନ୍ନି ସମ୍ପ୍ରଦାୟ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ସତ୍ତ୍ୱେ ପୁଣିଥରେ କୁରାମ ଜିଲାରେ ହିଂସାକାଣ୍ଡ ଘଟି ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ହେବା ସହ ୨୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଶତାଧିକ ଲୋକଙ୍କ ଜୀବନ ଯିବା ସହ ଅନ୍ୟ ୧୮୦ ଜଣ ଆହତ ହୋଇଥିଲେ। ଏହାପରେ ୧୦ ଦିନ ଅସ୍ତ୍ରବିରତି ପାଇଁ ଚୁକ୍ତିନାମା ହୋଇଥିଲା ବୋଲି କୁରାମର ଡେପୁଟି କମିଶନର କହିଛନ୍ତି।

### ଦିଲ୍ଲୀର ପ୍ରଶାନ୍ତ ବିହାରରେ ବିସ୍ଫୋରଣ

ନୂଆଦିଲ୍ଲୀ,୨୮।୧୧

ଦିଲ୍ଲୀର ପ୍ରଶାନ୍ତ ବିହାରରେ ଥିବା ଏକ ମିଠା ଦୋକାନ ନିକଟରେ ଗୁରୁବାର ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଆହତ ହୋଇଛନ୍ତି। ପୂର୍ବାହ୍ନ ୧୧ଟା ୪୮ରେ ବିସ୍ଫୋରଣ ଖବର ପାଇ ସଙ୍ଗେ ସଙ୍ଗେ ଏକାଧିକ ପୋଲିସ ଟିମ୍ ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ସହ ୪ଟି ଦମକଳ ପହଞ୍ଚିଥିଲେ। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରୁ ମିଳିଥିବା ହ୍ୱାଇଟ୍ ପାଉଡରକୁ ପରୀକ୍ଷା ପାଇଁ ଫୋରେନ୍‌ସିକ ଲାବରେଟୋରିକୁ ପଠାଯାଇଛି। ପ୍ରଶାନ୍ତି ବିହାରରେ ଗତ ଅକ୍ଟୋବର ୨୦ରେ ମଧ୍ୟ ଏକ ବିସ୍ଫୋରଣ ଘଟି ସ୍କୁଲ ପାଚେରି ଓ କେତେକ କାର୍ କ୍ଷତିଗ୍ରସ୍ତ ହୋଇଥିଲା।

### ଶ୍ରୀଲଙ୍କାରେ ବର୍ଷା ବିପ୍ୟାତ: ୧୨ ମୃତ

କଲମ୍ବୋ,୨୮।୧୧(ପି.ଟି.)

ଶ୍ରୀଲଙ୍କାରେ ପ୍ରବଳ ବର୍ଷାବିପ୍ୟାତରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩.୩୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। କେବଳ ଆମ୍ପରା ଜିଲାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ବଙ୍ଗୋପସାଗରରେ ଡିପ୍ ଡିପ୍ରେଶନର ପ୍ରଭାବରେ ବର୍ଷା ଲାଗିରହିଛି। ଫଳରେ ୨୧ ଜିଲାର ୯୮ ହଜାରରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୮୦ରୁ ଊର୍ଦ୍ଧ୍ୱ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାବେଳେ ୨୫,୦୦୦ ଲୋକଙ୍କୁ ନିରାପଦ ସ୍ଥାନରେ ରଖାଯାଇଛି। ରିଲିଫ କାର୍ଯ୍ୟରେ ସେନା ଯବାନଙ୍କୁ ନିୟୋଜିତ କରିବା ପାଇଁ ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ନିର୍ଦ୍ଦେଶ ଦେଇଛନ୍ତି।

### ବୁଡ଼ାଜାହାଜରୁ ବାଲିଷ୍ଟିକ୍ ମିଶାଇଲ ପରୀକ୍ଷା



ନୂଆଦିଲ୍ଲୀ,୨୮।୧୧

ନୌସେନାରେ ନିକଟରେ ସାମିଲ ହୋଇଥିବା ବୁଡାଜାହାଜ ଆଇଏସ୍‌ଏସ୍ ଅରିଘାତ୍‌ରୁ ଆଣବିକ କ୍ଷମତାସମ୍ପନ୍ନ ବାଲିଷ୍ଟିକ୍ ମିଶାଇଲ ପରୀକ୍ଷା କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୩,୫୦୦ କିଲୋମିଟର। ବୁଧବାର ସକାଳେ ବିଶାଖାପାଟଣା ନିକଟବର୍ତ୍ତୀ ବଙ୍ଗୋପସାଗରରୁ ଏହି ପରୀକ୍ଷା କରାଯାଇଥିବାବେଳେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ। ସୂତ୍ର ଅନୁଯାୟୀ କଠିନ ଇନ୍ଧନ ବ୍ୟବହୃତ ହୋଇଥିବା କେ-୪ କ୍ଷେପଣାସ୍ତ୍ରକୁ ୬,୦୦୦ ଟନ୍ ବିଶିଷ୍ଟ ଆଇଏନ୍‌ଏସ୍ ଅରିଘାତ୍‌ରୁ ପରୀକ୍ଷା କରାଯାଇଛି। ପୂର୍ବରୁ ଏହାକୁ ଅର୍ଦ୍ଧଭାସମାନ ପଣ୍ଟୁନ୍‌ରୁ ପରୀକ୍ଷା କରାଯାଇଥିଲା।

## ତେଜୁଛି ମନ୍ଦିର-ମସ୍‌ଜିଦ ବିବାଦ

# ସମ୍ଭଲ ପରେ ଅଜମେର

ଉତ୍ତର ପ୍ରଦେଶର ସମ୍ଭଲସ୍ଥିତ ଶାହି ଜାମା ମସ୍‌ଜିଦରେ ସର୍ଭେକୁ ନେଇ ୪ ଦିନ ତଳେ ଘଟିଥିବା ହିଂସାରେ ୪ ଜଣଙ୍କ ମୃତ୍ୟୁଜନିତ ଉତ୍ତେଜନା ଥମିନାହିଁ, ଆଉ ଏକ ମସ୍‌ଜିଦ ତଳେ ଶିବମନ୍ଦିର ରହିଥିବା ଦାବି ପୁଣି ଏକ ବିବାଦକୁ ଜନ୍ମ ଦେଇଛି। ରାଜସ୍ଥାନର ଅଜମେର ଦରଗା ମୂଳତଃ ଏକ ଶିବମନ୍ଦିର ଥିଲା। ମୋଗଲ ଶାସକ ଏହାକୁ ଭାଙ୍ଗି ତା' ଉପରେ ଦରଘା ନିର୍ମାଣ କରିଥିଲେ। ତେଣୁ ଅଜମେର ଦରଘାର ସର୍ଭେ କରାଯିବା ଦାବିରେ ଅନେକ ପୁସ୍ତକ ଓ ଦସ୍ତାବିଜ ଆଧାରରେ ରାଜସ୍ଥାନର ଏକ କୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ଦରଘାରେ ସର୍ଭେ କରାଇବା ପାଇଁ କୋର୍ଟ ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ରାଜନୀତି ସରଗରମ ହେବାରେ ଲାଗିଥିବାବେଳେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।



ରାଜସ୍ଥାନର ଅଜମେରସ୍ଥିତ ସୁଫି ସନ୍ଥ ମୋଇନୁଦ୍ଦିନ ଚିସ୍ତିଙ୍କ ସମାଧି ବାହାରେ ଲୋକଙ୍କ ଭିଡ଼।

ଅଜମେର/ସମ୍ଭଲ/ନୂଆଦିଲ୍ଲୀ,୨୮।୧୧

ଦରଘା ଶରିଫରେ ସର୍ଭେ କରାଇବା ପାଇଁ ଦାଖଲ ଏକ ଆବେଦନର ଶୁଣାଣି କରି ବୁଧବାର ରାଜସ୍ଥାନର ଅଜମେରସ୍ଥିତ ଏକ କୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ), ଅଜମେର ଦରଘା କମିଟିକୁ ନୋଟିସ କରିଛନ୍ତି। ହିନ୍ଦୁସେନା ମୁଖ୍ୟ ବିଷ୍ଣୁ ଗୁପ୍ତା ଗତ ସେପ୍ଟେମ୍ବରରେ ଦାଖଲ କରିଥିବା ପିଟିଶନରେ ଦାବି କରିଛନ୍ତି ଯେ, ତ୍ରୟୋଦଶ ଶତାବ୍ଦୀର ସୁଫି ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ସମାଧିସ୍ଥଳରେ ପୂର୍ବରୁ ଏକ ଶିବମନ୍ଦିର ଥିଲା। ତେଣୁ ଅଜମେର ଦରଘାକୁ 'ସଙ୍କଟ ମୋଚନ ମହାଦେବ ମନ୍ଦିର' ଘୋଷଣା କରାଯାଉ ଏବଂ ସେଠାରେ ହିନ୍ଦୁଙ୍କୁ ପୁନଶ୍ଚ ପୂଜାର୍ଚ୍ଚନା ଅଧିକାର ଦିଆଯାଉ। ବିଷ୍ଣୁଙ୍କ ଓକିଲ ଯୋଗେଶ ସିରୋଜା ଉକ୍ତ ପିଟିଶନରେ ବିଚାରପତିରୁ ରାଜନେତା ସାଜିଥିବା ହରବିଳାସ ସାରଦା(୧୮୬୭-୧୯୫୫)ଙ୍କ ଏକ ପୁସ୍ତକର ଅବତାରଣା କରିଛନ୍ତି। ସ୍କଟିଶ୍ କମିଶନ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ୧୯୧୧ରେ ପ୍ରକାଶିତ 'ଅଜମେର: ହିଷ୍ଟୋରିକାଲ ଆଣ୍ଡ୍ ଡେସ୍କ୍ରିପ୍ଟିଭ୍' ଶୀର୍ଷକ ପୁସ୍ତକରେ ଦରଘା ତଳେ ହିନ୍ଦୁ ମନ୍ଦିରର ଉପସ୍ଥିତି ସମ୍ପର୍କରେ ସାରଦା ଉଲ୍ଲେଖ କରିଥିଲେ। ସେହିପରି 'ସମ୍ ଆକାଉଣ୍ଟ ଅଫ୍ ଦି ଜେନେରାଲ ଆଣ୍ଡ୍ ମେଡିକାଲ ଟୋପୋଗ୍ରାଫି ଅଫ୍ ଅଜମେର' (୧୮୪୧)ର ଅବତାରଣା କରି ବ୍ରିଟିଶ୍ ଐତିହାସିକ ପିଏମ୍ କୁରିଏ ୧୯୮୯ରେ ଲେଖିଥିବା ନିଜ ପୁସ୍ତକରେ ମଧ୍ୟ ଏହି ଦରଘାକୁ ଏକ 'ପ୍ରାଚୀନ ପବିତ୍ର ମହାଦେବ ମନ୍ଦିର' ବୋଲି ଅଭିହିତ କରିଛନ୍ତି। ଅଜମେର ଦରଘାର ନିର୍ମାଣ ମାମଲୁକ୍ ସୁଲତାନ ଇଲ୍‌ତୁତମିଶଙ୍କ (୧୨୧୧-୧୨୩୬) ଶାସନ କାଳରେ ହୋଇଥିଲା। ଆଇନଜୀବୀ ସିରୋଜା ପିଟିଶନରେ ସବୁର ଅବତାରଣା କରି ଦରଘାର ସର୍ଭେ ଦାବି କରିଛନ୍ତି। ସିଭିଲ ଜଜ୍ ମନମୋହନ ଚନ୍ଦେଲଙ୍କ ଅଦାଲତରେ ତାଙ୍କ ଆବେଦନର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୦ରେ ହେବ। ଅଜମେର ଦରଘା ଖାଦିମ (ତତ୍ତ୍ୱାବଧାରକ)ମାନଙ୍କ ପ୍ରତିନିଧି ସଂସ୍ଥା ଅଞ୍ଜୁମନ୍ ସୟେଦ ଜାଦଗାନ ସମ୍ପାଦକ ସୟେଦ ସରୱାର ଚିସ୍ତି କହିଛନ୍ତି, ସମ୍ପ୍ରଦାୟ ଆଧାରରେ ସମାଜକୁ ବିଭାଜିତ କରିବା ଉଦ୍ଦେଶ୍ୟରେ ଉକ୍ତ ପିଟିଶନ ଦାଖଲ କରାଯାଇଛି। ଏହି ଦରଘା ସାମ୍ପ୍ରଦାୟିକ ସଦ୍‌ଭାବ ଓ ଧର୍ମନିରପେକ୍ଷତାର ଏକ ପ୍ରତୀକ। ଏହା ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ଏଏସ୍‌ଆଇ ସହ ଏହାର କିଛି ସମ୍ପର୍କ ନାହିଁ। ବାବ୍ରି ମସ୍‌ଜିଦ ମାମଲାରେ ସୁପ୍ରିମକୋର୍ଟଙ୍କ ୨୦୧୯ ରାୟକୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଗ୍ରହଣ କରିଛନ୍ତି। ଆମେ ଭାବୁଥିଲୁ ଏହା ପରେ ଆଉ କିଛି ହେବ ନାହିଁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏଭଳି ଘଟଣା ବାରମ୍ବାର ଘଟିଚାଲିଛି। ସମ୍ଭଲର ଦୃଷ୍ଟାନ୍ତ ଆମ ସମ୍ମୁଖରେ ରହିଛି। ଏହା ବନ୍ଦ ହେବା ଜରୁରୀ ବୋଲି ସରୱାର ଚିସ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ନାନା ମୁନି, ନାନା ମତ

" ରାଜସ୍ଥାନର ଅଜମେର ଶରିଫ ଦରଘା ତଳେ ମନ୍ଦିର ଥିଲା କି ନାହିଁ, ତାହା ନିଶ୍ଚିତ କରିବା ପାଇଁ ଦାଖଲ ଏକ ପିଟିଶନର ଶୁଣାଣି ଲାଗି ଅଜମେର ସିଭିଲ କୋର୍ଟ ରାଜି ହେବା ଦୁର୍ଭାଗ୍ୟଜନକ। ଏହାର କୌଣସି ଆଇନଗତ ପୃଷ୍ଠଭୂମି ନାହିଁ। ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ନିର୍ମିତ କୌଣସି ଧର୍ମୀୟସ୍ଥଳ ଉପରେ ଆଇନଗତ ବିବାଦ ଉଠାଯାଇପାରିବ ନାହିଁ ବୋଲି ଉପାସନାସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ, ୧୯୯୧ରେ ଉଲ୍ଲେଖ କରାଯାଇଛି। ଅଜମେର କୋର୍ଟଙ୍କ ନିଷ୍ପତ୍ତି ଏହି ନିୟମର ବିରୁଦ୍ଧାଚରଣ କରୁଛି। ସୁପ୍ରିମକୋର୍ଟ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏଭଳି ଆଇନଗତ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପକାନ୍ତୁ।

**- ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)**

" ୮୦୦ ବର୍ଷ ପୁରୁଣା ଅଜମେର ଶରିଫ ଦରଘାରେ ନରେନ୍ଦ୍ର ମୋଦିଙ୍କ ସମେତ ଭାରତର ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଉର୍ସବେଳେ ଚାଦର ଚଢ଼ାଇଆସିଛନ୍ତି। ଦରଘା ତଳେ ମନ୍ଦିର ଥିବା ଦାବିକୁ ନେଇ ଉଠିଥିବା ବିବାଦ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଭାଜପା ଏବଂ ଆର୍‌ଏସ୍‌ଏସ୍ ସହ ସମ୍ପର୍କିତ। ଏହି ଧାରା କେବେ ବନ୍ଦହେବ? ଉପାସନାସ୍ଥଳ ଆଇନ, ୧୯୯୧ର କ'ଣ ହେବ?

**- ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ**

" ସମ୍ଭଲ ପ୍ରସଙ୍ଗରେ ଲୋକ ସଭାରେ ବିତର୍କ ହେବା ଆବଶ୍ୟକ। ବାଚସ୍ପତି ବିତର୍କ ପାଇଁ ଆମକୁ ପ୍ରତିଶ୍ରୁତି ଦେଉଥିବାବେଳେ ପୋଲିସ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ହଇରାଣ କରୁଛନ୍ତି। ସାରା ରାଜ୍ୟରେ ପୋଲିସ ପ୍ରଶାସନ ଏଭଳି କାର୍ଯ୍ୟ କରୁଛି।

**- ଡିମ୍ପଲ ଯାଦବ, ସମାଜବାଦୀ ପାର୍ଟି ଏମ୍‌ପି**

" ଅଜମେର ଦରଘା ସର୍ଭେ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଚିନ୍ତାଜନକ। ରାଜନୈତିକ ଲାଭ ପାଇଁ ଦେଶକୁ କେଉଁ ଆଡ଼କୁ ଟାଣି ନିଆଯାଉଛି?

**- କପିଲ ସିବଲ, ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ**



ଉତ୍ତର ପ୍ରଦେଶର ସମ୍ଭଲରେ ପୋଲିସ ପ୍ରହରା।

## ସମ୍ଭଲ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

### ସନ୍ଦେହରେ ପୋଲିସ ପ୍ରଶାସନର ଭୂମିକା

ୟୁପିର ସମ୍ଭଲସ୍ଥିତ ଏକ ଶିବମନ୍ଦିରକୁ ଭାଙ୍ଗି ତା' ଉପରେ ଶାହି ଜାମା ମସ୍‌ଜିଦ ନିର୍ମାଣ କରାଯାଇଥିବା ଦାବିକରି ହିନ୍ଦୁ ପକ୍ଷଙ୍କ ଓକିଲ ବିଷ୍ଣୁ ଜୈନ ନିକଟରେ ଏକ ସ୍ଥାନୀୟ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ନଭେମ୍ବର ୨୪ରେ କୋର୍ଟ ଏହାର ଦ୍ୱିତୀୟ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ବେଳେ ହିଂସାକାଣ୍ଡ ଘଟିବାରୁ ୪ ଜଣଙ୍କ ପ୍ରାଣହାନି ଘଟିଛି। ଏହି ମାମଲାରେ ମସ୍‌ଜିଦ କମିଟି ଆଇନଶୃଙ୍ଖଳାକୁ ତୁରନ୍ତ ପୁନଃ ଅବସ୍ଥାପିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛି। କମିଟି ପକ୍ଷରୁ ଦାଖଲ ଆବେଦନର ଶୁଣାଣି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠରେ କରାଯିବ। ଅନ୍ୟପକ୍ଷେ ଏହି ସାମ୍ପ୍ରଦାୟିକ ହିଂସା ଘଟଣାରେ ପୋଲିସ ପ୍ରଶାନସନର ଭୂମିକାକୁ ନେଇ ବିଚାରବିଭାଗୀୟ ତଦନ୍ତ ଦାବିରେ ଆଲ୍ଲାହାବାଦ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଆବେଦନକାରୀ ଡ. ପ୍ରକାଶ ତିୱାରୀ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏସ୍‌ଆଇଟି ଗଠନ ପାଇଁ ଦାବି କରିଛନ୍ତି।

## ସମ୍ପତ୍ତି ଅଧିକାର ମାନବାଧିକାର

ଶ୍ରୀନଗର,୨୮।୧୧(ପି.ଟି.)

### ଜମି ମାଲିକଙ୍କୁ ୪୬ ବର୍ଷର ଭଡ଼ା ପୈଠ ପାଇଁ ସେନାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ସମ୍ପତ୍ତି ଅଧିକାର ଏବେ ମାନବାଧିକାର ପରିସରରେ ଯାଉଥିବା ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟ ଏକ ରାୟରେ କହିଛନ୍ତି। ସେନା ଆବେଦନକାରୀଙ୍କ ଜମିକୁ ୧୯୭୮ରୁ ଅକ୍ତିଆର କରି ରଖିଥିବାରୁ ତାଙ୍କୁ ୪୬ ବର୍ଷର ଭଡ଼ା ମାସେ ମଧ୍ୟରେ ପୈଠ କରିବାକୁ ଜଷ୍ଟିସ୍ ୱାସିମ୍ ସାଦିକ୍ ନର୍ଗଲ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର ପରିସରରେ ଆଶ୍ରୟ ନେବା ଅଧିକାର, ଜୀବିକା ନିର୍ବାହ, ସ୍ୱାସ୍ଥ୍ୟ, ନିଯୁକ୍ତି ଆଦି ଆସୁଥିବା ବିଚାରପତି କହିଛନ୍ତି। ସେନା ୧୯୭୮ରୁ କୁପୱାରା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟ ଟଙ୍ଗଧର ଅଞ୍ଚଳରେ ଅବଦୁଲ ମଜିଦ ଲୋନ୍‌ଙ୍କ ୧.୬ ଏକର ଜମିକୁ ଅକ୍ତିଆର କରି ରଖିଥିଲେ। ଏଥିପାଇଁ ଜମି ମାଲିକଙ୍କୁ କ୍ଷତିପୂରଣ କିମ୍ବା ଭଡ଼ା ମିଳୁ ନ ଥିଲା। ଏନେଇ ଅବଦୁଲ ୨୦୧୪ରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ସରକାର କୌଣସି ବ୍ୟକ୍ତିଙ୍କ ସମ୍ପତ୍ତିକୁ ଅଧିଗ୍ରହଣ କରିପାରିବେ। ତେବେ ଏଥିପାଇଁ ଜମି ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ପୈଠ କରିବାକୁ ହେବ ବୋଲି ଅଦାଲତ କହିଛନ୍ତି।

## ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ରୁଷିଆର ଜୋର୍‌ଦାର ଆକ୍ରମଣ

କିଭ୍,୨୮।୧୧



ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ରୁଷିଆ ଗୁରୁବାର ଜୋର୍‌ଦାର ଆକ୍ରମଣ କରିଛି। ପ୍ରାୟ ୨୦୦ ମିଶାଇଲ୍ ଓ ଡ୍ରୋନ୍ ମାଡ଼ରେ କେତେକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଧ୍ୱଂସ ହୋଇଯିବାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅନ୍ଧାରରେ ରହିଛନ୍ତି। ୨ ସପ୍ତାହରୁ କମ୍ ସମୟ ମଧ୍ୟରେ ୟୁକ୍ରେନ୍ ପାୱାର ଗ୍ରୀଡ୍ ଉପରେ ଏହା ମସ୍କୋର ଦ୍ୱିତୀୟ ବଡ଼ ଏୟାର ଷ୍ଟ୍ରାଇକ୍। ଶୀତଦିନ ପୂର୍ବରୁ ୟୁକ୍ରେନ୍‌ର ବିଦ୍ୟୁତ ଉତ୍ପାଦନ ବନ୍ଦ କରିଦେବା କ୍ରେମ୍‌ଲିନ୍‌ର ଲକ୍ଷ୍ୟ। ଦେଶର ବିଭିନ୍ନ ସ୍ଥାନରେ ଥିବା ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଛି ବୋଲି ୟୁକ୍ରେନ୍ ଶକ୍ତିମନ୍ତ୍ରୀ ହେର୍‌ମାନ ହଲଉଶଚେଙ୍କୋ କହିଛନ୍ତି। କେତେକ ଜନବସତି ଅଞ୍ଚଳରେ ମଧ୍ୟ କାଲିବର କ୍ରୁଜ୍ ମିଶାଇଲ୍ ମାଡ଼ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଶୀତଦିନେ ଅଧିକ ଆକ୍ରମଣ ପାଇଁ ମସ୍କୋ ବହୁସଂଖ୍ୟାରେ କ୍ରୁଜ୍ ଏବଂ ବାଲିଷ୍ଟିକ୍ ମିଶାଇଲ ଗଚ୍ଛିତ କରି ରଖିଥିବା କିଭ୍‌ର ଅଧିକାରୀମାନେ କହିଛନ୍ତି। ୨ ବର୍ଷ ୯ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ୟୁକ୍ରେନ୍‌ର ଅଧା ଶକ୍ତି ଭିତ୍ତିଭୂମି ଧ୍ୱଂସ ହୋଇଗଲାଣି।

## ଲସ୍କର ଆତଙ୍କବାଦୀଙ୍କୁ ପ୍ରତ୍ୟର୍ପଣକଲା ରୱାଣ୍ଡା

ନୂଆଦିଲ୍ଲୀ,୨୮।୧୧

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା ସଦସ୍ୟ ସଲମାନ୍ ରେହମନ ଖାନ୍‌ଙ୍କୁ ରୱାଣ୍ଡା ଗୁରୁବାର ଭାରତକୁ ପ୍ରତ୍ୟର୍ପଣ କରିଛି। ପୂର୍ବରୁ ଇଣ୍ଟରପୋଲ୍ ତାଙ୍କ ନାମରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ଏହି ତଦନ୍ତରେ ଇଣ୍ଟରପୋଲ୍ ସହ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଏବଂ ସିବିଆଇ ସମନ୍ୱୟ ରଖି କାର୍ଯ୍ୟ କରିଥିଲେ। ବେଙ୍ଗାଲୁରୁରେ ଆତଙ୍କବାଦୀ କାର୍ଯ୍ୟ ପାଇଁ ସଲ୍‌ମାନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ବିସ୍ଫୋରକ ସାମଗ୍ରୀ ଯୋଗାଣରେ ସହାୟତା କରୁଥିଲେ। ଆତଙ୍କବାଦ ସହ ସମ୍ପୃକ୍ତ ଅପରାଧ ପାଇଁ ସଲ୍‌ମାନ ଏନ୍‌ଆଇଏର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ବେଙ୍ଗାଲୁରୁରେ ଆତଙ୍କବାଦର ପ୍ରସାରରେ ଆପରାଧିକ ଷଡ଼ଯନ୍ତ୍ର ନେଇ ଏନ୍‌ଆଇଏ ଗତବର୍ଷ ମାମଲା ରୁଜୁ କରିଥିଲା। ଯୁବକମାନଙ୍କୁ ଆତଙ୍କବାଦୀ ସଂଗଠନରେ ନିଯୁକ୍ତି ଦେବା ପରେ ସଲ୍‌ମାନ୍ ସେମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ପହଞ୍ଚାଇବାରେ ସହଯୋଗ କରୁଥିଲେ। ଏହା ଜଣାପଡ଼ିବା ପରେ ସଲ୍‌ମାନ କୌଣସି ପ୍ରକାରେ ଦେଶ ବାହାରକୁ ପଳାଇଯାଇଥିଲେ। ଏନ୍‌ଆଇଏ ତାଙ୍କ ବିରୋଧରେ ଆତଙ୍କବାଦୀ ନିରୋଧୀ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ଚାର୍ଜଶିଟ୍ ଦାଖଲ କରିବା ପରେ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ।

## ଇସ୍କନ୍‌କୁ ବେଆଇନ ଘୋଷଣା କରିବାକୁ ମନାକଲେ ବାଂଲାଦେଶ ହାଇକୋର୍ଟ

ଢାକା,୨୮।୧୧(ପି.ଟି.)

ଅନ୍ତର୍ଜାତୀୟ କୃଷ୍ଣ ଚେତନା ସମାଜ (ଇସ୍କନ)ର କାର୍ଯ୍ୟକଳାପକୁ ବେଆଇନ ଘୋଷଣା କରିବା ପାଇଁ ଦାଏର ପିଟିଶନ୍‌କୁ ବାଂଲାଦେଶ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଏହି ଧର୍ମୀୟ ସଂଗଠନ ସହ ଜଣେ ହିନ୍ଦୁ ନେତାଙ୍କ ସମର୍ଥକ ଏବଂ ସୁରକ୍ଷା ଯବାନଙ୍କ ମଧ୍ୟରେ ସଂଘର୍ଷ ବେଳେ ଜଣେ ଆଇନଜୀବୀଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ଇସ୍କନ ସଂଗଠନକୁ ଦାୟୀ କରି ଜଣେ ଏହାକୁ ବ୍ୟାନ୍ କରିବା ନିମନ୍ତେ ଜଣେ ଆଇନଜୀବୀ ହାଇକୋର୍ଟରେ ଆବେଦନ କରିଥିଲେ। ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିଲା। ଏହାକୁ ବିରୋଧ କରି ହିନ୍ଦୁ ସମର୍ଥକମାନଙ୍କ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ସରକାରୀ ଓକିଲ ସୈଫୁଲ୍ ଇସ୍‌ଲାମ ଅଲିଫ୍‌ଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଆର୍ଟର୍ନି ଜେନେରାଲ କୋର୍ଟଙ୍କୁ ଜଣାଇବା ପରେ ୨ ଜଣିଆ ଖଣ୍ଡପୀଠ ଇସ୍କନ୍‌ର କାର୍ଯ୍ୟକଳାପକୁ ବେଆଇନ ଘୋଷଣା କରିବାକୁ ମନା କରିଦେଇଛନ୍ତି।

## ବାଂଲାଦେଶ ବିରୋଧରେ କଟକଣା ପାଇଁ ଆମେରିକା ହିନ୍ଦୁ ସଂଗଠନର ଦାବି

ୱାଶିଂଟନ,୨୮।୧୧

ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ବଢ଼ୁଥିବାରୁ ଆମେରିକାର ହିନ୍ଦୁ ସଂଗଠନଗୁଡ଼ିକ ନିନ୍ଦା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବାଂଲାଦେଶ ସରକାର ପଦକ୍ଷେପ ନେଉଥିଲେ, ଏହାକୁ ଆମେରିକା ସହାୟତା ଯୋଗାଇବା ପ୍ରାସଙ୍ଗିକ ହେବ ବୋଲି ସେମାନେ କହିଛନ୍ତି। ବାଂଲାଦେଶ ଜନସଂଖ୍ୟାର ୮ ପ୍ରତିଶତ ହିନ୍ଦୁ ହୋଇଥିବାବେଳେ ଶେଖ୍ ହାସିନା ସରକାରର ପତନ ପରେ ସେମାନଙ୍କ ଉପରେ ୨୦୦ରୁ ଅଧିକ ଥର ଆକ୍ରମଣ ହେଲାଣି। ହିନ୍ଦୁ ନେତା ଚିନ୍ମୟ କୃଷ୍ଣଦାସଙ୍କୁ ଦେଶଦ୍ରୋହ ମାମଲାରେ ଗିରଫ କରାଯିବା ଏବଂ କୋର୍ଟ ଜାମିନ ପ୍ରଦାନ ନ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଢାକା, ବନ୍ଦର ସହର ଚଟ୍ଟଗ୍ରାମ୍‌ରେ ହିନ୍ଦୁ ସମର୍ଥକ ବିକ୍ଷୋଭ କରିଛନ୍ତି। ହିନ୍ଦୁନେତାଙ୍କ ଗିରଫଦାରି, ଚିଟ୍ଟାଗଙ୍ଗରେ କାଳୀ ମନ୍ଦିର ଭଙ୍ଗାରୁଜା ଏବଂ ହିନ୍ଦୁମାନଙ୍କ ଉପରେ ବଢ଼ୁଥିବା ଆକ୍ରମଣକୁ ନେଇ ଆମେରିକାର ବିଶ୍ୱହିନ୍ଦୁ ପରିଷଦ ଅଧ୍ୟକ୍ଷ ଅଜୟ ଶାହା ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ବଢ଼ୁଥିବାବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ ଚୁପ୍ ରହିବା ଚିନ୍ତାଜନକ ବୋଲି ବିଶ୍ୱହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ଅମିତାଭ ମିତ୍ତଲ କହିଛନ୍ତି। ହିନ୍ଦୁଜ୍ ଫର୍ ଆମେରିକା ଫାଷ୍ଟ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପତ୍ର ଲେଖି ବାଂଲାଦେଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଣ ବନ୍ଦ କରିବାକୁ ସୁପାରିସ କରିଛି।

## ୨ ଯାଏ ଦିଲ୍ଲୀରେ ଜିଆର୍‌ଏପି-୪: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୧୧

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଥିବାରୁ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ଚତୁର୍ଥ ପର୍ଯ୍ୟାୟରେ କୋହଳ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଏହାକୁ ଡିସେମ୍ବର ୨ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜିଆର୍‌ଏପି-୪କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାରେ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଶନ ତାଙ୍କ ଦ୍ୱିତୀୟ ରିପୋର୍ଟରେ ଉଲ୍ଲେଖ କରିଥିବା ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ସ୍କୁଲଗୁଡ଼ିକୁ ବାଦ୍ ଦେଲେ ଜିଆର୍‌ଏପି-୪ର ସମସ୍ତ କଟକଣା ସୋମବାର ପର୍ଯ୍ୟନ୍ତ ଜାରି ରହିବ। ଇତ୍ୟବସରରେ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟକୁ ତୃତୀୟ କିମ୍ବା ଦ୍ୱିତୀୟ ପର୍ଯ୍ୟାୟକୁ ହ୍ରାସ କରିବା ସମ୍ପର୍କରେ ବାୟୁ ଗୁଣବତ୍ତା ପରିଚାଳନା କର୍ତ୍ତୃପକ୍ଷ ବୈଠକରେ ନିଷ୍ପତ୍ତି ନେବାକୁ କୁହାଯାଇଛି। ତେବେ ଜିଆର୍‌ଏପି-୪ର ସବୁ କଟକଣା ହଟାଯିବାର ଆବଶ୍ୟକ ନ ଥିବା ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। କଟକଣା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଖଣ୍ଡପୀଠ କହିଛନ୍ତି।

## ୫ ବର୍ଷରୁ କମ୍ ୩୮.୯% ଶିଶୁ ବିକଶିତ ନୁହନ୍ତି

ନୂଆଦିଲ୍ଲୀ,୨୮।୧୧(ପି.ଟି.)



ଦେଶର ଅଙ୍ଗନୱାଡ଼ିଗୁଡ଼ିକରେ ନାମ ଲେଖାଇଥିବା ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରୁ ୩୮.୯ ପ୍ରତିଶତ ଉପଯୁକ୍ତ ବିକଶିତ ହୋଇ ନ ଥିବା କେନ୍ଦ୍ର ସରକାର ରାଜ୍ୟ ସଭାରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଥିଲେ, ଅଙ୍ଗନୱାଡ଼ିରେ ଭର୍ତ୍ତି ହୋଇଥିବା ୭.୫୪ କୋଟି ପିଲାଙ୍କୁ ପୋଷଣ ଟ୍ରାକରରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ୭.୩୧ କୋଟିଙ୍କୁ ଅଭିବୃଦ୍ଧି ପାରାମିଟରରେ ମାପ କରାଯାଇଥିବାବେଳେ ୩୮.୯ ପ୍ରତିଶତ ଅବିକଶିତ, ୧୭ ପ୍ରତିଶତ କମ୍ ଓଜନ ବିଶିଷ୍ଟ ଏବଂ ୫.୨ ପ୍ରତିଶତ ଜୀର୍ଣ୍ଣଶିର୍ଣ୍ଣ। ଉପଯୁକ୍ତ ପୋଷଣ ଅଭାବରୁ ଏଭଳି ସମସ୍ୟା ଦେଖାଦେଇଛି। ୨୦୨୧ରେ ୬ ବର୍ଷ ବୟସ ପର୍ଯ୍ୟନ୍ତ ୧୬.୧ କୋଟି ପିଲାଙ୍କ ଉପରେ ଅନୁଧ୍ୟାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮.୮୨ କୋଟି ଅଙ୍ଗନୱାଡ଼ି ଯାଉଥିବାବେଳେ ୩୭ ପ୍ରତିଶତ ଅବିକଶିତ, ୧୭ ପ୍ରତିଶତ କମ୍ ଓଜନ ବିଶିଷ୍ଟ ଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୋଷଣ ଟ୍ରାକର ହେଉଛି ଏକ ଡିଜିଟାଲ ପ୍ଲାଟ୍‌ଫର୍ମ ଯେଉଁଥିରେ ପିଲାମାନଙ୍କ ପିଲାମାନଙ୍କ ପୋଷଣ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ମିଳୁଥିବା ସେବାର ଟ୍ରାକିଂ କରାଯାଇଥାଏ। ଜଣେ ଶିଶୁଙ୍କ ବୟସ ତୁଳନାରେ ଉଚ୍ଚତା କମ୍ ହୋଇଥିଲେ, ତାଙ୍କୁ ଅବିକଶିତ ଧାରାଯାଏ। ସେହିପରି ଉଚ୍ଚତା ତୁଳନାରେ ଅନୁମୋଦିତ ଓଜନଠାରୁ କମ୍ ଓଜନର ହୋଇଥିଲେ ଜୀର୍ଣ୍ଣଶିର୍ଣ୍ଣ ଏବଂ ବୟସ ତୁଳନାରେ ଓଜନ କମ୍ ହୋଇଥିଲେ ଅଣ୍ଡରୱେଟ୍ ବିବେଚନା କରାଯାଏ।




# ଡିସେମ୍ବର ୧୫ରୁ ହେବ ପିଏମ୍ ଆବାସର ନୂଆ ସର୍ଭେ

- ସବୁ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପକ୍କାଘର
- କୋହଳ ହେଲା ସର୍ତ୍ତାବଳୀ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ଆସନ୍ତା ଡିସେମ୍ବର ୧୫ ତାରିଖ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ ଆବାସ-ଗ୍ରାମୀଣ)ର ନୂଆ ସର୍ଭେ ଆରମ୍ଭ ହେବ। ସବୁ ଯୋଗ୍ୟ ପରିବାରକୁ ମିଳିବ ଘର। ନିଜକୁ ଯୋଗ୍ୟ ମନେକରୁଥିବା ସମସ୍ତ ପରିବାର ସର୍ଭେ ସମୟରେ ନିଜେ ତାଲିକାଭୁକ୍ତ ହୋଇପାରିବେ। ପ୍ରତ୍ୟେକ ଗାଁରେ ସର୍ଭେ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଠିକ୍ ସର୍ଭେ ପାଇଁ ସମ୍ପୃକ୍ତ ବ୍ଲକ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯିବ। ସମସ୍ତ ଯୋଗ୍ୟ ପରିବାର କିଭଳି ଘର ପାଇବେ ସେଥିପାଇଁ ମଧ୍ୟ ଆବାସ ଯୋଜନାର ସର୍ତ୍ତାବଳୀକୁ ସରକାର କୋହଳ କରିଛନ୍ତି। ଏପରି କି ଗ୍ରାମସଭା ଡାକି ସମସ୍ତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ଅନୁମୋଦନ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ, ପି.ଏମ୍ ଆବାସ ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ୨ ଚକିଆ ଯାନ, ଫ୍ରିଜ ଅବା ଲ୍ୟାଣ୍ଡଫୋନ୍ ଥିବା ପରିବାରକୁ ଆଉ ଅଯୋଗ୍ୟ ବିବେଚନା କରାଯିବ ନାହିଁ। ଏଥିସହିତ ପରିବାରର ମାସିକ ଆୟର ସୀମା ୧୦ହଜାର ଟଙ୍କା ପରିବର୍ତ୍ତେ ୧୫ହଜାର ଟଙ୍କାକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଗୃହ ମଞ୍ଜୁର କରିବାକୁ ସରକାର ନୂଆ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି। କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହେଉଥିବା ସର୍ଭେ ନୁହେଁ, ହିତାଧିକାରୀ ସର୍ଭେରୁ ବାଦ୍ ପଡ଼ିବେ ନାହିଁ ତାହା ସୁନିଶ୍ଚିତ କରିବେ। ସର୍ଭେରେ ଥିବା ସମସ୍ତ ଯୋଗ୍ୟ ପରିବାରର ତାଲିକାକୁ ପଞ୍ଚାୟତ ଅଫିସ, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଓ ଗାଁର ମୁଖ୍ୟ ସ୍ଥାନଗୁଡ଼ିକରେ ସାଧାରଣ ଲୋକଙ୍କ ଜାଣିବା ପାଇଁ ପ୍ରଦର୍ଶନ କରାଯିବ। ଯଦି କୌଣସି ଅଯୋଗ୍ୟ ବ୍ୟକ୍ତି ତାଲିକାରେ ଥିବେ ଲୋକେ ସେ ନେଇ ଟୋଲ ଫ୍ରି ନମ୍ବର, ପଞ୍ଚାୟତ ଓ ବ୍ଲକରେ ଥିବା ଅଭିଯୋଗ ବାକ୍ସ ଜରିଆରେ ଆପତ୍ତି ଉଠାଇପାରିବେ। ଯେଉଁ ଆପତ୍ତିକୁ ବ୍ଲକସ୍ତରୀୟ ୩ଜଣିଆ କମିଟି ମାଧ୍ୟମରେ ସରଜମିନ୍ ତଦନ୍ତ କରାଯିବ। ପଞ୍ଚାୟତିରାଜ ସଚିବ ଏସ୍.ଏନ୍. ଗିରିଶ ଏ ନେଇ ସମସ୍ତ ଜିଲାପାଳଙ୍କୁ ଏହି ଗାଇଡ୍‌ଲାଇନ୍ ପଠାଇ ନୂଆ ସର୍ଭେ ସମ୍ପର୍କରେ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଗଣମାଧ୍ୟମକୁ କହିଛନ୍ତି ଯେ, ଆବାସ ଯୋଜନାରେ ନିଜ ଘର ପାଇଁ ସର୍ଭେ ନିଜେ ଲୋକେ କରିବେ। କେହି ଯୋଗ୍ୟ ହିତାଧିକାରୀ ଅଣଦେଖା ହେବେନି। ଖୋଜି ଖୋଜି ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବ। ପ୍ରକୃତ ହିତାଧିକାରୀ ହିଁ ଘର ପାଇବେ। ନିଜେ ଯୋଗ୍ୟ କି ନୁହେଁ ନିଜେ ସର୍ଭେ କରିବେ। ଏଥିସହିତ ଡିସେମ୍ବରରେ ଗାଁ ଗାଁରେ କ୍ୟାମ୍ପ କରାଯିବ। ଲୋକେ ଏହି କର୍ମଶାଳାରେ ଯୋଗଦେବେ। ୨ ମାସ ଭିତରେ ସର୍ଭେ କରାଯିବ ବୋଲି ସେ କହିଛନ୍ତି।

# ଜିଏସ୍‌ଟି ବିଲ୍ ପାରିତ ପୂର୍ବରୁ ଶାସକ-ବିରୋଧୀ ମୁହାଁମୁହିଁ

- ୱାନ୍ ନେଶନ ମେନି ଟ୍ୟାକ୍ସେସ୍ ଚାଲିଛି : ରଣେନ୍ଦ୍ର
- ଜିଏସ୍‌ଟି ଟିମ୍ ଛୋଟ ବେପାରୀଙ୍କୁ ଧମକାଉଛନ୍ତି: ସୋଫିଆ
- ମୁଖ୍ୟମନ୍ତ୍ରୀ କ'ଣ ଅର୍ଥ ବିଶାରଦଙ୍କଠାରୁ ଜ୍ଞାନୀ: ଗଣେଶ୍ୱର
- ଜିରାରୁ ଶିରା କାଢ଼ିବା ବିରୋଧୀଙ୍କ ଅଭ୍ୟାସ: ସନ୍ତୋଷ

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)

ଓଡ଼ିଶା ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଶୋଧନ ବିଲ୍, ୨୦୨୪ ଗୁରୁବାର ବିଧାନସଭାରେ ପାରିତ ହୋଇଛି। ଏହି ବିଲ୍ ପାରିତହେବା ଉପରେ ପ୍ରାୟ ୨ ଘଣ୍ଟା ଧରି ଗୃହରେ ଆଲୋଚନା ହୋଇଥିଲା। ବିଲ୍ ସମ୍ପର୍କରେ ଆଲୋଚନା ହେବା ବେଳେ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିଛନ୍ତି।

ବିଲ୍ ଉପରେ ଆଲୋଚନା ବେଳେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାଗନେଇ କହିଛନ୍ତି, କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୱାନ୍ ନେଶନ ୱାନ୍ ଟ୍ୟାକ୍ସ କଥା କହି ଜିଏସ୍‌ଟି ଆରମ୍ଭ କରିଥିଲେ। ହେଲେ ଏହା ୱାନ୍ ନେଶନ ମେନି ଟ୍ୟାକ୍ସେସ୍‌ରେ ପରିଣତ ହୋଇଛି। ଚୁଡ଼ା, ମୁଢ଼ି, କ୍ଷୀର, ପନିର, ଦହି ଉପରେ ଜିଏସ୍‌ଟି ଲାଗୁ କରିବା ପରେ ଶାସକ ଦଳର ଅସଲ ଚେହେରା ଦେଖିବାକୁ ମିଳିଛି। ଯଦି ଜଣେ ମାଲିକ ନିଜ ଓ ତାଙ୍କ ଚାକରଙ୍କ ପାଇଁ କିଣିବେ ଉଭୟର ଦାମ୍ ସମାନ ରହିବ। ଅର୍ଥାତ୍ ଉଭୟ ଧନୀ ଏବଂ ଗରିବ ସମାନ ଟ୍ୟାକ୍ସ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଆଗରୁ ଗୃହରେ ବିରୋଧୀ ଦଳରେ ଥିବାବେଳେ କହୁଥିଲେ, 'କହି ଦେଉଥାଉ ପରକୁ, ବୁଦ୍ଧି ଦିଶୁନାହିଁ ଘରକୁ' । ଆମ ମୁଖ୍ୟମନ୍ତ୍ରୀ ଜଣେ ଭଲ ଯୋଦ୍ଧା, ତେଣୁ ଆଗାମୀ ଜିଏସ୍‌ଟି କାଉନସିଲ୍ ବୈଠକରେ ସେ ଯୋଗଦେଇ ଚୁଡ଼ା, ମୁଢ଼ି, ଦହି ଆଦି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଲାଗି ନିଶ୍ଚୟ କହିବେ। କେନ୍ଦ୍ର ସରକାର ଟାଟା, ବିର୍ଲା, ଆଦାନୀଙ୍କ କମ୍ପାନୀର ଟିକସ ଛାଡ଼ କରୁଥିବାବେଳେ ଗରିବଙ୍କ ପେଟକୁ ଲାତ ମରାଯାଉଛି। ସେହିପରି କେନ୍ଦୁପତ୍ର ଉପରୁ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି। ମୁଖ୍ୟମନ୍ତ୍ରୀ ଜିଏସ୍‌ଟି କାଉନସିଲ୍ ବୈଠକରେ ନିଶ୍ଚୟ ଏହା ଉପରୁ ୧୮ ପ୍ରତିଶତ ଜିଏସ୍‌ଟି ପ୍ରତ୍ୟାହାର ଲାଗି ଦାବି କରିବେ। ଆଦାନୀ ଗ୍ରୁପ୍ ଦେଶର ଦ୍ୱିତୀୟ ସର୍ବବୃହତ୍ ରୋଜଗାର ସଂସ୍ଥା । ହେଲେ ଯେଉଁ ୧୦ଟି ସଂସ୍ଥା ଦେଶରେ ସର୍ବାଧିକ ଟ୍ୟାକ୍ସ ଦେଉଛନ୍ତି ସେମାନଙ୍କ ଭିତରେ ଆଦାନୀ ଗ୍ରୁପ୍ ନାହିଁ ବୋଲି ରଣେନ୍ଦ୍ର କହିଛନ୍ତି।



କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସ୍ କହିଛନ୍ତି, ସାଧାରଣ ଲୋକଙ୍କ ଲାଭ ପାଇଁ ଏହି ବିଲ୍‌ରେ କିଛି କରାଯାଇ ନାହିଁ। ଅଲଗା ରାଜ୍ୟ ବ୍ୟବସ୍ଥା ସହ ଏହାକୁ ତୁଳନା କରାଯିବା ଦରକାର। ରାଜ୍ୟରେ ଜିଏସ୍‌ଟି ଟିମ୍ ହଠାତ୍ ଧନ୍‌ତେରସ୍ ସମୟରେ ଜଣେ ସୁନା ଦୋକାନୀଙ୍କ ଉପରେ ଚଢ଼ାଉ କଲେ। ଫଳରେ ଧନ୍‌ତେରସ୍‌ରେ ତାଙ୍କ ବ୍ୟବସାୟ ବନ୍ଦ ହେବା ସହ ଉକ୍ତ ବ୍ୟବସାୟୀଙ୍କ ଦେହାନ୍ତ ମଧ୍ୟ ହୋଇଗଲା। ତେଣୁ ଜିଏସ୍‌ଟି ଟିମ୍ ଛୋଟ ବେପାରୀଙ୍କୁ ଧମକାଉଛନ୍ତି ବୋଲି ଫିର୍ଦ୍ଦୋସ୍ କହିଛନ୍ତି।

ଶାସକ ଦଳ ସଦସ୍ୟ ଗଣେଶ୍ୱର ବେହେରା କହିଛନ୍ତି, ସରକାର ଏବଂ ମୁଖ୍ୟମନ୍ତ୍ରୀ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି। ଏହି ବିଲ୍ ପାରିତ କରିବା ପାଇଁ ୬ ମାସ ସମୟ ରହିଛି। ତେଣୁ ହଠାତ୍ ଏତେ ବ୍ୟସ୍ତ ହୋଇ ଡ୍ରବିଲ୍‌କୁ ପାରିତ କରିବାର ଆବଶ୍ୟକତା କ'ଣ ରହିଛି। ତରବରିଆ ଭାବେ ପାରିତକଲେ ଏଥିରେ ବହୁ ଭୁଲ୍ ରହିଯିବ। ଫଳରେ ବାରମ୍ବାର ଏଥିରେ ସଂଶୋଧନ କରିବାକୁ ପଡିବ। ମୁଖ୍ୟମନ୍ତ୍ରୀ ୬ ପୃଷ୍ଠାର ଏହି ବିଲ୍ ଆଣିଛନ୍ତି। ଉକ୍ତ ବିଲ୍‌ର ଆଲୋଚନାରେ ଭାଗନେବା ଲାଗି ଚିନ୍ତାକରି ଅର୍ଥ ବିଶାରଦଙ୍କୁ ଫୋନ୍ ଲଗାଇଥିଲି। ଏହା ଉପରେ ଜାଣିବାକୁ ତାଙ୍କୁ କହିଥିଲି। ହେଲେ ସେ ୬ ପୃଷ୍ଠାର ଉକ୍ତ ବିଲ୍ ଦେଖିବା ପରେ କହିଥିଲେ, ଅତି କମ୍‌ରେ ୨୪ ଘଣ୍ଟା ପରେ ଯାହା ଏହା ଉପରେ ସେ କହିପାରିବେ। ଯେତେବେଳେ ଜଣେ ଅର୍ଥ ବିଶାରଦ କହୁଛନ୍ତି ୬ ପୃଷ୍ଠାର ଏହି ବିଲ୍‌କୁ ବୁଝିବାକୁ ତାଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଲାଗିବ, ସେ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ୨ ଘଣ୍ଟାରେ କିପରି ପଢ଼ି ବୁଝାଇପାରିବେ ଏବଂ ନିଜେ ବୁଝିପାରିବେ। ସେ କ'ଣ ବିଶାରଦଙ୍କଠାରୁ ଅଧିକ ଜ୍ଞାନ ରଖିଛନ୍ତି କି ବୋଲି ଗଣେଶ୍ୱର ପ୍ରଶ୍ନ କରିଥିଲେ। ବିଧାନସଭା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ତେଣୁ ପରବର୍ତ୍ତୀ ସମୟରେ ଏହା ଉପରେ ଆହୁରି ଅଧିକ ଆଲୋଚନା ହୋଇପାରିବ ବୋଲି ସେ କହିଥିଲେ।

ଶାସକ ଦଳ ସଦସ୍ୟ ସନ୍ତୋଷ ଖଟୁଆ କହିଛନ୍ତି, ଜିରାରୁ ଶିରା କାଢ଼ିବା ବିରୋଧୀଙ୍କ ଅଭ୍ୟାସ। ୬୦ ବର୍ଷ ଧରି କଂଗ୍ରେସ କେନ୍ଦ୍ରରେ ସରକାର ଯାହା କରି ନ ଥିଲା ଏବଂ ୨୪ ବର୍ଷ ବିଜେଡି ସରକାର ଯାହା କଳ୍ପନା କରି ନ ଥିଲା ତାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କରିପାରିଛନ୍ତି। ଫଳରେ ୧୭ଟି ଟ୍ୟାକ୍ସକୁ ଗୋଟିଏ ବ୍ୟବସ୍ଥାକୁ ଆଣି ଦେଶକୁ ସମୃଦ୍ଧ କରିପାରିଛନ୍ତି। ଖୋଲା ଚୁଡ଼ା, ମୁଢ଼ି ଆଦି ଉପରେ ଜିଏସ୍‌ଟି ଲାଗୁ ହୋଇନାହିଁ। ଯେଉଁମାନେ କମ୍ପାନୀ କରି ଜିଏସ୍‌ଟି ନମ୍ବର କାଢ଼ି ପ୍ୟାକେଜିଂ କରି ସେଗୁଡିକ ବିକୁଛନ୍ତି ସେମାନେ ୫ ପ୍ରତିଶତ ଜିଏସ୍‌ଟି ଦେଉଛନ୍ତି। ତେଣୁ ବିରୋଧୀ ଅଯଥାରେ ଡ୍ରାମା ନ କରନ୍ତୁ ବୋଲି ସନ୍ତୋଷ କହିଛନ୍ତି।

# ଓଡ଼ିଶାରେ ଟିକସମୁକ୍ତ ହେଲା 'ଦି ସାବରମତୀ ରିପୋର୍ଟ' ଚଳଚ୍ଚିତ୍ର

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ହିନ୍ଦୀ ଚଳଚ୍ଚିତ୍ର 'ଦି ସାବରମତୀ ରିପୋର୍ଟ'କୁ ଓଡ଼ିଶା ସରକାର ଟିକସମୁକ୍ତ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏବଂ ରାଜ୍ୟର ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ଏହି ସିନେମାକୁ ଓଡ଼ିଶାରେ କରମୁକ୍ତ ଘୋଷଣା କରାଗଲା ବୋଲି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତିରେ କୁହାଯାଇଛି, ସତ୍ୟଘଟଣା ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଦି ସାବରମତୀ ରିପୋର୍ଟ' ଯାହା କି ୨୦୦୨ ଫେବୃଆରୀ ୨୭ତାରିଖର ଗୋଧ୍ରା ରେଳପୋଡ଼ି ଘଟଣା ଉପରେ ପର୍ଯ୍ୟବସିତ। ଏହି ମର୍ମନ୍ତୁଦ ଘଟଣା ଉପରେ ଆଧାରିତ ଚଳଚ୍ଚିତ୍ରଟି ଏବେ ଓଡ଼ିଶାରେ ପ୍ରଦର୍ଶିତ ହେଉଛି। ଏହି ଚଳଚ୍ଚିତ୍ରର ଗୁଣାତ୍ମକ ତଥା ଭାବାତ୍ମକ କାହାଣୀ ଦୃଷ୍ଟିରୁ ଚଳଚ୍ଚିତ୍ରଟିକୁ ଅଧିକ ଲୋକ ଦେଖିବା ଆବଶ୍ୟକ। ଓଡ଼ିଶାର ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଆଦେଶରେ ଏହି ଚଳଚ୍ଚିତ୍ରଟିକୁ ଓଡ଼ିଶାରେ କରମୁକ୍ତ କରାଗଲା।

ଏହି ସିନେମାକୁ ଟିକସମୁକ୍ତ ଘୋଷଣା କରିବାରେ ଓଡ଼ିଶା ହେଉଛି ଦେଶର ସପ୍ତମ ଭାଜପା ଶାସିତ ରାଜ୍ୟ। ଏହା ପୂର୍ବରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ହରିୟାଣା ଓ ଗୁଜରାଟ ସରକାର ଏହି ସିନେମାକୁ ଟିକସମୁକ୍ତ ଘୋଷଣା କରିଛନ୍ତି। ଏହି ସିନେମାକୁ ଟିକସମୁକ୍ତ କରାଯିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ବିଧାନସଭାରେ ଘୋଷଣା କରିଛନ୍ତି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ



ପୁରୀ,୨୮।୧୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ଏଥିଯୋଗୁ କିଛି ସମୟ ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ସରିବା ପରେ ଭକ୍ତଙ୍କୁ ଭିତରକାଠ ନିକଟରୁ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ଦର୍ଶନ ସମୟରେ ଜଣେ ଶିଶୁ ଭିତରକାଠ ଉପରେ ବାନ୍ତି କରିଦେଇଥିଲେ। ଏହା ସେବାୟତଙ୍କ ଦୃଷ୍ଟି ଗୋଚର ହେବା କ୍ଷଣି ସମସ୍ତ ନୀତି ଓ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଧୁଆଧୋଇ ହୋଇ ୧୨ଟା ୪୦ରେ ଚୂନପାଣି ପଡ଼ିଥିଲା। ୧୨ଟା ୫୫ରେ ସିଂହାସନ ଧୁଆ, ୧ଟା ୩୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୧ଟା ୪୫ରେ ସମ୍ପନ୍ନ ହୋଇଥିଲା। ୧ଟା ୫୦ରେ ମଇଲମ ସରିଥିଲା। ଏହାପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# ମଧ୍ୟାହ୍ନଭୋଜନ ତଦାରଖ ପାଇଁ ୫ ଜଣିଆ କମିଟି

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ପିଏମ୍ ପୋଷଣ ଯୋଜନା ଅଧୀନରେ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ମଧ୍ୟାହ୍ନଭୋଜନ ପ୍ରଦାନ ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୋଜନା କାର୍ଯ୍ୟକାରିତା ପୂର୍ବକ ଉତ୍ତମମାନର ଖାଦ୍ୟ ଯୋଗାଣ ପ୍ରକ୍ରିୟାର ତଦାରଖ ପାଇଁ ୫ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଓଡ଼ିଶା ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଫିସର କମିଟି ଅଧ୍ୟକ୍ଷ ରହିଥିବାବେଳେ ୪ଜଣ ସଦସ୍ୟ ରହିଛନ୍ତି। ହାଇଦ୍ରବାଦସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରଶନ୍‌ର ଜଣେ ପ୍ରତିନିଧି, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ଜଣେ ପ୍ରତିନିଧି, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜଣେ ଶିଶୁରୋଗ ବିଶେଷଜ୍ଞ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି। ଏହି କମିଟି ଯୋଜନାର ସମୀକ୍ଷା କରିବା ସହ ମଧ୍ୟାହ୍ନଭୋଜନର ଉନ୍ନତି ଦିଗରେ ପରାମର୍ଶ ଦେବେ।

# ଯୁକ୍ତ ୨ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ଯୁକ୍ତ ୨ ପରୀକ୍ଷା ପାଇଁ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ନିମନ୍ତେ ଫର୍ମ ପୂରଣ (ପଞ୍ଜୀକରଣ) ଅବଧି ବୃଦ୍ଧି କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଏନେଇ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ୨୯ ଓ ୩୦ ତାରିଖରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ଆଗ୍ରହୀ ଛାତ୍ରୀଛାତ୍ର ୬୦୦ଟଙ୍କା ଫାଇନ ସହ ଆବେଦନ କରିପାରିବେ। ୨୯ରୁ ୨ ତାରିଖ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନା ଥାଉକି, ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ଯାଏ ବିନା ଫାଇନ୍‌ରେ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେହିପରି ୪ ତାରିଖରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ସହ ଫର୍ମ ପୂରଣ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ୨ଥର ଅର୍ଥାତ୍ ନଭେମ୍ବର ୧୧ରୁ ୧୮ ତାରିଖ ଓ ୧୯ରୁ ୨୫ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ସହ ଆବେଦନ କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ମୋଟ ୩ଲକ୍ଷ ୯୨ ହଜାର ୮୬୭ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ।

# ୨୦ ବର୍ଷ ହେଲା ଚାପିରହିଛି ଆର୍‌ଡିସି ତଦନ୍ତ ରିପୋର୍ଟ

ଯାଜପୁର,୨୮।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବଂ ବିରଜା ହାଟ ସ୍ଥାନାନ୍ତରଣକୁ ନେଇ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି। ବିରଜା ହାଟ ପୁରୁଣା ସ୍ଥାନରେ ବସିବା ପାଇଁ ଜିଲା ପ୍ରଶାସନର ଅନୁମତି ବିରୋଧରେ ବିଜେଡି କର୍ମୀଙ୍କ ଦ୍ୱାରା ହୋଇଥିବା ରାସ୍ତାରୋକୋ ହିଂସାକାଣ୍ଡର ରୂପ ନେଇଥିଲା । ଏନେଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଭାଇ ଭବପ୍ରସାଦ ଦାସ(ଲଲ)ଙ୍କ ସମେତ ୧୯ ଜଣଙ୍କୁ ପୋଲିସ ଗିରଫ କରି ସାରିଛି। ଏଭଳି ସ୍ଥିତିରେ ୨୦ ବର୍ଷ ତଳର ପୁରୁଣା ବିରଜା ମୂର୍ତ୍ତି ବଦଳ ଅଭିଯୋଗ ଘଟଣା ଜିଲାବାସୀଙ୍କ ମନେପଡିଛି। ସେତେବେଳେ ଭାଜପା ଓ ବିଜେଡିର ମେଣ୍ଟ ସରକାର ଚାଲିଥିଲା। ଏହି ଘଟଣାକୁ ନେଇ ବାଦ ବିବାଦ ଚରମ ସୀମାରେ ପହଞ୍ଚିଥିଲା । ଶେଷରେ ତତ୍କାଳୀନ ସରକାର ଆର୍‌ଡିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆରଡିସି ତଦନ୍ତ ହୋଇଥିଲେ ମଧ୍ୟ ସେହି ରିପୋର୍ଟ ପ୍ରକାଶ କରାଯାଇ ନ ଥିଲା । ସେହି ଦିନଠାରୁ ଚାପି ହୋଇ ରହିଥିବା ଆରଡିସି ତଦନ୍ତ ରିପୋର୍ଟ କେବେ ଲୋକଲୋଚନକୁ ଆସିବ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

୨୦୦୪ ସେପ୍ଟେମ୍ବର ୩ ତାରିଖ ମା' ବିରଜାଙ୍କ ରତ୍ନ ସିଂହାସନରେ ସୃଷ୍ଟି ହୋଇଥିବା ଫାଟକୁ ମରାମତି କରିବା ପାଇଁ ଏକ ଅସ୍ଥାୟୀ ସିଂହାସନ ନିର୍ମାଣ କରାଯାଇଥିଲା। ସେଦିନ ଏହି ଅସ୍ଥାୟୀ ସିଂହାସନରେ ମା'ଙ୍କ ପ୍ରକୃତ ବିଗ୍ରହ ବସାଯିବା ପରିବର୍ତ୍ତେ ଅନ୍ୟ ଏକ ମୂର୍ତ୍ତିକୁ ସେଠାରେ ସ୍ଥାପନା କରାଯାଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ୨୦୦୪ ଅକ୍ଟୋବର ୧୪ରେ ମା' ବିରଜାଙ୍କ ମୂର୍ତ୍ତି ବଦଳ ଅଭିଯୋଗ ନେଇ ପ୍ରଥମ ରିପୋର୍ଟ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଘଟଣା ଯାଜପୁର ଜିଲାବାସୀ ଏବଂ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ଏହାକୁ ନେଇ ତତ୍କାଳୀନ ଯାଜପୁର ଜିଲାପାଳ ସୁରେନ୍ଦ୍ର କୁମାର ଏକ ଶାନ୍ତି କମିଟି ଗଠନ କରିଥିଲେ। ଏହି କମିଟିରେ ଥିବା ସଦସ୍ୟମାନେ ମା'ଙ୍କ ମନ୍ଦିରକୁ ଯାଇ ଖୋଳତାଡ଼ କରିଥିଲେ। ଖୋଳତାଡ଼ ସମୟରେ ଏକ ଅଖା ଭିତରେ ମା' ବିରଜାଙ୍କ ପ୍ରକୃତ ବିଗ୍ରହ (ମୂର୍ତ୍ତି)କୁ ମନ୍ଦିର ପରିସରରେ ଥିବା ଏକ ସୁଡ଼ଙ୍ଗରୁ ଉଦ୍ଧାର କରାଯାଇଥିଲା ।ଏହି ଘଟଣା ଆଖି ପିଛୁଳାକେ ପ୍ରଚାର ହୋଇଯିବା ପରେ ସହରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତାରୋକୋ ଓ ପୋଡ଼ାଜଳା କରିଥିଲେ। ଏପରି କି ଲୋକେ ଏକ ପୋଲିସ ଭ୍ୟାନକୁ ପୋଡ଼ି ଦେଇଥିଲେ। ପୋଲିସ ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଲାଠିଚାର୍ଜ ସାଙ୍ଗକୁ ଫାଙ୍କା ଗୁଳିଚାଳନା କରିଥିଲା। ସେଦିନ ରାତିରେ ପୋଲିସ ପ୍ରତିଶୋଧ ପରାୟଣ ହୋଇ ବହୁ ନିରୀହ ପରିବାର ଉପରେ ନାହିଁ ନ ଥିବା ଅତ୍ୟାଚାର କରିବା ସହ ମହାବୀର ଜିମ୍ନାସିୟମକୁ ଭଙ୍ଗାରୁଜା କରି ୨୬ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପରିବର୍ତ୍ତେ ମାସ ମାସ ଧରି ରାସ୍ତା ଅବରୋଧ, ଧର୍ମଘଟ, ପୋଡାଜଳା ଆଦି ଚାଲୁ ରହିଥିଲା। ମୁଖ୍ୟତଃ ଏହି ମୂର୍ତ୍ତି ବଦଳ ଘଟଣାରେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ସମ୍ପୃକ୍ତିକୁ ନେଇ ଅଞ୍ଚଳବାସୀ ବିଜେଡି-ଭାଜପା ମେଣ୍ଟ ସରକାରଙ୍କୁ ଘେରିଥିଲେ। ଫଳରେ ଘଟଣାକୁ ଚାପିଦେବା ପାଇଁ ସମସ୍ତ ଉଦ୍ୟମ ହୋଇଥିଲା। ହେଲେ ଯାଜପୁରବାସୀ ଦୋଷୀକୁ ଦଣ୍ଡ ମିଳୁ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାର ତଦନ୍ତ ପାଇଁ ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତା'ଛଡ଼ା ମା' ବିରଜାଙ୍କ ପ୍ରକୃତ ବିଗ୍ରହକୁ ୨୮।୧୧।୨୦୦୪ରେ ପୁନଃସ୍ଥାପନା କରାଯାଇଥିଲା। ଗୁରୁବାର ମୂର୍ତ୍ତି ପୁନଃସ୍ଥାପନାକୁ ୨୦ ବର୍ଷ ପୂରିଛି।



## ବିରଜାଙ୍କ ମୂର୍ତ୍ତି ବଦଳ ଘଟଣା

### ୨୦୦୪ ନଭେମ୍ବର ୨୮ରେ ପ୍ରକୃତ ବିରଜା ମୂର୍ତ୍ତିର ପୁନଃସ୍ଥାପନ ହୋଇଥିଲା

ହେଲେ ଆରଡିସି ତଦନ୍ତ ରିପୋର୍ଟ ଅଦ୍ୟାବଧି ପ୍ରକାଶ ପାଇପାରିନାହିଁ। ଏପରି କି ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ଏ ସମ୍ପର୍କିତ ତଥ୍ୟ ଏବେ ବି ଲୋକଙ୍କୁ ମିଳିନାହିଁ। ରାଜ୍ୟରେ ନୂଆ ସରକାର କ୍ଷମତାସୀନ ହୋଇଥିବାରୁ ତୁରନ୍ତ ଆର୍‌ଡିସି ରିପୋର୍ଟ ପ୍ରକାଶ କରିବାକୁ ଦାବି ହୋଇଛି। ଏଥିରେ ବହୁ ରାଜନୈତିକ ନେତାଙ୍କ ଗୁମର ଫିଟିବ ବୋଲି ଲୋକେ ଆଲୋଚନା କରୁଛନ୍ତି।

ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ପଚାରିବାରେ ସେ କହିଛନ୍ତି, ବିରଜା ମୂର୍ତ୍ତି ବଦଳ ଅଭିଯୋଗ ଘଟଣା ଉପରେ ଲୋକଙ୍କ ମଧ୍ୟରେ ଯେପରି ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବିରଜା ହାଟ ସ୍ଥାନାନ୍ତର ଘଟଣାରେ ସେପରି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ । ତେଣୁ ସେ ସମ୍ପର୍କରେ ମତ ରଖିବା ଏବେ ଠିକ୍ ହେବ ନାହିଁ।

# ୨୪ ବର୍ଷରେ ରାଜ୍ୟ ଯୋଜନା ବୋର୍ଡ ବୈଠକ ୨ଥର ବସିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୧
(ସୁନିତ୍ ମିଶ୍ର)

ରାଜ୍ୟ ଯୋଜନା ବୋର୍ଡ ବୈଠକ ଗତ ୨୪ ବର୍ଷ ମଧ୍ୟରେ ମୋଟ୍ ୨ ଥର ବସିଛି। ୨୦୦୩ ମେ'ରେ ଥରେ ବସିଥିଲା। ଏହା ପରେ ୨୦୦୭ ଅକ୍ଟୋବରରେ ଆଉ ଥରେ ବସିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ ତାରକା ପ୍ରଶ୍ନ ନମ୍ବର ୬୪ରେ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଥିଲେ, ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ବୈଠକ ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ କେତେଥର ଅନୁଷ୍ଠିତ ହୋଇଛି। ଯୋଜନା ବୋର୍ଡର ପୁନର୍ଗଠନ ଲାଗି ସରକାର କି ପଦକ୍ଷେପ ନେଇଛନ୍ତି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ ପାଇଁ ସରକାର ବିଶେଷଜ୍ଞମାନଙ୍କ ସହ ଆଲୋଚନା କରୁଛନ୍ତି। ୨୦୦୦ ମସିହାରୁ ଏବେ ପର୍ଯ୍ୟନ୍ତ ମୋଟ୍ ୨ଥର ରାଜ୍ୟ ଯୋଜନା ବୋର୍ଡ ବୈଠକ ବସିଛି ବୋଲି ସେ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସରକାରୀ ବାସଭବନ, ଭୁବନେଶ୍ୱର କ୍ଲବ ନିକଟ, ସମୟ: ସକାଳ ୯ଟା।
- ଓଡ଼ିଶା ଏନ୍‌ଭାରମେଣ୍ଟାଲ ସୋସାଇଟି ଏବଂ ଆଇଏମ୍‌ଏମ୍‌ଟି ପକ୍ଷରୁ ୨୫ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ, ସ୍ଥାନ: ଆଇଏମ୍‌ଏମ୍‌ଟି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁ ପ୍ରସାଦ ମହାନ୍ତିଙ୍କ ଜନ୍ମ ଶତ ବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍‌-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତିଭା ସମ୍ମାନ ଓଡ଼ିଶା ପକ୍ଷରୁ କଳିଙ୍ଗ କନ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର,ରେଡକ୍ରସ ସୋସାଇଟି ଓଡ଼ିଶା ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ କବିସନ୍ଧି କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର ସଭାକକ୍ଷ, ସମୟ: ଅପରାହ୍ନ ୫ଟା।
- କୃଷି ଓ କୃଷି ଯନ୍ତ୍ରପାତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ବକ୍ରେଶର ହାଇସ୍କୁଲ ଖେଳପଡ଼ିଆ, ଭିଙ୍ଗାରପୁର, ସମୟ : ଅପରାହ୍ନ ୪ ଟା।

## କଟକ
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨୮ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ନୂଆପାଟଣା ସମିତି ପରିସର, ତିଗିରିଆ, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଗ୍ୟାରେଜ ବଜାର, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

- ଉତ୍କଳ-ବଙ୍ଗ ସୀମାନ୍ତ ଉତ୍ସବ, ସ୍ଥାନ: ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସହାବାଜିପୁର, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଓଷ୍ଟା ପକ୍ଷରୁ ୪୧ତମ ଶିଶୁ ମେଳା, ସ୍ଥାନ: ଜଳଧରପୁର ହାଇସ୍କୁଲ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଶିବିର, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୯ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଦେବ ଦୀପାବଳି ଉତ୍ସବ, ଭଜନ, କୀର୍ତ୍ତନ, ସ୍ଥାନ: ଢ଼ଅଁର, ବଂଚୋ, ଶାଳନିଆଁ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଏବଂ ସନ୍ଧ୍ୟା ୬ ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଚତୁର୍ଦ୍ଦଶୀ ପୂଜା, ମେଳା, ଭଜନ ସମାରୋହ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ନବଯୌବନ ଦର୍ଶନ, ସ୍ଥାନ: ବେତନଟୀ ଜଗନ୍ନାଥ ମନ୍ଦିର, ବେତନଟୀ ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ରୂପାନ୍ତର ଆନୁକୂଲ୍ୟରେ ଦି ଡିଡେନ ଷ୍ଟାର-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ଅପରାହ୍ନ ୩ଟା।
- ଭଜନ କୀର୍ତ୍ତନ, ସ୍ଥାନ:ବେତନଟୀ ବ୍ଲକ ଅଧୀନ, ବେତନଟୀ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- କଳସ ବିସର୍ଜନ, ସ୍ଥାନ: ଭଞ୍ଜନଗର ଆର୍‌ଏମସି, ସମୟ: ସକାଳ ୯ଟା।

## କନ୍ଧମାଳ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣୀଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଠାକୁରାଣୀଙ୍କ ଶାଗମାଛ ଭୋଗ, ସ୍ଥାନ: ଦାରିଙ୍ଗବାଡି ଡୁଲୁରୀ ପାଇନବଣ,ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ସାଢେ ୧୨ଟା।

## ଜଗତ୍‌ସିଂହପୁର
- ୬ ବନ୍ଦର ଓ ପୋତାଶ୍ରୟ ମହାସଂଘ ଅନୁମୋଦିତ ପାରାଦୀପର ସମସ୍ତ ଟ୍ରେଡ୍ ୟୁନିୟନ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ବନ୍ଦର ପ୍ରଶାସନିକ ଭବନ, ପାରାଦୀପ ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ଼ ଗୋଶାଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଚଇତି ଉପଲକ୍ଷେ ପରିବହନ ବିଭାଗର ସବ୍ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଆରଟିଓଙ୍କ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା।
- ଚଇତି ଉପଲକ୍ଷେ ଅତିଥି ଏବଂ ଡ୍ୟାନ୍ସ ଗ୍ରୁପଙ୍କ ରହିବା ବ୍ୟବସ୍ଥା ପାଇଁ ସବ୍‌କମିଟି ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ମଣ୍ଡେଇ ମଞ୍ଚ ନାଟକ, ସ୍ଥାନ: ଶାସ୍ତ୍ରୀ ଭବନ, ନବରଙ୍ଗପୁର, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବନ୍ଦନା ଆର୍ଟ କର୍ନର ପକ୍ଷରୁ ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗିତା, ସ୍ଥାନ : ବଜାର ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟା।

- ଶୀତ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ପ୍ରତିବିମ୍ବ, ସ୍ଥାନ : କ୍ଷେତରାଜପୁରସ୍ଥିତ ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା୧୫।

## ବଲାଙ୍ଗୀର
- ସତ୍ୟନାରାୟଣ ବେହେରାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସେବା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ପାର୍ବତୀ ଗିରି ବାଳନିକେତନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅମରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଭଗବାନ ସାହୁ ଖେଳ ପଡିଆ,ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବରଗଡ଼ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା
- ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ତାରେଇକେଲା ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୁଡୁକୁଡୁଡା, ସମୟ: ପୂର୍ବାହ୍ନ: ୧୦ଟା।
- ମହାରୁଦ୍ରାଭିଷେକ ପୂଜା ଓ ଯଜ୍ଞ, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ମନ୍ଦିରରେ ଭୋଗ ବଣ୍ଟନ, ସ୍ଥାନ: ଖେରଖାଲ, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଖଣ୍ଡଳମଣି ପୂଜା କମିଟି ପକ୍ଷରୁ ଶିବ ଚତୁର୍ଦ୍ଦଶୀ ବେଢା ପରିକ୍ରମା ଉତ୍ସବ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ବ୍ଲକସ୍ତରୀୟ ତ୍ରିଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ତ୍ରିଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶାର ଜିଲା ବୈଠକ ଓ ବନ୍ଧୁ ମିଳନ, ସ୍ଥାନ: ବସନ୍ତ ନିବାସ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବାଣିଜ୍ୟକ ଫୁଲ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ଅପରାହ୍ନ ୨ଟା ୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଲୋକକଳାର ମହାକୁମ୍ଭ ନୃତ୍ୟ ସଙ୍ଗମ ଉଦ୍‌ଘାଟନ, ସ୍ଥାନ:ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ,ସମୟ: ସନ୍ଧ୍ୟା ୬ଟା।
- କଳାହାଣ୍ଡିରେ ଚଳିତ ଖରିଫ ଧାନ ପାଇଁ ମଣ୍ଡି ଉଦ୍‌ଘାଟନ,ସ୍ଥାନ:ଘୋଟିଆ,ଗୋଲାମୁଣ୍ଡା ବ୍ଲକ,ସମୟ:ପୂର୍ବାହ୍ନ ୧୧ଟା।
- ଜଳସେଚନ ଦାବି ନେଇ ଚାଷୀଙ୍କ ଗଣଧାରଣା, ସ୍ଥାନ:ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ: ସକାଳ ୧୦ଟା।

## ବୌଦ୍ଧ
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ମା' ଭୈରବୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ମିନି ଷ୍ଟାଡିୟମ, ପୁରୁଣାକଟକ , ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମ ଚନ୍ଦ୍ରଙ୍କ ସୁପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ବନ୍ଧୁବାନ୍ଧବ କିମ୍ବା ସହକର୍ମୀଙ୍କୁ ଧାର କରଜ ଦେଇ ମନସ୍ତାପ କରିପାରନ୍ତି। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ତୃତୀୟସ୍ଥ ମଙ୍ଗଳ ଯୋଗୁ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ମନରେ ଆଲୋଡନ ସୃଷ୍ଟି କରିବ। ଅସାବଧାନତା ବଶତଃ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ** ଆଜି ଚତୁର୍ଥସ୍ଥାନରେ କେତୁ ଥିବାରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ଭଲ ରହିବ ନାହିଁ। ସପ୍ତମସ୍ଥ ଶୁକ୍ରଜନିତ ବନ୍ଧୁ ସମ୍ପର୍କ ଯୋଡିବାକୁ ଚେଷ୍ଟା କଲେ ଉପକୃତ ହେବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଏକାଦଶରେ ଷଷ୍ଠାଧିପ ଥିବାରୁ ଯେଉଁ ଆଶା ନେଇ ଯିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି କିଛି ସାହାଯ୍ୟ କରିବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ** ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହିବନାହିଁ। ମଘାର ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ବିରତ ରହିଲେ ଭଲ। ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମର ସମୀକ୍ଷା କରିବେ। ମଙ୍ଗଳ ଦୃଷ୍ଟ ଶନିଙ୍କ ଯୋଗୁ ପିଲାଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ପଡ଼ୋଶୀଙ୍କ ସହାୟତାରେ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** କର୍ମଭାବରେ ଧନାଧିପ ଥିବାରୁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବାର ଆଶା ରହିଛି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଅନୁରାଧା ନକ୍ଷତ୍ର ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ** ଘରର ପରିସ୍ଥିତି ଆପଣଙ୍କ ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପରିବହନ, ବ୍ୟବସାୟରେ ଉନ୍ନତି ଘଟିଲେ ମଧ୍ୟ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଭାବାନ୍ତର ସୃଷ୍ଟି ହେବ। ଧନିଷ୍ଠା ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ।

**କୁମ୍ଭ** ପୂର୍ବଭାଦ୍ର ନକ୍ଷତ୍ରର ମାନସିକ ଅସ୍ଥିରତା ଲାଗିରହିଲେ ମଧ କୌଣସି କାମ ଅଟକିବ ନାହିଁ। ପୂର୍ବପରିକଳ୍ପିତ କାମଟିରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ଯାତ୍ରା, ବାଣିଜ୍ୟ, ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ। ଧୀର ପାଣି ପଥର କାଟିବା ନ୍ୟାୟରେ କାମ କରିବେ ଓ ସଫଳ ମଧ ହେବେ।

**ମୀନ** ଆଜି ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ସମାଲୋଚନା କରିପାରନ୍ତି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ନଭେମ୍ବର ୨୯ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଦିବା ଘ.୧୦.୧୭ ମ. ବିଶାଖା/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୦୭ ଗତେ ଘ.୦୬.୫୧ ମଧ୍ୟେ, ଘ.୦୭.୩୪ ଗତେ ଘ.୦୮.୫୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୩ ଗତେ ଘ.୧୧.୩୪ ମଧ୍ୟେ ରାହୁ କାଳ।

## ଡିଜିପି ସମ୍ମିଳନୀ...

ପ୍ରଥମ ପୃଷ୍ଠାରୁ...

ସିଆର୍‌ପିଏଫ୍(ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ), ଏନ୍‌ଏସ୍‌ଜି(ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡ), ଏନ୍‌ଆଇଏ (ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ୍ ଏଜେନ୍‌ସି), ଆଇବି (ଇଣ୍ଟେଲିଜେନ୍‌ସ ବ୍ୟୁରୋ)ର ୨୦୦ ଜଣ ଭାରତୀୟ ଅଧିକାରୀ ଶାହାଙ୍କ ନେତୃତ୍ୱରେ ବୈଠକ କରିବାକୁ ଯାଉଛନ୍ତି। ଯିଏ ଶହୀଦ ନିଜ୍ଜାରଙ୍କୁ ହତ୍ୟା ପାଇଁ ସମନ୍ୱୟ ସହ ନିର୍ଦ୍ଦେଶ ଦେଇଥିଲେ, ସେମାନେ ହିନ୍ଦୁତ୍ୱ ବିଚାରଧାରା ପ୍ରଭାବରେ ଖଲିସ୍ତାନୀ ସମର୍ଥକ ଶିଖ୍, କଶ୍ମୀର ସଂଗ୍ରାମୀ, ନକ୍ସଲ ଓ ମାଓବାଦୀଙ୍କ ହତ୍ୟା ପାଇଁ ଯୋଜନା କରୁଛନ୍ତି। ଏହି ଡିଜିପି ସମ୍ମିଳନୀକୁ ବ୍ୟାଘାତ ଓ ବନ୍ଦ କରିବାକୁ ପନ୍ନୁ ଆହ୍ୱାନ ଦେଇଛନ୍ତି। ରାମମନ୍ଦିର ଯାଇ ଶ୍ରଦ୍ଧାଳୁଙ୍କୁ ସାମ୍ନା କରିବାକୁ ମୋଦିଙ୍କୁ ପନ୍ନୁ ଚେତାବନୀ ଦେଇଛନ୍ତି। ନକ୍ସଲ, ମାଓବାଦୀ ଓ କଶ୍ମୀର ସଂଗ୍ରାମୀ ସେମାନଙ୍କ ସମସ୍ୟାକୁ ଅନ୍ତର୍ଜାତୀୟକରଣ କରିବାକୁ ମନ୍ଦିର ଓ ହୋଟେଲରେ ଛଦ୍ମବେଶରେ ରହି ଏହି ସମ୍ମିଳନୀକୁ ଭଣ୍ଡୁର କରିବାକୁ ପନ୍ନୁ ଆହ୍ୱାନ ଦେଇଛନ୍ତି।

ହାଇପ୍ରୋଫାଇଲ ଡିଜିପି ସମ୍ମିଳନୀକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ରାଜଧାନୀର ଅନେକ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଛି। ଭୁବନେଶ୍ୱରକୁ ନୋ-ଫ୍ଲାଇଂ ଏବଂ ନୋ-ଡ୍ରୋନ୍ ଜୋନ୍ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଅପରାହ୍ନ ୪ଟା ୧୫ରେ ଭୁବନେଶ୍ୱରରେ ପହଞ୍ଚିବେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ ସେ ଭାଜପା ରାଜ୍ୟ ମୁଖ୍ୟାଳୟକୁ ଯାଇ ବୈଠକ କରିବା କାର୍ଯ୍ୟକ୍ରମ ରହିଛି। ଏହା ପରେ ପ୍ରଧାନମନ୍ତ୍ରୀ ରାଜଭବନକୁ ଯିବେ। ପ୍ରଧାନମନ୍ତ୍ରୀ ଏୟାରପୋର୍ଟରୁ ଏକ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଥିଲା, କିନ୍ତୁ ପରେ ତାକୁ ରଦ୍ଦ କରି ଦିଆଯାଇଛି। ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ଡିସେମ୍ବର ୪ରେ ପୁରୀରେ ଭାରତୀୟ ନୌସେନା ପକ୍ଷରୁ ନୌସେନା ଦିବସ ପାଳନ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ଏହାବାଦ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଛି। ଏଭଳି ସମୟରେ ପନ୍ନୁଙ୍କ ଧମକପୂର୍ଣ୍ଣ ଭିଡିଓ ବାର୍ତ୍ତା ରାଜ୍ୟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଖଲିସ୍ତାନୀ କଠୋରପନ୍ଥୀ ପନ୍ନୁଙ୍କ ଧମକ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ତି, ରାଜ୍ୟ ପୋଲିସ ହାଇଆଲର୍ଟରେ ରହିଛି। ସେହିପରି ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର କହିଛନ୍ତି, ଧମକ ସମ୍ପର୍କରେ ଆମେ ଅବଗତ ଅଛୁ। ସବୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୌଣସି ପ୍ରକାର ଅପ୍ରୀତିକର ଘଟଣାକୁ ଏଡ଼ାଇବାକୁ ଆମେ ନିଶ୍ଚିତ କରିବୁ।

## ଗତ ସରକାର...

ତାହା ଠିକ୍ କଥା ନୁହେଁ। ଜିଏସ୍‌ଟି କାଉନସିଲ୍‌ରେ କୌଣସି ନିଷ୍ପତ୍ତି ତରବରିଆ ଭାବେ ନିଆଯାଏ ନାହିଁ। ଗୋଟିଏ ଗୋଟିଏ ନିଷ୍ପତ୍ତି ଲାଗି ମାସ ମାସ ଧରି ସମୟ ନିଆଯାଏ। ଦରକାର ପଡ଼ିଲେ ତାହା ଆଇନ କମିଟି ଗଠନକରି ତାହାର ବିଚାର ଲାଗି ପଠାଇ ଦିଆଯାଏ। ତେଣୁ ଆଜି ବିଲ୍ ଆସିଲା ସଙ୍ଗେ ସଙ୍ଗେ ପାସ୍ ହୋଇଗଲା ତାହା ନୁହେଁ। ପୂର୍ବ ସରକାର ସମୟରେ ଆଜି ଗୃହରେ ଆସିଥିବା ବିଲ୍‌ରେ ଯାହା ସଂଶୋଧନ ହେବା କଥା ହୋଇସାରିଛି। ବିଲ୍ ପାସ୍ ପାଇଁ ସମୟ ଅବଧିକୁ ଦେଖି ତାହା ପାସ୍ କରାଯାଉଛି। ତ୍ରିପୁରା, ପଞ୍ଜାବ ଏବଂ କେରଳ ରାଜ୍ୟରେ ଏହି ବିଲ୍ ସଂଶୋଧନ କରିସାରିଛନ୍ତି। ଏଥିରୁ ଦୁଇଟି ରାଜ୍ୟରେ ଡବଲ ଇଞ୍ଜିନ ସରକାର ନାହିଁ। ଓଡ଼ିଶା, ହରିୟାଣା, ମଣିପୁର, ବିହାର ଓ ମହାରାଷ୍ଟ୍ରରେ ଏହି ବିଲ୍ ଅଧ୍ୟାଦେଶ ଜାରି ହୋଇସାରିଛି। ସେହିପରି ମଦ ଉପରେ ଜିଏସ୍‌ଟି ଲାଗୁ ନାହିଁ। କେବଳ ଶିଳ୍ପ ଉପରେ ବ୍ୟବହୃତ ମାଦକଦ୍ରବ୍ୟ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ସେ ଗୃହରେ ଉକ୍ତ ବିଲ୍ ପାରିତ କରିବାକୁ ଅନୁରୋଧ କରିଥିଲେ। ଶେଷରେ ଓଡ଼ିଶା ଦ୍ରବ୍ୟ ଓ ସେବା କର(ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪ ଗୃହରେ ପାରିତ ହୋଇଛି।



ଓଡ଼ିଶା ସୀମାନ୍ତରେ ପଶ୍ଚିମବଙ୍ଗ ପୋଲିସ ଆଳୁ ଟ୍ରକକୁ ଯାଞ୍ଚ କରୁଛି।

## ଆଳୁ ରପ୍ତାନି ଉପରେ...

ପିଆଜର ଦାମ୍ ବଢ଼ିବାରେ ଲାଗିଛି। ବୁଧବାର ବାଲେଶ୍ୱର ଜିଲାର ବିଭିନ୍ନ ହାଟବଜାରରେ ଆଳୁ କେଜି ପ୍ରତି ୩୫ଟଙ୍କାରେ ବିକ୍ରି ହେଉଥିବା ବେଳେ ଗୁରୁବାର ବିଭିନ୍ନ ସ୍ଥାନରେ ଆଳୁ କେଜି ୪୦ଟଙ୍କା ଓ ପିଆଜ କେଜି ୬୦ଟଙ୍କାରୁ ଊର୍ଦ୍ଧ୍ୱ ଛୁଇଁଛି। ମୁଖ୍ୟମନ୍ତ୍ରୀ ମମତାଙ୍କ ଆଳୁ ରପ୍ତାନି କଟକଣା ଉପରେ ପଶ୍ଚିମବଙ୍ଗ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତି ନଜର ରଖିଥିବାବେଳେ ଶୁକ୍ରବାର ବ୍ୟବସାୟୀ ସଂଘର ବୈଠକ ବସି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସମିତିର ରାଜ୍ୟ ସଭାପତି ଲାଲୁ ମୁଖାର୍ଜୀ ସୂଚନା ଦେଇଛନ୍ତି। ନୂଆ ଆଳୁ ଉତ୍ପନ୍ନ ହେବାକୁ ଦେଢ଼ମାସ ଥିବା ବେଳେ ଓଡ଼ିଶାକୁ ଆଳୁ ରପ୍ତାନି କଟକଣା ଖାଉଟିଙ୍କୁ ମହଙ୍ଗା ପଡ଼ିବାର ସମ୍ଭାବନା ଥିବାରୁ ଓଡ଼ିଶା ସରକାର ସଚେତନ ହୋଇ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ନ କଲେ ନେଡିଗୁଡ଼ କହୁଣୀ କୁ ବୋହିଯିବ ବୋଲି କୁହାଯାଉଛି। ପଶ୍ଚିମବଙ୍ଗ ପ୍ରଶାସନର ଆଳୁ ରପ୍ତାନୀ କଟକଣା ପରେ ଆଳୁ ବ୍ୟବସାୟୀମାନେ ଅନେକ ଗାଡ଼ି ଆଳୁ ବସ୍ତା ଗୋଦାମରେ ଗଚ୍ଛିତ ରଖୁଥିବା ନଜରକୁ ଆସିଛି।

## ରାଜ୍ୟରେ ୨୧୦୩ ହାତୀ...

ହାତୀ ଅଛନ୍ତି। ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ୨୯୧ଟି ହାତୀ ରହିଛନ୍ତି। ଏହାପଛକୁ କେନ୍ଦୁଝର ବନଖଣ୍ଡରେ ୧୬୦, ଆଠଗଡ଼ ବନଖଣ୍ଡରେ ୧୨୪, ଦେବଗଡ଼ ବନଖଣ୍ଡରେ ୧୨୩ ଓ ଅନୁଗୋଳ ବନଖଣ୍ଡରେ ୧୧୭ଟି ହାତୀ ରହିଛନ୍ତି। ସର୍କଲ ଅନୁଯାୟୀ, ଅନୁଗୋଳ ସର୍କଲରେ ସର୍ବାଧିକ ୬୮୦ଟି ହାତୀ ରହିଥିବାବେଳେ ରାଉରକେଲାରେ ୪୬୨ଟି, ବାରିପଦାରେ ୩୮୪ଟି, ବ୍ରହ୍ମପୁରରେ ୧୭୨ଟି, ସମ୍ବଲପୁରରେ ୧୪୪ଟି, ଭବାନୀପାଟଣାରେ ୧୪୦ଟି, ଭୁବନେଶ୍ୱରରେ ୧୨୦ଟିଏବଂ କୋରାପୁଟ ସର୍କଲରେ ମାତ୍ର ଗୋଟିଏ ହାତୀ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଚଳିତବର୍ଷ ଖରାଦିନେ ଅର୍ଥାତ୍ ମେ' ୨୨ରୁ ୨୪ ମଧ୍ୟରେ ହୋଇଥିବା ହାତୀ ଗଣନାରେ ରାଜ୍ୟରେ ୨୦୯୮ଟି ହାତୀ ରହିଥିବା ଜଣାପଡିଥିଲା। ସେହି ସମୟରେ ମଧ ଢେଙ୍କାନାଳରେ ସର୍ବାଧିକ ହାତୀ ରହିଥିବାବେଳେ ଏହା ପଛକୁ ଆଠଗଡ଼, ସାତକୋଶିଆ, କେନ୍ଦୁଝର ଏବଂ ବଣାଇ ବନଖଣ୍ଡ ରହିଥିଲା। ଶୀତଦିନେ ପଡୋଶୀ ରାଜ୍ୟଗୁଡିକରୁ ଓଡ଼ିଶାକୁ ହାତୀ ଆସୁଥିବାରୁ ପୁନର୍ବାର ଗଣନା କରାଯାଇଥିଲା। ଏହି ୬ମାସ ମଧ୍ୟରେ ରାଜ୍ୟରେ ଆଉ ୫ଟି ହାତୀ ବଢ଼ିଥିବା ଶୀତଦିନିଆ ଗଣନା ରିପୋର୍ଟରୁ ଜଣାପଡିଛି। ଗଣନା ସମୟରେ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ହାତୀମାନଙ୍କର ବୃହତ୍ ଆନ୍ତଃ ରାଜ୍ୟ ଗତିବିଧି ପରିଲକ୍ଷିତ ହୋଇଛି। ଫଳରେ ଢେଙ୍କାନାଳ, ଦେବଗଡ଼, ରାଉରକେଲା, କେନ୍ଦୁଝର, ସମ୍ବଲପୁର, ଆଠମଲ୍ଲିକ, ଉତ୍ତର ଘୁମୁସର, ଉତ୍ତର କଳାହାଣ୍ଡି, ବଲାଙ୍ଗୀର ଏବଂ ରାଇରଖୋଲ ଡିଭିଜନରେ ହାତୀମାନଙ୍କ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାବେଳେ ଶିମିଳିପାଳ ନର୍ଥ ୱାଇଲ୍ଡ ଲାଇଫ୍, ସାତକୋଶିଆ ୱାଇଲ୍ଡ ଲାଇଫ୍, ବାମରା ୱାଇଲ୍ଡ ଲାଇଫ୍ ଏବଂ ରାୟଗଡ଼ା ଆଦି ଡିଭିଜନରେ ହାତୀଙ୍କ ସଂଖ୍ୟା କିଛି ମାତ୍ରାରେ କମିଛି। ଅପରପକ୍ଷେ ଚଳିତ ବର୍ଷ ଇତି ମଧ୍ୟରେ ୪୮ଟି ହାତୀଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ରାଜ୍ୟର ୪୮ ବନଖଣ୍ଡରେ ଶୀତଦିନିଆ ହାତୀ ଗଣନା ହୋଇଥିଲା। ଏଥିପାଇଁ ବିଭିନ୍ନ ବନଖଣ୍ଡରେ ମୋଟ୍ ୨୦୩୨ ସେନ୍‌ସସ୍ ୟୁନିଟ୍ ନିୟୋଜିତ ହୋଇଥିବାବେଳେ ଜଙ୍ଗଲ ଭିତରେ ୧୩ଶହ ୭୬ ମଞ୍ଚା ତିଆରି ହୋଇଥିଲା। ସେନ୍‌ସସ୍ ୟୁନିଟ୍‌ରେ ଜଣେ ଲେଖାଏ ଫରେଷ୍ଟ ଗାର୍ଡ଼/ଫରେଷ୍ଟରଙ୍କ ସହିତ ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ରହିଥିବାବେଳେ ୨୦୩୨ ସେନ୍‌ସସ୍‌ରେ ମୋଟ ୬ହଜାରରୁ ଅଧିକ ବନ କର୍ମଚାରୀ ସାମିଲ୍ ହୋଇଥିଲେ। ସେହିପରି ହାତୀ ଗଣନାରେ ରାତ୍ରିକାଳୀନ ଭିଜୁଆଲ ପାଇଁ ବନ ବିଭାଗ ୫୦ଟି ଡ୍ରୋନ୍‌ର ବ୍ୟବହାର କରିଥିଲା। ଡିଭିଜନ ଓ ସର୍କଲ ସ୍ତରରେ ଏସିଏଫ୍ ନୋଡାଲ ଅଧିକାରୀ ଗଣନା କାର୍ଯ୍ୟର ତଦାରଖ କରିଥିଲେ।

## ନଭେମ୍ବର ସୁଦ୍ଧା ୨୧...

ଭିତରେ 'ସୁଭଦ୍ରା'ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଯିବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ଚତୁର୍ଥ ପର୍ଯ୍ୟାୟରେ ଆମେ ତାଙ୍କୁ ସାମିଲ କରିବୁ। ସୁଭଦ୍ରା ଆବେଦନ କରିବା ବେଳେ ପ୍ରଥମେ ସର୍ଭର ଡାଉନ ହୋଇଥିଲା। ସେତେବେଳେ ଯେଉଁମାନେ ଆବେଦନ କରିଥିଲେ, ସେମାନେ ଆଉ ଦ୍ୱିତୀୟ ଥର ଆବେଦନ କରି ନାହାନ୍ତି। ସେମାନଙ୍କର ଖାରଜ ହୋଇଯାଇଛି। ୧ କୋଟି ୬ ଲକ୍ଷ ମହିଳା ସୁଭଦ୍ରା ପାଇଁ ଆବେଦନ କରିଛନ୍ତି। ସେଥିମଧ୍ୟରୁ ୨ଲକ୍ଷ ୬୪ ଜଣଙ୍କର ଖାରଜ ହୋଇଯାଇଛି। ଖାରଜ ହୋଇଥିବା ୨୫ପ୍ରତିଶତଙ୍କର ଯାଞ୍ଚ ସରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୭, ଅକ୍ଟୋବର ୯ ଓ ନଭେମ୍ବର ୨୪ରେ ୩ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଛି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

## ୫୩,୪୮୦ ଏକର ସରକାରୀ...

ଜମିରୁ ଜବରଦଖଲ ଉଚ୍ଛେଦ ଏକ ନିରବଚ୍ଛିନ୍ନ କାର୍ଯ୍ୟକ୍ରମ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗତ ଜୁଲାଇ ୬ ତାରିଖ ପତ୍ର ସଂଖ୍ୟା ୨୧୮୫୫ ଏବଂ ସେପ୍ଟେମ୍ବର ୨୫ତାରିଖର ପତ୍ରସଂଖ୍ୟା ୩୩୦୮୨ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜିଲାଗୁଡିକରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ରାଜ୍ୟରେ ୧,୦୮୭୭୩ ଏକର ୮୩୨ ଡିସିମିଲ ସରକାରୀ ଜମି ଜବରଦଖଲ ହୋଇଥିଲା। ତନ୍ମଧ୍ୟରୁ ୫୫,୨୯୩ ଏକର ୩୦୭ ଡିସିମିଲ ଜବରଦଖଲମୁକ୍ତ କରାଯାଇଛି।

## ମଧ୍ୟାହ୍ନଭୋଜନ ଖାଇ...



ଅସୁସ୍ଥ ପିଲାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି।

ସଂଯୋଜକ ଶୁକଦେବ ସାହୁ କହିଛନ୍ତି, ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇସାରି ଖେଳାଖେଳି କରିଥିବାରୁ ପେଟ ଗ୍ୟାସ୍ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ତେବେ ଚିକିତ୍ସା ପରେ ସମସ୍ତେ ସୁସ୍ଥହୋଇ ଘରକୁ ଫେରିଯାଇଛନ୍ତି।



यद्यदाचरति श्रेष्ठस्तत्तदेवेतरो जनः।
स यत्प्रमाणं कुरुते लोकस्तदनुवर्तते॥
भगवद्गीता 3.21
Government of Haryana
Kurukshetra Development Board
Partner State Odisha
Partner Country Tanzania
International
GITA
Mahotsav
2024
28 November - 15 December
Kurukshetra, Haryana
Main Programme
Venue - Purushottampura Baag, Kurukshetra
Time - 6:30 pm
Date | Programme | Presentation
5 December | Choreography | By Artists from Tanzania and Haryana
7 December | Play 'Humare Ram' | Sh. Ashutosh Rana and Team
9 December | Sand art based on Mahabharata | Smt. Manisha
9 December | Kavi Sammelan | By Dr. Kumar Vishwas and Other Poets
11 December | Play 'Draupadi' based on Mahabharata | Smt. Meenakshi Sheshadri and Team
www.internationalgitamahotsav.in
www.48koskurukshetra.com
@igmkkr
InternationalGitaMahotsav
"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"
- नरेन्द्र मोदी
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana
No.1089/13/1908/2025/30640/276/21 Dated Chandigarh, the 28/11/2024

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ
ଓ ଉପବାସ



# ଏଫ୍‌ଟିଏ: ଏକ ଅପୂର୍ବ ସୁଯୋଗ



ଅରବିନ୍ଦ ସୁବ୍ରମଣ୍ୟନ୍

ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହୋଇଛନ୍ତି। ସେ ହ୍ୱାଇଟ୍ ହାଉସ୍‌କୁ ଫେରିଥିବାରୁ ଆମେରିକା-ଭାରତ ସମ୍ପର୍କରେ ସ୍ଥିରତା ଆସିବା ସହ ଲାଭଦାୟକ ହେବ ବୋଲି ମନେକରାଯାଉଛି। ତେବେ ଦୁଇ ଦେଶ ଏକାଠି ଚାଇନାର ଅର୍ଥନୈତିକ ଏବଂ ଭୂ-ରାଜନୈତିକ ପ୍ରଭାବକୁ ପ୍ରତିହତ କରୁଥିବାରୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିଗୁଡ଼ିକ ପାଇଁ ୱାଶିଂଟନ୍‌ରେ ଦୃଢ଼ ଦ୍ୱିପାକ୍ଷିକ ସମର୍ଥନ ରହିଛି। କିନ୍ତୁ ଏଥିପ୍ରତି ଆଗ୍ରହ ପ୍ରକାଶ କରାଯାଉନାହିଁ। ଏହା ନିଶ୍ଚିତ ଯେ, ଆମେରିକା ଏବଂ ଭାରତ ମଧ୍ୟରେ ରଣନୀତିକ ଭାଗିଦାରିରୁ ଅନେକ ପାରସ୍ପରିକ ଲାଭ ମିଳିପାରନ୍ତା। ହେଲେ ଭାରତ ଅନ୍ୟ ଅଂଶୀଦାରମାନଙ୍କ ପରି ଆମେରିକାର ଆର୍ଥିକ କିମ୍ବା ସାମରିକ ସହାୟତା ଚାହୁଁନାହିଁ। ଡୋନାଲ୍ଡ ଟ୍ରମ୍ପ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ରହିବା ସହ ଟ୍ରମ୍ପ୍‌ଙ୍କ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ଏମ୍ଏଜିଏ) କାର୍ଯ୍ୟକ୍ରମ ଏବଂ ମୋଦିଙ୍କ ହିନ୍ଦୁ ଜାତୀୟତା ମଧ୍ୟରେ ଏକ ଆଦର୍ଶଗତ ସମନ୍ୱୟ ରହିଛି। ଏହା ସତ୍ତ୍ୱେ ରାଷ୍ଟ୍ରପତି ଭାବେ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଅଧିକ ବିପଦ ସୃଷ୍ଟି କରିପାରେ। ଭାରତ ପ୍ରତି ଦୁଇଟି ସମସ୍ୟା ବା ବିପଦ ରହିଛି ଓ ଏଥିରେ ଦେଶର କ୍ଷତି ହୋଇପାରେ। ପ୍ରଥମେ, ଯଦିଓ ରାଜନୀତିରେ ଟ୍ରମ୍ପ୍ ଆପଣାଉଥିବା ଦୃଷ୍ଟିକୋଣକୁ ପୂର୍ବାନୁମାନ କରିବା କଷ୍ଟକର, ତଥାପି ଆମେରିକାର ବାଣିଜ୍ୟିକ ନିଅଣ୍ଟ ହ୍ରାସ କରିବା ପାଇଁ ଆମଦାନୀ ଶୁଳ୍କ ଲାଗୁ କରିବାରେ ତାଙ୍କ ସମର୍ଥନ ଜାରି ରହିଛି। ଏବେ କାନାଡ଼ା ଓ ମେକ୍ସିକୋରୁ ଆସୁଥିବା ସମସ୍ତ ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଏବଂ ଚାଇନାରୁ ଆମଦାନୀ ହେଉଥିବା ଉତ୍ପାଦ ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରିବାକୁ ପ୍ରତିଶ୍ରୁତି ଏହାର ଏକ ବଡ଼ ଦୃଷ୍ଟାନ୍ତ। ଏହା ଭାରତ ପାଇଁ ଅସୁବିଧା। ଭାରତର ବିଶ୍ୱରେ ଅଧିକ ଆମଦାନୀ ଶୁଳ୍କ ରହିଛି ଏବଂ ଆମେରିକାରୁ ଯେତିକି ଆଣୁଛି, ତାହାଠାରୁ ଅଧିକ ରପ୍ତାନି (ପ୍ରାୟ ୪୬ ବିଲିୟନ ଡଲାର୍ ୨୦୨୨) କରୁଛି। ଟ୍ରମ୍ପ୍‌ଙ୍କ ବାଣିଜ୍ୟିକ ଉଚ୍ଚ ଅଧିକାରୀ ରବର୍ଟ ଲାଇଥିଜର ଭାରତକୁ ବିଶ୍ୱର ସବୁଠାରୁ ସଂରକ୍ଷଣବାଦୀ (ବାଣିଜ୍ୟକୁ ବଞ୍ଚାଇବା ଲାଗି ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ଟିକସ ଲଗାଇବା କାର୍ଯ୍ୟ କରୁଛି) ଦେଶ ଭାବରେ ନାମିତ କରିସାରିଛନ୍ତି। ଭାରତର ଦ୍ୱିତୀୟ ସମ୍ଭାବ୍ୟ ବିପଦ ହେଉଛି, ଚାଇନାର ବିସ୍ତାରବାଦ। ଟ୍ରମ୍ପ୍ ଚାଇନାର ଅର୍ଥନୀତି ଏବଂ ବାଣିଜ୍ୟ କାରବାରକୁ ପ୍ରକୃତ ବିପଦ ଭାବରେ ଦେଖୁଥିଲେ ମଧ୍ୟ ତାଙ୍କ ଚିନ୍ତାରେ ସାମରିକ ଆକ୍ରୋଶ ପ୍ରକାଶ ପାଉନାହିଁ। ଭାରତ ଏବଂ ଆମେରିକା ମଧ୍ୟରେ ସୁରକ୍ଷା ସହଭାଗିତା ଚାଇନାର ଆଞ୍ଚଳିକ ଅଭିଳାଷକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଟ୍ରମ୍ପ୍‌ଙ୍କ ଅଧୀନରେ ଏହାକୁ ଗ୍ରହଣ କରାଯାଇ ନ ପାରେ। ମାର୍କୋ ରୁବିଓ ଏବଂ ମାଇକ୍ ୱାଲ୍ଟଙ୍କୁ ଯଥାକ୍ରମେ ଟ୍ରମ୍ପ୍‌ଙ୍କ ବୈଦେଶିକ ସଚିବ ତଥା ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ଚୟନ କରାଯାଇଥିବାବେଳେ



ସେମାନେ ଚାଇନାର ଦୃଢ଼ ସମର୍ଥକ। ଅନ୍ୟ ଦେଶର ରାଜନୈତିକ ବ୍ୟାପାରରୁ ନିଜକୁ ଦୂରେଇ ରଖୁଥିବା ଟ୍ରମ୍ପ୍ ମଧ୍ୟ ସାମରିକ ବିବାଦରେ ହସ୍ତକ୍ଷେପ କରିବାକୁ ପସନ୍ଦ କରନ୍ତି ନାହିଁ। ଏଭଳି ମନୋଭାବକୁ ଦେଖିଲେ ତାଇୱାନ, ଦକ୍ଷିଣ ଚାଇନା ସାଗର ଏବଂ ହିମାଳୟରେ ଚାଇନାର କାର୍ଯ୍ୟକଳାପକୁ ଟ୍ରମ୍ପ୍ ଅଣଦେଖା କରିବାକୁ ଆଗ୍ରହୀ ହୋଇପାରନ୍ତି। ଉଲ୍ଲେଖନୀୟ ଯେ, ତାଇୱାନ ପ୍ରତି ଟ୍ରମ୍ପ୍‌ଙ୍କ ଦୃଷ୍ଟିକୋଣ ଭିନ୍ନ। ସହଯୋଗୀ ଭାବେ ରଣନୀତିକ ମୂଲ୍ୟ ଉପରେ ଗୁରୁତ୍ୱ ନ ଦେଇ ତାଇୱାନ ଆମେରିକାର ସେମିକଣ୍ଡକ୍ଟର ଶିଳ୍ପକୁ ଗୁପ୍ତରେ ନେଇଯାଇଥିବା ସେ ମନେକରନ୍ତି। ଟ୍ରମ୍ପ୍‌ଙ୍କ ନିକଟତର କୁହାଯାଉଥିବା ଏଲନ ମସ୍କ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଅତି ଧନୀ ବ୍ୟକ୍ତି ବିଶେଷ ଚାଇନା ବଜାରରେ ସ୍ଥିତି ବଜାୟ ରଖିବାକୁ ଆଗ୍ରହୀ ଥିବାରୁ ସେ ଚାଇନାର ବିସ୍ତାରବାଦୀ କାର୍ଯ୍ୟକ୍ରମକୁ ଅଣଦେଖା କରିବା ସମ୍ଭାବନା ବେଶି।

ଭାରତ ଏହି ବିପଦଗୁଡ଼ିକର ସମାଧାନ କରିବାର ବିକଳ୍ପ ରହିଛି। ସତର୍କତା ଅବଲମ୍ବନ, ଅପେକ୍ଷା କରି ରଣନୀତିକୁ ଲକ୍ଷ୍ୟ କରିବା, ଶୁଳ୍କ ହ୍ରାସ କରି ଟ୍ରମ୍ପ୍‌ଙ୍କ ଦାବିକୁ ସମାଧାନ କରିବା, ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବାଣିଜ୍ୟିକ ପ୍ରତିବନ୍ଧକ ହଟାଇବା ଏବଂ ସାମରିକ କ୍ରୟ ବୃଦ୍ଧି କରିବା ଦ୍ୱାରା ଏହା କରାଯାଇପାରିବ। ଏକ ସ୍ୱାର୍ଥଜଡ଼ିତ ରଣନୀତି ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ବ୍ୟବସାୟିକ ସ୍ୱାର୍ଥକୁ ଲାଭ ବି ଦେଇପାରେ। ତାଙ୍କ ପରିବାର ମାଲିକାନାରେ ଥିବା ହୋଟେଲ ଏବଂ ରିଅଲ-ଇଷ୍ଟେଟ୍ ଉଦ୍ୟୋଗର ନିବେଶକୁ ସଞ୍ଚାଳନ କରି ଏହା କରାଯାଇପାରିବ। ଏକ ଦ୍ୱିପାକ୍ଷିକ ଚୁକ୍ତି କିମ୍ବା ମୁକ୍ତ-ବାଣିଜ୍ୟ ବୁଝାମଣା (ଏଫ୍‌ଟିଏ) ଉପରେ ଆମେରିକା ସହ ଆଲୋଚନା ଆରମ୍ଭ କରିବା ସକାଶେ ନୀତିଗତ ପଦକ୍ଷେପ ନିଆଯିବା ଦରକାର। ବାଣିଜ୍ୟ ଉଦାରୀକରଣରୁ ଲାଭ ପାଇବାକୁ ଭାରତ ଜଡ଼ିତ ହେବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଏହାର ପୋଷାକ ଏବଂ ଜୋତା ଶିଳ୍ପଗୁଡ଼ିକ ଏବେ ଏଫ୍‌ଟିଏରୁ ଲାଭ ପାଉଥିବା ଭିଏତ୍‌ନାମ ପ୍ରତିପକ୍ଷ କମ୍ପାନୀଗୁଡ଼ିକ ତୁଳନାରେ ପଛରେ ରହିଛି। ଅନେକ ଆଫ୍ରିକୀୟ ଦେଶ ଆମେରିକାର ଆଫ୍ରିକାନ୍ ଗ୍ରୋଥ୍ ଆଣ୍ଡ ଅପର୍ଚ୍ୟୁନିଟି ଆକ୍ଟ ଅନୁଯାୟୀ ଶୁଳ୍କମୁକ୍ତ ସୁବିଧା ପାଉଛନ୍ତି। ଏକ ଦ୍ୱିପାକ୍ଷିକ ଏଫ୍‌ଟିଏ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ହ୍ରାସ କରିପାରେ, ଫଳରେ ବ୍ୟବସାୟିକ କ୍ଷେତ୍ରରେ ସମନ୍ୱୟ ରହିପାରିବ। ଏଭଳି ଚୁକ୍ତିନାମା ଦ୍ୱାରା ଭାରତ କେବଳ ଚାଇନାରେ ନିବେଶ ବ୍ୟତୀତ ଅନ୍ୟ ଦେଶରେ ପୁଞ୍ଜି ଖଟାଇବାକୁ ସକ୍ଷମ ହେବ। ଚାଇନାର ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ଶୁଳ୍କ ଚାଇନାରୁ ନିବେଶ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ରହିଛି। ଭାରତ ଠିକ୍ ନୀତି ଗ୍ରହଣ କଲେ ଏଥିରୁ ଲାଭ ପାଇବ, ଯେଭଳି ଟ୍ରମ୍ପ୍‌ଙ୍କ ପୂର୍ବ ପ୍ରଶାସନ ଚାଇନାର ଆମଦାନୀ ଉପରେ ଶୁଳ୍କ ଲାଗୁ କରିବା ପରେ ଭିଏତ୍‌ନାମ ଏବଂ ମେକ୍ସିକୋ ଉପକୃତ ହୋଇଥିଲେ।

ତେବେ ଏଫ୍‌ଟିଏ ଭାରତର ଉତ୍ପାଦନ କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ ଏକ ଅପୂର୍ବ ସୁଯୋଗ ଦେବ। ଟ୍ରମ୍ପ୍ ବ୍ୟବସାୟିକ ଧାରାକୁ ବନ୍ଦ ନ ହେବା ଉପରେ ପ୍ରାଧାନ୍ୟ ଦେଇପାରନ୍ତି ଓ ଏଫ୍‌ଟିଏ ଭାରତର ନିବେଶର ସଂରକ୍ଷଣକୁ ସହଜ କରିପାରେ। ଆମେରିକା ଏହାର ବ୍ୟବସାୟିକ ବଜାର ଖୋଲା ରଖିବା ଦ୍ୱାରା ଅନ୍ୟ ଦେଶଗୁଡ଼ିକରେ ନିବେଶ ଧାରାକୁ ଭାରତ ଆପଣାଇପାରେ ଏବଂ ଆମେରିକା ସହିତ ଅର୍ଥନୈତିକ ସମ୍ପର୍କ ମଜଭୁତ ହେବ। ଆମେରିକା ସହିତ ଅଧିକ ଶକ୍ତିଶାଳୀ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ହେଲେ ରପ୍ତାନି ସହିତ ଜଡ଼ିତ ପ୍ରମୁଖ ଶିଳ୍ପ ଯଥା ରତ୍ନ ଏବଂ ଅଳଙ୍କାର, ଫାର୍ମାସ୍ୟୁଟିକାଲ୍ସ, ପୋଷାକ ଏବଂ ଯନ୍ତ୍ରପାତିରୁ ଲାଭବାନ୍ ହେବ।

ଅନ୍ୟପକ୍ଷରେ, ଆମେରିକା ସହିତ ଭାରତର ଏକ ଏଫ୍‌ଟିଏ ଯୋଗୁ ଅସୀମିତ ଶୁଳ୍କ ହ୍ରାସ ହେବ ଓ ଏହା ଲାଭଦାୟକ ହେବ। ଆମେରିକାର କମ୍ ଶୁଳ୍କ ଏବଂ ଏହାର ବାଣିଜ୍ୟିକ ଭାଗୀଦାରିଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅଧିକ ଶୁଳ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଟ୍ରମ୍ପ ପ୍ରାୟତଃ ସମାଲୋଚନା କରିଆସିଛନ୍ତି। ଭାରତୀୟ ଆମଦାନୀ ଶୁଳ୍କ ହ୍ରାସକୁ ସୁରକ୍ଷିତ କରି ଏହିପରି ଚୁକ୍ତିନାମା ଟ୍ରମ୍ପ୍‌ଙ୍କ ବାଣିଜ୍ୟିକ ଏଜେଣ୍ଡାକୁ ଅଧିକ ମଜଭୁତ କରିପାରିବ। ବାଣିଜ୍ୟିକ ତିକ୍ତତା ସମାଧାନ ହେବା ଦ୍ୱାରା ଭାରତ ପାଇଁ ଅନ୍ୟ ଜରୁରୀ ଦ୍ୱିପାକ୍ଷିକ ସୁଯୋଗର ପଥ ପରିଷ୍କାର ହେବ, ଯେପରିକି ବର୍ତ୍ତମାନର ଏଚ୍-ୱାନ୍ ଭିସା (ଯୁକ୍ତରାଷ୍ଟ୍ରରେ କୁଶଳୀ ଶ୍ରମିକମାନଙ୍କ ପାଇଁ) ଏବଂ ବୈଷୟିକ ବିକାଶ ତଥା ପ୍ରତିରକ୍ଷା ଉତ୍ପାଦନରେ ସହଯୋଗକୁ ସହଜ କରିପାରିବ। ଅପରପକ୍ଷେ, ବାଣିଜ୍ୟ ପ୍ରସଙ୍ଗରେ ଥିବା ସମସ୍ୟାକୁ ସମାଧାନ କରିବାରେ ଆମେ ଯଦି ବିଫଳ ହେବା, ତେବେ ସମ୍ପର୍କ ଦୃଢ଼ କରିବାରେ ଟ୍ରମ୍ପ୍‌ଙ୍କ ଇଚ୍ଛା ହ୍ରାସ ହେବ। ବିଶେଷକରି ସେ ଚାଇନାକୁ ତାଙ୍କ ପୂର୍ବ ରାଷ୍ଟ୍ରପତିଙ୍କ ତୁଳନାରେ କମ ରଣନୀତିକ ବିପଦ ବୋଲି ବିଚାର କରିପାରନ୍ତି। ତେବେ ଟ୍ରମ୍ପ୍‌ଙ୍କ ଆମଦାନୀ ଶୁଳ୍କଗୁଡ଼ିକ ସମସ୍ୟାର ସମାଧାନ ଭଳି ମନେହେଉଥିଲେ ବି ଚାଇନାରୁ ଚାଲିଯାଉଥିବା ନିବେଶକୁ ଆକର୍ଷିତ କରିବା ଏବଂ ଆମେରିକା ସହ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଭାରତକୁ ଏକ ସୁଯୋଗ ପ୍ରଦାନ କରିବ। ଏଣୁ ଟ୍ରମ୍ପ୍‌ଙ୍କ ଇଚ୍ଛାକୁ ଭାରତର ସୁଯୋଗରେ ପରିବର୍ତ୍ତନ କରିବା ପାଇଁ ମୋଦି ସରକାର ବର୍ତ୍ତମାନ କାର୍ଯ୍ୟ କରିବା ଉଚିତ।

**ପୂର୍ବତନ ମୁଖ୍ୟ ଅର୍ଥନୈତିକ**
**ପରାମର୍ଶଦାତା, ଭାରତ ସରକାର**

# ଈର୍ଷା ଦୂର ହେଉ



ମୋଜାଫର ଖାଁ

ମନୁଷ୍ୟ ସବୁବେଳେ ଅନ୍ୟମାନଙ୍କ ଜୀବନରେ ଘଟୁଥିବା କାର୍ଯ୍ୟାବଳୀ ଦେଖି ନିଜ ଜୀବନକୁ ସେମାନଙ୍କ ସହ ତୁଳନା କରିଥାଏ । ନିଜ ଜୀବନରେ ସେହି ଉପଲବ୍ଧି ନ ପାଇ ପାରିଥିବାରୁ ସେ ନିଜକୁ ହୀନ ମନେକରେ। ଅନ୍ୟମାନଙ୍କ ଖୁସିର ଈର୍ଷା ହେଉଛି ଏକ ଜଟିଳ ଭାବନା, ଯାହା ମନୁଷ୍ୟର ମସ୍ତିଷ୍କଠାରୁ ଆରମ୍ଭ ହୋଇ ହୃଦୟ ପର୍ଯ୍ୟନ୍ତ ଆଘାତ ଦେଇଥାଏ। ଏହାଦ୍ୱାରା ମଣିଷ ଅସୁରକ୍ଷିତ, ଅପାରଗ କିମ୍ବା ଅସମ୍ପୂର୍ଣ୍ଣ ଅନୁଭବ କରିଥାଏ। ଯେତେବେଳେ ଆମେ ଦେଖୁ ଯେ ଅନ୍ୟମାନେ ଆନନ୍ଦ ଏବଂ ପୂର୍ଣ୍ଣତା ଅନୁଭବ କରୁଛନ୍ତି, ଅନ୍ୟମାନଙ୍କ ଜୀବନରେ ସଫଳତା ହାସଲ ହେଉଛି, ଆମେ ଅଜ୍ଞାତରେ ଆମ ଜୀବନକୁ ସେମାନଙ୍କ ସହିତ ତୁଳନା କରି ଆମର ଅନୁଭବ ହୋଇଥିବା ଅଭାବକୁ ଆଲୋକିତ କରିଥାଉ। ଯେତେବେଳେ ଆମେ ଅନ୍ୟମାନଙ୍କୁ ନିଜ ଅପେକ୍ଷା ଅଧିକ ଖୁସି କିମ୍ବା ଅଧିକ ସଫଳ ବୋଲି ଅନୁଭବ କରିଥାଉ ସେତେବେଳେ ଈର୍ଷା ଭାବନା ସୃଷ୍ଟି ହୋଇଥାଏ। ଯାହା ଆମ ପାଖରେ ନାହିଁ ତାହା ଚାହିଁବା ଏକ ପ୍ରାକୃତିକ ମାନବ ପ୍ରବୃତ୍ତି କିନ୍ତୁ ଯେତେବେଳେ ଏହି ଇଚ୍ଛା ଅତ୍ୟଧିକ ହୋଇଯାଏ, ଏହା ନକାରାତ୍ମକ ଚିନ୍ତାଧାରା ଏବଂ ଆଚରଣ ଆଡକୁ ଗତି କରି ମନୁଷ୍ୟ ମନରେ ଅନ୍ୟମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି କରିଥାଏ। ଅନ୍ୟର ସମ୍ପତ୍ତି, ସମ୍ପର୍କ କିମ୍ବା ସଫଳତାକୁ ଅବମାନନା କରି ନିଜର ହୀନ ଭାବନା ଜାଗ୍ରତ ହୋଇଥାଏ। ଏହାଦ୍ୱାରା ହୃଦୟରେ ବିରକ୍ତି, ତିକ୍ତତା ଏବଂ ଆତ୍ମ-ଘୃଣା ଭାବନା ସୃଷ୍ଟି ହୋଇଥାଏ। ଯେତେବେଳେ ଆମେ ଆମର ଅନ୍ତର୍ନିହିତ ଦକ୍ଷତା କିମ୍ବା ପ୍ରତିଭା ଉପରେ ସନ୍ଦେହ କରୁ, ସେତେବେଳେ ଆମେ ଅନ୍ୟମାନଙ୍କ ସଫଳତା ଦେଖି ଈର୍ଷାପରାୟଣ ହୋଇଥାଉ। କ୍ରମାଗତ ଭାବରେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଦ୍ୱାରା ଅଯୋଗ୍ୟ ବୋଲି ଅନୁଭବ ହୋଇଥାଏ।

ମନୁଷ୍ୟର ଜୀବନରେ ଆଶା ଏବଂ ଆକାଂକ୍ଷାର ଅନ୍ତ ହୁଏ ନାହିଁ। ନିଜର ଆଶା ପୂରଣ ପାଇଁ ମନୁଷ୍ୟ ସବୁବେଳେ ଇଚ୍ଛା କରିଥାଏ। ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ନିଜର ଖୁସି ପଛରେ କେତେ ଦୁଃଖ ଥାଏ ତାହା କହିଲେ ନ ସରେ। ସୋସିଆଲ ମିଡିଆରେ ଆମେ ଦେଖୁଥିବା ଦୃଶ୍ୟ ଏବଂ ଶୁଣୁଥିବା ଖବର କେତେଦୂର ସତ୍ୟ ତାହା ଜାଣିବା ମଧ୍ୟ ସମ୍ଭବ ନୁହେଁ। ମନୁଷ୍ୟ ସେହି ମିଛକୁ ସତ ଭାବି ନିଜ ଜୀବନ ଅନ୍ୟମାନଙ୍କ ସହ ତୁଳନା କରି ଈର୍ଷା ଭାବନା ଜାଗ୍ରତ କରି ନିଜକୁ ଅଭିବ୍ୟକ୍ତ କରେ। ପୂରଣ ହୋଇ ନ ଥିବା ଇଚ୍ଛା କିମ୍ବା ଅସନ୍ତୁଷ୍ଟ ଆଶା ଈର୍ଷାକୁ ବଢ଼ାଇଥାଏ । ଯଦି ଆମେ ପ୍ରେମ, ସଫଳତା କିମ୍ବା ସୁଖରୁ ବଞ୍ଚିତ ହେଉଥିବା ଅନୁଭବ କରୁ, ସେହି ଜିନିଷ ଉପରେ ଆମେ ଅସନ୍ତୋଷ ପ୍ରକାଶ କରି ଅନ୍ୟକୁ ଈର୍ଷା କରିଥାଉ। ଅନ୍ୟ ମନୁଷ୍ୟର ଆନନ୍ଦ ପ୍ରତି ଈର୍ଷା ନିଜର ଅସନ୍ତୋଷ ଏବଂ ଏହା ଏକ ବିଷାକ୍ତ ତଥା ତୁଚ୍ଛ ମାନସିକତାକୁ ବୁଝାଏ। ମଣିଷ କେବେବି ଅନ୍ୟମାନଙ୍କ ସାମ୍ନାରେ ନିଜର ଅସଲ ଚରିତ୍ର ଏବଂ ଗୁଣ ଦେଖାଇ ନ ଥାଏ, କିନ୍ତୁ ବାସ୍ତବରେ ମଣିଷର ପ୍ରକୃତି କ'ଣ ତାହା ତାକୁ ସମ୍ପୂର୍ଣ୍ଣ ଭାବରେ ଜଣା । ଯଦି ନିଜ ପାଖରେ ଦୁଇଟା କାର୍ ଅଛି ସେଥିରେ ଖୁସି ନ ହୋଇ ନିଜ ପଡ଼ୋଶୀଙ୍କ ଘରେ ଚାରିଟା କାର୍ ଥିବାରୁ ନିଜକୁ ଅସନ୍ତୋଷ ପ୍ରକାଶ କରିବା ହେଉଛି ମାନବର ଈର୍ଷାପଣ । କିନ୍ତୁ ଯଦି ଅନ୍ୟମାନଙ୍କ ଜୀବନକୁ ନିଜ ଜୀବନ ସହ ତୁଳନା ନ କରି ଅନ୍ୟମାନଙ୍କ ଖୁସିରେ ଈର୍ଷା ନ କରି, ମନୁଷ୍ୟ ଯଦି ନିଜ ପାଖରେ ଉପଲବ୍ଧ ଥିବା ଜିନିଷ ଉପରେ ଖୁସି ହୁଏ ତାହା ଏକ ସୁସ୍ଥ ଏବଂ ସୁଖମୟ ମନୁଷ୍ୟର ପରିଚୟ । ସ୍ୱୀକାର କରିବା ଯେ ଯାହା ଅନ୍ୟମାନଙ୍କ ପାଖରେ ଅଛି ତାହା ଆମ ପାଖରେ ରହିବା ସମ୍ଭବପର ନୁହେଁ। ନିଜ ମନ ଭିତରେ ଥିବା ନକାରାତ୍ମକ ଚିନ୍ତାଧାରା ଉପରେ ଧ୍ୟାନ ଦେବା ଅପେକ୍ଷା ନିଜର କାର୍ଯ୍ୟ ଏବଂ କର୍ତ୍ତବ୍ୟ ପ୍ରତି ଧ୍ୟାନ ଦେଇ ନିଜର ଶକ୍ତି ଏବଂ ସଫଳତାକୁ ସ୍ୱୀକାର କରି ନୈତିକତା ମୂଲ୍ୟବୋଧ ବଢ଼ାଇବା। ନିଜ କର୍ମ ପ୍ରତି କୌଣସି ଆଶା ନ ରଖି କର୍ତ୍ତବ୍ୟ କରିଚାଲିବା ଏବଂ ଅନ୍ୟମାନଙ୍କୁ ପରୋପକାରୀ ଚିନ୍ତାଧାରା ସହିତ ସାହାଯ୍ୟ ଓ ମଙ୍ଗଳ କାମନା କରିବା ହେଉଛି ଜଣେ ମନୁଷ୍ୟର ସଦ୍‌ଗୁଣ । କାରଣ ଯେଉଁ ବ୍ୟକ୍ତି ନିଜ କାର୍ଯ୍ୟରୁ ଇଚ୍ଛା ଏବଂ ଆଶା ରଖେନାହିଁ ଏବଂ ଗୋଟିଏ ଅସଫଳତା ପରେ ଯେଉଁ ବ୍ୟକ୍ତିର ମନ ବିଚଳିତ ହୁଏ ନାହିଁ, ଗୋଟିଏ ସଫଳତାରୁ ଆନନ୍ଦିତ ହୋଇ ଯିଏ ନିଜକୁ ସର୍ବଶ୍ରେଷ୍ଠ ନ ଭାବେ, ସେହି ବ୍ୟକ୍ତି ଜୀବନରେ ବାରମ୍ବାର ସଫଳ ହୋଇଥାଏ । ଜଗତରେ ସମସ୍ତଙ୍କର ଯାତ୍ରା ଅନନ୍ୟ, ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଏକ ବୃଥା ପ୍ରୟାସ। ଯାହା ବାହ୍ୟରୁ ସିଦ୍ଧ ମନେହୁଏ ତାହା ବାସ୍ତବତାଠାରୁ ବହୁ ଦୂରରେ ଥାଇପାରେ। ଏଣୁ ନିଜ ପଥକୁ ଗ୍ରହଣ କରିବା ସହ ସକାରାତ୍ମକ ମାନସିକତା ସୃଷ୍ଟି କରି, ଆମେ ଈର୍ଷା ଭାବନାକୁ ଦୂର କରିପାରିବା ଏବଂ ପ୍ରକୃତ ପୂର୍ଣ୍ଣତା ପାଇପାରିବା।

**ଅଳକା ମହାବିଦ୍ୟାଳୟ, ଜଗତ୍‌ସିଂହପୁର**
**ମୋ:୬୩୭୦୦୦୧୫୬୦**

## ଏଇ ଭାରତରେ

ମୁକ୍ତା ଚାଷ ସମ୍ପର୍କରେ ୫ ଦିନ ପ୍ରଶିକ୍ଷଣ ନେବା ପରେ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି ରାଜସ୍ଥାନର ଗୌରବ ପଚୌର । ଏକଥା ବିଶ୍ୱାସ କରି ହେଉ ନ ଥିଲେ ବି ସତ। ରାଜସ୍ଥାନ ଭରତପୁରରେ ଗୌରବ ମଧୁର ଜଳରେ ମୁକ୍ତାଚାଷ କରୁଛନ୍ତି। ସେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷ କରିବା ପରେ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିଲେ। ଅନେକ ଥର ପରୀକ୍ଷା ଦେଇ ସେଥିରେ ବିଫଳ ହେବା ପରେ ସେ ମୁକ୍ତା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୨ରେ ସେ ଏଥିପାଇଁ ଆଗେଇ ଆସିଥିଲେ। ଗୌରବ ପ୍ରଥମେ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଯାଇ ଏହି ଚାଷ ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେ ଓଡ଼ିଶାରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଫ୍ରେଶୱାଟର ଆକ୍ୱାକଲଚର(ସିଆଇଏଫଏ)ରେ ୫ ଦିନଆ ପ୍ରଶିକ୍ଷଣ ନେଇଥିଲେ। ସେପ୍ଟେମ୍ବର ୨୦୨୨ରେ ସେ ନିଜ ଗାଁ ଭରତପୁରରେ ୧୫୦ ଫୁଟରେ ୮୦ ଫୁଟର ଏକ ପୋଖରୀ ନିର୍ମାଣ କରି ସେଥିରେ ଦେଢ଼ ଲକ୍ଷ ଶାମୁକା ଛାଡ଼ିଥିଲେ। ଏଥିରେ ସେ ୨୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ଗୌରବ ମୁକ୍ତା ସମ୍ପର୍କରେ ଅନ୍ୟମାନଙ୍କୁ ଉତ୍ସାହିତ କରି ଅନେକଙ୍କୁ ଏହି ଚାଷରେ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୯ ନଭେମ୍ବର ୧୯୭୫**

- କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳା ଲକ୍ଷ୍ନୌଠାରେ ଦେଶର ୭ମ ଟେଲିଭିଜନ ସେଣ୍ଟରର ଉଦ୍‌ଘାଟନ କରିଛନ୍ତି।
- ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ ଘନିଷ୍ଠ ସହକର୍ମୀ ତଥା ତ୍ରିପୁରାର ପୂର୍ବତନ ପ୍ରଧାନମନ୍ତ୍ରୀ ବ୍ରଜେନ୍ଦ୍ର କିଶୋର ଦେବବର୍ମନଙ୍କ ପରଲୋକ।
- ସମ୍‌ସେଲ୍ ହକ୍ ସୋଭିଏତ୍ ୟୁନିୟନରେ ବାଂଲାଦେଶର ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| 1 | | | 2 | 9 | 7 | | 8 | |
| 5 | | | | | | 9 | | |
| | | | 8 | | | | | 3 |
| | 8 | | | 2 | | | | |
| | 9 | 5 | | | | | | 1 |
| | | 8 | | 7 | 5 | | 6 | 2 |
| | | | | | | 1 | | |
| | 7 | | | 4 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 3 | 9 | 8 | 2 | 5 | 7 |
| 9 | 5 | 7 | 1 | 2 | 4 | 3 | 8 | 6 |
| 2 | 8 | 3 | 5 | 7 | 6 | 9 | 4 | 1 |
| 7 | 2 | 9 | 4 | 6 | 1 | 8 | 3 | 5 |
| 5 | 1 | 6 | 8 | 3 | 9 | 4 | 7 | 2 |
| 3 | 4 | 8 | 2 | 5 | 7 | 6 | 1 | 9 |
| 8 | 3 | 2 | 9 | 1 | 5 | 7 | 6 | 4 |
| 6 | 9 | 5 | 7 | 4 | 3 | 1 | 2 | 8 |
| 4 | 7 | 1 | 6 | 8 | 2 | 5 | 9 | 3 |

ଗତକାଲିର ଉତ୍ତର

# ସାମୁଦ୍ରିକ ଜୈବ ସମ୍ବଳ



ଡ. ସିଦ୍ଧାର୍ଥ ପତି

ପୃଥିବୀ ପୃଷ୍ଠର ପ୍ରାୟ ୭୦% ଭାଗ ମହାସାଗରରେ ଆଚ୍ଛାଦିତ ଏବଂ ଏହା ପ୍ରାଣୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ। ତଥାପି, ସମୁଦ୍ର ଏକ ଅପେକ୍ଷାକୃତ ଅନାବିଷ୍କୃତ କ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ୫ ପ୍ରତିଶତ ସାମୁଦ୍ରିକ ପରିସଂସ୍ଥା ଏବଂ ୧ ପ୍ରତିଶତରୁ କମ୍ ଗଭୀର ମହାସାଗର ଠିକ୍ ଭାବରେ ଅନୁସନ୍ଧାନ କରାଯାଇଛି।ସମୁଦ୍ର ହେଉଛି ଅନେକ ଜୀବନ୍ତ ଏବଂ ନିର୍ଜୀବ ସମ୍ବଳର ଭଣ୍ଡାର। ଆୟୁର୍ବେଦରେ ସାମୁଦ୍ରିକ ଜୀବର ବ୍ୟବହାର ଅନେକ ଶତାବ୍ଦୀ ଧରି ଜଣାଶୁଣା। ବିଶ୍ୱାସ କରାଯାଏ ଯେ ଆୟୁର୍ବେଦର ଉତ୍ପତ୍ତି 'ସମୁଦ୍ର ମନ୍ଥନ' ରୁ ହୋଇଛି ଯେଉଁଥିରେ ଜୀବନର ଅମୃତ ଉତ୍ପାଦିତ ହୋଇଥିଲା। ସମୁଦ୍ର ମନ୍ଥନ ଏକ ଦିବ୍ୟ ଦ୍ୱନ୍ଦ୍ୱରୁ ଆରମ୍ଭ ହୋଇଥିଲା। ଅମୃତ ପାଇବା ପାଇଁ ଦେବତା ଓ ଅସୁରମାନେ ମହାସାଗରକୁ ମନ୍ଥନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମନ୍ଥନରୁ ବାହାରିଥିବା ରତ୍ନ ସବୁ ହେଉଛି ଚନ୍ଦ୍ର, ପାରିଜାତ ବୃକ୍ଷ, ଐରାବତ ହାତୀ, କାମଧେନୁ ଗାଈ, ଘୋଡ଼ା, ପଞ୍ଚଜନ୍ୟ ଶଙ୍ଖ, ଗଦା, ଲକ୍ଷ୍ମୀ, ଅପ୍ସରା, ବିଭିନ୍ନ ରତ୍ନ, ଧନ୍ୱନ୍ତରୀ, ବରୁଣ, ହଳାହଳ ବିଷ ଏବଂ ଶେଷରେ ଅମୃତର ଉତ୍ପତ୍ତି ହୋଇଥିଲା ଯାହା ମୋହିନୀଙ୍କ ଦ୍ୱାରା ଦେବତାମାନଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ଯେତେବେଳେ ମୁଁ ବଡ଼ ହେଲି ଏବଂ ସମୁଦ୍ର ବିଜ୍ଞାନ ଉପରେ ଗବେଷଣା କଲି ବିଶେଷକରି ଜୈବପ୍ରଯୁକ୍ତି ବିଦ୍ୟା ଅଧ୍ୟୟନ କଲି, ସେତେବେଳେ ଜୈବପ୍ରଯୁକ୍ତିର ବିବର୍ତ୍ତନ ସହ ସମୁଦ୍ର ମନ୍ଥନ ମଧ୍ୟରେ ଥିବା ତୁଳନାକୁ ଅନୁଭବକଲି। ଆଜି ବି ସମୁଦ୍ର ମନ୍ଥନର ବିଶେଷତ୍ୱ କାମ୍ବୋଡ଼ିଆର ପ୍ରସିଦ୍ଧ ଆଙ୍କୋର ୱାଟ୍ ବିଷ୍ଣୁ ମନ୍ଦିର, ଥାଇଲାଣ୍ଡର ସୁବର୍ଣ୍ଣଭୂମି ବିମାନବନ୍ଦର ଏବଂ ଅନ୍ୟ କେତେକ ଦେଶରେ ଦେଖିବାକୁ ମିଳେ।

ଆୟୁର୍ବେଦରେ ସାମୁଦ୍ରିକ ଜୀବଙ୍କୁ ତିନୋଟି ମୁଖ୍ୟ ବର୍ଗରେ ବିଭକ୍ତ କରାଯାଏ- ପ୍ରାଣୀ, ଉଦ୍ଭିଦ ଏବଂ ଖଣିଜ ପଦାର୍ଥ। କିଛି ସାମୁଦ୍ରିକ ଶୈବାଳ ଅସ୍ଥି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ସହ ଥାଇରଏଡ୍ ଏବଂ ପ୍ରଜନନ କାର୍ଯ୍ୟକୁ ସ୍ୱାଭାବିକ କରିବାରେ ସାହାଯ୍ୟ କରେ। ସାଧାରଣ ମୋଟାପଣରୁ ଚର୍ବି ଜମା ହେବା ସମେତ ନରମ ଫୁଲା ଚିକିତ୍ସା ପାଇଁ ସାମୁଦ୍ରିକ ଶୈବାଳ ବ୍ୟବହାର କରାଯାଉଥିବା ସୂଚନା ମିଳିଛି। ଅନେକ ବର୍ଷ ଧରି ଗଣ୍ଠି ରୋଗର ଚିକିତ୍ସା ପାଇଁ ସବୁଜ ଶାମୁକା ବ୍ୟବହୃତ ହୋଇଆସୁଛି। ବୈଜ୍ଞାନିକମାନେ ଗବେଷଣା ଦ୍ୱାରା ଦର୍ଶାଇଛନ୍ତି ଯେ, ସବୁଜ ଶାମୁକା ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଏବଂ ଗଣ୍ଠି ରୋଗର ନିରାକରଣ ନିମନ୍ତେ ବ୍ୟବହାର କରାଯାଏ। ଉପରୋକ୍ତ ଉଦାହରଣ ପ୍ରମାଣ କରେ ଯେ ସାମୁଦ୍ରିକ ସମ୍ବଳରୁ ସିଧାସଳଖ ମନୁଷ୍ୟ ଉପକୃତ ହୋଇପାରିବ। ଆଜି ପର୍ଯ୍ୟନ୍ତ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଉତ୍ସରୁ ପ୍ରାପ୍ତ ବହୁ ଔଷଧ ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ(ଏଫ୍‌ଡିଏ) ଦ୍ୱାରା ଅନୁମୋଦିତ ହୋଇଛି। ଏଗୁଡ଼ିକ ମଧ୍ୟରେ ମୋଲୁସ୍କ, ଶାମୁକା, ସାମୁଦ୍ରିକ ଜୀବାଣୁ ଏବଂ ମାଛରୁ ଉତ୍ପନ୍ନ ଉତ୍ପାଦ ଅନ୍ତର୍ଭୁକ୍ତ। ଏଥିପାଇଁ ଗବେଷକଙ୍କ ମତରେ ସାମୁଦ୍ରିକ 'ଗୁପ୍ତଧନ' ଔଷଧ ଏବଂ ଶିଳ୍ପରେ ବିପ୍ଳବ ଆଣିବା ସହିତ ସମାଜକୁ ଦିଗ୍‌ଦର୍ଶନ ଦେଇପାରିବ।

ସାମୁଦ୍ରିକ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସାମୁଦ୍ରିକ ପରିବେଶ ଅନେକ ଜୈବ ସକ୍ରିୟ ଯୌଗିକ ପ୍ରଦାନକରେ। ସେହି ଯୌଗିକଗୁଡ଼ିକ



ମଧ୍ୟରୁ ଅନେକ ଖାଦ୍ୟଶିଳ୍ପ ଦ୍ୱାରା ପ୍ରାକୃତିକ ସଂରକ୍ଷଣକାରୀ, ରଙ୍ଗକ, ଜେଲିଂ ଏଜେଣ୍ଟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବେଳେ ଅନ୍ୟଗୁଡ଼ିକ କାର୍ଯ୍ୟକ୍ଷମ ଖାଦ୍ୟ ଉପାଦାନ, ଖାଦ୍ୟ ପରିପୂରକ ଭାବରେ ବ୍ୟବହୃତ ହୋଇଥାନ୍ତି। ଏ ପର୍ଯ୍ୟନ୍ତ ଭାରତରେ ସମୁଦ୍ରରୁ ଜୈବ ସକ୍ରିୟ ଉପାଦାନଗୁଡ଼ିକର ଉପଯୋଗ ସୀମିତ ରହିଛି। ମୁଖ୍ୟତଃ ଭୌଗୋଳିକ ପରିବେଶ ପାଇଁ ସମୁଦ୍ରରେ ଜୈବ ବିବିଧତା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଅନୁସନ୍ଧାନ କରାଯାଇ ନାହିଁ।

ନୀଳ ଅର୍ଥବ୍ୟବସ୍ଥା (ବ୍ଲୁ ଇକୋନୋମି) ପ୍ରତି ସରକାରଙ୍କ ପ୍ରୋତ୍ସାହନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରି 'ସାଗରମାଳା', 'ମେରିଟାଇମ ଭିଜନ' ଦ୍ୱାରା ଭାରତ ସମୁଦ୍ରିକ ସମ୍ବଳର ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଗଭୀର ମହାସାଗର ମିଶନ ଭାରତ ସରକାରଙ୍କ ନୀଳ ଅର୍ଥବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଏକ ମିଶନ ମୋଡ୍ ପ୍ରକଳ୍ପ ଭୂବିଜ୍ଞାନ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଛି। ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ମଧ୍ୟ ଉଭୟ ସାମୁଦ୍ରିକ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି କରିବା ସହ ମୂଲ୍ୟବାନ୍ ଉତ୍ପାଦ ଏବଂ ପ୍ରକ୍ରିୟା ପାଇଁ ସାମୁଦ୍ରିକ ସମ୍ବଳର ଉପଯୋଗ ଉପରେ କାର୍ଯ୍ୟ କରୁଛି। ଭାରତରେ ମୋଟ ୭ ହଜାର କି.ମି.ରୁ ଅଧିକ ଉପକୂଳ ରହିଛି ଏବଂ ତା' ମଧ୍ୟରୁ ଓଡ଼ିଶାର ପ୍ରାୟ ୪୫୦ କି.ମି. ଉପକୂଳ ଅଛି, ଯାହା ସମୃଦ୍ଧ ଜୈବ ବିବିଧତାରେ ପରିପୂର୍ଣ୍ଣ । କୃଷି ଏବଂ ଶିଳ୍ପ କ୍ଷେତ୍ର ପରି ସମୃଦ୍ଧ ଜୈବ ବିବିଧତା ହେତୁ ହେନ୍ତାଳ ଜୈବ ସମ୍ବଳକୁ ଜୈବ ଅନୁସନ୍ଧାନ ପାଇଁ ବିବେଚନା କରାଯାଏ। ତଥାପି, କିଛି ହେନ୍ତାଳ ବଣ ଫଳ ଏପର୍ଯ୍ୟନ୍ତ କମ୍ ବ୍ୟବହୃତ ହୋଇଛି ଏବଂ ଅନେକ ଅନାବିଷ୍କୃତ ହୋଇରହିଛି।

ନିକଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଜୈବ ପ୍ରଯୁକ୍ତି ବିଭାଗର ଉଚ୍ଚ କାର୍ଯ୍ୟଦକ୍ଷତା ଜୈବ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି 'ବାୟୋ-ଇ୩ (ଅର୍ଥ ବ୍ୟବସ୍ଥା ପରିବେଶ ଏବଂ ନିଯୁକ୍ତି ପାଇଁ ଜୈବପ୍ରଯୁକ୍ତି) ନୀତି' ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଏଥିରେ ଜୈବ ବୈଷୟିକ ପ୍ରୟୋଗ ଓ ଭାରତର ସାମୁଦ୍ରିକ ଜୈବ ବିବିଧତାର ଅନ୍ୱେଷଣର ଅପାର ସମ୍ଭାବନା ସୃଷ୍ଟି ହେବା ସହିତ ସାମୁଦ୍ରିକ ଶିଳ୍ପ ବିକାଶ ପାଇଁ ସୁଯୋଗ ପ୍ରଦାନ କରିବ। ଏହା ସହ ଓଡ଼ିଶା ସରକାର ଏମିତି କାର୍ଯ୍ୟକ୍ରମ ଆରମ୍ଭ କରିପାରିବେ ଏବଂ ଗଭୀର ମହାସାଗର ମିଶନ ଅଧୀନରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଗବେଷଣା ଆରମ୍ଭ କରିବା ପାଇଁ କିଛି ପ୍ରକଳ୍ପ ଆଣିପାରିବେ ଯାହା ଦ୍ୱାରା ସାମୁଦ୍ରିକ ଜୈବ ସମ୍ବଳକୁ ସ୍ଥାୟୀ ଭାବରେ ବ୍ୟବହାର କରାଯାଇପାରିବ। ସାମୁଦ୍ରିକ ଜୈବ ସମ୍ବଳ ଉପରେ ଗବେଷଣା ଏବଂ ନବସୃଜନ ପାଇଁ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନେନ୍ସ ଭୂବିଜ୍ଞାନ ମନ୍ତ୍ରଣାଳୟରୁ ଅନୁଦାନ ହାସଲ କରିଛି। ଏବେ ଦେଖିବାକୁ ବାକି ରହିଲା କି ସେଇ ଗବେଷଣା ପ୍ରୟୋଗଶାଳାରେ ସୀମିତ ରହୁଛି ନା ସମାଜର ହିତରେ ଲାଗିପାରୁଛି। ୨୦୧୮ରେ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ (ଓଏଚ୍‌ଇପିଇଇ) ଦ୍ୱାରା ବିଶ୍ୱ ବ୍ୟାଙ୍କ ସମର୍ଥିତ ଏକ ଉତ୍କର୍ଷ କେନ୍ଦ୍ର (ସିଓଇ) ଫକିର ମୋହନ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା କରାଯାଇଥିଲା। ଏହାର ଏକ ଲକ୍ଷ୍ୟ ଥିଲା ସାମୁଦ୍ରିକ ଜୈବ ସମ୍ବଳର ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ସହ ସାମୁଦ୍ରିକ ଶିଳ୍ପକୁ ଉତ୍ସାହିତ କରିବା ଯାହା ଦ୍ୱାରା ସେହି ଗବେଷଣା ମାନବ ସମାଜ ହିତରେ ଲାଗିପାରିବ। କିନ୍ତୁ ଦୁର୍ଭାଗ୍ୟବଶତଃ ଏଯାବତ କିଛି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ମିଳିପାରିନାହିଁ।

**ଆଇୟୁସିଏନ୍ ବିଶେଷଜ୍ଞ, ବାଲେଶ୍ୱର**
**ମୋ: ୮୮୯୫୫୭୭୭୫୦**

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ

ମହାଶୟ,

ଓଡ଼ିଶାର ୫୩ ନମ୍ବର ଜାତୀୟ ରାଜପଥ ଦୂରାବସ୍ଥା ଏବଂ ନିମ୍ନମାନର କାର୍ଯ୍ୟ ଜାତୀୟ ରାଜପଥ ମନ୍ତ୍ରଣାଳୟର ବିଫଳତାର ନମୁନା ହୋଇଛି। ପ୍ରାୟ ୭ ବର୍ଷ ହେଲା ଏହି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଚୁକ୍ତିନାମା ଅନୁସାରେ କାମ ଶେଷ ହେଉ ନ ଥିଲେ ମଧ୍ୟ ଏଥି ନେଇ ବିଭାଗ ତରଫରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସାଧାରଣ ଜୀବନଯାତ୍ରା ପାଇଁ ରାସ୍ତାକୁ ଅତି କଦର୍ଯ୍ୟ କରାଯାଇଛି। ଏଥିପାଇଁ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୦୦ ଲୋକଙ୍କ ଦୁର୍ଘଟଣାରେ ମୃତ୍ୟୁହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ବହୁବାର ନୋଟିସକୁ ଠିକା ସଂସ୍ଥା ଖାତିର କରିନାହିଁ। ରାସ୍ତା କାର୍ଯ୍ୟର ଅତି ନିମ୍ନମାନର ମାଟି ଏବଂ ଆବଶ୍ୟକରୁ ଅଧିକ ବର୍ଯ୍ୟ ପାଉଁସ ବ୍ୟବହାର କରାଯାଇଛି। ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

**-ସତୀଶବିଶ୍ୱାଳ, ସଭ୍ୟ ସଡକସୁରକ୍ଷା କମିଟି, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ

ଜି.ଉଦୟଗିରି,୨୮।୧୧
(ଶିଶିର ପଟ୍ଟନାୟକ)


ଲୋକମାନେ ନିଆଁ ପୋଉଁଛନ୍ତି।

କନ୍ଧମାଳ ଜିଲା ଜି.ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ସହରରେ ଗୁରୁବାର ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ରେକର୍ଡ କରାଯାଇଥିବା ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ର ତରଫରୁ ସୂଚନା ମିଳିଛି। ସହର ଠାରୁ ଅଧିକ ଶୀତ ମୁକୁଲିଗିଁଆ, ସିରିକି, କୁର୍ମିଗିଁଆ ଆଦି ଗ୍ରାମଗୁଡିକରେ ଅନୁଭୂତ ହେଉଛି। ସେ ସବୁ ଗ୍ରାମଗୁଡିକରେ ତାପ ମାପିବା ଯନ୍ତ୍ର ନ ଥିବା ଯୋଗୁ ଠିକ ତାପମାତ୍ରା ଜଣାପଡୁନାହିଁ। ଆଜକୁ ୧୨ ଦିନ ହେବ ଜି.ଉଦୟଗିରିରେ ତାପମାତ୍ରା କମ ରହୁଥିବା ଯୋଗୁ ଜନ ଜୀବନ ପ୍ରଭାବିତ ହେଉଛି। ଗରିବ ଲୋକମାନେ ବହୁତ କଷ୍ଟ ପାଉଛନ୍ତି। ଘନ କୁହୁଡ଼ି, କୋହଲା ପବନ ଶୀତକୁ ଦ୍ୱିଗୁଣିତ କରିଦେଉଛି। ସର୍ବୋଚ୍ଚ ତାପମାତ୍ରା ୨୪ ଡିଗ୍ରୀ ରହୁଥିବା ଯୋଗୁ ଦିନସାରା ଶୀତ ଅନୁଭୂତ ହେଉଛି। ନିରାଶ୍ରୟମାନଙ୍କ ପାଇଁ ଏନ୍ଏସି ତରଫରୁ ଏକ ରାତ୍ରିକାଳୀନ ଆଶ୍ରୟସ୍ଥଳୀ ଖୋଲାଯାଇଛି। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଘରୁ ପଦାକୁ ବାହାରି ହେଉନାହିଁ । ଅନ୍ୟପଟେ ଶୀତ ଲାଗି ରହୁଥିବାରୁ ଘରେ ଘରେ ଲୋକମାନେ ଥଣ୍ଡା, କାଶ ଆଦିରେ ଆକ୍ରାନ୍ତ ହେଉଛନ୍ତି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଚାରିପାଖେ ବସୁଥିବା ଦେଖାଯାଇଛି।

## ଅସଲି ରାଜା ଆସିଲେ, ଡୁପ୍ଲିକେଟ ରାଜା ପଳେଇଲେ

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)

ବିଧାନସଭାରେ ଓଡ଼ିଶା ସାମଗ୍ରୀ ଓ ସେବା ଟିକସ(ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪ ଉପରେ ଆଲୋଚନା ଚାଲିଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଲ୍ ଉପରେ ଉତ୍ତର ରଖୁଥାଆନ୍ତି। ଏହି ଅବସରରେ ପୂର୍ବରୁ ଗୃହରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ) ଉଠାଇଥିବା କିଛି ବିଷୟ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହୁଥାଆନ୍ତି। ଏତିକିବେଳେ ରଣେନ୍ଦ୍ର ପ୍ରତାପଙ୍କୁ ମୁଖ୍ୟମନ୍ତ୍ରୀ କହିଲେ, ଆପଣ ବିଲ୍ ଉପରେ ଆଲୋଚନା କରି ଗୃହରୁ ଚାଲିଗଲେ। ଏହିସମୟରେ ଅସଲ ରାଜା(କନକ ବର୍ଦ୍ଧନ ସିଂ ଦେଓ) ଗୃହରେ ପଶିଲେ। ମୋ ପାଖରେ ବସିକି କହିଲେ, ଅସଲ ରାଜା ଆସିଲେ, ଡୁପ୍ଲିକେଟ ରାଜା ବାହାରି ଚାଲିଗଲେ। ଏକଥା ଶୁଣି ରଣେନ୍ଦ୍ର ପ୍ରତାପଙ୍କଠାରୁ ଆରମ୍ଭ କରି ଅନ୍ୟ ସଦସ୍ୟମାନେ ହସି ଉଠିଥିଲେ।

# ‘ସଂରକ୍ଷା’ ମୋବାଇଲ ଆପ୍ ଆରମ୍ଭ କଲା ଭାରତୀୟ ରେଳ

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)




ଭାରତୀୟ ରେଳପଥ ପକ୍ଷରୁ ଗୁରୁବାର ‘ସଂରକ୍ଷା’ ମୋବାଇଲ ଆପ୍ଲିକେଶନର ଶୁଭାରମ୍ଭ କରାଯାଇଛି। ଏହି ଆପ୍ ଭାରତୀୟ ରେଳର ଫ୍ରଣ୍ଟଲାଇନ ସୁରକ୍ଷା ବର୍ଗର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ମାଧ୍ୟମରେ ରେଳ ସୁରକ୍ଷାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ରେଳପଥ ବୋର୍ଡର (ଅପରେଶନ୍ସ ଆଣ୍ଡ ବିଜ୍‌ନେସ୍ ଡେଭଲପମେଣ୍ଟ) ସଦସ୍ୟ ରବିନ୍ଦର ଗୋୟଲ ସମସ୍ତ ରେଳମଣ୍ଡଳର ରେଳପଥ ପ୍ରବନ୍ଧକ, ଜୋନାଲ ରେଳପଥର ପ୍ରମୁଖ ପରିଚାଳନା ପ୍ରବନ୍ଧକ, ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଓ ଭାରତୀୟ ରେଳର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ମୋବାଇଲ ଆପ୍ଲିକେଶନକୁ ଭର୍ଚୁଆଲରେ ଲୋକାର୍ପଣ କରିଥିଲେ। ଦକ୍ଷିଣ-ପୂର୍ବ-କେନ୍ଦ୍ରୀୟ ରେଳପଥର ନାଗପୁର ରେଳମଣ୍ଡଳର ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ୨୦୧୩ ବ୍ୟାଚ୍‌ର ଆଇଆର୍‌ଟିଏସ୍ ଅଧିକାରୀ ଦିଲୀପ ସିଂ ଏହାକୁ ଡିଜାଇନ କରିଛନ୍ତି। ଏହି ଅବସରରେ ନାଗପୁର ଡିଭିଜନର ମଣ୍ଡଳ ରେଳପଥ ପ୍ରବନ୍ଧକ ନମିତା ତ୍ରିପାଠୀ ପାଇଲଟ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରେଳମଣ୍ଡଳରେ ସୁରକ୍ଷା ବୃଦ୍ଧି କରାଇବାରେ ଏହା କିପରି ଉପଯୋଗୀ ପ୍ରମାଣିତ ହୋଇଛି ସେ ବିଷୟରେ କହିଥିଲେ। ବର୍ତ୍ତମାନ ସମସ୍ତ ଜୋନାଲ ରେଳପଥରେ ଏହି ଆପ୍ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୬ଟି ରେଳମଣ୍ଡଳରେ ପରୀକ୍ଷାମୂଳକ ଭିତ୍ତିରେ ଏହାର ରୋଲ ଆଉଟ୍ ହେବ। ଏହି ଆପ୍ଲିକେଶନ ରେଳ କର୍ମଚାରୀଙ୍କ ତାଲିମ ଓ ଦକ୍ଷତା ବିକାଶ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭବିଷ୍ୟତରେ ସୂଚନା ପ୍ରଯୁକ୍ତିବିଦ୍ୟା, ଡାଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସମ୍ଭାବ୍ୟ ଲାଭ ସହିତ ଭାରତୀୟ ରେଳପଥର ବୈଷୟିକ ଜ୍ଞାନକୁ ଏକତ୍ରିତ କରୁଥିବାବେଳେ ଏଥିରେ ସ୍ମାର୍ଟ ଲର୍ନିଂ ଏବଂ ଫିଡବ୍ୟାକ ମେକାନିଜମ୍ ଭଳି ବୈଶିଷ୍ଟ୍ୟ ରହିଛି, ଯାହା ମଲ୍ଟି ଲେଭଲ, ରିଅଲ ଟାଇମ ଫିଡ୍‌ବ୍ୟାକ ଓ ମନିଟରିଂକୁ ସକ୍ଷମ କରିଥାଏ ବୋଲି ସୂଚନା ଦିଆଯାଇଛି।

# ବାତ୍ୟା ପ୍ରଭାବରେ ଓଡ଼ିଶାରେ ୨ଦିନ ବର୍ଷା

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଘନୀଭୂତ ହେଉଥିବାବେଳେ ଶୁକ୍ରବାର ବାତ୍ୟାର ରୂପ ନେବ। ଏହା ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ହେଉଥିବାବେଳେ ଓଡ଼ିଶାର କିଛି ସ୍ଥାନରେ ଆସନ୍ତା ୨ଦିନ ବର୍ଷା ହେବାର ଆଶଙ୍କା ରହିଛି। ତେବେ ବୁଧବାର ରାତିରୁ ରାଜ୍ୟରେ କୁହୁଡ଼ି ସହ କୋହଲା ପାଗ ଲାଗି ରହିଥିବାରୁ ବିଶେଷକରି ଚାଷୀକୁଳ ବର୍ଷାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଗୁରୁବାର କନ୍ଧମାଳର କିଛି ସ୍ଥାନରେ ପ୍ରବଳ କୁହୁଡ଼ି ପଡ଼ିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଓ କଳାହାଣ୍ଡି ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାର ପୁରୀ, ଗଞ୍ଜାମ ଓ ଗଜପତି ଆଦି ଜିଲାର କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବାବେଳେ ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ। ୩୦ ଓ ୧ ତାରିଖରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ବର୍ଷା ହୋଇପାରେ। ଏହାସହ ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଘଟିଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ହୋଇଛି। ଗୁରୁବାର ଯାଜପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୧.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୮.୫ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୪ଦିନ ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ଓ ୨ ତାରିଖଠାରୁ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ପ୍ରତି ଜିଲାରେ ମୁକ୍ତାକାଶ ଜେଲ ନିର୍ମାଣ କର

## ହାଇକୋର୍ଟରେ ଜେଲ ସଂସ୍କାର ମାମଲା

କଟକ,୨୮।୧୧ (କାର୍ତ୍ତିକ ସାହୁ)

ପ୍ରତି ଜିଲାରେ ଗୋଟିଏ ଲେଖାଏ ମୁକ୍ତାକାଶ ଜେଲ ନିର୍ମାଣ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁବାର ଆଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଜେଲ ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ଆଧାରରେ ଏପରି ଆଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ୧ ସପ୍ତାହ ମଧ୍ୟରେ ସବିଶେଷ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଏଥିସହ ଅନ୍ୟ ରାଜ୍ୟର ମୁକ୍ତାକାଶ ଜେଲ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ହାଇକୋର୍ଟ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେଲ ସଂସ୍କାର ପାଇଁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ରାଜ୍ୟ ସରକାର ଦାଖଲ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ଏଥିପାଇଁ ୱେବ୍‌ବେସ୍‌ଡ ଡାଟା ନିମନ୍ତେ ଜେଲ ବିଭାଗ ଏବଂ ଏନ୍ଆଇସି ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ରାଜ୍ୟରେ କଏଦୀଙ୍କ ଏଆଇ ସଂଯୋଗୀକୃତ ୱେବ୍‌ବେସ୍‌ଡ ଡାଟା ତିଆରି ହେବ ବୋଲି ମଧ୍ୟ ସତ୍ୟପାଠରେ ଦର୍ଶାଯାଇଛି। ପୂର୍ବରୁ ହାଇକୋର୍ଟ ଜେଲ୍ ସଂସ୍କାର ମାମଲାର ଶୁଣାଣି କରି ଜେଲ୍‌ରେ ଅନ୍ତେବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଖାଦ୍ୟ, ବସ୍ତ୍ର, ପାଇଖାନା, ଗାଧୁଆଘର, ପାନୀୟଜଳ ଏବଂ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉଛି କି ନାହିଁ ସେ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ଜେଲ୍ ସଂସ୍କାର ସମ୍ପର୍କିତ ମାମଲାରେ ପୂର୍ବରୁ ହାଇକୋର୍ଟ ଜେଲ୍‌ରୁ ଭିଡ଼ କମାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟରେ ଯେଉଁଠି ନୂଆ ଜେଲ୍ କରାଯାଉଛି ସେଠାରେ ଏକାସାଙ୍ଗେ ପାଚେରି ତିଆରି କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ଏଥିସହିତ ମାସକୁ ମାସ ଜେଲ୍‌ରେ ବିଚାରାଧୀନ କଏଦୀଙ୍କୁ କର୍ତ୍ତୃପକ୍ଷ କିପରି ବ୍ୟବହାର କରୁଛନ୍ତି ସେ ସମ୍ପର୍କରେ ଅବଗତ କରାଇବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ସେହିପରି ପ୍ରତି ଜେଲରେ ବିଚାରାଧୀନ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗକୁ ଆଦେଶ ଦେଇଥିଲେ। ଜେଲରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ସହ ପଦକ୍ଷେପ ନେବାକୁ ହାଇକୋର୍ଟ ଗୃହ ବିଭାଗକୁ ଆଦେଶ ଦେଇଥିଲେ।

## ୧୯୮୪ ଟିଜିଟି କଳାରୁ ୪୯୬ ପଦବୀ ଓଡ଼ିଆ ପାଇଁ ଉଦ୍ଦିଷ୍ଟ

ଭୁବନେଶ୍ୱର,୨୮।୧୧
(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ କଲେଜରେ ଥିବା ୧୯୮୪ ଟିଜିଟି (କଳା) ପଦବୀ ମଧ୍ୟରୁ ୪୯୬ଟି ପଦବୀ କେବଳ ଟିଜିଟି (ଓଡ଼ିଆ) ପାଇଁ ଉଦ୍ଦିଷ୍ଟ ରହିଛି। ଏନେଇ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଟିଜିଟି(କଳା) ସହିତ ସମାନ ବେତନ ହାରରେ ଏହି ପଦବୀ ପାଇଁ ବେତନ ସ୍ଥିର କରାଯାଇଛି। ଟିଜିଟି (ଓଡିଆ) ପଦବୀ ଟିଜିଟି (କଳା)ର ଏକ ଉପ-ବର୍ଗ ହେବ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି।

# ସୋମ୍‌ଙ୍କ ହାତରୁ ଦ୍ୱିତୀୟ ପର୍ଯ୍ୟାୟରେ କଢ଼ାଗଲା ଟ୍ୟୁମର

## ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୨୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଗୁରୁବାର ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକ ଅଞ୍ଚଳର ସୋମ୍ ସିଂ(୪)ଙ୍କ ହାତରୁ ପ୍ରାୟ ୧ କେଜି ଓଜନର ଟ୍ୟୁମର କଢ଼ାଯାଇଛି। ଭରତ ସିଂ ଓ ଜ୍ୟୋତି ସିଂଙ୍କ ପୁଅ ସୋମ୍‌ଙ୍କ ଡାହାଣ ହାତରେ ମାଂସ ବଢ଼ି ହାତ ବଡ଼ ହେବାରେ ଲାଗିଥିଲା। ଏପରି କି ମାଂସ ବଢି କାନ୍ଧ ସମେତ ଛାତିକୁ ମାଡ଼ି ଯାଇଥିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ଶିଶିର ସାହୁ ଜାଣିବା ପରେ ସୋମ୍‌ଙ୍କୁ ତାଙ୍କ ମା’ ବାପାଙ୍କ ସହାୟତାରେ ଏସ୍‌ସିବି ମେଡିକାଲ ଆଣିଥିଲେ। ସେଠାରେ ଗତ ଅକ୍ଟୋବର ୧୭ରେ ଅସ୍ତ୍ରୋପଚାର କରାଯାଇ ସୋମ୍‌ଙ୍କ ହାତରୁ ପ୍ରାୟ ୨ କେଜି ଓଜନର ଟ୍ୟୁମର କଢ଼ାଯାଇଥିଲା। ହେଲେ ଆଉ କିଛି ଅଂଶ ରହିଥିଲା। ପ୍ଲାଷ୍ଟିକ୍ ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ୪ ଜଣିଆ ଡାକ୍ତରୀ ଟିମ୍ ଗୁରୁବାର ପ୍ରାୟ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରି ଉକ୍ତ ଟ୍ୟୁମର ବାହାର କରିଛନ୍ତି। ଏ ସମ୍ପର୍କରେ ଡା. ନାୟକ କହିଛନ୍ତି, ଏହି ରୋଗକୁ ଭାସ୍‌କୁଲାରମାଲ୍‌ଫର୍‌ମେଶନ୍ କୁହାଯାଏ। ଏଥିରେ ମାଂସ ବଢ଼ିବା ସହ ରକ୍ତନଳୀକୁ ମାଡ଼ିଯାଇଥାଏ। ଏହି ଅସ୍ତ୍ରୋପଚାର ଆମ ପାଇଁ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ ସଫଳ ହୋଇଛି। ଏବେ ସୋମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆସନ୍ତା ୧ ସପ୍ତାହ ପର୍ଯ୍ୟନ୍ତ ତାଙ୍କୁ ଅବ୍‌ଜରଭେଶନରେ ରଖାଯିବ ବୋଲି ନାୟକ କହିଛନ୍ତି।

# ୧୧ ଜଣଙ୍କୁ ବାଦ୍ ଦେବାକୁ ଓପିଏସ୍‌ସିର ଆବେଦନ

## ହାଇକୋର୍ଟରେ ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ମାମଲା

କଟକ,୨୮।୧୧ (କାର୍ତ୍ତିକ ସାହୁ)

ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାକୁ ନେଇ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ଏକ ନୂଆ ଆବେଦନ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟରେ ଦାଖଲ କରିଥିବା ସଂଶୋଧିତ ମେଧା ତାଲିକାରେ ନିଯୁକ୍ତି ପାଇଁ ସୁପାରିସ କରିଥିବା ୧୭୧ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କୁ ବାଦ୍ ଦେବାକୁ ଓପିଏସ୍‌ସି ଆବେଦନରେ ଦର୍ଶାଇଛି। ଯେଉଁ ୧୧ ଜଣଙ୍କ ନାମ ସଂଶୋଧିତ ମେଧା ତାଲିକାରୁ ବାଦ୍ ଦେବାକୁ ଓପିଏସ୍‌ସି ଅପିଲ୍ କରିଛି, ସେମାନେ ପୂର୍ବରୁ ନିଯୁକ୍ତି ପାଇ ଏବେ ଚାକିରିରେ ଅଛନ୍ତି। ଗୁରୁବାର ମାମଲାର ଶୁଣାଣିବେଳେ ଓପିଏସ୍‌ସି ସଚିବଙ୍କ ପକ୍ଷରୁ ୧୧ ଜଣଙ୍କୁ ବାଦ୍ ଦେଇ ପୁଣି ଏକ ସଂଶୋଧିତ ମେଧା ତାଲିକା ସହ ଅପିଲ୍ ପିଟିଶନ୍ ଦାଖଲ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନ ଉପରେ ଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାନୁସାରେ, ପୂର୍ବରୁ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ସଂଶୋଧିତ ମେଧା ତାଲିକା ଅପ୍‌ଲୋଡ୍ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର ତାହା ଏଯାଏ ସର୍ବସାଧାରଣ ହୋଇ ନ ଥିବାରୁ ଆସନ୍ତା ମଙ୍ଗଳବାର ସୁଦ୍ଧା ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ହାଇକୋର୍ଟ ସଚିବଙ୍କୁ ଆଦେଶ ଦେଇଛନ୍ତି। ସେହିପରି କେଉଁ ପରିସ୍ଥିତିରେ ସଂଶୋଧିତ ମେଧା ତାଲିକା ଜାରି କରାଯାଇଛି, ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ପ୍ରଥମ ମେଧା ତାଲିକାରେ ଚାକିରି ପାଇଥିବା ଡେଣ୍ଟାଲ୍ ସର୍ଜନଙ୍କ ତଥ୍ୟ ହାଇକୋର୍ଟରେ ଦାଖଲ କରିବାକୁ ଅଦାଲତ ସଚିବଙ୍କୁ ଆଦେଶ ଦେଇଥିଲେ।
















## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସ୍କୁଲ କମିଟି ଗଠିତ

ଆଗରପଡ଼ା,୨୮।୧୧(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ବିଟିପୁର ପଞ୍ଚାୟତରେ ସରପଞ୍ଚ ସୁଭଦ୍ରା ସିଂହଙ୍କ ନେତୃତ୍ୱରେ ଗୁରୁବାର ପଞ୍ଚାୟତସ୍ତରୀୟ ସ୍କୁଲ କମିଟି ଗଠିତ ହୋଇଛି। ଏଥିରେ ସିଆରସିସି ନିରଞ୍ଜନ ଖିଲାର, ପିଇଓ ବିଭୁଦତ୍ତ ପାତ୍ର, ନାଏବ ସରପଞ୍ଚ ରମାକାନ୍ତ ବାରିକ, ପଞ୍ଚାୟତର ସମସ୍ତ ସ୍କୁଲ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୱାର୍ଡସଭ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ସରପଞ୍ଚ ସିଂହଙ୍କୁ ସଭାପତି ରୂପେ ଚୟନ କରାଯାଇଥିବା ବେଳେ ଉପସଭାପତି ନାଏବ ସରପଞ୍ଚ ଏବଂ ଆବାହକ ଭାବେ ପିଇଓ ପାତ୍ର ମନୋନୀତ ହୋଇଛନ୍ତି। ଏହି କମିଟି ୨୨ଜଣଙ୍କୁ ନେଇ ଗଠିତ ହୋଇଛି। ଆଗକୁ ସ୍କୁଲ ପରିଚାଳନା କମିଟି ଗଠନ ହେବ ବୋଲି କୁହାଯାଇଛି। ସରପଞ୍ଚଙ୍କ ପ୍ରତିନିଧି ସପନ କୁମାର ସିଂହ ପରିଚାଳନା କରିଥିଲେ।

## ଶିଳାନ୍ୟାସକୁ ବର୍ଷେ ପୂରିଗଲାଣି
# ମୁଠାଏ ବାଲି ବି ପଡ଼ିନି

**ଫଳକରେ ସୀମିତ ଆମ ବସ୍‌ଷ୍ଟାଣ୍ଡ**
- ବସ୍‌ଷ୍ଟାଣ୍ଡ ଜାଗା ପାଲଟିଛି ଅଳିଆ ଗଦା
- ତିହିଡ଼ି ବଜାରରେ ଗୁରୁତର ହେଉଛି ଟ୍ରାଫିକ ସମସ୍ୟା





ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଲାଗିଥିବା ଫଳକ। ବସ୍‌ଷ୍ଟାଣ୍ଡ ହେବାକୁ ଥିବା ଡାକବଙ୍ଗଳା ଜାଗାରେ ଅଳିଆ ଗଦା ହୋଇଛି।

ତିହିଡ଼ି,୨୮।୧୧(ସଞ୍ଜିତ ବଳ)

ତିହିଡ଼ିରେ ଆରମ୍ଭ ହୋଇପାରୁନି ଆମ ବସ୍‌ଷ୍ଟାଣ୍ଡ। ଶିଳାନ୍ୟାସକୁ ଏହାମଧ୍ୟରେ ବର୍ଷେ ପୂରି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୋଇ ଫଳକରେ ସୀମିତ ରହିଛି। ଏଯାଏ ମୁଠାଏ ବାଲି ବି ପଡ଼ିନାହିଁ। ଅପରପକ୍ଷେ ବସ୍‌ଷ୍ଟାଣ୍ଡ ପାଇଁ ଉଦ୍ଦିଷ୍ଟ ଜାଗା ଏବେ ଅଳିଆ ଗଦା ପାଲଟିଛି। ବସ୍‌ଷ୍ଟାଣ୍ଡ ଜାଗା ସ୍ଥାନୀୟ ଦୋକାନୀମାନଙ୍କ ଅଳିଆ ଗଦାରେ ପରିପୂର୍ଣ୍ଣ ହେବାରେ ଲାଗିଛି। ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍‌ଗୁଡ଼ିକ ରାସ୍ତା ଉପରେ ରହିବାକୁ ବାଧ୍ୟ ହେଉଛି। ଫଳରେ ତିହିଡ଼ି ବଜାରରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ପ୍ରକାଶ ଯେ, ତିହିଡ଼ି ବଜାର ମଧ୍ୟସ୍ଥଳରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଡାକବଙ୍ଗଳା ଜାଗାରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ସ୍ଥିର ହୋଇଥିଲା। ତିହିଡ଼ିରେ ଡାକବଙ୍ଗଳାର ଯଥେଷ୍ଟ ଆବଶ୍ୟକତା ଥିବାରୁ ତିହିଡ଼ି କଲେଜଠାରୁ କିଛି ଦୂରରେ ଥିବା ସରକାରୀ ଜାଗାରେ ଡାକବଙ୍ଗଳା ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୩ ଅଗଷ୍ଟରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ୬ କୋଟି ୩୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରିଥିଲେ। ଏହାର ନିର୍ମାଣ ଦାୟିତ୍ୱ ଭୁବନେଶ୍ୱରର ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ୍ ୱେଲଫେୟାର କର୍ପୋରେଶନ ଉପରେ ନ୍ୟସ୍ତ କରାଯାଇଥିଲା। ଗତ ଅଗଷ୍ଟରେ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ତିହିଡ଼ି ଆସି ଏହାର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ଅତିରିକ୍ତ ସଚିବଙ୍କ ସହ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନୁଧ୍ୟାନ ପରେ ଅତିରିକ୍ତ ସଚିବ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହାମଧ୍ୟରେ ୩ମାସ ବିତିଯାଇଥିଲେ ହେଁ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଡାକବଙ୍ଗଳା ନିର୍ମାଣ ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିପଦସଙ୍କୁଳ ଡାକବଙ୍ଗଳା ନୂଆ ରୂପରେଖ ପାଇବା ଆଶା ନେଇ କେବଳ ମୂକସାକ୍ଷୀ ହୋଇ ରହିଛି। ବସ୍‌ଷ୍ଟାଣ୍ଡ ନ ଥିବାରୁ ବିଭିନ୍ନ ଗ୍ରାମାଞ୍ଚଳକୁ ଯାତାୟାତ କରୁଥିବା ସରକାରୀ ବସ୍ ସବୁ ରାତ୍ରି ରହଣି ପାଇଁ ଜାଗା ନ ପାଇ ରାସ୍ତାପାର୍ଶ୍ୱରେ ରହୁଛି। ଏହାବ୍ୟତୀତ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ବସ୍ ସବୁ ରାସ୍ତା ଉପରେ ରହି ଯାତ୍ରୀ ଓହ୍ଲାଇବା ଓ ନେବା କାର୍ଯ୍ୟ କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ବସ୍‌ଷ୍ଟାଣ୍ଡ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ଉମ୍ବରୁଧର ମଣ୍ଡଳଙ୍କୁ ପଚାରିବାରୁ ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି କହିଛନ୍ତି।

## ସ୍କୁଟି ଉପରେ ମାଡ଼ିଗଲା ବସ୍



ବସ୍ ତଳେ ଚାପି ହୋଇ ରହିଛି ସ୍କୁଟି।

ଭଦ୍ରକ,୨୮।୧୧(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗେଲପୁରଠାରେ ଗୁରୁବାର ପୂର୍ବାହ୍ନରେ ଏକ ବସ୍ ପଛକୁ ଫେରୁଥିବା ବେଳେ ପଛପଟୁ ଆସୁଥିବା ସ୍କୁଟି ଉପରେ ମାଡ଼ିଯାଇଛି। ସ୍କୁଟିରେ ଥିବା ଭଉଣୀଭାଇ ୨ଜଣ ସାଇଡ଼କୁ ପଡ଼ିଯିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଭଉଣୀଭାଇ କୌଣସି କାମରେ ସ୍କୁଟିରେ ଭଦ୍ରକ ଜିଲାର ତିହିଡ଼ିକୁ ଆସୁଥିଲେ। ଗେଲପୁର ଛକ ନିକଟରେ ଆସୁଥିବା ବେଳେ ସାମ୍ନାରୁ ବସ୍‌ଟି ସେଠାରେ ପଛକୁ ଫେରୁଥିବା ବେଳେ ସ୍କୁଟି ଆରୋହୀଙ୍କୁ ଦେଖି ନ ପାରି ମାଡ଼ିଯାଇଥିଲା। ସ୍କୁଟିଟି ବସ୍ ତଳେ ରହିଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ହୋହଲ୍ଲା କରିବା ସହ ବସ୍‌କୁ ଅଟକାଇଥିଲେ। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ସ୍କୁଟି ଆରୋହୀ ଓ ବସ୍‌କୁ ଥାନାକୁ ନେଇଥିଲା। ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଆପୋଷ ସମାଧାନ ହୋଇଥିବା ଜଣାଯାଇଛି।

## ସେବକଙ୍କ ପାଇଁ ସ୍ମାଇଲ କ୍ଲବ୍

ଚାନ୍ଦବାଲି,୨୮।୧୧(କିଷାନ ପାତ୍ର)

ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଆସୁଥିବା ସାମାଜିକ କର୍ମୀ, ସଂସ୍କାରକ, ସାମାଜିକ ନ୍ୟାୟ ଆନ୍ଦୋଳନର କାର୍ଯ୍ୟକର୍ତ୍ତା ସେମାନଙ୍କ ଜୀବନରେ ବହୁ ହତାଶ ଏବଂ ହନ୍ତସନ୍ତ ହେବାର ନଜିର ରହିଛି। ଫଳରେ ସମାଜ ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବନା ନେଇ କାମ କରିବାକୁ ବ୍ୟକ୍ତିଙ୍କ ମନରେ ଆଗ୍ରହ ସୃଷ୍ଟି ହେବା ଦିନକୁ ଦିନ କମିବାରେ ଲାଗିଛି। ଏଥିପାଇଁ ସମସ୍ତ ସାମାଜିକ କର୍ମୀଙ୍କ ବିପଦରେ ଠିଆ ହେବାକୁ ଖୁସିର ଦୂତ ସ୍ମାଇଲ କ୍ଲବ୍ ଗଠିତ ହୋଇଛି। ଚାନ୍ଦବାଲି ବ୍ଲକର ଏହି କ୍ଲବ୍‌କୁ ମୁଖ୍ୟଅତିଥି ଭାବେ ତହସିଲଦାର ଭବତୋଶ ମଲ୍ଲିକ ଏବଂ ଅନ୍ୟତମ ଅତିଥି ଆଇଆଇସି ପଞ୍ଚାନନ ମହାନ୍ତି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ବାତ୍ୟା 'ଦାନା' ସମୟରେ ପ୍ରଶାସନ ସହ ହାତ ମିଳାଇ ଏହି ଅନୁଷ୍ଠାନ ଅନେକ କାର୍ଯ୍ୟ କରି ଚାନ୍ଦବାଲି ଅଞ୍ଚଳରେ ଚର୍ଚ୍ଚିତ ହୋଇଥିବାରୁ ଅତିଥିମାନେ ସଦସ୍ୟମାନଙ୍କୁ ପ୍ରଶଂସା କରିବା ସହ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।




ସ୍ମାଇଲ୍ କ୍ଲବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ବୈତରଣୀ ସୁରକ୍ଷା ବନ୍ଧ ଧସିଲା



ଚାନ୍ଦବାଲି ,୨୮।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ମୁଆଁ ଘାଟରୁ ବୋଡ଼କ ରାସ୍ତା ପର୍ଯ୍ୟନ୍ତ ଯାଇଥିବା ବୈତରଣୀ ନଦୀର ସୁରକ୍ଷା ବନ୍ଧ ଗୁରୁବାର ମଧ୍ୟାହ୍ନରେ ପ୍ରାୟ ଶହେ ଫୁଟ୍ ଧସିଯାଇଛି। ଏଥିସହ ବନ୍ଧ ସାରା ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ଯାଜପୁର ଜଳ ସମ୍ପଦ ବିଭାଗ ଅଧୀନରେ ଏହି ଲୁଣା ବନ୍ଧ ରହିଛି। ବାତ୍ୟା 'ଦାନା' ସମୟରେ ଅତ୍ୟଧିକ ଜୁଆର ମାଡ଼ ଫଳରେ ମୁଆଁ ଗାଁ ନିକଟରେ ବନ୍ଧ ଦୁର୍ବଳ ହୋଇପଡ଼ିଛି। ପ୍ରାୟ ୨ରୁ ୩ ବର୍ଷ ତଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ଲୁଣାବନ୍ଧ ନିର୍ମାଣ କରାଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ବନ୍ଧ କାର୍ଯ୍ୟ ଶେଷ ମଧ୍ୟ ହୋଇନାହିଁ। ତୁରନ୍ତ ମରାମତି କରା ନ ଗଲେ ଧସିଥିବା ସ୍ଥାନରେ ଘାଇ ହେବା ସହ ଚାଷଜମିକୁ ପାଣି ମାଡ଼ିଯିବାର ଆଶଙ୍କା ରହିଛି। ଏଣୁ ସୁରକ୍ଷାବନ୍ଧ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## 'ଏବେର ଶିକ୍ଷା ବ୍ୟବସ୍ଥା ମଣିଷ ତିଆରିରୁ ଦୂରେଇ ଯାଇଛି'

ଭଦ୍ରକ,୨୮।୧୧(ରବିନାରାୟଣ ଖିଲାର)

ଶିକ୍ଷା ବ୍ୟକ୍ତି ଗଠନ ତଥା ମଣିଷର ସର୍ବାଙ୍ଗୀନ ଉନ୍ନତି ସାଧନରେ ସହାୟକ ହୋଇଥାଏ। ଏହାଦ୍ୱାରା ଶିଶୁଟିଏ ଭବିଷ୍ୟତରେ ସଫଳ ନାଗରିକ ହେବା ସହ ବ୍ୟକ୍ତିତ୍ୱରେ ମାନବିକ ମୂଲ୍ୟବୋଧ ଫୁଟି ଉଠେ। ମାତ୍ର ଏବେର ଶିକ୍ଷା ବ୍ୟବସ୍ଥା କେବଳ ଡିଗ୍ରୀ ପ୍ରଦାନ ସହ ବ୍ୟାବସାୟିକ ହୋଇ ମଣିଷ ତିଆରିଠାରୁ ଦୂରେଇ ଯାଇଛି ବୋଲି ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଦ୍ୱାଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। 'ଆଜିର ଶିକ୍ଷା ବ୍ୟବସ୍ଥା ମଣିଷ ତିଆରିରେ କେତେ ସଫଳ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କମିଟିର ଉପଦେଷ୍ଟା ଶିକ୍ଷାବିତ୍ ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ନାଟ୍ୟକାର, କବି ଓ ଅଧ୍ୟାପକ ରମାକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ସିଆର୍‌ସିସି ସରୋଜ କୁମାର ଓଝା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ଓ ସଂଯୁକ୍ତା ଯାଦବ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବୟିତ୍ରୀ ମମତା ଦାଶ, ସଂଯୁକ୍ତା ବଳ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ବିଶ୍ୱମ୍ଭର ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଦେଇଥିଲେ। କବୟିତ୍ରୀ ଦମୟନ୍ତୀ ରାଉତ କୁଇଜ୍ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ସ୍ୱାଗତ ସଙ୍ଗୀତ ଗାଇଥିଲେ। ମହୋତ୍ସବ କମିଟି ସଭାପତି ଇଂ. ଅଭୟ ସୂତାର, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର ସଂଯୋଜନା ଓ ପରିଚାଳନା କରିଥିଲେ।

## ଘରେ ଗଚ୍ଛିତ ଚୋରା କୋଇଲା ଜବତ, ଜଣେ ଗିରଫ

ଭଦ୍ରକ,୨୮।୧୧(ସନାତନ ରାଉତ)



ଜବତ ଟ୍ରକ୍ ସହ ଗିରଫ ଅଭିଯୁକ୍ତ।

ଭଦ୍ରକ ଜିଲା ସାବରଙ୍ଗ ପୋଲିସ ବୁଧବାର ଏକ ଘରେ ଗଚ୍ଛିତ ଥିବା ଚୋରା କୋଇଲା ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସାବରଙ୍ଗ ଥାନା ଅଧୀନ ପରୀବିନ୍ଧା ଗ୍ରାମର ଘନଶ୍ୟାମ ପ୍ରଧାନ। ଏନେଇ ସାବରଙ୍ଗ ଥାନାରେ ଏକ ମାମଲା (ନଂ.୩୦୬/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ପରୀବିନ୍ଧା ଗ୍ରାମର ଏକ ଘରେ ୧୨୦ କୁଇଣ୍ଟାଲ ବେଆଇନ କୋଇଲା ଗଚ୍ଛିତ ଥିବା ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ସେଠାରେ ପୋଲିସ ଚଢ଼ାଉ କରି ଚୋରା କୋଇଲା ଗଚ୍ଛିତ ରଖିଥିବା ଅଭିଯୋଗରେ ଉକ୍ତ ଗ୍ରାମର ଘନଶ୍ୟାମଙ୍କୁ ଗିରଫ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। କୋଇଲା ଚାଲାଣରେ ବ୍ୟବହାର ହେଉଥିବା ଏକ ଟ୍ରକ୍‌କୁ ଜବତ କରି ଥାନାକୁ ନିଆଯାଇଥିବା ଥାନାଧିକାରୀ ରୀନା ବକ୍ସଲା କହିଛନ୍ତି।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି,୨୮।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବିଲଣା ପଞ୍ଚାୟତ ଲଞ୍ଜାତରା ଗ୍ରାମର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବିଜୟ କୁମାର ଦାସଙ୍କ ପୌରୋହିତ୍ୟ ଓ କାଳନ୍ଦୀ ମଲିକଙ୍କ ସଞ୍ଚାଳନରେ ଆୟୋଜିତ ଏହି ସଭାରେ ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ପୁହାଣ, ଐଶାନ୍ୟ ଚଣ୍ଡୀ ମଣ୍ଡଳ ସଭାପତି ପ୍ରମୋଦ ଦାସ, ଶରତ ଦାସ, ଉମାକାନ୍ତ ଦାସ, ସମିତିସଭ୍ୟ ଭାଗୀରଥି ମଲିକ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ବିନୋଦ ସେଠୀ, ଶରତ ନାୟକ, ଲକ୍ଷ୍ମୀକାନ୍ତ ନାୟକ, ଶରତ ମଲିକ, ରଘୁନାଥ ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଦାସ ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦୀପ ଦାସ, ପ୍ରଶାନ୍ତ ଦାସ, ପବିତ୍ର ଦାସ, ଟିକନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚୋରଙ୍କ ଟାର୍ଗେଟ୍‌ରେ ମନ୍ଦିର

**ଗୋଟିଏ ରାତିରେ ୭ ମନ୍ଦିର, ଘରୁ ଚୋରି**

ଭଦ୍ରକ,୨୮।୧୧(ସନାତନ ରାଉତ)

ଭଦ୍ରକରେ ଏବେ ଚୋରଙ୍କ ଟାର୍ଗେଟ୍‌ରେ ମନ୍ଦିର। ସୋମବାର ରାତିରେ ଭଦ୍ରକ ପୌରପାଳିକାର ୨୮ ନଂ. ୱାର୍ଡ ନୂଆସାହିର ୪ଟି ମନ୍ଦିରରୁ ସିରିଜ୍ ଚୋରି ହୋଇଥିବା ବେଳେ ପୁଣି ବୁଧବାର ରାତିରେ ୭ଟି ମନ୍ଦିରରୁ ଚୋରି ହୋଇଛି। ନୂଆସାହିର ୪ ମନ୍ଦିରରୁ ଚୋରି କରିଥିବା ଦୁର୍ବୃତ୍ତଙ୍କ ପତ୍ତା ମିଳି ନ ଥିବାବେଳେ ପୁଣି ୭ ମନ୍ଦିରରୁ ଚୋରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ବୁଧବାର ରାତିରେ ଭଦ୍ରକ ଟାଉନ ଥାନା ଅଧୀନ ଓକାଳରେ ଥିବା ମଙ୍ଗଳା ମନ୍ଦିର, ଭଟିଆର ଚଣ୍ଡୀ ମନ୍ଦିର ଓ ହନୁମାନ ମନ୍ଦିରରୁ ଦାନବାକ୍ସ, ଅଳଙ୍କାର ଚୋରି ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସେହିପରି ବିଦାଙ୍ଗ ଗାଁର ମୁନା ବେହେରାଙ୍କ ଘରୁ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଛି। ମୁନାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୭୫୦/୨୪) ରୁଜୁ କରାଯାଇଛି। ଗୋଟିଏ ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ପଞ୍ଚାୟତର ବଗମରା ଶାସନରେ ଥିବା ମହାଦେବ ମନ୍ଦିର, ୨ଟି ହନୁମାନ ମନ୍ଦିର ଓ ତାରିଣୀ ମନ୍ଦିରରୁ ଚୋରି ହୋଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୭୧୨/୨୪) ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଜଳିଗଲା ୪ ବଖରା



ଚାନ୍ଦବାଲି,୨୮।୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ଧାମରା ପଞ୍ଚାୟତ ନରସିଂହପୁରର ଶ୍ରୀଧର ମଲିକଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୪ ବଖରା ଘର ସହ ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମଧ୍ୟାହ୍ନଭୋଜନ ବନ୍ଦ, ବିସ୍କୁଟ ଖାଇଲେ ଛାତ୍ରୀଛାତ୍ର

**ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କଲେ ଏବିଇଓ**

ଭଣ୍ଡାରିପୋଖରୀ,୨୮।୧୧(ରାଜେନ୍ଦ୍ର ଶତପଥୀ)

ସ୍କୁଲରେ ମଧ୍ୟାହ୍ନଭୋଜନ ରନ୍ଧାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଖାଇବାକୁ ପଡ଼ିଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏଭଳି ଘଟଣା ଘଟିଛି। ଗୁରୁବାର ଏହି ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତ ୨୫ ତାରିଖରୁ ବୁଧବାର ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ତାଙ୍କ ଅନୁପସ୍ଥିତିରେ ୩ ଦିନ ପାଇଁ ମଧ୍ୟାହ୍ନଭୋଜନ ଦାୟିତ୍ୱ ସହକାରୀ ଶିକ୍ଷୟିତ୍ରୀଙ୍କୁ ବାଦ୍ ଦେଇ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀଙ୍କୁ ଦେଇଥିଲେ। ଗୁରୁବାର ପ୍ରଧାନ ଶିକ୍ଷକ ଛୁଟିରେ ରହିଥିଲେ। ୩ଦିନ ପାଇଁ ମଧ୍ୟାହ୍ନଭୋଜନ ଦାୟିତ୍ୱ ନେଇଥିବା କମିଟି ସଭାନେତ୍ରୀ ଗୁରୁବାର ଲାଗି କାହାରିକୁ ଦାୟିତ୍ୱ ଦେଇ ନ ଥିବାରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇପାରି ନ ଥିଲା। ସହକାରୀ ଶିକ୍ଷୟିତ୍ରୀ ମଧ୍ୟ ଏ ସମ୍ପର୍କରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଜଣାଇ ନ ଥିଲେ। ଛାତ୍ରୀଛାତ୍ର ମଧ୍ୟାହ୍ନରେ ଉପାସ ରହିଥିବା ଦେଖି ସହକାରୀ ଶିକ୍ଷୟିତ୍ରୀ ୫ ଟଙ୍କିଆ ବିସ୍କୁଟ ପ୍ୟାକେଟ ଲେଖାଏ ସେମାନଙ୍କୁ ଧରାଇ ଦେଇଥିଲେ। ଅଭିଭାବକମାନଙ୍କଠାରୁ ସୂଚନା ପାଇ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ଓ ଏବିଇଓ ମଞ୍ଜୁଳା ନାୟକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ମଧ୍ୟାହ୍ନଭୋଜନ ବନ୍ଦ ରହିବା ସମ୍ପର୍କରେ ପଚରାଉଚରା କରିଥିଲେ। ଶୁକ୍ରବାର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଅଧୀର ରଞ୍ଜନ ତରାଇ କହିଛନ୍ତି।

## ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

ବାସୁଦେବପୁର,୨୮।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତ ଅଯୋଧ୍ୟା ସରକାରୀ ଉ.ପ୍ରା. ବିଦ୍ୟାଳୟରୁ ବୁଧବାର ରାତିରେ ଚୋରି ହୋଇଛି। ଚୋରମାନେ ବିଦ୍ୟାଳୟ ଫାଟକ ଓ ଷ୍ଟକ୍‌ରୁମ୍ ତାଲା କାଟି ପ୍ରାୟ ୧୧ କୁଇଣ୍ଟାଲ ୫୮ କେଜି (୨୩ ବସ୍ତା) ମଧ୍ୟାହ୍ନଭୋଜନ ଚାଉଳ ସହ ଏକ ଲୁହା କଡ଼େଇ, ମାଡ଼ିଆ ଚୋରି କରି ନେଇଛନ୍ତି। ଗୁରୁବାର ସକାଳେ ସ୍କୁଲ ଶିକ୍ଷକ ଓ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବାକୁ ପାଇଥିବା ବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ପଣ୍ଡା ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାର ତଦନ୍ତ ସହ ଅନୁସନ୍ଧାନ କରାଯାଉଛି ବୋଲି ନାୟକାଣିଡିହୀ ଥାନା ଆଇଆଇସି ସଲଖାନ ମୁର୍ମୁ କହିଛନ୍ତି।

# ମହିଳା ହିଂସା ବିରୋଧୀ ଅଭିଯାନ



ଭଦ୍ରକ,୨୮।୧୧(ସନାତନ ରାଉତ)

ମହିଳା ଶିଶୁ ବିକାଶ ମନ୍ତ୍ରାଳୟ ଓଡ଼ିଶା ସରକାର ଓ ଫେଲୋସିପ୍ ସଂସ୍ଥାର ୱାନ୍‌ଷ୍ଟପ୍ ସେଣ୍ଟର ମିଳିତ ଆନୁକୂଲ୍ୟରେ ମହିଳା ହିଂସା ବିରୋଧୀ ଅଭିଯାନରେ ଲିଙ୍ଗଭିତ୍ତିକ ହିଂସା ସମ୍ବନ୍ଧୀୟ ସଚେତନତା ସଭା ଗୁରୁବାର ସୋସାଇଟି ଫର୍ ଉଇକର କମ୍ୟୁନିଟିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ସଦସ୍ୟ ଅମର କୁମାର ବାରିକ୍, ଭାରତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନିର୍ଯାତିତ ବାଳିକା ଓ ମହିଳାମାନଙ୍କୁ କାଉନସେଲିଂ ବେଳେ ତାଙ୍କର ନିଜର ହୋଇପାରିବା, ଗୋପନୀୟତା ରକ୍ଷା କରିବା ଓ ସହନଶୀଳତା ଅବଲମ୍ବନ କରିବା ଜରୁରୀ ବୋଲି ଆସିଆନାର ସମ୍ପାଦିକା ସୋଫିଆ ସେକ୍ ବକ୍ତବ୍ୟରେ କହିଥିଲେ। ଅଙ୍ଗନୱାଡି କର୍ମୀ, ୱାନଷ୍ଟପ୍ ସେଣ୍ଟରର କର୍ମୀ, ଆସିଆନା ଓ ଫେଲୋସିପ୍ ଶକ୍ତି ସଦନର ସମସ୍ତ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୱାନ୍‌ଷ୍ଟପ୍ ସେଣ୍ଟର ଆଡ୍‌ମିନିଷ୍ଟ୍ରେଟିଭ୍ ପୁଷ୍ପାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଲାଗାୟକଙ୍କ ପରଲୋକ

ସୋର, (ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲାର ବିଶିଷ୍ଟ ପାଲା ଗାୟକ କାଶୀନାଥ ମିଶ୍ର(୮୮)ଙ୍କର ମଙ୍ଗଳବାର ସୋର ବ୍ଲକ ନଦୀଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମାତ୍ର ୧୭ବର୍ଷ ବୟସରେ ସେ ପାଲା ଗାଇବା ଆରମ୍ଭ କରିଥିଲେ। ଦୀର୍ଘବର୍ଷର ସିଦ୍ଧି ଓ ସାଧନ ବଳରେ ଜଣେ ଉଚ୍ଚକୋଟୀର ପାଲାଗାୟକ ଭାବରେ ବହୁ ସମ୍ମାନର ଅଧିକାରୀ ହୋଇପାରିଥିଲେ। ବୁଧବାର ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମରେ ଶେଷକୃତ୍ୟ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ।

## ଖଣି ଲୁଟ୍ ରୋକିବାକୁ ଜିଲାପାଳଙ୍କୁ ଦାବିପତ୍ର

**ଖଇରା, ୨୮।୧୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଶିଶୁରୋଗ ବିଶେଷଜ୍ଞ ଡା. ବ୍ରଜସୁନ୍ଦର ସ୍ୱାଇଁ ଶାରୀଶୁଆ ପାହାଡରେ ବେଆଇନ ପଥର ଉତ୍ତୋଳନ ଯୋଗୁ ପାହାଡ ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀମାନେ ଭୋଗୁଥିବା ସମସ୍ୟା ନେଇ ବୁଧବାର ଏକ ଦାବିପତ୍ର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପ୍ରଦାନ କରିଛନ୍ତି। ତୁରନ୍ତ ୱାଗନ ବ୍ଲାଷ୍ଟିଂ ସହ ଖଣି ଚୋରି, ରାଜସ୍ୱ ଲୁଟ୍ ବନ୍ଦ ପାଇଁ ସେ ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ଭାଜପା ନେତା ଶଙ୍କର୍ଷଣ ମହାନ୍ତି ଉପସ୍ଥିତ ଥିଲେ। ଏହାପୂର୍ବରୁ ବେଆଇନ ଖଣି ଖନନ ବନ୍ଦ ପାଇଁ ଡା. ସ୍ୱାଇଁ ଏସ୍‌ପି, ଭିଜିଲାନ୍ସ ଏସ୍‌ପିଙ୍କୁ ମଧ୍ୟ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡା. ସ୍ୱାଇଁଙ୍କ ଘର ଖଇରା ତହସିଲ ଅଧୀନ ବଗେଇପୁର ଗ୍ରାମରେ।

# ଅନାବନା ଲଟାରେ ଅଦୃଶ୍ୟ କଲ୍ୟାଣମଣ୍ଡପ

**ସିମୁଳିଆ, ୨୮।୧୧(ସନ୍ତୋଷ ନାୟକ)**

ବିବାହ, ସଭାସମିତି ପରି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କଲ୍ୟାଣ ମଣ୍ଡପର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଗତ ୨୦ବର୍ଷ ମଧ୍ୟରେ ଦୁଇଜଣ ବିଧାୟକ ଦୁଇଥର ଶୁଭ ଦେବା ସହିତ ୧୧ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ହେଁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାରେ ନିର୍ମିତ କଲ୍ୟାଣମଣ୍ଡପ ସମ୍ପୂର୍ଣ୍ଣ ହୋଇପାରିନାହିଁ।

ସୂଚନା ଯେ, ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରିଆ ମୌଜାର ପ୍ଲଟ ନମ୍ବର ୧୬୮୪/୨୨୯୦ ପତିତ କିସମ, ଖାତା ନଂ. ୪୫୬/୧ରୁ ୬୦ଡେସିମିଲ ଜମି ପଞ୍ଚାୟତିରାଜ ବିଭାଗକୁ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ପାଇଁ ତହସିଲରେ କେସ୍ ନଂ. ୧୦/୧୬ରେ ଯୋଗାଇ ଦିଆଯାଇଥିବା ମାର୍କୋଣା ଆରଆଇ ସରସୀ ମହାନ୍ତି ସୂଚନା ଦେଇଛନ୍ତି।

ଗତ ୨୦୨୦ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଭିନ୍ନ ଅତିଥିଙ୍କୁ ଡକାଇ ଶୁଭ ଦେଇଥିଲେ। ପରେ ପଞ୍ଚାୟତ ଅନୁଦାନରେ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ତତ୍କାଳୀନ ସରପଞ୍ଚ ପ୍ରଦୀପ କୁମାର ବେହେରା ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେଇଥିଲେ ହେଁ ଚତୁଃପାର୍ଶ୍ୱରେ ପ୍ରାୟ ୪ଫୁଟ କାନ୍ଥ ଉଠାଯିବା ପରେ ଏହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହି କଲ୍ୟାଣମଣ୍ଡପ ଗୃହ ଉପରେ ବିଭିନ୍ନ ଗଛଲତା ମାଡ଼ିଯିବା ଯୋଗୁ ଏହା ଦୃଶ୍ୟମାନ ହେଉନାହିଁ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ପ୍ରଦୀପଙ୍କୁ ପଚାରିବାରୁ ଏହି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଏଷ୍ଟିମେଟ ଅନୁସାରେ ସେ ୧୧ଲକ୍ଷ ଟଙ୍କାରେ କାମ କରିଛନ୍ତି। ଏହା ସମ୍ପୂର୍ଣ୍ଣ ପାଇଁ ତତ୍କାଳୀନ ବିଧାୟକ ଅଧିକ ୩୫ଲକ୍ଷ ଟଙ୍କା ଯୋଗାଇଦେବା ପାଇଁ କହିଥିଲେ। ତେବେ ଅଧିକ ଟଙ୍କା ନ ଆସିବାରୁ ସେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନ ଥିବା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୨୦୦୪ରେ ତତ୍କାଳୀନ ଓ ବର୍ତ୍ତମାନର ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମଧ୍ୟ ଅତିଥି ରୂପେ ଜମ୍ମୁକଶ୍ମୀରର ପୂର୍ବତନ ମନ୍ତ୍ରୀ ଗୁଲାମନବୀ ଆଜାଦଙ୍କୁ ଡକାଇ ତାଙ୍କ କରକମଳରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ତେବେ ବର୍ଦ୍ଧିତ ଜନସଂଖ୍ୟା ଓ ସେହି ଅନୁସାରେ ବିଭିନ୍ନ ଆବଶ୍ୟକତା ମେଣ୍ଟାଇବା ପାଇଁ ସିମୁଳିଆର ସଦର ମହକୁମା ମାର୍କୋଣାରେ ଏକ କଲ୍ୟାଣ ମଣ୍ଡପର ଅତ୍ୟନ୍ତ ଆବଶ୍ୟକତା ଥିବା ସ୍ଥଳେ ଏହାର ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଅନାବନା ଗଛଲତାରେ ପୋତି ହୋଇପଡିଛି ନିର୍ମାଣାଧୀନ କଲ୍ୟାଣମଣ୍ଡପ।

**ବିତିଗଲାଣି ୨୦ ବର୍ଷ**
**୨ ବିଧାୟକଙ୍କ ଦ୍ୱାରା ୨ ଥର ଦିଆଯାଇଛି ଶୁଭ**

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହ ଶିଳାନ୍ୟାସ


ଅତିଥିମାନେ ଗୃହନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଖଇରା, ୨୮।୧୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦୁଡିଗଡିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ମଙ୍ଗଳବାର ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଏମ୍‌ପି ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଓ ଏମ୍‌ପି ବକ୍ତବ୍ୟ ରଖି ଓଡିଶାରେ ଭାଜପା ସରକାର ଆସିବା ପରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ଯାହା ବି ପଦବୀ ଖାଲି ପଡିଛି ସେ ସବୁ ନିଶ୍ଚୟ ପୂରଣ ହେବ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଆରୋଗ୍ୟ କେନ୍ଦ୍ରର ଡାକ୍ତର ବିକାଶ ଚନ୍ଦ୍ର ଜେନା, ବଜାର କମିଟି ସମ୍ପାଦକ ବସନ୍ତ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମଦନମୋହନ ସାନ୍ତରା, ସମିତିସଭ୍ୟ ଗୀତାଞ୍ଜଳି ଜେନା, ରମାକାନ୍ତ ମହାନ୍ତି, ଲୋକନାଥ ପଣ୍ଡା, କାହ୍ନୁଚରଣ ପାକଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମାଖନପୁର ହାଇସ୍କୁଲରେ ୧୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ ବିଧାୟକ ଓ ଏମ୍‌ପିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି।

## ୧୦ ବେଆଇନ ମାଟି ବୋଝେଇ ଡମ୍ଫର ଜବତ

**ଜଳେଶ୍ୱର, ୨୮।୧୧(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ବରଡ଼ିହା ପଞ୍ଚାୟତର ବାଗବୁଡ଼ାଠାରେ ଦିନରାତି ବେଆଇନ ମାଟି ଉତ୍ତୋଳନ ହୋଇ ରେଲୱେ କାମ କହି ମିଛ କାଗଜପତ୍ର ଦେଖାଇ ମାଟି ଚାଲାଣ ହେଉଥିଲା। ବୁଧବାର ରାତି ୧୦ଟାରେ କାଳୀକ ପଞ୍ଚାୟତର ରଙ୍ଗାମାଠିଆଠାରେ ଆଦିବାସି ମାଝୀ ପାରଗାମା ସଙ୍ଗଠନ ତରଫରୁ ସମସ୍ତ ବେଆଇନ ଡମ୍ଫରକୁ ଅଟକାଇଥିଲେ। ଦୀର୍ଘ ୧୨ଘଣ୍ଟା ଅଟକାଇବା ପରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁଙ୍କ ନିର୍ଦ୍ଦେଶକ୍ରମେ ରାଇବଣିଆ ପୋଲିସ ପହଞ୍ଚି ଦୀର୍ଘ ୬ ଘଣ୍ଟାର ଆଲୋଚନା ପରେ ଉକ୍ତ ୧୦ ବେଆଇନ ମାଟି ଡମ୍ଫରକୁ ଜବତ କରି ଫାଇନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆଦିବାସି ମାଝୀ ପାରଗାମା ସଙ୍ଗଠନ ପୋଲିସ ଏବଂ ତହସିଲଦାରଙ୍କୁ ହସ୍ତାନ୍ତର କରିଥିଲେ। ଘଟଣାସ୍ଥଳରେ ମାଝୀ ପାରଗାନା ସଙ୍ଗଠନ ପକ୍ଷରୁ ସଭାପତି ବୁଦ୍ଧିରାମ ମାଝି, ସମ୍ରାଇ ହାଁସଦା, ସମନ୍ ଟୁଡୁ, ବିକ୍ରମ ଟୁଡୁ, ନବୀନ ହାଁସଦା, ଦୁଃଖୀରାମ ମାଝି, କାହ୍ନୁ ମୁର୍ମୁ, ବାଗାଇ ମାରାଣ୍ଡି, ଲକ୍ଷ୍ମଣ ମାରାଣ୍ଡି ଓ ଲକ୍ଷ୍ମଣ ହେମ୍ବ୍ରମ୍‌ଙ୍କ ସହ ରଙ୍ଗାମାଟିଆ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ଅଲିଭରିଡ୍‌ଲେ ସୁରକ୍ଷା ଓ ସଂରକ୍ଷଣ' ସମ୍ପର୍କିତ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର, ୨୮।୧୧(ବାଞ୍ଛାନିଧି ଦେ)**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବାଲେଶ୍ୱର ୱାଇଲ୍ଡଲାଇଫ୍ ଡିଭିଜନ୍ ଆନୁକୂଲ୍ୟରେ ବୁଧବାର କୁରୁଡାସ୍ଥିତ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଡିଏଫ୍‌ଓ ଖୁସୱନ୍ତ ସିଂହ ଅଧ୍ୟକ୍ଷତା କରି ପ୍ରତିବର୍ଷ ନଭେମ୍ବରଠାରୁ ମେ' ମାସ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାକୁ ହଜାର ହଜାର ସଂଖ୍ୟାରେ ଅଲିଭରିଡଲେ ଆସିଥାନ୍ତି। ଅଣ୍ଡାଦାନ କରି ପୁଣି ସମୁଦ୍ରଗର୍ଭକୁ ଚାଲିଯାଇଥାନ୍ତି। ପ୍ରଜନନ ଋତୁରେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନକୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏସିଏଫ୍ ସସ୍ମିତା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଆଇବି ଡିଏସ୍‌ପି ଠାକୁରଦାସ ମୁର୍ମୁ, ସିଡିଭିଓ ଦେବେନ୍ଦ୍ର କୁମାର ସୋଲାଙ୍କି, ଏଡିଭିଓ ରଞ୍ଜନ କୁମାର ଦାସ, ଏସିଏଫ୍ ରାମଚନ୍ଦ୍ର ମୁର୍ମୁ, ଜୟଶ୍ରୀ ମୁର୍ମୁ, 'ପ୍ରଭା' ସଙ୍ଗଠନର ସମ୍ପାଦକ ସୁବ୍ରତ ନାୟକ, ୱାଇଲ୍ଡଲାଇଫ୍ ୱାର୍ଡେନ୍ ଅଶ୍ୱିନୀ କୁମାର ଦାସ, ୱାଇଲ୍ଡଲାଇଫ୍ ପ୍ରୋଜେକ୍ଟ ଅଫିସର ମିଚଲ ପିଙ୍ଗର ଏବଂ ଅଲ୍ ଓଡ଼ିଶା ଟ୍ରଲର ଆସୋସିଏଶନ ସଭାପତି ବାଦଲ ଦାସ ଯୋଗଦେଇ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ସମୟରେ ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ ଓ ଉପକୂଳବର୍ତ୍ତୀ ଅଧିବାସୀ ସଚେତନ ହେବା ଜରୁରୀ ବୋଲି କହିଥିଲେ।

ସୂଚନା ଯେ, ବାଲେଶ୍ୱର ଜିଲା ସମୁଦ୍ର ଉପକୂଳରେ ୨୦୨୦-୨୧ରେ ୨ଟି ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିଥିଲେ। ଏଥିରେ ୩୦୫ଟି ଅଣ୍ଡାରୁ ଛୁଆ ଫୁଟିଥିଲା। ୨୦୨୧-୨୨ରେ ୧୧ଟି କଇଁଛଙ୍କ ଅଣ୍ଡାରୁ ୯୧୬ଟି, ୨୦୨୨-୨୩ରେ ୧୯ଟି କଇଁଛଙ୍କ ଅଣ୍ଡାରୁ ୧୫୬୪ ଓ ୨୦୨୩-୨୪ରେ ୭୧ଟି କଇଁଛଙ୍କ ଅଣ୍ଡାରୁ ୫୪୭୩ ଛୁଆ ଫୁଟିଥିବା ରେକର୍ଡ ହୋଇଛି। ଜିଲା ସମୁଦ୍ର ଉପକୂଳକୁ ପ୍ରତିବର୍ଷ ଏହି ପ୍ରଜାତିର କଇଁଛଙ୍କ ସମାଗମ ବୃଦ୍ଧି ହେଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

## ଗୋଟିଏ ଦିନରେ ୩ ଅପମୃତ୍ୟୁ

**ସିମୁଳିଆ, ୨୮।୧୧(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ ଅପମୃତ୍ୟୁ ହୋଇଛି। ଖଇରା ବ୍ଲକ ଅଧୀନ ରପେୟା ଅଞ୍ଚଳର ତ୍ରିଲୋଚନ ସାହୁ(୫୬) ନାମକ ବ୍ୟକ୍ତି ପାରିବାରିକ କଳହକୁ କେନ୍ଦ୍ର କରି ବୁଧବାର ରାତିରେ ନିଜ ଘରଠାରୁ କିଛି ଦୂରରେ ଥିବା ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଗୁରୁବାର ସକାଳେ ତାଙ୍କ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସିମୁଳିଆ ବ୍ଲକ ଚନ୍ଦ୍ରପଡ଼ା ଅଞ୍ଚଳର ଭାରତୀ ଦାସ(୨୮) ନାମ୍ନୀ ମହିଳା ବୁଧବାର ରାତିରେ ଘରେ ଖାଇପିଇ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ସେହିପରି ମୁରୁଣା ଅଞ୍ଚଳର ବାସନ୍ତୀ(୫୪) ନାମ୍ନୀ ମହିଳା ରୋଗାକ୍ରାନ୍ତ ହୋଇ ବୁଧବାର ଅପରାହ୍ନରେ ପ୍ରାଣ ହରାଇଛନ୍ତି। ଭାରତୀ ଓ ବାସନ୍ତୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଗୁରୁବାର ପଠାଯାଇଛି। ଏହି ଦୁଇ ମହିଳାଙ୍କ ମୃତ୍ୟୁ ପରେ ମେଡିକାଲରେ ପହଞ୍ଚିଥିବା ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ସସ୍ମିତ କୁମାର ଦାଶ କହିଛନ୍ତି। ବୁଧବାର ଅପରାହ୍ନ ୨ଟାରୁ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲେ ହେଁ ପୋଲିସର ଅସହଯୋଗ ଯୋଗୁ ମୃତଦେହ ମେଡିକାଲ ବାରଣ୍ଡାରେ ପଡିରହିବା ସହ ସାହି ଲୋକେ ହଇରାଣ ହୋଇଥିବା ତାଙ୍କ ଭାଇ ବଳରାମ ଲେଙ୍କା ସୂଚନା ଦେଇଛନ୍ତି।

## ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୮।୧୧**

ଭାଜପାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ୩ ଶହ ୟୁନିଟ ବିଦ୍ୟୁତ ବିଲ୍ ଛାଡ ଓ ୩ହଜାର ଟଙ୍କା ଭତ୍ତା ପ୍ରଦାନ ଦାବିରେ ଗୁରୁବାର ବାଲେଶ୍ୱର ଜିଲା ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକର ଅନୁଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓ ପୁନମ ରାଉତଙ୍କୁ ପ୍ରଦାନ କରାଯାଇଛି। ବାଲିଆପାଳ ଶିଶୁ ଉଦ୍ୟାନ ପରିସରରେ ମୃତ୍ୟୁଞ୍ଜୟ ରାଉତଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହେଇଥିଲା। ସୂଚନା ଅଧିକାର ଆଇନ ଅଭିଯାନ ବାଲିଆପାଳ ଶାଖାର ଆବାହକ ମହାପାତ୍ର, ସାମାଜିକ କର୍ମୀ ନନ୍ଦନ ପାଲ, ବାଲେଶ୍ୱର ସିଭିଲ ସୋସାଇଟି ସମ୍ପାଦକ ଆଇନଜୀବୀ ମନୁଜ କୁମାର ନାୟକ, କାଳୀପଦା କୃଷକ ମଞ୍ଚର ଆବାହକ କୁଶଧ୍ୱଜ ଜେନା ପ୍ରମୁଖ ଯୋଗଦେଇ ଯଦି ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ ନ କରନ୍ତି ତା' ହେଲେ ଜେଲଭରୋ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ୨ ଶିକାରୀ ଗିରଫ

**ଛେନାପଦି/ ବଉଳା,୨୮।୧୧(ନିରାକାର ପରିଡା/ ଦୁର୍ଗା ପ୍ରସାଦ ଆୟଚ)**

**୨ ବନ୍ଧୁକ ଓ ଧନୁତୀର ଜବତ**

କେନ୍ଦୁଝର ଜିଲା ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରୁ ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହାଟଡ଼ିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତ ଦଳକି ଗ୍ରାମର ନିର୍ବାଣ ହୋ ଏବଂ ତୁରାମ ହୋ। ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ଗୁଳି ଓ ଧନୁତୀର ଜବତ କରାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଗତ ୨୬ ତାରିଖ ରାତିରେ ହସ୍ତୀ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ମଧ୍ୟରେ ବୁଲୁଥିଲେ। ବନ କର୍ମଚାରୀମାନେ ତାଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ ଧନୁତୀର ମିଳିଥିଲା। ସେମାନେ ଜଙ୍ଗଲ ଭିତରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଥିଲେ ବୋଲି ସ୍ୱୀକାର କରିଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ମାର୍ଶାଲ କିସ୍କୁ ସୂଚନା ଦେଇଛନ୍ତି।

## ବୋହୂଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

ବାଲେଶ୍ୱର, ୨୮।୧୧(ବାଞ୍ଛାନିଧି ଦେ)- ଭୋଗରାଇ ଥାନା ଚନ୍ଦନେଶ୍ୱର ଫାଣ୍ଡି ଶ୍ରଦ୍ଧାପୁର ପଞ୍ଚାୟତ ଅଧୀନ ଶାନ୍ତିନଗର ଗ୍ରାମର ମହିଳା ଅପର୍ଣ୍ଣା ମହାନ୍ତି ଓ ତାଙ୍କ ମା' ଓ ବାପାଙ୍କୁ ଶାଶୁଘର ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏପରିକି ଅପର୍ଣ୍ଣାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଅପର୍ଣ୍ଣାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଭୋଗରାଇ ଥାନାରେ ମାମଲା (ନଂ. ୫୧୩/୨୪) ରୁଜୁ ହୋଇଛି। ୨୦୧୪ ଜୁଲାଇ ୬ରେ ବାଲିଆପାଳ ଥାନା ବାଲିକୋଠି ଗ୍ରାମର ଉତ୍ତମ ମହାନ୍ତିଙ୍କ ସହ ଅପର୍ଣ୍ଣାଙ୍କ ବିବାହ ହୋଇଥିଲା। ବର୍ଷେ ପରେ ଅଧିକ ୧ଲକ୍ଷ ଟଙ୍କା ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ହତ୍ୟା ଧମକ ପରେ ୨୦୨୨ରେ ଅପର୍ଣ୍ଣା ନିଜର ପୁଅକୁ ଧରି ବାପଘରେ ଆଶ୍ରୟ ନେଇଥିଲେ। ପ୍ରଥମାଷ୍ଟମୀରେ ସ୍ୱାମୀ, ଶାଶୁ, ଯା', ଦିଅର ଏବଂ ନଣନ୍ଦ ଓ ନଣନ୍ଦେଇ କେତେଜଣ ଲୋକଙ୍କୁ ନେଇ ଅପର୍ଣ୍ଣାଙ୍କ ବାପଘରେ ପହଞ୍ଚି ମା'-ପୁଅକୁ ଜବରଦସ୍ତ ନେଇଯିବେ ବୋଲି କହିଥିଲେ। ପ୍ରତିବାଦ କରିବାରୁ ସେମାନେ ଅପର୍ଣ୍ଣା ଓ ତାଙ୍କ ମା'-ବାପାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଚନ୍ଦନେଶ୍ୱର ଫାଣ୍ଡିରେ ଅପର୍ଣ୍ଣା ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଭିଯୋଗକାରିଣୀଙ୍କ ବାପଘର ଲୋକେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବାଲେଶ୍ୱର, ୨୮।୧୧(ବାଞ୍ଛାନିଧି ଦେ)**

ଫ୍ୟାମିଲି ପେନସନ ବନ୍ଦ ପ୍ରତିବାଦରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ମଚାରୀ ସଂଘ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଭେଟି କୁଳାଧିପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ମୁଖ୍ୟ ଅର୍ଥ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରେରିତ କରାଯାଇଛି।

ଚଳିତ ମାସରେ ରାଜ୍ୟ ଅର୍ଥ ବିଭାଗ ଦ୍ୱାରା ପ୍ରକାଶିତ ଏକ ଚିଠି ଅନୁସାରେ, ଏନପିଏସ୍ ଅନ୍ତର୍ଭୁକ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀଙ୍କ ମୃତ୍ୟୁବରଣ ପରେ ପରିବାର ସଦସ୍ୟମାନେ ପେନସନ ପାଇବା ପାଇଁ ଯୋଗ୍ୟ ନୁହନ୍ତି ବୋଲି ଉଲ୍ଲେଖ ରହିଛି। ରାଜ୍ୟ ସରକାରଙ୍କ ଅଧୀନ ଅନ୍ୟ ସମସ୍ତ ବିଭାଗ ଏହି ସୁଯୋଗ ଲାଭ କରିପାରୁଥିବା ସ୍ଥଳେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରିବା ନିଷ୍ପତ୍ତିକୁ ପ୍ରତିବାଦ କରାଯାଇଛି। ଯଦି ଫ୍ୟାମିଲି ପେନସନ ବ୍ୟବସ୍ଥା ପୁନଃ କାର୍ଯ୍ୟକାରୀ ନ ହୁଏ ତେବେ ପୁରୁଣା ପେନସନ ଯୋଜନାକୁ ଲାଗୁ କରିବା ନେଇ ମଧ୍ୟ ଦାବି କରାଯାଇଛି। କର୍ମଚାରୀ ସଂଘ ସଭାପତି ଉପେନ୍ଦ୍ର ପ୍ରସାଦ ଜେନା ଓ ସମ୍ପାଦକ ପ୍ରଦୀପ କୁମାର ଗାଣ ତଥା ସଂଘର ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ମିଳିତ ଭାବେ ଦାବିପତ୍ର କୁଳପତିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ପଠାଯାଇଛି।


କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଫେରିପାଇଲେ ହଜିଲା ମୋବାଇଲ

**କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ପୋଲିସ ମୋବାଇଲ ମେଳା ମାଧ୍ୟମରେ ହଜିଯାଇଥିବା ମୋବାଇଲ ଫେରାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଏହି ମୋବାଇଲ ମେଳା ଆୟୋଜିତ ହୋଇଥିବା ବେଳେ ଏଥିରେ ପୋଲିସ ଜବତ କରିଥିବା ୩୦ ଚୋର ମୋବାଇଲକୁ ମାଲାକଙ୍କୁ ଫେରାଇଛି। ମୋବାଇଲ ଚୋରି ନେଇ ଜିଲାର ବିଭିନ୍ନ ଥାନା ଅଧୀନରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସାଇବର ସେଲ ସହାୟତାରେ ମୋବାଇଲଗୁଡ଼ିକ ହସ୍ତଗତ ହୋଇଥିବା ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଘଟଣାରେ କୌଣସି ମୋବାଇଲ ଚୋରକୁ ଧରାଯାଇନାହିଁ। ଏହାର ଅଧିକ ତଦନ୍ତ ଜାରି ରହିଥିବା ଜିଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି। ହଜିଯାଇଥିବା ମୋବାଇଲ ଫେରି ପାଇ ଜ୍ୟୋତି ରେଖା ସାହୁଙ୍କ ସମେତ ଅନ୍ୟମାନେ ଖୁସିବ୍ୟକ୍ତ କରିଛନ୍ତି।

## ଟ୍ରେନ୍‌ରେ କଟି ମହିଳା ମୃତ

ବାଲେଶ୍ୱର, (ବାଞ୍ଛାନିଧି ଦେ)-ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଓ ହଳଦୀପଦା ରେଳଷ୍ଟେଶନ ମଝି ନିଧିପଣ୍ଡା ରେଳବ୍ରିଜ୍ ନିକଟରେ ଟ୍ରେନ୍‌ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କର ବୟସ ୫୦ରୁ ୫୫ ହେବ ବୋଲି ଅନୁମାନ କରାଯାଉଛି। ସେ ବୁଧବାର ସନ୍ଧ୍ୟାରେ ବାଙ୍ଗାଲୋର-ହାୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଖବରପାଇ ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ କରିଥିଲା। ଏନେଇ ଗୁରୁବାର ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦୩/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଖରିଫ ଧାନ ବିକ୍ରି ଲାଗି ୨୫୪୫୯ ଚାଷୀ ପଞ୍ଜୀକୃତ

**ଜଳେଶ୍ୱର, ୨୮।୧୧(ରବିନାରାୟଣ ପାତ୍ର)**

ଚଳିତବର୍ଷ ଜଳେଶ୍ୱର କୃଷି ଜିଲାରେ ଖରିଫ ଧାନ ବିକ୍ରୟ ଲାଗି ୨୫୪୫୯ କୃଷକ ନିଜର ନାମ ପଞ୍ଜୀକରଣ କରିଥିବା ଜଣାଯାଇଛି । ଜଳେଶ୍ୱର କୃଷି ଜିଲା ବନ୍ୟାପ୍ରବଣ ହୋଇଥିବାରୁ ମାନ ନିର୍ଦ୍ଧାରଣରେ କୋହଳ ନୀତି ଆପଣାଇବାକୁ ଚାଷୀ ଓ ବିଧାୟକମାନେ ଦାବି କରିଛନ୍ତି। ଅନ୍ୟଥା ପଶ୍ଚିମବଙ୍ଗର ବ୍ୟବସାୟୀ ଧାନ କିଣି ମାଲେମାଲ ହେବାର ସମ୍ଭାବନା ରହିଛି। ଚାଷୀଙ୍କୁ ସଚେତନ କରିବା ଲାଗି ଆର୍‌ଏମ୍‌ସି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ ହେଉଥିବା ସମ୍ପାଦକ ସୂଚନା ଦେଇଛନ୍ତି ।

ପ୍ରାପ୍ତ ସୂଚନା ଅନୁଯାୟୀ, ଚଳିତବର୍ଷ ଖରିଫ ଋତୁରେ ଜଳେଶ୍ୱର କୃଷି ଜିଲାର ଜଳେଶ୍ୱର ବ୍ଲକରେ ୭୯୮୯ ଚାଷୀ, ଭୋଗରାଇ ବ୍ଲକରେ ୯୪୯୭ ଚାଷୀ, ବାଲିଆପାଳ ବ୍ଲକର ୭୯୭୩ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ସରକାରଙ୍କ ପକ୍ଷରୁ ଚାଷୀଙ୍କ ଧାନକ୍ରୟ ଲାଗି ଜଳେଶ୍ୱରରେ ୨୧, ଭୋଗରାଇରେ ୨୨, ବାଲିଆପାଳରେ ୧୯ଟି ଏପରି ମୋଟି ୬୨ଟି ସ୍ଥାନରେ ଧାନ କ୍ରୟ ବ୍ୟବସ୍ଥା ହୋଇଛି। ଆସନ୍ତା ଡିସେମ୍ବର ୨୭ତାରିଖରୁ ଧାନ କ୍ରୟ ହେବ ବୋଲି ଘୋଷଣ ମଧ୍ୟ ହୋଇଛି । ଧାନର ଆର୍ଦ୍ରତା ଓ ଅଜୈବ ୧ ପ୍ରତିଶତ, ବାଲି-ମାଟି-ଗୋଡି-ପଥର-ଧୂଳି-ଅଗାଡି ୧ ପ୍ରତିଶତ, ବେରଙ୍ଗ-ପୋକରା-ପାଣିଫୁଲା ୫ ପ୍ରତିଶତ, ଅପରିପକ୍ୱ-କଞ୍ଚା, ସବୁଜ ୩ ପ୍ରତିଶତ, ମିଶ୍ରିତ ଧାନ ୩ ପ୍ରତିଶତ, ଆଦ୍ରତା ଓ ଜଳୀୟ ଅଂଶ ୧୭ ପ୍ରତିଶତ ଥିଲେ ଏଫଏକ୍ୟୁ ମାନର ଧାନ ହୋଇପାରିବ। କିନ୍ତୁ ସମଗ୍ର ଜଳେଶ୍ୱର କୃଷି ଜିଲା ବନ୍ୟା ପ୍ରପୀଡିତ ହୋଇଥିବାରୁ ଏବଂ ଚଳିତବର୍ଷ ୨ ଥର ବନ୍ୟା ଦେଖାଦେଇଥିବାରୁ ଧାନର ମାନ ନେଇ ସମସ୍ତେ ସନ୍ଦିହାନ। ଜିଲାର ବିଭିନ୍ନ ସ୍ଥାନରେ ଧାନ ଅମଳ ଆରମ୍ଭ ହୋଇଥିଲେ ମଧ୍ୟ ଜଳେଶ୍ୱର କୃଷି ଜିଲାରେ ୧୦ ପ୍ରତିଶତ ଅମଳ ସରିଛି । ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରୁ ପଶ୍ଚିମବଙ୍ଗକୁ ୭ଟି ମୁଖ୍ୟରାସ୍ତା ବ୍ୟତୀତ ପ୍ରାୟ ୨୦ଟି ଗଳାବାଟ ରହିଛି । ଧାନର ମୂଲ୍ୟର କୁଇଣ୍ଟାଲ ୨୩ ଶହ ଟଙ୍କା ରହିଥିବାରୁ ପଶ୍ଚିମବଙ୍ଗର ଦଲାଲମାନେ କମ୍ ମୂଲ୍ୟରେ ଚାଷୀଙ୍କଠାରୁ ଧାନ ନେଇଯିବାର ସମ୍ଭାବନା ରହିଛି । ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଜଳେଶ୍ୱରର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବସ୍ତା ବିଧାୟିକା ସୁବାସିନୀ ଜେନା ଧାନ କ୍ରୟରେ ମାନ ନିର୍ଦ୍ଧାରଣରେ କୋହଳ ନୀତି ଅବଲମ୍ବନ କରିବାକୁ ଦାବି କରିଛନ୍ତି ।

**ଜଳେଶ୍ୱର କୃଷି ଜିଲା**
**ମାନ ନିର୍ଦ୍ଧାରଣରେ କୋହଳ ଦାବି**

## ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ

**କେନ୍ଦୁଝର,୨୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ରୋଡ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥିଭାବେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ବରିଷ୍ଠ ଉପସ୍ଥାପିକା ତଥା ବିଶିଷ୍ଟ ସାହିତ୍ୟିକା ଇନ୍ଦୁମତୀ ପାତ୍ର ଯୋଗଦେଇ କ୍ରୀଡ଼ା କିପରି କୋମଳମତି ଶିଶୁଙ୍କ ମଧ୍ୟରେ ଆନନ୍ଦ ଭରିଦିଏ ତଥା ଶୃଙ୍ଖଳା ଓ ପରସ୍ପର ସହଯୋଗର ଶିକ୍ଷା ଦିଏ ତାହା ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ା ଏକ ପ୍ରମୁଖ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁପ୍ରାରମ୍ଭ ଶ୍ରେଣୀର ବେଲୁନ ଦୌଡ଼, ବଲ ଦୌଡ଼, ଶିଶୁ, ବୋଧ ଶ୍ରେଣୀର ବଲ ଫିଙ୍ଗା, ସଂଗ୍ରହ ଦୌଡ଼ ହେବା ସହ ଶିଶୁଙ୍କ ମାଆ ମାନଙ୍କର ଗଣବେଶ ସଜ୍ଜା ପ୍ରତିଯୋଗିତା ହୋଇଥିଲା। ବିଜେତା ମା'ମାନଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ପ୍ରତିଭାଗୀ ଶିଶଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ୨୧୫ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ସମାରୋପରେ ପ୍ରାନ୍ତଃ ଅଧିବେଶନ ପ୍ରମୁଖ ଦୟାନିଧି ମହାନ୍ତ, ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଗୁରୁମାଗୁରୁଜୀ ପରିଚାଳନା କରିଥିଲେ।

# ୭୫ ହଜାର ଭରଣା ପାଇଁ ୯ ଲକ୍ଷ ଆଦାୟ

■୨ରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ
■ଶିକ୍ଷକ ମହଲରେ ଅସନ୍ତୋଷ

ବାରିପଦା,୨୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ଲାଗି ଶିକ୍ଷକମାନଙ୍କଠାରୁ ସହଯୋଗ ନାମରେ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶିକ୍ଷା ଶାରୀରିକ ନିରୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ୭ ଦିନ ଧରି କ୍ରିକେଟ ଖେଳର ପରିଚାଳନା ଦିଗରେ ଖର୍ଚ୍ଚ କରିବାକୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସହାୟତା ରାଶି ବାବଦରେ ଟଙ୍କା ପ୍ରଦାନ କରିବାକୁ ବାଧ କରାଯାଉଛି। ଏହାକୁ ନେଇ ସିଆର୍‌ସିସିମାନେ ହ୍ୱାଟ୍ସ ଅପ୍ ଗ୍ରୁପରେ ସୂଚନା ପ୍ରଦାନ କରି ଶିକ୍ଷକମାନଙ୍କଠାରୁ ବାଧ୍ୟତାମୂଳକ ଭାବେ ଅର୍ଥ ଆଦାୟ କରି ବିଇଓଙ୍କ କାର୍ଯ୍ୟାଳୟରେ ଜମା କରିବାରେ ଲାଗିଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାରେ ଆସନ୍ତା ୨ ତାରିଖରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ରାଜ୍ୟର ୩୦ଟି ଜିଲା ସମେତ ଭୁବନେଶ୍ୱରକୁ ମିଶାଇ ୩୧ଟି ସ୍ଥାନରୁ ଉଭୟ ବାଳିକା ଓ ବାଳକ ବିଭାଗର ୩୧ଟି ଟିମ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପ୍ରତି ଟିମ୍‌ରେ ୧୬ ଜଣ ଖେଳାଳି ଓ ଟିମ୍ ମ୍ୟାନେଜରଙ୍କୁ ମିଶାଇ ୧୭ ଜଣ ରହିଛନ୍ତି। ୬୨ଟି ଟିମ୍‌ରେ ମୋଟ ୧୦୫୪ ଖେଳାଳିଙ୍କୁ ନେଇ ଜିଲା ଶିକ୍ଷା ଶାରୀରିକ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ କ୍ରିକେଟ ମହାକୁମ୍ଭ ଆୟୋଜନ ହେବାକୁ ଯାଉଛି। ଜିଲା ମୁଖ୍ୟାଳୟ ବାରିପଦାର ତକତପୁରସ୍ଥିତ ଅବଦୁଲ କଲାମ ପଡ଼ିଆ ସମେତ ୭ଟି ପଡ଼ିଆରେ ଖେଳ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ବିଭାଗ ପକ୍ଷରୁ ୧୮ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଏହି ଟୁର୍ନାମେଣ୍ଟ ପାଇଁ ସରକାରୀସ୍ତରରେ ୨ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ସେହିପରି ପ୍ରତ୍ୟେକ ଖେଳାଳିଙ୍କୁ ଦିନକୁ ଖାଦ୍ୟ ବାବଦରେ ୨୦୦ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଖେଳାଳିମାନଙ୍କଠାରୁ ମୋଟ ୧୪ ଲକ୍ଷ ୭୫ ହଜାର ୬ ଶହ ଟଙ୍କା ଆଦାୟ ହେବାକୁ ଥିବା ବେଳେ ସରକାରୀ ଅନୁଦାନକୁ ମିଶାଇ ମୋଟ ୧୭ ଲକ୍ଷ ୨୫ହ ଜାର ୬ ଶହ ଟଙ୍କା ଆଦାୟ ହେବ। ତେବେ ୭୫ ହଜାର ଟଙ୍କାର ନିଅଣ୍ଟିଆ ବଜେଟକୁ ନେଇ ଜିଲାର ସମସ୍ତ ସ୍କୁଲରୁ ଟଙ୍କା ଆଦାୟ କରାଯାଉଥିବାରୁ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଜିଲାରେ ଥିବା ୩୬୬୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ୧୦୭୦୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ୫୦ଟଙ୍କା ହିସାବରେ ୫ ଲକ୍ଷ ୩୫ ହଜାର ୩୫୦ ଓ ମାଧ୍ୟମିକ ସ୍ତରରେ ଥିବା ୫୩୭ଟି ସ୍କୁଲର ୩୯୦୭ ଶିକ୍ଷକଙ୍କଠାରୁ ଶହେ ଟଙ୍କା ହିସାବରେ ମୋଟ ୩ଲକ୍ଷ ୯୦ହଜାର ୭ଶହ ଟଙ୍କା ଆଦାୟ ହେବ ବୋଲି ଜଣାପଡ଼ିଛି। ଯାହାକି ଜିଲାରେ କାର୍ଯ୍ୟରତ ୧୪ ହଜାର ୬୧୪ ଶିକ୍ଷକଙ୍କଠାରୁ ମୋଟ ୯ ଲକ୍ଷ ୨୬ ହଜାର ୫୦ ଟଙ୍କା ଆଦାୟ ହେବ।

ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ନାମରେ ଅର୍ଥ ଆଦାୟ କରିବା ଉଦ୍ଦେଶ୍ୟମୂଳକ ବୋଲି ଶିକ୍ଷକ ମହଲରେ ମତପ୍ରକାଶ ପାଇଛି। ୭୫ ହଜାର ଟଙ୍କା ଭରଣା କରିବା ପାଇଁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଥିବା ଘଟଣାକୁ ନେଇ ଶିକ୍ଷକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିକ୍ଷକମାନେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଅର୍ଥ ସହଯୋଗ କରୁଥିବା ବେଳେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଅର୍ଥ ସହଯୋଗ କରିବାକୁ ନେଇ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ଏଭଳି ଅପପ୍ରୟାସକୁ ନେଇ ଶିକ୍ଷକମାନେ ବାଧ୍ୟବାଧକତାରେ ଟଙ୍କା ଦେଉଛନ୍ତି ବୋଲି ପରିଚୟ ଗୋପନ ରଖି ଜଣେ ଶିକ୍ଷକ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ନିରୀକ୍ଷକ ଭାଗିରଥି ମଲ୍ଲିକଙ୍କୁ ପଚାରିବାରୁ ୭ ଦିନର କାର୍ଯ୍ୟକ୍ରମର ବ୍ୟୟ ଅଟକଳରେ ଅର୍ଥ ଅଭାବ ପରିଲକ୍ଷିତ ହେବାକୁ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଭାଗିତାରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରାଯାଉଛି। ସରକାରୀ ଅନୁଦାନରେ ଏତେ ବଡ଼ କାର୍ଯ୍ୟକ୍ରମ ପରିଚାଳନା ଅସମ୍ଭବ। ତେବେ ବାଳିକା ବିଭାଗର କେତେକ ଟିମ୍ ଏଥିରେ ଅଂଶ ଗ୍ରହଣ କରି ନ ଥାନ୍ତି। ଯାହାକୁ ନେଇ ଅର୍ଥର ଅଭାବ ପରିଲକ୍ଷିତ ହୋଇଥାଏ। ସେହିପରି ଟୁର୍ନାମେଣ୍ଟ ପରିଚାଳନାରେ ୨୦୦ ପାଖାପାଖି କର୍ମଚାରୀ ନିୟୋଜିତ ରହି କାର୍ଯ୍ୟକୁ ପରିଚାଳନା କରୁଥିବାରୁ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯାଇ ନ ଥାଏ। ଫଳରେ ଖର୍ଚ୍ଚର ଅଭାବ ଭରଣା କରିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କଠାରୁ ସହଯୋଗ ଲୋଡ଼ାଯାଇଛି ବୋଲି ସେ କହିଛନ୍ତି। ଜିଲାପାଳ ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ ଓ ଆଦାୟ ହେଉଥବା ଅର୍ଥ ତୁଳନାରେ କେତେ ଖର୍ଚ୍ଚ ହେଉଛି ତାହାର ଏକ ବିଧିବଦ୍ଧ ତଦନ୍ତ କରି ବଳକା ଅର୍ଥକୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଫେରାଇ ଦେବାକୁ ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

## ବାରିପଦା ସର୍କଲରେ କମିଲା ହାତୀ ସଂଖ୍ୟା

ପ୍ରକାଶ ପାଇଲା ଗଣନା ରିପୋର୍ଟ

ବାରିପଦା,୨୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆରସିସିଏଫ୍) କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷର ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ବାରିପଦା ବନ ସର୍କଲରେ ସମୁଦାୟ ହାତୀଙ୍କ ସଂଖ୍ୟା ୩୮୪ ରହିଥିବା ବେଳେ ପୂର୍ବ ରିପୋର୍ଟ ତୁଳନାରେ ଚଳିତ ଥର ୪୭ଟି ହାତୀ କମିଛନ୍ତି। ସେହିପରି ୨୦୧୭ ରିପୋର୍ଟ ତୁଳନାରେ୨୫୯ରୁ ଊର୍ଦ୍ଧ୍ୱ ହାତୀ କମିଛନ୍ତି। ଚଳିତ ବର୍ଷଠାରୁ ବିଭାଗର ନିଷ୍ପତ୍ତି ଅନୁସାରେ ବର୍ଷକୁ ୨ଥର (ଗ୍ରୀଷ୍ମ ଓ ଶୀତ ଋତୁ) ହାତୀଗଣନା କରାଯାଇଛି।

ନଭେମ୍ବର ୧୪ ଓ ୧୫ ଦୁଇ ଦିନ ଧରି ହାତୀ ଗଣନା କରାଯାଇଥିଲା। ଗଣନା ଶେଷ ହେବା ପରେ ବାରିପଦା ସର୍କଲରେ ହାତୀଙ୍କ ସଂଖ୍ୟା ୩୮୪ଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି। ବାରିପଦା ବନଖଣ୍ଡରେ ସର୍ବାଧିକ ୧୧୨ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୩୬ଟି ଦନ୍ତା ଓ ୩୧ଟି ଶାବକ ରହିଛନ୍ତି। କରଞ୍ଜିଆ ବନଖଣ୍ଡରେ ୨୩ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୧୦ଟି ଦନ୍ତା ଓ ୪ଟି ଶାବକ ରହିଛନ୍ତି। ରାଇରଙ୍ଗପୁର ବନଖଣ୍ଡରେ ୮ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୧ଟି ଦନ୍ତା ଓ ୧ଟି ଶାବକ ରହିଛନ୍ତି। ଶିମିଳିପାଳ ଉତ୍ତର ବନଖଣ୍ଡରେ ୪୯ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୫ଟି ଦନ୍ତା ଓ ୧୫ଟି ଶାବକ ରହିଛନ୍ତି। ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୧୦୩ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୧୦ଟି ଦନ୍ତା ଓ ୧୮ଟି ଶାବକ ରହିଛନ୍ତି। ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡରେ ୫୪ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୧୩ଟି ଦନ୍ତା ଓ ୧୩ଟି ଶାବକ ରହିଛନ୍ତି। କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡରେ ୩୫ଟି ହାତୀ ରହିଥିବା ବେଳେ ସେଥି ମଧ୍ୟରୁ ୭ଟି ଦନ୍ତା ଓ ୭ଟି ଶାବକ ରହିଛନ୍ତି। ତେବେ ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇବା ପରେ ହାତୀ ସଂଖ୍ୟା କମିଥିବାରୁ ବନ୍ୟପ୍ରାଣୀ ପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, କାରଣ ଖୋଜି ହାତୀ ମୃତ୍ୟୁ ରୋକିବା କ୍ଷେତ୍ରରେ ବନ ବିଭାଗ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କେବଳ ମିଟିଂ ଓ ସିଟିଂ କରି କାଗଜପତ୍ରରେ ହାତୀ ସୁରକ୍ଷା କାର୍ଯ୍ୟ ଚାଲିଛି। ବିଦ୍ୟୁତ୍, ରେଲୱେ ଏବଂ ବନ ବିଭାଗର ଅବହେଳା ପାଇଁ ଅଦ୍ୟାବଧି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ଚେକ୍ ବାଉନ୍ସ ମାମଲାରେ ୧ବର୍ଷ ଜେଲ

ବାରିପଦା,୨୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ସବ୍ ଡିଭିଜନ ବିଚାର ବିଭାଗୀୟ (ଏସ୍‌ଡିଜେଏମ୍) ଅଦାଲତରେ ଗୁରୁବାର ଏକ ଚେକ ବାଉନ୍ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁବାସିନୀ ବେହେରା ମାମଲାର ବିଚାର କରି ଦୋଷୀଙ୍କୁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୪ଲକ୍ଷ ୭୪ହଜାର ୯୮୬ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ସ୍ୱରୂପଭିଲ୍ଲା ଅଞ୍ଚଳର ଶିବବ୍ରତ ପଣ୍ଡା। ମାମଲାର ବିବରଣୀ ଅନୁଯାୟୀ, ଶିବବ୍ରତ ବ୍ୟବସାୟ ନିମନ୍ତେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବାରିପଦା ଶାଖାରୁ ୧ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୨ଲକ୍ଷ ୩୭ହଜାର ୪୯୩ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ତେବେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା। ଏନେଇ ଶାଖା ପରିଚାଳକ କୋର୍ଟରେ ମାମଲା ରୁଜୁ କରିଥିଲେ। ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

## ‘ଆଗ୍ରହ ଥିଲେ ଆଗକୁ ବଢ଼ିବାର ସୁଯୋଗ ମିଳେ’



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍ଗି ଫୁଲ’

ବାରିପଦା,୨୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରାଣୀଭୋଳ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍ଗି ଫୁଲ’ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କପ୍ତିପଦାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରିୟପଦ ନାଏକ, କମଳାକାନ୍ତ ସ୍ୱାଇଁ ଓ ସ୍ମୃତିଲିପି ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ମହୋତ୍ସବ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ଥିଲେ ସେମାନେ ଆଗକୁ ବଢ଼ିବାର ସୁଯୋଗ ମିଳିବ ବୋଲି ଜିଲା ମଙ୍ଗଳ ଅଧିକାରୀ ଦାଶ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ୪ଟି ଉପଖଣ୍ଡରୁ ୩୬୧ ଜନଜାତି ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ୨୪ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୧୨ଟି ପ୍ରକଳ୍ପକୁ ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚୟନ କରାଯାଇଥିଲା। ସେହିପରି ଭଲିବଲ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁରର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦାର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ଓ କରଞ୍ଜିଆର ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ହାତୀ ଉତ୍ପାତ, ଲୋକେ ଛାନିଆ

ବୈଶିଙ୍ଗା,୨୮।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଓ ପାଟଳିପୁରା ପଞ୍ଚାୟତରେ ହାତୀ ଆତଙ୍କ ଦେଖାଦେଇଛି। ୫୪ ଟିକିଆ ହାତୀପଲ କ୍ଷୀରପଦା ଓ ଦଳକି ସଂରକ୍ଷିତ ଜଙ୍ଗଲରେ ରହିବା ସହ ଉତ୍ପାତ ଚଳାଇଛନ୍ତି। ହାତୀ ଭୟରେ ସନ୍ଧ୍ୟା ନ ହେଉଣୁ ତାଟି କବାଟ ପକାଇ ଘର ଭିତରେ ଭୟଭୀତ ହୋଇ ରାତି କାଟୁଛନ୍ତି ଦୁଇ ଗ୍ରାମର ପ୍ରାୟ ୧୭୫ ପରିବାରର ୫୦୦ରୁ ଊର୍ଦ୍ଧ୍ୱ ଲୋକ। ଅନ୍ୟପଟେ ହାତୀପଲ ଥିବା ଯୋଗୁ ରାତି ସାରା ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଉଛି। ଦିନ ତମାମ ପାଚିଲା ଧାନ କ୍ଷେତରେ ପଶି ହାତୀ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ଓ ସ୍ଥାନୀୟ ସରପଞ୍ଚଙ୍କ ସୂଚନା ଅନୁଯାୟୀ ହାତୀପଲ ୫୦ ଏକରରୁ ଊର୍ଦ୍ଧ୍ୱ ପାଚିଲା ଧାନ କ୍ଷେତ ଉଜାଡ଼ି ଦେଲେଣି। ତେବେ ହାତୀପଲ ଘଉଡ଼ାଇବାରେ ବିଫଳ ବନବିଭାଗ କେବଳ ଲୋକଙ୍କୁ ସଚେତନ କରୁଛି ଓ ଆଶ୍ୱାସନା ଦେବାରେ ନିଜର ଦାୟିତ୍ୱ ସିମୀତ ରଖିଛି। ଅନ୍ୟ ପକ୍ଷରେ ହାତୀ କ୍ଷୟକ୍ଷତି ଜନିତ ଆର୍ଥିକ ସହାୟତା ରାଶି ବୃଦ୍ଧି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ସାନ୍ତାଳୀ ଭାଷାରେ ଶିକ୍ଷା ପାଇଁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ନିଖିଳ ଓଡ଼ିଶା ସ୍ନାତକୋତ୍ତର ଛାତ୍ର ସଂଘର ପ୍ରତିନିଧି ଦଳ।

ମୋରଡ଼ା,୨୮।୧୧(ସ୍ମାରକ ମାଜୀ)

ଉଚ୍ଚ ଶିକ୍ଷାରେ ସାନ୍ତାଳୀ ଭାଷାକୁ ନିୟମିତ କରିବାକୁ ଦାବି ଉପସ୍ଥାପନା କରାଯାଇଛି। ଏନେଇ ନିଖିଳ ଓଡ଼ିଶା ସ୍ନାତକୋତ୍ତର ଛାତ୍ର ସଂଘର ସଭାପତି ବିକ୍ରମ ବେଶ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚିତ୍ରଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତ, ନଳଗଜା ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ମଞ୍ଜରୀ ଦଣ୍ଡପାଟ, ମାଣିଦାସ୍ଥିତ ଶହୀଦ ସ୍ମୃତି ମହାବିଦ୍ୟାଳୟର ଯତୀନ୍ଦ୍ର କୁମାର ସାହୁଙ୍କୁ ସାକ୍ଷାତ କରିବା ସହିତ ସାନ୍ତାଳୀ ଭାଷାରେ ଶିକ୍ଷା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। +୨ ପାଠ୍ୟକ୍ରମରେ ସାନ୍ତାଳୀ ଭାଷାକୁ ମାତୃଭାଷା ଓ ଇଚ୍ଛାଧୀନ, +୩ ପାଠ୍ୟକ୍ରମରେ ଇଚ୍ଛାଧୀନ ଓ ସମ୍ମାନ ବିଷୟରେ ଅନ୍ତର୍ଭୁକ୍ତ କରିବା ଏବଂ ଆଗାମୀ ଶିକ୍ଷାବର୍ଷରେ ଆରମ୍ଭ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସୀମାଲ ସୋରେନ,ସଞ୍ଜୟ ମାହାଲି, ଆନପା କିସ୍କୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଧରାପଡ଼ିଲେ ଫାଇନାନ୍ସ କମ୍ପାନୀ କର୍ମଚାରୀ

ନିଜେ ରଚିଥିଲେ ନିଜ ହତ୍ୟା ନାଟକ

ବାରିପଦା,୨୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଫାଇନାନ୍ସ କମ୍ପାନୀ ଅର୍ଥ ହଡ଼ପ ଯୋଜନା କରି ଜଣେ କର୍ମଚାରୀ ନିଜ ହତ୍ୟା ନାଟକ ରଚି ୩ ମାସ ପରେ ଧରାପଡ଼ିଛନ୍ତି। ମୟୂରଭଞ୍ଜ ଜିଲା ରରୁଆଁ ଥାନା ପୋଲିସ ତାଙ୍କୁ ନୋଟିସ ଦେଇ ଛାଡ଼ିଛି। କର୍ମଚାରୀଜଣକ ହେଲେ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ଜାମୁଦା ଗାଁର ହେମନ୍ତ ପାତ୍ର।

ଗତ ଅଗଷ୍ଟ ୮ ତାରିଖ ରାତି ୮ ଟାରେ ଶୁକୃଳି- ସିଙ୍ଗଡ଼ା ରାସ୍ତାର କାଶିଆ ଜଙ୍ଗଲ ନିକଟ ପୋଖୋରୀ ପାଖରେ ରକ୍ତ ଲାଗିଥିବା ଏକ ପଲସର ବାଇକ୍ ସହ ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ରରୁଆଁ ପୋଲିସ ତଦନ୍ତ କରି ବାଇକ୍‌ଟି ଯଶିପୁରଠାରେ ଥିବା ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ହେମନ୍ତ ପାତ୍ରଙ୍କ ବୋଲି ଜାଣିବାକୁ ପାଇଥିଲା। ୯ ତାରିଖ ସକାଳେ ହେମନ୍ତଙ୍କ ଶାଶୁ ଓ ସ୍ତ୍ରୀ ରରୁଆଁ ଥାନାକୁ ଆସି ହେମନ୍ତଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ସନ୍ଦେହ କରି ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୯/୨୪) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ହେମନ୍ତଙ୍କର କୌଣସି ସନ୍ଧାନ ପାଇ ପାରି ନ ଥିଲା। ଏନେଇ ପୋଲିସର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ହେଲେ ହେମନ୍ତଙ୍କ ଏକ ଫୋନ କଲ ସବୁ ଗୁମର ଖୋଲିଦେଇଥିଲା। ଗତ ୧୮ ତାରିଖରେ ହେମନ୍ତ ତାଙ୍କ ମାମୁ ଶ୍ୱଶୁରଙ୍କ ସହ ମୋବାଇଲରେ କଥା ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ତାଙ୍କ ମୋବାଇଲ୍‌କୁ ଟ୍ରାକ୍ କରି ଭୁବନେଶ୍ୱରରରୁ ହେମନ୍ତଙ୍କୁ ଧରିଥିଲା। ଘଟଣା ଦିନ ରାତିରେ ହେମନ୍ତ ବାଇକ୍‌କୁ ରାସ୍ତା କଡ଼କୁ ଠେଲି ଦେଇ ନିଜ ହାତ କାଟି ବାଇକ ଉପରେ ରକ୍ତ ଛିଟା ପକାଇଥିଲେ। ସେଠାରୁ ଭୁବନେଶ୍ୱର ଷ୍ଟେଶନ ଯାଇ ଟ୍ରେନ ଯୋଗ ସିକନ୍ଦରାବାଦ ପଳାଇଥିଲେ। ପରେ ଭୁବନେଶ୍ୱରରେ ରହୁଥିବା ତାଙ୍କ ମା’ଙ୍କ ଦେହ ଖରାପ କଥା ଶୁଣି ଆସିଥିବା ବେଳେ ପୋଲିସ ତାଙ୍କୁ ମାଡ଼ି ବସିଥିବା ସୂଚନା ଦେଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର (ସିଓଏନ୍), ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩, ନିମ୍ନଲିଖିତ କାର୍ଯ୍ୟ ପାଇଁ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୫୪୫-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୬୭-୨୦୨୪ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଇଞ୍ଜିନିୟରିଂ, ପ୍ରୋକ୍ୟୋରମେଣ୍ଟ ଏବଂ କନ୍‌ଷ୍ଟ୍ରକ୍ସନ୍ (ଇପିସି) ପଦ୍ଧତିରେ ଦକ୍ଷିଣ ପୂର୍ବ ରେଳପଥର ଖଡ଼୍‌ଗପୁର ଡିଭିଜନରେ ହାଓଡା–ଖଡ଼୍‌ଗପୁର ରୁଟ୍‌ରେ ଡାଇଭର୍ଟେଡ୍ ଆଲାଇନମେଣ୍ଟ ଉପରେ ଏଲିଭେଟେଡ୍ ପ୍ଲାଟ୍‌ଫର୍ମ ନଂ. ୧ ଓ ୨ରେ ଉଭୟ ଆପ୍ରୋଚ୍ (୧୧x୩୦.୫ମି) କମ୍ପୋଜିଟ୍ ଗିର୍ଡର୍ + ୧୫x୩୦.୫ମି କମ୍ପୋଜିଟ୍ ଗିର୍ଡର୍ ତଥା କୋଲାଘାଟ ଷ୍ଟେଶନରେ ଭାୟାଡକ୍ଟ ସମେତ ଡାଉନ୍ ଓ ମିଡିଲ୍ ଲାଇନ୍ (୨x୩୦.୫ମି ଓଡବ୍ଲ୍ୟୁଜି+୭x୯୧.୪ମି ଓଡବ୍ଲ୍ୟୁଜି+୨x୩୦.୫ ମି ଓଡବ୍ଲ୍ୟୁଜି) ନିମନ୍ତେ ରୂପନାରାୟଣ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ସେତୁ ନଂ. ୫୭ର ନିର୍ମାଣ ନିମନ୍ତେ ପ୍ରସ୍ତାବ ଆହ୍ୱାନ । **ଆନୁମାନିକ ମୂଲ୍ୟ:** ୫୯୩.୩୨/– କୋଟି। **ସମାପ୍ତି ଅବଧି:** ୩୦ ମାସ । **ବିଡ୍ ଅମାନତ:** ୨,୦୦,୦୦,୦୦୦/– । **ସମାପ୍ତି ତାରିଖ:** ତା୧୭।୦୧।୨୦୨୫ରିଖ ୧୨.୦୦ ଘଟିକା (ଆଇଏସ୍‌ଟି)। **ପ୍ରାକ୍-ବିଡ୍ ବୈଠକ: ତାରିଖ:** ୧୬।୧୨।୨୦୨୪ । **ସମୟ:** ୧୨.୦୦ ଘ. । **ସ୍ଥାନ:** ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର (ସିଓଏନ୍), ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: “ସମ୍ଭାବ୍ୟ ଟେଣ୍ଡରଦାତାମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି” । (PR-841)


## ବୈଶିଙ୍ଗା ଡାକ୍ତରଖାନା ପରିଦର୍ଶନ କଲେ ଉଚ୍ଚସ୍ତରୀୟ ଅଧିକାରୀ

**ବୈଶିଙ୍ଗା,୨୮।୧୧(ରତନ ଦାଶ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଆଧୁନିକ ଚିକିତ୍ସା ଉପକରଣ, ତଥା ସମସ୍ତ ପ୍ରକାର ଔଷଧ ଉପଲବ୍ଧ ପାଇଁ କଟକସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ହସ୍ପିଟାଲ ଏବଂ କଲେଜ ପକ୍ଷରୁ ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ଏକ ଟିମ୍ ଗୁରୁବାର ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ବିଶେଷଜ୍ଞ ଦଳରେ ଡା.ଚିତ୍ତରଞ୍ଜନ ବାରିକ, ଡା.ଦେବୀ ପ୍ରସାଦ ମହାପାତ୍ର, ଡା. ପ୍ରକାଶ ମହାପାତ୍ରଙ୍କ ସହିତ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଅଧିକାରୀମାନେ ବୈଶିଙ୍ଗା ଡାକ୍ତରଖାନାର ଆଉଟଡୋର ରୋଗୀ ତାଲିକା, ପ୍ରସୂତି ବିଭାଗ ଏବଂ ଇନଡୋର୍ ରୋଗୀଙ୍କର ହିସାବ ଦେଖିବା ପରେ ମାଗଣାରେ ଦିଆଯାଉଥିବା ଔଷଧ ଏବଂ ଜରୁରୀ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ଉପରେ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରିଥିଲେ। ଏଥି ସହିତ ଖୁବ୍‌ଶୀଘ୍ର ଏକ ଏକ୍ସରେ ମେସିନ ସହିତ ଅପରେଟର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଥିଲେ। ଡାକ୍ତରଖାନାରେ ଥିବା ବହୁ ପୁରାତନ ଅଣୁବୀକ୍ଷଣ ଯନ୍ତ୍ର ବଦଳରେ ନୂଆ ଟେକ୍ନୋଲୋଜିରେ ନିର୍ମିତ ଅଣୁବୀକ୍ଷଣ ଯନ୍ତ୍ର ଯୋଗାଇ ଦେବାପାଇଁ କାର୍ଯ୍ୟରତ ଡା.ପ୍ରଦୀପ କୁମାର କର ଅନୁରୋଧ କରିଥିଲେ। ଡାକ୍ତରଖାନାର ଅନ୍ୟ ଡାକ୍ତର, ଷ୍ଟାଫ ନର୍ସ, ଫାର୍ମାସିଷ୍ଟ ଏବଂ କର୍ମଚାରୀମାନେ ବିଶେଷଜ୍ଞ ଦଳକୁ ସହଯୋଗ କରିଥିଲେ।


**कार्यालय मुख्य अभियंता**
**लो.नि.वि., राष्ट्रीय राजमार्ग परिक्षेत्र, रायपुर (छ.ग.)**

दिनांक: 19.11.2024

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु ऑनलाईन (Online) निविदा आमंत्रित की जाती है:-

| क्र. | नि.आ.सू.क्र दिनांक | सिस्टम आईडी क्र. | कार्य का नाम | कार्य की अनुमानितलागत |
|---|---|---|---|---|
| 1. | 106/CE/NH/ TC/44-41/2024 (1st Call) | 2024_ MoRTH_835578_1 | Construction of H.L. Bridge Across Chullhat Nala, Bilaspur to Ambikapur Road on NH-130 at KM 194.840 on Shivnagar to Ambikapur Section NH-130 (Old NH 111) | Rs.450.59/- Lacs (i/c 18% GST) |

निविदा डाउनलोड करने की अंतिम तिथि दिनांक 02.01.2025 साम 17.30 बजे तक है।
2. उपरोक्त निर्माण कार्यों की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी सड़क परिवहन एवं राजमार्ग मंत्रालय (MORT&H's) के ई-प्रोक्योरमेंट वेब पोर्टाल **https://eprocure.gov.in/eprocure/app** से डाऊनलोड की जा सकती है।

स्वा./- मुख्य अभियंता
लो.नि.वि., राष्ट्रीय राजमार्ग परिक्षेत्र, रायपुर (छ.ग.)

G-242504089/3



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, गोड्डा**

**ई–प्रोक्योरमेंट सूचना**

अति अल्पकालीन ई–निविदा सूचना सं० – **RCD/GODDA/1351/2024-25**
**(2nd Call)** दिनांक –27.11.2024
**OLD PR No. 338652(Road) 24-25**

| | | |
|---|---|---|
| 1. | कार्य का नाम | गोड्डा जिलान्तर्गत "नयानगर–परसा (MDR 203) –हनवारा (बिहार बोर्डर तक) पथ (कुल लम्बाई– 21.10 कि0मी0) के परसा से हनवारा (बिहार बोर्डर तक) पथांश (लंबाई– 12.45 कि0मी0) के चौड़ीकरण एवं मजबूतीकरण कार्य का अवशेष कार्य" |
| 2. | प्राक्कलित राशि | रू0 1,39,60,642 /– (एक करोड़ उनचालीस लाख साठ हजार छः सौ बेयालीस रूपये) मात्र |
| 3. | बीड जमानत की राशि | रू० 2.79250 लाख |
| 4. | कार्य पूर्ण करने की अवधि | 03 (तीन) माह |
| 5. | वेबसाईट में निविदा प्रकाशन की तिथि | 03.12.2024 के अपराह्न 03:00 बजे से |
| 6. | ऑनलाईन निविदा प्राप्त करने की अन्तिम तिथि/समय | 10.12.2024 के दोपहर 12:00 बजे तक |
| 7. | निविदा खोलने की तिथि/समय | 11.12.2024 के अपराह्न 12:30 बजे |
| 8. | निविदा आमंत्रित करने वाले अधिकारी के कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमण्डल, गोड्डा |
| 9. | निविदा आमंत्रित करने वाले अधिकारी का मो0 नं0 | 8987675852 |
| 10. | ई–प्रोक्योरमेंट सेल का हेल्पलाईन सं० /दूरभाष सं० | **0651-2446007** |

नोट :– 1. निविदा शुल्क एवं बीड जमानत की राशि केवल Online mode द्वारा स्वीकार्य होगी।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

PR 340613 (Road) 24-25 (D)

कार्यपालक अभियंता,
पथ प्रमण्डल, गोड्डा



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, जामताड़ा**

**ई–प्रोक्योरमेंट सूचना सं0–03/2024–25**

ई–निविदा प्रसंग–**RCD/JAMTARA/ 797/2024-25** दिनांक 27.11.2024

| | | |
|---|---|---|
| 1 | कार्य का नाम | पथ प्रमंडल, जामताड़ा अंतर्गत दुमका – मसलिया –कुण्डहित – नाला पथ के कि0मी0 20.00 से 53.355 कि0मी0 तक (कुल लंबाई–33.355 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य वर्ष 2024–25 |
| 2 | प्राक्कलित राशि | 3971.45120 लाख |
| 3. | कार्य पूर्ण करने की अवधि | 08 महीना |
| 4. | ई–निविदा प्राप्त करने की अंतिम तिथि एंव समय | 24.12.2024 के दोपहर 12:00 बजे तक |
| 5 | ई–निविदा का वेबसाईट पर प्रकाशन की तिथि एंव समय | 30.11.2024 के अपराहन 3:30 बजे से |
| 6. | ई–निविदा आमंत्रित करने वाले कार्यालय का नाम एंव पता | कार्यपालक अभिंयता, पथ प्रमंडल, जामताड़ा। |
| 7. | ई–प्रोक्यूरमेंट अधिकारी का संपर्क नं0/मोबाईल नं0 | 9279626462 |
| 8. | ई–प्रोक्यूरमेंट सेल का संपर्क सहायता नम्बर | **0651-2401010** |

नोट:– प्राक्कलित राशि घट–बढ़ सकती हैं।
निविदा संबंधी अन्य जानकारी http://jharkhandtenders.gov.in पर देखा जा सकता है।

PR 340546 (Road) 24-25 (D)

कार्यपालक अभिंयता,
पथ निर्माण विभाग,
पथ प्रमंडल, जामताड़ा



**Office of the Executive Engineer**
**Road Construction Department, Road Division, Chaibasa**
**eercdchaibasa-jhr@nic.in**

**E-Procurement Notice**
**E-tender Reference No. : RCD/CHAIBASA/2024-25/17 Date : 26.12.2024**

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 05.12.2024 at 11.30 AM |
| 5. | Last date/Time for receipt of bids. | 26.12.2024 Up to 3.00 P.M. |
| 6. | Date of Opening of Bid | 27.12.2024 at 11:30 A.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

PR 340522 West Singhbhum (24-25)_D

Executive Engineer
RCD, Road Division, Chaibasa

# ୭ ସର୍କଲରେ ୪ ରାଜସ୍ୱ ନିରୀକ୍ଷକ

## ଚମ୍ପୁଆ ତହସିଲ ଅଧୀନରେ କର୍ମଚାରୀ ଅଭାବ

ଚମ୍ପୁଆ,୨୮।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅଧୀନରେ ଥିବା ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବ ଲାଗି ରହିଛି। ତହସିଲ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ(ସର୍କଲ)ରେ ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ଏପରିକି ଖୋଦ ତହସିଲ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀ ଅଭାବ ଦେଖାଦେଇଛି। ଫଳରେ ବିଭିନ୍ନ କାମ ପାଇଁ ଆସୁଥିବା ଜନସାଧାରଣ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୧୯୬୩ରେ ଚମ୍ପୁଆ ମୁଖ୍ୟାଳୟରେ ନିର୍ମିତ ତହସିଲ କାର୍ଯ୍ୟାଳୟ ଅଧୀନରେ ରହିଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡ଼ିକରେ ଜମିଜମା କାର୍ଯ୍ୟଠାରୁ ଆରମ୍ଭକରି ଛାତ୍ରୀଛାତ୍ରଙ୍କ ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଆଦି କାର୍ଯ୍ୟ କରାଯାଉଛି। ଚମ୍ପୁଆ ତହସିଲ ଅଧୀନରେ ଥିବା ଚମ୍ପୁଆ, ଟିମିଲା, କରଞ୍ଜିଆ, ରିମୁଳି, ଭଣ୍ଡା, ଭୂଇଁପୁର, ଜ୍ୟୋତିପୁରକୁ ମିଶାଇ ୭ ରାଜସ୍ୱ କାର୍ଯ୍ୟାଳୟ ରହିଥିବା ବେଳେ ଟିମିଲା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ କୁଟାରିପୋଷି, ଜାମୁଦଲକ, ସୁନାପୋଷି, କୋଦଗଡ଼ିଆ ପଞ୍ଚାୟତ ରହୁଥିବା ବେଳେ କରଞ୍ଜିଆ ଅଧୀନରେ ଚନ୍ଦ୍ରଶେଖରପୁର, କରଞ୍ଜିଆ, ବଡ଼ନଇ, ସରେଇ ଆଦି ରହିଛି। ଭଣ୍ଡା ଅଧୀନରେ ରଙ୍ଗାମାଟିଆ, ଭଣ୍ଡା, କାଶିପାଳ ; ଭୂଇଁପୁର ଅଧୀନରେ ଜାଲି, ପଦୁଆ, ଭୂଇଁପୁର ; ଜ୍ୟୋତିପୁର ଅଧୀନରେ ଜ୍ୟୋତିପୁର, ଉଛବାଲି, ଷଡଙ୍ଗୀ, ଫୁଲକଅଁଳେଇ ; ରିମୁଳି ଅଧୀନରେ କାଳିକାପ୍ରସାଦ, ରିମୁଳି, ପର୍ଶଳା, ନାରଦପୁର ଆଦି ପଞ୍ଚାୟତ ରହୁଥିବା ବେଳେ ଚମ୍ପୁଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଚମ୍ପୁଆ ଏନ୍ଏସିର ୧୩ ଗୋଟି ୱାର୍ଡର ଜନସାଧାରଣ ସମେତ ରଜିଆ ପଞ୍ଚାୟତର ସମସ୍ତ ଜନସାଧାରଣ ଉକ୍ତ କାର୍ଯ୍ୟାଳୟ ଉପରେ ନିର୍ଭର କରିଆସୁଛନ୍ତି। ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଜଣେ ରାଜସ୍ୱ ନିରୀକ୍ଷକ, ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ, ଚେନ୍ମ୍ୟାନ ଓ ଜଣେ ପିଅନକୁ ମିଶାଇ ୫ ଜଣ କର୍ମଚାରୀ ରହିବା ଆବଶ୍ୟକ। ୭ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ୪ ରାଜସ୍ୱ ନିରୀକ୍ଷକ ଓ ୪ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଉଛି। ଜମି ଚିହ୍ନଟଠାରୁ ଉଚ୍ଛେଦ କାର୍ଯ୍ୟରେ ରାଜସ୍ୱ ନିରୀକ୍ଷକ ରହିବା ବାଞ୍ଛନୀୟ ହୋଇଥିବା ବେଳେ ୮୦ ଭାଗ ଫିଲ୍ଡ କାର୍ଯ୍ୟ ରାଜସ୍ୱ ନିରୀକ୍ଷକ କରିଥାନ୍ତି। ଏଥିପାଇଁ ଅନେକ ସମୟରେ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକମାନେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଲୋକେ ଦୂରଦୂରାନ୍ତରୁ ଆସି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଭୂଇଁପୁର ସ୍ଥିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲୁଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି। ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥୀ କହିଛନ୍ତି, ଯେଉଁ ଆର୍ଆଇ କାର୍ଯ୍ୟାଳୟରେ ଆର୍ଆଇ ନାହାନ୍ତି। ସେଠାରେ ଏଆର୍ଆଇଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି। ଏବେ ସୀମିତ କର୍ମଚାରୀରେ କାମ ହେଉଛି। କର୍ମଚାରୀ ନିଯୁକ୍ତ ହେଲେ ରାଜସ୍ୱ କାର୍ଯ୍ୟ ତ୍ୱରାନିତ ହୋଇପାରିବ।

# ଯୋଡ଼ା ସହରକୁ ଶୀତତାପ ନିୟନ୍ତ୍ରିତ ବସ୍ ଚଳାଇବାକୁ ଦାବି

ଯୋଡ଼ା,୨୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ସହରରୁ ପୁରୀକୁ ରାଜ୍ୟ ସରକାର ଏକ ଶୀତତାପ ନିୟନ୍ତ୍ରିତ ଭଲ୍ଭୋ ବସ ଚଳାଉଛନ୍ତି। ବସ୍ ପୁରୀରୁ ବଡ଼ବିଲ ଏବଂ ବଡ଼ବିଲରୁ ପୁରୀକୁ ରାତ୍ରିକାଳୀନ ସେବା ଯୋଗାଉଛି। ଉକ୍ତ ବସ୍ ଯୋଡ଼ା ସହରକୁ ପ୍ରବେଶ କରୁନାହିଁ। ଫଳରେ ବସ୍‌ରେ ଯୋଡା ସହର ସମେତ ଖଣି ଅଞ୍ଚଳ ଯୋଡ଼ା, ବାଂଶପାଣି, କମାର ଯୋଡ଼ା, ଜୁରୁଡ଼ି, ଜରିବାହାଲ, ବାମେବାରି ପ୍ରଭୃତି ଅଞ୍ଚଳର ଲୋକେ ଯାତାୟାତରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଯାଉଥିବା ବେଳେ ସମସ୍ୟା ସମାଧାନ ପାଇଁ ଦାବି ହୋଇଛି।

ବସ୍‌ର କର୍ମଚାରୀଙ୍କ କହିବା ଅନୁଯାୟୀ, ବସ୍‌ଟି ଅପେକ୍ଷାକୃତ ଲମ୍ବା ହୋଇଥିବାରୁ ସହର ଭିତରକୁ ଯାଇ ବୁଲି ପାରୁନାହିଁ। ଫଳରେ ଯୋଡ଼ା ସହର ଉପକଣ୍ଠ କଳାପାହାଡ଼ ବାଇପାସ୍‌ରେ କିଛି କ୍ଷଣ ପାଇଁ ଅଟକୁଛି। ତେଣେ ବସ୍‌ଷ୍ଟାଣ୍ଡଠାରୁ କଳାପାହାଡ଼ ବହୁ ଦୂରରେ ଥିବାରୁ ଯାତ୍ରୀମାନେ ଏହି ସରକାରୀ ବସ୍‌ରେ ଯିବା, ଆସିବା କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ମଧ୍ୟରାତ୍ରରେ ଜାତୀୟ ରାଜପଥ କଡ଼ରେ ଓହ୍ଲାଇ ସେଠାରେ କୌଣସି ଅଟୋର ସୁବିଧା ନ ଥିବାରୁ ଚାଲି ଚାଲି ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ବସ୍‌ରେ ଯାତ୍ରା କରିବା ପାଇଁ କଳାପାହାଡ଼ ଛକଠାରେ ଅପେକ୍ଷା କରିଥିବା ଯାତ୍ରୀ ସୁଦର୍ଶନ ଲେଙ୍କା, ଗଜେନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ବସ୍‌ଟି ଅତ୍ୟନ୍ତ ଆରାମ ଦାୟକ, ମାତ୍ର ଯୋଡ଼ା ସହର ଭିତରକୁ ଯାଉ ନ ଥିବାରୁ ଯାତ୍ରୀ ଏହି ବସ୍‌ରେ ଯାଇପାରୁନାହାନ୍ତି। ଏପରି ଅବ୍ୟବସ୍ଥା ଯୋଗୁ କଟକ, ଭୁବନେଶ୍ୱର ଓ ପୁରୀକୁ ମହିଳା ଯାତ୍ରୀଙ୍କ ପାଇଁ ରହିଥିବା ୫୦ ପ୍ରତିଶତ ରିହାତିରୁ ବଞ୍ଚିତ ହେଉଥିବା ଲକ୍ଷ୍ମୀ ମୁଣ୍ଡା କହିଛନ୍ତି। ଲମ୍ବା ଗାଡ଼ି ହୋଇଥିବାରୁ ଏହା ବୁଲି ପାରୁନାହିଁ ବୋଲି କୁହାଯାଉଥିବା ବେଳେ ଯୋଡ଼ାରେ ନିର୍ମାଣ ହୋଇଥିବା ଫ୍ଲାଏ ଓଭର ଦେଇ ସହର ମଧ୍ୟକୁ କାହିଁକି ପ୍ରବେଶ କରୁ ନାହିଁ ବୋଲି ଯାତ୍ରୀମାନେ ପ୍ରଶ୍ନ କରିଛନ୍ତି। ଏହାର ଏକ ବିକଳ୍ପ ବ୍ୟବସ୍ଥା କରାଯାଇ ଖଣି କ୍ଷେତ୍ର ଯୋଡ଼ା ବସଷ୍ଟାଣ୍ଡକୁ ବସକୁ ନେବାକୁ ଅଞ୍ଚଳବାସୀ ଦାବି କହିଛନ୍ତି।



ବଡ଼ବିଲରୁ ପୁରୀ ଚାଲିଥିବା ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ବସ୍।

## ଧାନ କଳେଇ ଖାଇଗଲେ ହାତୀପଲ

ପାଟଣା,୨୮।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଗତ ୨ ଦିନ ହେବ ୨୭ ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି। ହାତୀପଲ ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ, ନୂଆଗାଁ, ଡଳଙ୍ଗ, ବାଉଁଶୁଳି, ଗୋଡ଼ିପୋଖରୀ, ଆଦି ଗ୍ରାମରେ ବ୍ୟାପକ ଧାନ ଫସଲ ମାଡି ନଷ୍ଟ କରିଛନ୍ତି। ଗୋଡ଼ି ପୋଖରୀ ଗ୍ରାମର ଚାଷୀ ବାଣେଶ୍ୱର ନାଏକଙ୍କ ଅମଳ ପାଇଁ ଥିବା ୩ ଶହ କଳେଇ ସହ କାର୍ତ୍ତିକ ନାଏକ, କ୍ଷୀରୋଦ ନାଏକ, ଶଙ୍କର୍ଷଣ ନାୟକ, ରୁକ୍ମଣୀ ନାୟକ, ଭକ୍ତ ମହାନ୍ତଙ୍କ ଧାନ କଳେଇ ନଷ୍ଟ କରିଛନ୍ତି। ହାତୀପଲ ହରିପୁର ଗାଁ ନିକଟରେ ଡେରା ପକାଇଛନ୍ତି। କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି। କ୍ଷୀରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି, କ୍ଷୟକ୍ଷତି ଆକଳନ କରାଯାଇ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।

# କେନ୍ଦୁଝରରେ ହାତୀ: ରାଜ୍ୟରେ ଦ୍ୱିତୀୟ ସର୍ବାଧିକ

କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଡିଭିଜନରେ ସମୁଦାୟ ୧୬୦ ହାତୀ ରହିଛନ୍ତି। ଗ୍ରୀଷ୍ମ ଋତୁ ଗଣନାରେ ୧୩୫ ହାତୀ ଥିବା ବେଳେ ଶୀତକାଳିନ ଗଣନାରେ ସଂଖ୍ୟା ବୃଦ୍ଧି ଘଟିଛି। କେନ୍ଦୁଝରରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ରାଜ୍ୟରେ ନଭେମ୍ବର ୧୪ରୁ ୧୬ ମଧ୍ୟରେ ୨୮ ଜିଲାର ୪୮ ଡିଭିଜନରେ ହାତୀ ଗଣନା ହୋଇଥିଲା। ୬ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଗଣନାରେ ସାମିଲ ହୋଇଥିଲେ। ନଭେମ୍ବରରେ ହୋଇଥିବା ଗଣନାରେ ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୨୯୧ ହାତୀ ରହିଥିବା ବେଳେ କେନ୍ଦୁଝର ଡିଭିଜନରେ ୧୬୦, ଆଠଗଡ଼ରେ ୧୨୪, ଦେବଗଡରେ ୧୨୩ ଓ ଅନୁଗୋଳରେ ୧୧୭ ହାତୀ ରହିଥିବା ଜଣାପଡ଼ିଛି। ରାଜ୍ୟରେ ନଭେମ୍ବର ଗଣନା ଅନୁଯାୟୀ, ୫୩୬ ଅଣ୍ଡିରା, ୯୮୩ ମାଈ ଓ ୫୮୪ ଟି ଛୁଆ ହାତୀ ରହିଛନ୍ତି। ମେ ଓ ନଭେମ୍ବର ମାସ ମଧ୍ୟରେ ୪୮ ହାତୀ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୀତ ଋତୁରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଆନ୍ତଃରାଜ୍ୟ ଚଳପ୍ରଚଳ ଅଧିକ ରହିଥିବା ସୂଚନା ମିଳିଛି। ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ କମ ଚଳପ୍ରଚଳ ରହିଛି। ଗ୍ରୀଷ୍ମ କାଳୀନ ଅର୍ଥାତ ମେ ମାସରେ ହୋଇଥିବା ଗଣନାରେ ମଧ୍ୟ ଢେଙ୍କାନାଳରେ ସର୍ବାଧିକ ୨୩୯ ହାତୀ ରହିଥିଲେ। କେନ୍ଦୁଝରରେ ୧୩୫ ଥିବା ବନ ବିଭାଗ ତଥ୍ୟରୁ ଜଣାପଡ଼ିଛି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦୁଝର, ୨୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ ଡିସେମ୍ବର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଡିସେମ୍ବର ୨ରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ୯ରେ ହରିଚନ୍ଦନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୬ରେ ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୩ରେ ହାଟଡ଼ିହୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୩୦ରେ ସାହାରପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଶୁଣାଣି ଅନୁଷ୍ଠିତ ହେବ। ଉକ୍ତ ଶୁଣାଣି ସ୍ଥାନଗୁଡ଼ିକରେ ବିଭିନ୍ନ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ବିଶାଳ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

## ନବୋଦୟ ବିଦ୍ୟାଳୟରେ ଜଙ୍ଗଲ ଜ୍ଞାନ ଶିବିର

ବଉଳା,୨୮।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ପିଏମସି ହଦଗଡ ନବୋଦୟ ବିଦ୍ୟାଳୟ ପରିସରରେ ଷ୍ଟୋନ୍ ଫାଉଣ୍ଡେସନ ପୋଟଗିରି ପକ୍ଷରୁ ଜଙ୍ଗଲ ଜ୍ଞାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ପରେ ଜଙ୍ଗଲ ସମ୍ପଦ ଉପରେ ବକ୍ତୃତା ପ୍ରତିଯୋଗିତା ଓ ଜଳବାୟୁ ପରିବର୍ତ୍ତନରେ ଜୀବଜନ୍ତୁ ସୁରକ୍ଷା ଉପରେ ସାଧାରଣଜ୍ଞାନ ପରୀକ୍ଷା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ ଉଦୟନାଥ ମଲ୍ଲିକଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ଧଳ, ରାଜୁସ୍ କୁଜୁର୍, ଓପିକେ ରଜୁଲ୍, ଆନନ୍ଦ ସେଠୀ ଅତିଥିଭାବେ ଯୋଗଦେଇଥିଲେ।

# ଇମ୍ପା, ଫେଙ୍କର ଖଣିକୁ ଓଏମ୍‌ସି ଅଧୀନକୁ ନେବାକୁ ଦାବି

ବଉଳା,୨୮।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଥିବା ଫେଙ୍କର, ଇମ୍ପା ଖଣିକୁ ଓଏମ୍‌ସି (ଓଡ଼ିଶା ଖଣି ନିଗମ) ଅଧୀନକୁ ନେବାକୁ ଦାବି ହୋଇଛି। ଦୀର୍ଘ ଦିନ ବନ୍ଦ ପଡ଼ିଥିବା ୨ ଖଣି କାର୍ଯ୍ୟକ୍ଷେମ ହେଲେ ଅନେକ ହଜାର ଲୋକ କାମ ପାଇପାରିବେ। ଅନେକ ରୋଜଗାର ପାଇବା ସହ ଛୋଟ ବ୍ୟବସାୟୀ ଲାଭବାନ ହୋଇପାରିବେ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ସ୍ଥାନୀୟ ଜନ ପ୍ରତିନିଧିମାନେ ଦାବି କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବଉଳାରେ ଫେଙ୍କର, ନୂଆସାହିରେ ଇମ୍ପା ଓ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ମାଇନ୍ସ ରହିଛି। ଦୀର୍ଘ ୪୦ବର୍ଷ କ୍ରୋମାଇଟ ଉତ୍ତୋଳନ ପରେ ୨୦୧୦ ରୁ ୨୦୧୨ ମଧ୍ୟରେ ବଉଳା ଫେଙ୍କର ଓ ନୂଆସାହି ଇମ୍ପା କ୍ରୋମାଇଟ ମାଇନ୍ସ ସରକାରୀ ଆଙ୍କୁଶରେ ବନ୍ଦ ହୋଇଯାଇଥିଲା। ଯାହାକି ଏଯାବତ୍ ବନ୍ଦ ହୋଇପଡ଼ିଛି। କିନ୍ତୁ ବନ୍ଦ ମାଇନ୍ସ ପାର୍ଶ୍ୱରେ ବାଙ୍ଗୋର ଓଏମ୍‌ସି ଖଣି କାର୍ଯ୍ୟକ୍ଷମ ରହିଛି। ଅନ୍ୟ ୨ ଖଣି ବନ୍ଦ କାରଣରୁ ଅନେକ ହଜାର ଶ୍ରମିକ ଓ କର୍ମଚାରୀ ରୋଜଗାର ହରାଇଛନ୍ତି। ଏଥିସହ ଅନେକ ଛୋଟ ବ୍ୟବସାୟୀ ପ୍ରଭାବିତ ହୋଇଛନ୍ତି। କେତେକ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ପଳାଇଛନ୍ତି। ବନ୍ଦଥିବା ୨ ଖଣିକୁ ଓଏମ୍‌ସିକୁ ହସ୍ତାନ୍ତର କରାଗଲେ ଅନେକ ହଜାର ଶ୍ରମିକ ନିଯୁକ୍ତି ପାଇବା ସହିତ ଏହି ଅଞ୍ଚଳର ଶିକ୍ଷିତ ବେକାର ଯୁବତୀ, ଯୁବକ ନିଯୁକ୍ତି ପାଇପାରନ୍ତେ। ଅଞ୍ଚଳରେ ଛୋଟବଡ଼ ବ୍ୟବସାୟ କରି ଅନେକ ରୋଜଗାର ପାଇପାରନ୍ତେ। ରାଜ୍ୟ ସରକାରଙ୍କର ରାଜସ୍ୱ ଆୟ ବୃଦ୍ଧି ପାଇବା ସହିତ ଅଞ୍ଚଳର ବିକାଶ ହୋଇପାରନ୍ତା। ତେଣୁ ତୁରନ୍ତ ଉକ୍ତ ୨ ଖଣି ଓଏମ୍‌ସିରେ ସଂଯୋଗ କରି ଖଣି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ସରପଞ୍ଚ ସକୁନ୍ତଳା ନାୟକ, ସରପଞ୍ଚ ସର୍ଦ୍ଦାର ହୋ, ପୂର୍ବତନ ସରପଞ୍ଚ ସୁପ୍ରଭା ରାଉତ, ପୂର୍ବତନ ସମିତି ସଭ୍ୟ ତଥା ଏମ୍‌ପିଙ୍କ ପ୍ରତିନିଧି ବିବେକାନନ୍ଦ ରାଉତ, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ରାଉତ, ସରପଞ୍ଚ ଅଜିତ୍ ରାଉତ, ପୂର୍ବତନ ସରପଞ୍ଚ ନିରୁପମା ପାତ୍ର, ଚିନ୍ତାମଣି ପାତ୍ର, ବିଷ୍ଣୁପଦ ନାୟକ, ମଦନ ମୋହନ ନନ୍ଦି, ବୈଲୋଚନ ନାୟକ, ବସନ୍ତ ପଡ଼ିଆରୀ, ସରପଞ୍ଚ ରାଜ କିଶୋର ଦାସ, ଜୁଲୁ ଆୟଚ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପର୍ଶୁରାମ ପେଡ଼ା, ଶିକ୍ଷାବିତ୍ ବିଦ୍ୟାଧର ପୁହାଣ, ବ୍ରଜମୋହନ ଭୋଇ, ରବିନ୍ଦ୍ର ବିଶ୍ୱାଳ, ଭୁବନାନନ୍ଦ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ସୀମା ବିବାଦକୁ ନେଇ ୨ ଗାଁ ମୁହାଁମୁହିଁ

ଛେନାପଦି,୨୮।୧୧(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାବଳେଶର ପଞ୍ଚାୟତ ଅଧୀନ ଜମ୍ବରା ଓ ଡିମିରିଆ ଗାଁ ମଧ୍ୟରେ ସୀମା ବିବାଦକୁ ନେଇ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଉଭୟ ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ାରେ ଲାଗିଛି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ମଥୁରାପୁର ବ୍ରିଜ ଛକଟି ଜମ୍ବରା ସୀମାରେ ଥିବା ବେଳେ ଏଠାରେ ଡିମିରିଆର କେତେଜଣ ଦୋକାନ କରିଛନ୍ତି। ସେଠାରେ ଡିମିରିଆ ଲୋକଙ୍କ ପାଦୁର୍ଭାବ ବୃଦ୍ଧିକୁ ନେଇ ଜମ୍ବରାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜମ୍ବରାରେ ଏକ ଲିଜ ବାଲିଘାଟ ଚାଲୁଥିବା ବେଳେ ଜମ୍ବରାର ଶତାଧିକ ଲୋକ ବାଲିଘାଟରେ ସାମିଲ ଅଛନ୍ତି। ଡିମିରିଆ ଲୋକମାନେ ଡିମିରିଆ ଗାଁ ଦେଇ ଯାଉଥିବା ଟ୍ରକ୍‌ଗୁଡ଼ିକୁ ଘାଟକୁ ଛାଡୁନାହାନ୍ତି। ଏ ନେଇ ଦୁଇ ଗାଁ ଭିତରେ ଅନେକବାର ବୈଠକ ବସି ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ବି ଫଳ ମିଳୁନି। ଏ ନେଇ ଜମ୍ବରାବାସୀ ସେମାନଙ୍କ ଗାଁ ସୀମାରୁ ଡିମିରିଆ ଗାଁ ଦୋକାନୀଙ୍କୁ ହଟାଇବା ପାଇଁ ତହସିଲଦାର ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାକୁ ନେଇ ଗୁରୁବାର ଜମ୍ବରାର ଶତାଧିକ ଲୋକେ ମଥୁରାପୁର ପୋଲ ନିକଟରେ ଏକତ୍ରିତ ହୋଇଥିଲେ। ଫଳରେ ଦୁଇ ଗାଁ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ପୋଲିସ ବିବାଦର ସମାଧାନ କରି ଭାଇଚାରା ବଜାୟ ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ହଜିଯାଉଛି ଆଦିବାସୀ ସଂସ୍କୃତି, ପରମ୍ପରା

କେନ୍ଦୁଝର,୨୮।୧୧(ଦୀପକ ମିଶ୍ର)

କେନ୍ଦୁଝର ଜିଲାର ମୋଟ ୮୩୦୩ ବର୍ଗ କି.ମି. ଇଲାକା ମଧ୍ୟରୁ ଏକଦା ଶତକଡ଼ା ୭୫ ଭାଗ ଜଙ୍ଗଲ ଥିଲା। ଜଙ୍ଗଲ ମଧ୍ୟରେ ପାରମ୍ପରିକ ସଂସ୍କୃତି ଓ ପରମ୍ପରାକୁ ଆଦିବାସୀମାନେ ଉଜ୍ଜୀବିତ କରି ରଖିଥିଲେ। ଏକବିଂଶ ଶତାବ୍ଦୀର ପରିବର୍ତ୍ତିତ ପରିସ୍ଥିତିରେ କେନ୍ଦୁଝରର ଚିତ୍ର ଏବେ ସମ୍ପୂର୍ଣ୍ଣ ଭିନ୍ନ ପ୍ରତୀୟମାନ ହେଉଛି। ଖଣି ମଧ୍ୟରେ ଜଙ୍ଗଲ ଧ୍ୱଂସ ହେବା ସହ ଆଦିବାସୀଙ୍କ କଳା ସଂସ୍କୃତି ମଧ୍ୟ ହଜିଯାଇଛି। ନିଷ୍କପଟ, ସରଳ ମଣିଷ ଜଙ୍ଗଲ ଉପରେ ନିର୍ଭରକରି ଚଳୁଥିବାବେଳେ ତା'ର ସମସ୍ତ ସ୍ୱପ୍ନ ତଥାକଥିତ ବିକାଶ ମଧ୍ୟରେ ହଜିଯିବାକୁ ବସିଛି।

ସୂଚନାଯୋଗ୍ୟ, ସ୍ୱାଧୀନତା ପରବର୍ତ୍ତୀ ୨ ଦଶନ୍ଧି ଧରି କେନ୍ଦୁଝର ଜିଲାର ସମୁଦାୟ ଜମିରେ ୭୫ ପ୍ରତିଶତ ଭାଗ ଜଙ୍ଗଲ ରହିଥିଲା। ବର୍ତ୍ତମାନ ଜିଲାର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କଳକାରଖାନା ଗଢ଼ିଉଠିବା, ନୂତନ ରାସ୍ତା ନିର୍ମାଣ ଆଳରେ ଜଙ୍ଗଲ ଧ୍ୱଂସାଭିମୁଖୀ ହେଉଛି। ଫଳରେ ଜଙ୍ଗଲକୁ ଭରସାକରି ଜୀବନ ଜୀବିକା ନିର୍ବାହ କରୁଥିବା ଜୁଆଙ୍ଗ, ଭୂୟାଁ, ସାନ୍ତାଳ, ଗଣ୍ଡ, ଓରାମ, ସାଉଁତି, ମୁଣ୍ଡା ପ୍ରଭୃତି ୪୫ରୁ ଉର୍ଦ୍ଧ୍ୱ ଜନଜାତି ନିଜର ସଂସ୍କୃତି ଓ ପରମ୍ପରାକୁ ଭୁଲିଗଲେଣି। ପ୍ରଗତି, ଥଇଥାନ, ବିକାଶ ଭଳି ଶବ୍ଦ ପ୍ରୟୋଗ କରୁଥିବା ସରକାର ଜଙ୍ଗଲ ଉପରେ ନିର୍ଭରକରି ବଞ୍ଚୁଥିବା ଲୋକଙ୍କ ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱ ଦେଲେନାହିଁ। ଜିଲାରେ ବ୍ୟାପକ ଖଣିଜ ପଥର ଉତ୍ତୋଳନ ଯୋଗୁ ଜଙ୍ଗଲ ମାଫିଆଙ୍କ ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ ସହ ଆଦିବାସୀଙ୍କ କ୍ଷତି ହେବାରେ ଲାଗିଛି। ଆଦିବାସୀମାନେ ଜଙ୍ଗଲ ତଥା ଜଙ୍ଗଲଜାତ ଦ୍ରବ୍ୟ ହରେଇଲେ। ସେମାନଙ୍କ ସାଂସ୍କୃତିକ ଜୀବନଚର୍ଯ୍ୟା ମଧ୍ୟ ପୋଡୁଚାଷର ନିଆଁ ଭଳି ଜଳିଗଲା। ଜଙ୍ଗଲରୁ ମିଳୁଥିବା ହରିଡ଼ା, ବାହାଡ଼ା, ଅଁଳା, କେନ୍ଦୁ, ଝୁଣା, ଲାଖ, ଝାଡୁ, ତେନ୍ତୁଳି, ମହୁଲ, ଆମ୍ବ ଓ ପଣସ ଆଦି ବିଭିନ୍ନ ପ୍ରକାର କନ୍ଦା ସଂଗ୍ରହକରି ତାହା ବିକି ଏକ ସାଧାରଣ ଓ ପ୍ରାକୃତିକ ଜୀବନଧାରଣ କରି ଆସୁଥିଲେ। ଏଥିସହ ଆବଶ୍ୟକତା ଅନୁଯାୟୀ ଛୋଟଘର, କିଛି ବସ୍ତ୍ର, ଝରଣାର ଶୁଦ୍ଧ ଜଳ, ଆରଣ୍ୟକ ପବନ ତଥା ପ୍ରକୃତିର ସହଯୋଗରେ ଜୀବନ ଅତିବାହିତ କରୁଥିଲେ। ସରକାର ଆଦିବାସୀଙ୍କ ଜୀବନଯାପନରେ ପରିବର୍ତ୍ତନ କରିବାକୁ ଯାଇ ଉଚ୍ଚସ୍ତରୀୟ ଅଭିସନ୍ଧି ନେଇ ନଳକୂପ ଖନନ, ଆଲୋକ, ଶିକ୍ଷା, ସ୍ୱାସ୍ଥ୍ୟର ସୁବିଧା ଯୋଗାଇ ଦେଉଛନ୍ତି। ମାତ୍ର ବାଧ୍ୟତାମୂଳକ ଭାବେ ଯୋଜନାଗତ ନିୟମ ଅନୁଯାୟୀ, ସେମାନେ ନିଜର ସବୁକିଛି ହରାଇଲେ। ଭିନ୍ନ ଶୈଳୀର ଜୀବନଧାରଣ କରିବାର ସ୍ୱପ୍ନ ଦେଖିଲେ। ଧ୍ୱଂସହୋଇ ଚାଲିଲା ସାମାଜିକ ଏବଂ ସାଂସ୍କୃତିକ ସ୍ୱତନ୍ତ୍ରତା, କ୍ରମଶଃ ବନ୍ଦ ହୋଇ ଚାଲିଲା ତାଙ୍କର ପର୍ବପାଳନ, ବୃକ୍ଷପୂଜା। ଏପରିକି ଚୈତ୍ର ମାସର ଶିକାର ପରମ୍ପରା ମାଫିଆଙ୍କ ମଲା କାଠଗଣ୍ଡି ଭିତରେ ଚାପିହୋଇ ଅଣନିଃଶ୍ୱାସୀ ହୋଇପଡ଼ିଲାଣି। ଆଦିବାସୀ ପରମ୍ପରାର ବଜାଇ ରଖିବାକୁ ସାଧାରଣରେ ଦାବି ହେଉଛି।


## SAMBALPUR MUNICIPAL CORPORATION

Notice No. 10929/SMC Date: 26.11.2024

**RFP FOR SELECTION OF SUITABLE AGENCY FOR DISPOSAL OF "RECYCLABLES" FROM MRF CENTRE WITHIN SMC AREA**

No. C-1112:- Sealed tenders are hereby invited by SMC from suitable Agency for disposal of "recyclables" from our 09 Nos. of Material Recovery Facility Centre (Wealth Center) within Sambalpur Municipal Corporation area as per the rate approved by the Authority for a period of 02 (Two) years.
The details of the bidding process are as follows:

| Sl No. | Bidding Schedule | Dateline |
|---|---|---|
| 01 | Date of Issue | 27.11.2024 |
| 02 | Bid due date and time | 16.12.2024 upto 5.30 PM |
| 03 | Opening of Bid date and time | 17.12.2024 upto 4.30 PM |

The details tender document can be downloaded from this office website **www.smcsambalpur.nic.**
The Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner
Sambalpur Municipal Corporation

OIPR-13122/11/0054/2425

## OFFICE OF THE MUNICIPAL COUNCIL, RAYAGADA

DIST.- RAYAGADA, PIN CODE-765001, ODISHA
e-mail ID - raygada.hud@nic.in

Letter No. 4675 Date: 26.11.24

**"e" - TENDER NOTICE**

**Bid Identification No. RGDA-MUN-02/2024-25**

No.C-1117:- Bid documents consisting of **12 (Twelve) No. of Civil Works** with their Estimated Cost (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government website (i.e. http://tendersodisha.gov.in).

| | | |
|---|---|---|
| 1 | Name of the Work | Civil works as mentioned in the website. |
| 2. | No. of the Work | 12 (Twelve) Nos. |
| 3. | Estimated costs | As mentioned in the DTCN. |
| 4. | Periods of the completion | As mentioned against the work in the NIT/ DTCN |
| 5. | Date & Time of availability of Bid Documents on the Portal | From Dated 28.11.2024, 11.30 A.M. hrs to Dated 12.12.2024, 05.30 P.M. hrs. |
| 6. | Bids received online to be opened on | Dated 13.12.2024, 11.30 P.M. hrs. |
| 7 | Name and Address of the Officer inviting the Bid | The Executive Officer, Rayagada Municipality, Rayagada |

Further details can be seen from the Procurement Portal http://tendersorissa.gov.in

Sd./- Executive Officer,
Rayagada Municipality

OIPR-13150/11/0037/2425

## TENDER CALL NOTICE

No.K-08:- The Joint Director-cum-Superintendent, E.S.I. Hospital, Choudwar, At/P.O.- Charbatia, Dist.-Cuttack, Pin-754028 invites sealed tenders from the intending supplier for supply of cook food for indoor patients @ Rs-125/- per head including (breakfast, lunch, dinner) for ESI Hospital, Choudwar from 01.01.2025 to 31.12.2025 (one year). The tender documents will available from 29.11.2024 to 02.12.2024, during office hours (from 10.00 A.M. to 05.00 P.M.). The tenderers have to deposit a sum of Rs. 1,000/- (Rupees one thousand) only in shape of Demand Draft at the time of submission of tender in the office of the undersigned as earnest money & the earnest money so deposited will be refunded to un-successful 'Tenderers' after the tender process is over and successful 'Tenderer' will get back his/her E.M.D. soon after the deposit of prescribed "Security Deposit". The tender should accompany with valid and up-to-date GST clearance, Income Tax return and produce samples of dietary articles at the time of opening of tender. Successful tenderers has to deposit Security Money of Rs. 22,000/- (Twenty two thousand) only for dietary articles in shape of N.S.C. pledged in favour of the Joint Director-cum-Superintendent, ESI Hospital, Choudwar within 15 days from the date of acceptance of his tender and execute an agreement to the effect that he/she will be bound with the terms and conditions regarding uninterrupted supply of dietary articles. The sealed tenders will be opened at 11.00 A.M. of Dated-04.12.2024 in presence of the Members of the Diet Committee and tenderers or their authorized representatives in the chamber of the undersigned. The tender paper with particulars of Dietary can be obtained from the office of the undersigned on any working day & hours from the date of publication of tender notice in the News Paper(s) till 29.12.2024 on payment of Rs.1000/-. The terms and conditions can be obtained from the office of the undersigned on any working day.

The committee reserves the right to accept or reject any tender or all tenders without assigning any reason thereof. Withdrawal of tender after opening of same will be liable to forfeiture of earnest money Rs.1,000/-

Sd./- Joint Director-cum-Superintendent
E.S.I. Hospital, Choudwar

OIPR-10045/11/0002/2425

## Office of the District Manager
## Odisha State Civil Supplies Corporation Ltd., Dhenkanal District

Phone: 06762-295760, District website: www.dhenkanal.nic.in
dhe.districtmanager@gmail.com

**TENDER NO.: 1896/Dated 25.11.2024**

No.CAD-1712:- The District Manager, Odisha State Civil Supplies Corporation Ltd., Dhenkanal district invites tender in Double Cover System through online mode only for the works below:

| | | |
|---|---|---|
| 1 | **Name of Work** | Selection and appointment of **Level-I Transport Contractor in Dhenkanal district** for Transportation of Food grains from FSD, FCI to RRCs for the year 2023-25 (October-2024 to 31st March-2025) |
| 2 | Availability of Bid Document in the portal. | **From Dt.28.11.2024** |
| 3 | Last date / time for receipt of Bids in the portal. | **Dt.10.12.2024 upto 5.00 P.M.** |
| 4 | Date/Time of opening of Technical Bid. | **Dt.11.12.2024 at 11.00 A.M.** |
| 5 | Name & address of the Officer Inviting Tender | **District Manager, OSCSC Ltd., Dhenkanal (District)** |

Tender documents & other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation/ retenders etc. if any shall be published only in above websites.

**Sd./- District Manager, OSCSC Limited, Dhenkanal**

OIPR-07005/11/0003/2425

## STATE INSTITUTE FOR EMPOWERMENT OF PERSONS WITH DISABILITIES (SIEP)

(A registered society under SSEPD Department, Government of Odisha)
SSEPD Department, Lokseva Bhawan, Bhubaneswar, Odisha - 751001

No. 34 /SIEP Dated 25.11.2025
SIEP-MISC-0026-2024

**TENDER CALL NOTICE**

No. gg-113:- Bids in sealed cover are invited under two-bid system from reputed and experienced service provider for providing Housekeeping, upkeep & maintenance, Security and Catering services **for Manodaya (SIEP) at NCSCDA Campus, Pokhariput, Bhubaneswar** on outsourcing basis for a period of one year from the date of signing of agreement to manage the day-to-day services & activities. Further, the service may be extended for another 1 (One) year depending upon satisfactory performance of the service provider subject to maximum of two terms.

The details of the tender process are as follows:

| Bidding Schedule | Deadline |
|---|---|
| Date of Issue of Tender | **25.11.2024** |
| Pre-Bid meeting | **05.12.2024-03.30 P.M.** |
| Bid Due Date and Time | **16.12.2024 up to 5:00 P.M.** |
| Opening of Technical Bid | **17.12.2024 at 11:30 A.M.** |
| Technical Bid evaluation meeting | **23.12.2024 at 11:30 A.M.** |
| Opening of Financial Bid and evaluation | **24.12.2024 at 03:30 P.M.** |
| Likely date for commencement of assignment | **1st January, 2025** |

Bidders are required to submit the technical and financial bids separately. The bids in sealed Cover-I containing "**Technical Bid**" and sealed Cover-II containing "**Financial Bid**" should be placed in a third sealed cover superscribed "**TENDER FOR PROVIDING SERVICES FOR HOUSEKEEPING, UPKEEP & MAINTENANCE, SECURITY AND CATERING SERVICES ON OUTSOURCING BASIS FOR MANODAYA (SIEP), BHUBANESWAR**" must reach the undersigned on or before **16.12.2024 up to 5:00 PM** through **Speed Post/ Registered Post/Courier only.**

The bid document containing eligibility criteria, scope of the work and other terms and conditions of the tender can be downloaded from the website https://ssepd.odisha.gov.in/. All future addendum / corrigendum, if any, shall be hoisted on above website only. The authority reserves the right to reject any/all proposals and cancel tender process without assigning any reason thereof.

**Complete Address for Submission of Bid:**
**Executive Director, SIEP**
**Manodaya (SIEP), NCSCDA Campus,**
**Pokhariput, Bhubaneswar, Odisha, Pin-751020**

**Sd./- Executive Director, SIEP**

OIPR-46003/11/0002/2425

# ହେମନ୍ତ ୪ର୍ଥ ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ହେମନ୍ତ ସୋରେନ ଶପଥ ନେବା ଅବସରରେ ମୋରାବାଦୀ ମଇଦାନ ମଞ୍ଚରେ ଉପସ୍ଥିତ ଇଣ୍ଡିଆ ବ୍ଲକ୍‌ର ନେତାମାନେ।

ରାଞ୍ଚି,୨୮।୧୧

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ୍ (୪୯) ଗୁରୁବାର ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାଞ୍ଚିର ମୋରାବାଦୀ ମଇଦାନରେ ଇଣ୍ଡିଆ ବ୍ଲକ୍‌ର ଅନେକ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ତାଙ୍କୁ ରାଜ୍ୟର ଚତୁର୍ଦ୍ଦଶ ମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। କୁର୍ତ୍ତା ଓ ପାଇଜାମା ପରିହିତ ହେମନ୍ତ ଜେଏମ୍ଏମ୍ ଅଧ୍ୟକ୍ଷ ତଥା ତାଙ୍କ ପିତା ଶିବୁ ସୋରେନ୍‌ଙ୍କ ଆଶୀର୍ବାଦ ନେବା ପରେ ଶପଥ ନେଇଥିଲେ। ମୋଟାମୋଟି ଦେଖିଲେ ହେମନ୍ତଙ୍କ ଶପଥ ଗ୍ରହଣ ଉତ୍ସବ ବିରୋଧୀ ମେଣ୍ଟର ଶକ୍ତି ପ୍ରଦର୍ଶନ ସ୍ଥଳ ଭଳି ଦୃଶ୍ୟମାନ ହୋଇଥିଲା।



ବିର୍ସା ଚୌକଠାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବହୁ ବିରୋଧୀ ନେତା ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ସିପିଆଇ (ଏମ୍ଏଲ୍) ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ଶପଥ ଗ୍ରହଣ ଉତ୍ସବକୁ ଦୃଷ୍ଟିରେ ରଖି ରାଞ୍ଚିରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା। ଏହି ଅବସରରେ ହେମନ୍ତ ଏକ୍ସ'ରେ ଲେଖିଛନ୍ତି, ଏକତା ହେଉଛି ଝାଡ଼ଖଣ୍ଡବାସୀଙ୍କ ସବୁଠୁ ବଡ଼ ଅସ୍ତ୍ର, ଯାହାକୁ ବିଭାଜିତ କିମ୍ବା ନୀରବ କରାଯାଇପାରିବ ନାହିଁ। ସେମାନେ ଆମକୁ ଯେତେ ଚୁପ୍ କରିବାକୁ ଉଦ୍ୟମ କରିବେ, ବିପ୍ଳବର ସ୍ୱର ସେତେ ଶାଣିତ ହେବ।

ବିଧାନସଭା ନିର୍ବାଚନରେ ୮୧ ଆସନ ମଧ୍ୟରୁ ଜେଏମ୍ଏମ୍ ନେତୃତ୍ୱାଧୀନ ଶାସକ ମେଣ୍ଟ ୫୬ ଆସନ ଦଖଲ କରିଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୨୪ ଆସନରେ ସୀମିତ ରହିଯାଇଛି। ହେମନ୍ତ ବରହାଇଟ୍ ଆସନରେ ଭାଜପାର ଗମଲିୟେଲ ହେମ୍ବ୍ରମ୍‌ଙ୍କୁ ହରାଇ ୩୯,୭୯୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

# କସାଭୁ ଶାଢ଼ି ପିନ୍ଧି ଶପଥ ନେଲେ ପ୍ରିୟଙ୍କା

ନୂଆଦିଲ୍ଲୀ,୨୮।୧୧(ପି.ଟି.)

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ଲୋକ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ସକ୍ରିୟ ରାଜନୀତିରେ ଯୋଗଦେବାର ୫ ବର୍ଷ ପରେ ସେ ନିର୍ବାଚିତ ଜନପ୍ରତିନିଧି ଭାବେ ଯାତ୍ରା ଆରମ୍ଭ କରିଛନ୍ତି। ୫୨ ବର୍ଷୀୟ ପ୍ରିୟଙ୍କା ତାଙ୍କ ମାଆ ସୋନିଆ ଗାନ୍ଧୀ ଏବଂ ଭାଇ ରାହୁଲ ଗାନ୍ଧୀଙ୍କ ସହ ପାର୍ଲାମେଣ୍ଟରେ ଯୋଗ ଦେଇଛନ୍ତି। ଗୋଟିଏ ପରିବାରରୁ ଏକସଙ୍ଗେ ୩ ଜଣ ପାର୍ଲାମେଣ୍ଟକୁ ଆସିବା ଏକ ବିରଳ ଉଦାହରଣ।

କେରଳର ୱାୟନାଡ୍‌ରୁ ନିର୍ବାଚିତ ପ୍ରିୟଙ୍କା ହାତରେ ସମ୍ବିଧାନ ପୁସ୍ତିକା ଧରି ଶପଥ ନେଇଥିଲେ। ସେ କେରଳର କସାଭୁ ଶାଢ଼ି ପିନ୍ଧି ଶପଥପାଠ କରୁଥିବାବେଳେ କଂଗ୍ରେସ ବେଞ୍ଚରୁ 'ଯୋଡ଼ୋ ଯୋଡ଼ୋ, ଭାରତ ଯୋଡ଼ୋ' ସ୍ଲୋଗାନ ଦିଆଯାଇଥିଲା। ଏହି ସମୟରେ ଗ୍ୟାଲେରିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ, ପ୍ରିୟଙ୍କାଙ୍କ ସ୍ୱାମୀ ରବର୍ଟ ଭଦ୍ରା, ପୁଅ ରିହାନ ଏବଂ ଝିଅ ମିରାୟା ଗ୍ୟାଲେରିରେ ଉପସ୍ଥିତ ଥିଲେ। ପାର୍ଲାମେଣ୍ଟର ସିପିପି କାର୍ଯ୍ୟାଳୟରେ ଦଳୀୟ ଏମ୍‌ପିମାନେ ପ୍ରିୟଙ୍କାଙ୍କୁ ଭେଟି ଅଭିନନ୍ଦନ ଜଣାଇଥିଲେ। ଶପଥ ନେବା ପରେ ସେ ଭାଇ ରାହୁଲଙ୍କୁ ଆଲିଙ୍ଗନ କରିବା ସହ ଅନ୍ୟ କଂଗ୍ରେସ ଏମ୍‌ପିମାନଙ୍କ ସହ ଚତୁର୍ଥ ଧାଡ଼ିରେ ବସିଥିଲେ।



ଲୋକ ସଭାରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶପଥ ନେବା ପରେ ସମ୍ବିଧାନ ପୁସ୍ତକକୁ ଦେଖାଉଛନ୍ତି।

# ପୋଲିସ ମନୋବଳ ଭାଙ୍ଗିଗଲାଣି: ବିରୋଧୀ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

**ମୁଲତବୀ ଆଲୋଚନା**

ଗତ ୫ ମାସରେ ରାଜ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଲାଣି। ପାନଖିଆ ଛେତେଲା ପାଟିଆ କର୍ମୀ ଆଇଆଇସିଙ୍କୁ ଧମକାଉଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ଯୋଗୁ ରାଜ୍ୟରେ ଅପରାଧୀଙ୍କ ମନୋବଳ ବଢ଼ିଯାଇଛି। ବଳାତ୍କାର, ହତ୍ୟା, ଶିଶୁ ବିକ୍ରି, ଛିନ୍‌ତାଇ, ଡକାୟତି ବଢ଼ି ଗଲାଣି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଛନ୍ତି।

ଗୁରୁବାର ବିଧାନସଭାରେ ବିରୋଧୀ ଦଳ 'ରାଜ୍ୟରେ ନାବାଳିକା, ମହିଳା ଅସୁରକ୍ଷିତ... ରାଜ୍ୟ ସରକାର ବିଫଳ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି, ସରକାରଙ୍କ ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ରାଜ୍ୟରେ ଆଇନ ଶୃଙ୍ଖଳା ବେଳକୁ ବେଳ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ନିଜକୁ ଶିଶୁ ସରକାର କହି କହି ପୋଲିସ ବ୍ୟବସ୍ଥା ଢିଲା ହୋଇଗଲାଣି। ପୋଲିସ ବିଭାଗର ମନୋବଳ ଭାଙ୍ଗି ଚୂରମାର ହୋଇଗଲାଣି। ପାନଖିଆ ଛେତେଲା ପାଟିଆ କର୍ମୀ ଆଇଆଇସିଙ୍କୁ ଧମକାଉଛନ୍ତି। ଆମ ବେଳେ ବିଧାୟକମାନେ ମଧ୍ୟ ପୋଲିସ ଅଧିକାରୀଙ୍କୁ କିଛି କହୁ ନ ଥିଲେ। ଭୁବନେଶ୍ୱର ଛିନ୍‌ତାଇରେ ୧ ନମ୍ବର ହୋଇଗଲାଣି। ଡାକ୍ତରଖାନାରେ ମଧ୍ୟ ରୋଗୀଙ୍କୁ ଛାଡ଼ିଲେ ନାହିଁ। ଶିଶୁ ଚୋରା ଚାଲାଣଠାରୁ ମଦମୃତ୍ୟୁ, ଆମ୍ବଟାକୁଆ ଜାଉଖାଇ ମୃତ୍ୟୁ ହେବା ଭଳି ଅନେକ ଘଟଣା ଗତ ୫ ମାସରେ ଘଟିଲାଣି। ଶିଶୁ ବିକ୍ରିରେ ଓଡ଼ିଶା ରେକର୍ଡ କରିଛି। ଏହା କ୍ୟାନ୍‌ସର ଭଳି ବଢ଼ି ଚାଲିଛି। ଦିଲ୍ଲୀ ନୁହେଁ, ନିଜ ରିମୋଟ୍‌ରେ କାମ କରନ୍ତୁ ବୋଲି ଅରୁଣ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଗତ ୬ ମାସରେ ରାଜ୍ୟରେ ଶିଶୁ ବଳାତ୍କାର ବୃଦ୍ଧି ପାଇଛି। ଏ ସରକାର ଭାରତୀୟ ସମ୍ବିଧାନକୁ ମାନୁ ନାହିଁ। ରାଜ୍ୟରେ ମହିଳା, ଶିଶୁ, ନାବାଳିକା କେହି ବି ସୁରକ୍ଷିତ ନାହାନ୍ତି। ଦେଢ଼ ବର୍ଷର ଶିଶୁକୁ ବଳାତ୍କାର କରାଯାଉଛି। ଖାଇବାକୁ ନ ପାଇଁ ମାଆବାପା ଶିଶୁ ବିକ୍ରି କରୁଛନ୍ତି। କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ରାଜ୍ୟରେ ମହିଳାମାନଙ୍କ ପ୍ରତି ଯେପରି ନିର୍ଯାତନା ବଢ଼ି ଚାଲିଛି ମହିଳା ପ୍ରତିନିଧି ହିସାବରେ ସେ ଦୁଃଖିତ। ଥାନାରେ ମହିଳାଙ୍କର ଏଫ୍ଆଇଆର୍ ପଞ୍ଜୀକରଣ କରାଯାଉ ନାହିଁ। ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲାରେ ମନ୍ତ୍ରୀଙ୍କର ଜଣେ ପାଖଲୋକକୁ ଖସାଇ ଦିଆଯାଇଛି। ରାଜ୍ୟପାଳଙ୍କ ପୁଅ ମାଡ଼ମାରିବା ଘଟଣାର ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିଲା ନାହିଁ। ସରକାର ଏ ସବୁକୁ ଗୁରୁତ୍ୱର ସହ ନେଇ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଦରକାର ବୋଲି ସୋଫିଆ କହିଛନ୍ତି।

# କେନ୍ଦ୍ର ପାଇଁ ଆନ୍ଧ୍ର ଗେହ୍ଲା ପୁଅ: ବିଜେଡି

**ପୂର୍ବତଟ ରେଳ ଜୋନ୍‌ରୁ ୱାଲଟିୟର ଡିଭିଜନକୁ ହଟାଇବାକୁ ଚକ୍ରାନ୍ତ**

ଭୁବନେଶ୍ୱର,୨୮।୧୧(ଅନିଲଦାସ)

ପୂର୍ବତଟ ରେଳ ଜୋନ୍‌ରୁ ୱାଲ୍‌ଟିୟର ଡିଭିଜନକୁ ନୂତନ ଭାବେ ହେବାକୁ ଥିବା ଦକ୍ଷିଣ ପୂର୍ବ ରେଳ ଜୋନ୍‌ରେ ସାମିଲ କରିବା ନେଇ ବିରୋଧୀ ଦଳ ସଦସ୍ୟ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗୁରୁବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ସାରଦା ପ୍ରସାଦ ଜେନା କହିଛନ୍ତି, ପୂର୍ବତଟ ରେଳପଥ ଜୋନ୍‌କୁ ସଙ୍କୁଚିତ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ପୂର୍ବତଟ ରେଳ ଜୋନ୍‌ରେ ସମ୍ବଲପୁର, ଖୋର୍ଦ୍ଧାରୋଡ୍ ଏବଂ ୱାଲ୍‌ଟିୟର ରେଳ ଡିଭିଜନ ରହିଛି। ୱାଲ୍‌ଟିୟର ଡିଭିଜନରୁ ବର୍ଷକୁ ୧୦ହଜାର କୋଟି ରାଜସ୍ୱ ମିଳୁଛି। ତୁରନ୍ତ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ ଏହାକୁ ସମର୍ଥନ କରି କହିଲେ, କେନ୍ଦ୍ର ସରକାର ରେଳୱେ କ୍ଷେତ୍ରରେ ଓଡ଼ିଶାକୁ ବାରମ୍ବାର ଅବହେଳା କରି ଆସିଛନ୍ତି। ନବୀନ ପଟ୍ଟନାୟକ ସରକାର ସମୟରେ ୨୦୦୩ରେ ପୂର୍ବତଟ ରେଳପଥ ଗଠନ କରାଯାଇଥିଲା। କେନ୍ଦ୍ର ଭାଜପା ସରକାର ପାଇଁ ଆନ୍ଧ୍ର ଗେହ୍ଲାପୁଅ ହୋଇଛି। ପୋଲାଭରମ ପ୍ରକଳ୍ପ ଆନ୍ଧ୍ରକୁ ଟେକି ଦେଇଥିବା ବେଳେ ଏବେ ରେଳ ଡିଭିଜନକୁ ମଧ୍ୟ ଓଡ଼ିଶାରୁ ନେଇ ଯିବାକୁ ବସିଛନ୍ତି। ରାଜ୍ୟରୁ ଭାଜପାର ୨୦ ଜଣ ଏମ୍‌ପି ନିର୍ବାଚିତ ହୋଇଯାଇଥିଲେ ମଧ୍ୟ ପାଟି ଖୋଲୁ ନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ତୁରନ୍ତ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ମୋଦି, ଶାହାଙ୍କ ଗସ୍ତକୁ ବିରୋଧ କରିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଓଡ଼ିଶାଗସ୍ତ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ପର୍କିତ ନୁହେଁ। ସର୍ବଭାରତୀୟ ଡିଜିପି ସମ୍ମିଳନୀର ୩ଦିନିଆ ବୈଠକରେ ଏମାନେ ଯୋଗଦେବେ। ଏଣୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତରେ ଓଡ଼ିଶା କୌଣସି ପ୍ରକାର ଲାଭବାନ୍ ହେବାର ନାହିଁ। ଯେତେବେଳେ ଓଡ଼ିଶାର ଆଦିବାସୀ ଖାଦ୍ୟ ବିକଳରେ ଆମ୍ବଟାକୁଆ ଖାଇ ମରୁଛନ୍ତି, ଓଡ଼ିଶାର ଯୁବକ ଉତ୍କଟ ବେକାରିରେ ହନ୍ତସନ୍ତ ହେଉଛନ୍ତି, ଅପରାଧ ଘଟଣା ଅନିୟନ୍ତ୍ରିତ ହୋଇପଡ଼ିଛି, ଚାଷୀମାନେ ଋଣବୋଝରେ ହନ୍ତସନ୍ତ ହେଉଛନ୍ତି, ସେତେବେଳେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବ୍ୟୟବହୁଳ ଓଡ଼ିଶାଗସ୍ତ ରାଜ୍ୟବାସୀଙ୍କ ପାଇଁ ନିରର୍ଥକ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରିୟ ମିତ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଓଡ଼ିଶା ଗସ୍ତ କରୁଛନ୍ତି। କିପରି ଅମୂଲ୍ୟ ଗନ୍ଧମାର୍ଦ୍ଦନ ପର୍ବତକୁ ଆଦାନୀ ହାତରେ ଟେକିଦେବେ ତା'ର ଯୋଜନା ପ୍ରସ୍ତୁତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରେ ତ ଆଦାନୀ ଜମି କ୍ରୟ କରିସାରିଲାଣି। ଗନ୍ଧମାର୍ଦ୍ଦନ ଓଡ଼ିଶାର ଗର୍ବଗୌରବ ଓ ଏହା ପୁରାଣର ଏକ ପବିତ୍ର ସ୍ଥାନ। ସୁତରାଂ ମୋଦିଙ୍କ ଏହି ଷଡ଼ଯନ୍ତ୍ରକୁ ଯୁବକଂଗ୍ରେସ ସଫଳ ହେବାକୁ ଦେବନାହିଁ। ଏଣୁ ମୋଦି-ଶାହାଙ୍କ ଗସ୍ତକୁ ବିରୋଧ କରିବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତ ଜରିଆରେ କୁହାଯାଇଛି।

# ୨୪ ବର୍ଷ ପାପର ପ୍ରାୟଶ୍ଚିତ୍ତ କରୁଛୁ: ଶାସକ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ଭାଜପା ସଭ୍ୟ ସନାତନ ବିଜୁଳି ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ବିରୋଧ କରି କହିଛନ୍ତି, ସ୍ମିତାରାଣୀଠାରୁ ଆରମ୍ଭ କରି ବେବିନା, ମାଧବୀ ଲତା, ଇତିଶ୍ରୀ, ମମିତା ମେହେର ଭଳି ଅନେକ ଘଟଣା ଗତ ସରକାର ସମୟରେ ହୋଇଛି। ସେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳି କରି ମାରି ଦିଆଯାଇଛି। ସେ ବିଷୟରେ କିଛି ଖୋଜ ଖବର ନାହିଁ। ଭାଜପା ସରକାର ଆସିବା ପରେ ରାଜ୍ୟରେ ଅପରାଧୀଙ୍କୁ ଦଣ୍ଡିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଟୋଲଫ୍ରି ନମ୍ବରରେ କଲ୍ କଲେ ପୋଲିସ ପହଞ୍ଚିଯାଉଛି। ମୋହନ ମାଝୀଙ୍କ ସରକାର କେବେ ଅପରାଧୀଙ୍କୁ ଛାଡ଼ିବ ନାହିଁ। ଭାଜପା ସଭ୍ୟ ଆଶ୍ରିତ ପଟ୍ଟନାୟକ ମଧ୍ୟ ସମାନ କଥାକୁ ଦୋହରାଇ ବିରୋଧୀଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଗତ ୫ ମାସରେ ୩,୯୯୬ ମାମଲାରୁ ପ୍ରାୟ ୧,୬୦୦ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି। ଆମ ସରକାର କେବେ ହେଲେ ଅପରାଧୀଙ୍କୁ କ୍ଷମାଦେବ ନାହିଁ। ଭାଜପା ସଭ୍ୟ ଉପାସନା ମହାପାତ୍ର ମଧ୍ୟ ଆଇନ ଶୃଙ୍ଖଳା ପାଇଁ ବିଜେଡି ସରକାରକୁ ଦାୟୀ କରିଥିଲେ।

ମୁଲତବୀ ଜବାବରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଗତ ୨୪ ବର୍ଷର ସରକାର ଯେଉଁ ପାପ କରିଥିଲେ ଏ ସରକାର ତା'ର ପ୍ରାୟଶ୍ଚିତ୍ତ କରୁଛି। ଇତିଶ୍ରୀ, ମାଧବୀ ଲତାଠାରୁ ଆରମ୍ଭ କରି ବେବିନା, ମମିତା, ପିଙ୍କୁ ଭଳି ଘଟଣାରେ ଏ ପର୍ଯ୍ୟନ୍ତ ଦୋଷୀକୁ ଦଣ୍ଡ ଦିଆଯାଇପାରିଲା ନାହିଁ। ଗତ ସରକାର ଅମଳରେ ହତ୍ୟା, ବଳାତ୍କାର, ଚୋରି, ଡକାୟତି ଭଳି ଘଟଣା ବଢ଼ି ଯାଇଥିଲା। ମହିଳା ଓ ଶିଶୁମାନଙ୍କ କ୍ଷେତ୍ରରେ ରେଡ୍ ବଟନ୍ ସ୍ଥିତିଥିଲା। ଗତ ୫ ମାସରେ ମହିଳା ବିରୋଧରେ ହୋଇଥିବା ୩,୯୯୪ ଆପରାଧିକ ମାମଲାରୁ ୧,୬୭୦ଟି ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ୮୮ଟି ମାମଲାର ଫଇସଲା ହୋଇଛି। ଡବଲ ଇଞ୍ଜିନ ସରକାର ରିମୋଟ୍ କଣ୍ଟ୍ରୋଲ ଆଉ କୋଉଠି ନାହିଁ, ଏଇଠି ଅଛି। ମହିଳାମାନଙ୍କ ବିରୋଧରେ ହେଉଥିବା ହିଂସା ପାଇଁ ରାଜ୍ୟ ସରକାର ଶୂନ ସହନଶୀଳ ନୀତି ଗ୍ରହଣ କରିଛନ୍ତି। ନାରୀ ନିର୍ଯାତନା ମାମଲାର ଦ୍ୱରିତ୍ ବିଚାର ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୪ଟି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ ହେବ। ଏଥିରେ ମହିଳା ପ୍ରସିକ୍ୟୁଟରମାନଙ୍କୁ ନିଯୁକ୍ତି ଦିଆଯିବ। ଏଥିସହିତ ନ୍ୟାଶନାଲ ଫୋରେନ୍‌ସିକ ୟୁନିଭର୍ସିଟି ସ୍ଥାପନ କରିବାକୁ ଯୋଜନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ନିଜ ଜିଲାରେ ପିଲାଙ୍କୁ ଚାକିରି ଦିଆଯାଉ: କାଡାମ

ଭୁବନେଶ୍ୱର,୨୮।୧୧(ଅନିଲ ଦାସ)

ଯେଉଁ ଜିଲାର ପିଲା ସେହି ଜିଲାରେ ଚାକିରି କରନ୍ତୁ। ବାହାର ଜିଲା ପିଲାଙ୍କୁ ଚାକିରି ଦିଆଯାଉଥିବାରୁ ଅବିଭକ୍ତ କୋରାପୁଟ ଓ ରାୟଗଡ଼ା ଜିଲାରେ ଛାତ୍ରୀଛାତ୍ର ଆନ୍ଦୋଳନରେ ବସିଛନ୍ତି। ଗୁରୁବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, କୋରାପୁଟ ଜିଲାରେ ଅନ୍ୟ ଜିଲାର ପିଲାଙ୍କୁ ଚାକିରି ଦିଆଯିବାରୁ ସ୍ଥାନୀୟ ପିଲାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ। ଅନ୍ୟ ଜିଲା ପିଲାଙ୍କୁ କମ୍ ଦରମାରେ ଚାକିରି ଦିଆଯାଉଥିବାରୁ ସେମାନେ ସେଠାରେ ଚଳିପାରୁ ନାହାନ୍ତି। ୩୦ ଜିଲାର ପିଲାଙ୍କୁ ନିଜ ଜିଲାରେ ଚାକିରି ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ଫୁର୍‌ସତ**

# ପଥରରୁ ରହସ୍ୟମୟ ଧ୍ୱନି

**ପାଟଣା:** ବିହାରର ଔରଙ୍ଗାବାଦ ଜିଲା ଅନ୍ତର୍ଗତ ପୱଇ ଗ୍ରାମର ଝୁନ୍‌ଝୁନ୍‌ୱା ପର୍ବତ ବେଶ୍ ପ୍ରସିଦ୍ଧ। ଏଠାକୁ ଭ୍ରମଣ ପାଇଁ ପ୍ରତ୍ୟେକ ଦିନ ଭାରତର ବିଭିନ୍ନ ସ୍ଥାନରୁ ଅନେକ ହଜାର ସଂଖ୍ୟାରେ ଲୋକ ଆସିଥାନ୍ତି। ଏହି ପର୍ବତ ନିଜର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଦ୍ୱାରା ପର୍ଯ୍ୟଟକଙ୍କୁ ସର୍ବଦା ଆକୃଷ୍ଟ କରିଥାଏ। ତେବେ ଝୁନ୍‌ଝୁନ୍‌ୱା ପର୍ବତର ନିମ୍ନଭାଗରେ ଏକ ରହସ୍ୟମୟ ବଡ଼ ପଥର ଖଣ୍ଡ ଥିବା ନେଇ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯେତେବେଳେ ଏହି ପଥର ଖଣ୍ଡକୁ ଆଘାତ ଦିଆଯାଇଥାଏ, ସେତେବେଳେ ଏହା ଏକ ଧାତବ ଧ୍ୱନି ସୃଷ୍ଟି କରେ ବୋଲି ପୱଇ ଗ୍ରାମବାସୀ କହିଛନ୍ତି। ତେଣୁ ଏହି ରହସ୍ୟମୟ ପଥର ଖଣ୍ଡ ଭିତରେ କିଛି ମୂଲ୍ୟବାନ ଧାତୁ ଲୁଚି ରହିଥିବା ନେଇ ଅନେକେ ଅନୁମାନ କରନ୍ତି। ତେବେ ଏହି ବଡ଼ ପଥର ଖଣ୍ଡରୁ କିପରି ଧ୍ୱନି ବାହାରୁଛି ତାହା ଶତାଧିକ ବର୍ଷ ଧରି ଏକ ରହସ୍ୟ ହୋଇ ରହିଛି।




ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ରହସ୍ୟମୟ ପଥର ଖଣ୍ଡର ବିଶେଷତା ଏଠାକୁ ଭ୍ରମଣ ପାଇଁ ଆସୁଥିବା ଲୋକମାନଙ୍କୁ ଆକୃଷ୍ଟ କରିଥାଏ। ଏହି ପଥର ଖଣ୍ଡ ମଧ୍ୟରେ ବିଭିନ୍ନ ମୂଲ୍ୟବାନ ପଦାର୍ଥ ଥିବା ଅନୁମାନ କରି ପ୍ରାୟ ୧୦୦ ବର୍ଷ ତଳେ କିଛି ଲୋକ ଲୋଭର ବଶବର୍ତ୍ତୀ ହୋଇ ଏହାକୁ ଚୋରି କରିବାକୁ ପ୍ରୟାସ କରିଥିଲେ। ସେତେବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେବେଠାରୁ ଏହି ରହସ୍ୟମୟ ପଥର ଗ୍ରାମବାସୀଙ୍କ ସୁରକ୍ଷା ଅଧୀନରେ ରହିଛି। ତେବେ ବହୁ ଦଶନ୍ଧି ଧରି ଗବେଷଣା କରିବା ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରତ୍ନତତ୍ତ୍ୱବିତ୍ ଏବଂ ବୈଜ୍ଞାନିକମାନେ ଏହି ପଥର ଖଣ୍ଡରୁ ଧାତୁର ଧ୍ୱନି କିପରି ବାହାରୁଛି, ସେ ରହସ୍ୟ ଉପରୁ ପରଦା ଉଠାଇ ପାରିନାହାନ୍ତି।

ଔରଙ୍ଗାବାଦ ଜିଲାର ଏକ ବଡ଼ ପିକନିକ୍ ସ୍ପଟ ଭାବେ ଝୁନ୍‌ଝୁନ୍‌ୱା ପର୍ବତ ପରିଚିତ। ନୂଆ ବର୍ଷ ଅବସରରେ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଅନେକ ହଜାର ଲୋକ ଏଠାକୁ ବଣଭୋଜି ପାଇଁ ଆସିଥାନ୍ତି। ଏଠାକାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କ ଆଗମନ ହେତୁ ଏଠାରେ ବ୍ୟବସାୟ ବଢ଼ିଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଔରଙ୍ଗାବାଦ ଜିଲା ପ୍ରଶାସନ ସହାୟତାରେ ଝୁନ୍‌ଝୁନ୍‌ୱା ପର୍ବତ ଚାରିପାଖରେ ଏକ ପାର୍କ ନିର୍ମାଣ କରାଯିବ।

# ସାମନ୍ଥାଙ୍କ ପ୍ରେମରେ ଅର୍ଜୁନ



**ମୁମ୍ବାଇ:** ବଲିଉଡ ଅଭିନେତା ଅର୍ଜୁନ କପୁର ଓ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଏବେ ଅଫିସିଆଲି ସିଙ୍ଗିଲ୍ ଅଛନ୍ତି। ଅର୍ଜୁନ କିଛିଦିନ ତଳେ ମଲାଇକାଙ୍କ ଠାରୁ ଅଲଗା ହେବା ଖବର ସୁନିଶ୍ଚିତ କରିଥିବା ବେଳେ ସାମନ୍ଥା ମଧ୍ୟ ନାଗାର୍ଜୁନଙ୍କ ସହିତ କିଛିବର୍ଷ ହେବ ଅଲଗା ହୋଇସାରିଛନ୍ତି। ବିବାହ ବିଚ୍ଛେଦ ପରେ ସାମନ୍ଥାଙ୍କର ନାଁ ଅନେକଙ୍କ ସହିତ ଯୋଡ଼ା ଯାଉଥିଲା। ତେବେ ବର୍ତ୍ତମାନ ଚର୍ଚ୍ଚା ହେଉଛି ଯେ, ସାମନ୍ଥା କୁଆଡେ ଅର୍ଜୁନଙ୍କ ପ୍ରେମରେ ପଡିଥିବା ବେଳେ ଅର୍ଜୁନ ମଧ୍ୟ ଟଲିଉଡ ଅଭିନେତ୍ରୀଙ୍କ ପ୍ରତି ଆଗ୍ରହୀ ଅଛନ୍ତି। ନିକଟରେ ଅର୍ଜୁନ ସିଂଘମ ରିଟର୍ନ ଜରିଆରେ ଜବରଦସ୍ତ କମବ୍ୟାକ୍ କରିଛନ୍ତି। ଉଭୟ ଅର୍ଜୁନ ଏବଂ ସାମନ୍ଥାଙ୍କ ପ୍ରଶଂସକଙ୍କ ପାଇଁ ଏହା ଏକ ବଡ଼ ଆଶ୍ଚର୍ଯ୍ୟଜନକ ଖବର। କାରଣ କେହି କେବେ ଭାବି ନଥିଲେ ଯେ ଏହି ଦୁଇ କଳାକାର କେବେ ଏପରି କରିପାରିବେ।

# ଭିମ୍‌ସାରରୁ ଚୋରି ଶିଶୁ ରେଙ୍ଗାଲିରୁ ଉଦ୍ଧାର

**ସମ୍ବଲପୁର, ୨୮।୧୧(ପ୍ରମୋଦ ବହିଦାର)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର)ରୁ ଗତ ମଙ୍ଗଳବାର ଚୋରି ନବଜାତ ଶିଶୁପୁତ୍ରକୁ ରେଙ୍ଗାଲି ଥାନା ଅନ୍ତର୍ଗତ ଗଣେଶନଗର ସାଲେପଡ଼ାରୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ଏହି ଶିଶୁଚୋରି ଘଟଣାରେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେମାନେ ହେଲେ ଶାସନ ଥାନା ଖୁଲିଆର ମୂଳବାସିନ୍ଦା ଜସ୍ପାଞ୍ଜଳି ଓରାମ(୨୮) ଓ ତାଙ୍କ ସ୍ୱାମୀ ସଦର ଥାନା ଅନ୍ତର୍ଗତ ମାନେଶ୍ୱର ମିର୍ଗାମୁଣ୍ଡାର ଅରୁଣ ଓରାମ(୩୦)। ଉଦ୍ଧାର ପରେ ଶିଶୁକୁ ତାଙ୍କ ମା'ଙ୍କ ପାଖକୁ ଅଣାଯାଇଥିଲା। ଦୁଇଦିନ ଧରି ପୁଅଠାରୁ ଦୂରରେ ଥିବା ଛତିଶଗଡ଼ ମହାସମୁନ୍ଦ ଜିଲା ବଡ଼େସଜାପାଲି ଗ୍ରାମର ସୀତା ଦାସ କୋଳାଗ୍ରତ କରି ଆତ୍ମହରା ହୋଇଯାଇଥିଲେ। ପୁଅକୁ ଖୋଜି ବାହାର କରିଥିବାରୁ ସମ୍ବଲପୁର ପୋଲିସକୁ ଧନ୍ୟବାଦ ଜଣାଇଥିଲେ। ପରେ ଶିଶୁକୁ ଭିମ୍‌ସାରର ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନକେନ୍ଦ୍ରରେ ଭର୍ତ୍ତି କରାଯାଇ ଆବଶ୍ୟକ ଚିକିତ୍ସା କରାଯାଉଛି। ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ପିଲା ଏଠାରେ ରହିବ ବୋଲି ଶିଶୁ ଯତ୍ନକେନ୍ଦ୍ରର ଡାକ୍ତର କହିଛନ୍ତି।

ପ୍ରାଥମିକସ୍ତରରେ ମିଳିଥିବା ସୂଚନା ଅନୁସାରେ ଉକ୍ତ ଅପରିଚିତା ମହିଳା ଶିଶୁକୁ ଧରି ମଙ୍ଗଳବାର ଅପରାହ୍ନରେ ଭିମ୍‌ସାର ବାହାରକୁ ଚାଲି ଆସିଥିଲେ। ତାଙ୍କ ସ୍ୱାମୀ ଭଡ଼ା ସୂତ୍ରରେ ଏକ ଅଟୋ ଧରି ସେଠାରେ ପହଞ୍ଚିବା ପରେ ଉଭୟେ ସମ୍ବଲପୁର ବସ୍‌ଷ୍ଟାଣ୍ଡ ଯାଇଥିଲେ। ସେଠାରୁ ବସ୍ ଯୋଗେ ସେମାନେ ରେଙ୍ଗାଲି ଯାଇଥିଲେ ବୋଲି ଅନୁମାନ କରାଯାଉଛି। ଅତିରିକ୍ତ



ଆମ୍ବୁଲାନ୍ସରୁ ଶିଶୁପୁତ୍ରକୁ ବାହାର କରାଯାଉଛି।

### ଅଭିଯୁକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ପୋଲିସର ପଚରାଉଚରା

ଆରକ୍ଷୀ ଅଧୀକ୍ଷକ ହରେଶଚନ୍ଦ୍ର ପାଣ୍ଡେ କହିଛନ୍ତି, ଭିମ୍‌ସାରରୁ ଶିଶୁ ଚୋରି ଘଟଣା ଜିଲା ପୋଲିସ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ଆଇଜି ହିମାଂଶୁ ଲାଲ ଓ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ନିର୍ଦ୍ଦେଶରେ ଏକାଧିକ ଦଳ ଗଠନ କରାଯାଇ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଗୁରୁବାର ସକାଳେ ଚୋରି ଶିଶୁପୁତ୍ର ରେଙ୍ଗାଲି ଗଣେଶ ନଗରର ଏକ ଦମ୍ପତିଙ୍କ ଘରେ ଥିବା ସମ୍ପର୍କରେ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୋଲିସର ସ୍ୱତନ୍ତ୍ର ଦଳ ସେଠାରେ ଚଢ଼ାଉ କରି ଉକ୍ତ ଶିଶୁକୁ ଉଦ୍ଧାର କରିଥିଲା। ବୁର୍ଲା ଏସ୍‌ଡିପିଓ ଅମିତ ମହାନ୍ତି କହିଛନ୍ତି ଯେ, ଶିଶୁ ଚୋରିରେ ସମ୍ପୃକ୍ତ ଦମ୍ପତିଙ୍କୁ ପଚରାଉଚରା କରାଯାଉଛି। ଶିଶୁ ଚୋରିରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଅରୁଣ ଓରାମଙ୍କ ଘର ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମିର୍ଗାମୁଣ୍ଡାରେ। ସେମାନେ ରେଙ୍ଗାଲି ଥାନା ଗଣେଶନଗର ସାଲେପଡ଼ାରେ ରହି ସେଠାରେ ଥିବା ଏକ ଘରୋଇ ଶିଳ୍ପସଂସ୍ଥାରେ ଶ୍ରମିକଭାବେ କାମ କରନ୍ତି। ସେମାନେ ନିଃସନ୍ତାନ ନ ଥିଲେ ମଧ୍ୟ କେଉଁ ପରିସ୍ଥିତିରେ ଶିଶୁକୁ ଚୋରି କଲେ ସେ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଛତିଶଗଡ଼ ମହାସମୁନ୍ଦ ଜିଲା ବଡ଼େସଜାପାଲିର ସୀତା ଦାସ ଭିମ୍‌ସାରରେ ଗତ ରବିବାର ଅସ୍ତ୍ରୋପଚାର ପରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ସେ ରହିଥିଲେ। ତେବେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଭାବେ ନିଜକୁ ପରିଚୟ ଦେଇ ଜଣେ ମହିଳା ମଙ୍ଗଳବାର ଉକ୍ତ ଶିଶୁକୁ ଧରି ଚମ୍ପଟ ମାରିଥିଲେ। ବହ ଖୋଜାଖୋଜି ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ପରେ ଉକ୍ତ ଦମ୍ପତିଙ୍କ ପକ୍ଷରୁ ବୁର୍ଲା ଥାନାରେ ଏତଲା ଦିଆଯାଇଥିଲା। ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଥିଲା।

# ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ରାୟଗଡ଼ା,୨୮।୧୧(ଆଶିଷ ରଞ୍ଜନ ପଣ୍ଡା)**

ଗୁଣିଗାରେଡ଼ି ସନ୍ଦେହରେ ୨ ଜଣଙ୍କୁ ହତ୍ୟା କରିବା ଘଟଣାରେ ଗୁରୁବାର ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅଲ୍ପନା ସ୍ୱାଇଁ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ବୃଦ୍ଧି ପାଇଁ ରାୟ ଦେଇଛନ୍ତି। ୨୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହ ପ୍ରମାଣକୁ ଭିତ୍ତିକରି ଆଇପିସି ଦଫା ୩୦୨ରେ ଅତିରିକ୍ତ ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ରାମପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଥାଉକି, ୨୦୨୦ରେ ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅନ୍ତର୍ଗତ ବଡ଼କଶୁପାଡୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଡବଲ ମର୍ଡର ହୋଇଥିଲା। ଅଭିଯୁକ୍ତ ପ୍ରେମାନନ୍ଦ ମାଣ୍ଡାଙ୍ଗି ଅତି ନିର୍ମମ ଭାବରେ ବଡ଼କଶୁପାଡୁ ଗ୍ରାମର ଯଦୁମଣି ମାଣ୍ଡାଙ୍ଗିଙ୍କୁ ଛୁରିରେ ଓ ପୋଲିଗା ତାଡ଼ିଙ୍ଗିଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଗ୍ରାମବାସୀ ଏକଜୁଟ ହୋଇଥିଲେ। ଗ୍ରାମର ଶଙ୍କର ଜିଲାକାରା ନାମକ ବ୍ୟକ୍ତି ପ୍ରେମାନନ୍ଦଙ୍କ ନାଁରେ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ପ୍ରେମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

### ଗୁଣିଗାରେଡ଼ି ସନ୍ଦେହରେ ୨ ଜଣଙ୍କୁ ହତ୍ୟା ମାମଲା

# କେନ୍ଦୁଝର କନିଷ୍ଠ ଖଣି ଅଧିକାରୀ ଗିରଫ

**କେନ୍ଦୁଝର,୨୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କୁ ଗୁରୁବାର ଭିଜିଲାନ୍ସ ଟିମ୍ ଗିରଫ କରିଛି। ସେ କେନ୍ଦୁଝରର ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିଲେ। ବୁଧବାର ଟିମ୍ କେନ୍ଦୁଝରର ଖଣି କାର୍ଯ୍ୟାଳୟ ଓ ଆବାସିକ ବହୁମହଲା କୋଠା ସମେତ ରାଜ୍ୟର ୭ଟି ସ୍ଥାନରେ ଚଢ଼ାଉ କରିଥିଲା।

ପ୍ରକାଶ ଯେ, କେନ୍ଦୁଝର, ଭୁବନେଶ୍ୱର, ଭବାନୀପାଟଣା ଓ ଯାଜପୁରର ୭ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଭିଜିଲାନ୍ସ ଅଧିକାରୀମାନେ ଭୁବନେଶ୍ୱର କୋରଡ଼କଣ୍ଟାରେ ୫୮୦୦ ବର୍ଗଫୁଟ ପରିମିତ ଏକ ୪ ମହଲା କୋଠା, କେନ୍ଦୁଝର ସହର ଜଗନ୍ନାଥପୁରରେ ୧୦, ୦୦୦ ବର୍ଗ ଫୁଟ ଜମି ଉପରେ ନିର୍ମିତ ୨ ମହଲା କୋଠା ସମେତ ସମ୍ପର୍କୀୟଙ୍କ ନାମରେ ୨ଟି ଫ୍ଲାଟ୍ ଏବଂ କଟକ, ଯାଜପୁର, ଭୁବନେଶ୍ୱରରେ ୧୪ଟି ପ୍ଲଟ୍, ଘସିପୁରା ମଦନପୁରରେ ୫ ଏକରର ଗୋଟିଏ ଫାର୍ମ ହାଉସ, ଅନ୍ୟାନ୍ୟ ନିର୍ମାଣ ଓ ଫାର୍ମ ହାଉସରେ ପ୍ରାୟ ୭୦ ଲକ୍ଷ ଟଙ୍କାର ସମ୍ପତ୍ତି ଟିମ୍ ଠାବ କରିଥିଲା। ସେହିପରି ବ୍ୟାଙ୍କରେ ୫୩ ଲକ୍ଷରୁ ଅଧିକ ଟଙ୍କା ଜମା, ନଗଦ ୧ ଲକ୍ଷ ଟଙ୍କା, ୩୦୦ ଗ୍ରାମ ଓଜନର ସୁନା ଅଳଙ୍କାର ଇତ୍ୟାଦି ଟିମ୍ ଯାଞ୍ଚ ବେଳେ ପାଇଥିଲା। ପଦ୍ମନାଭ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବିରୋଧରେ ମାମଲା(ନଂ.୧୪/୨୪)ରୁଜୁ ହୋଇଛି। ଖଣି ଅଧିକାରୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ୍ ନାମଞ୍ଜୁର ହେବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା
- ଅଧିକାରୀଙ୍କ ୪ କୋଠା, ୧୪ ପ୍ଲଟ୍, ଫାର୍ମ ହାଉସ୍

# ତେଲଙ୍ଗାନାରୁ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ

**କଟକ,୨୮।୧୧ (କାର୍ତ୍ତିକ ସାହୁ)**

ସାଇବର ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ତେଲଙ୍ଗାନାର ନିଜାମାବାଦ୍‌ରୁ ଗିରଫ କରିଛି। ସେ ହେଲେ ଅବ୍‌ଦୁଲ୍ ସଲିମ୍ (୩୩)। ତାଙ୍କ ନିକଟରୁ ମୋବାଇଲ ଫୋନ, ୩ଟି ସିମ୍‌କାର୍ଡ, ସାଉଦି ଆରବର ସିମ୍‌କାର୍ଡ, ପାସ୍‌ବୁକ୍, ପାସ୍‌ପୋର୍ଟ, ଆଧାର କାର୍ଡ, ପାନ୍ କାର୍ଡ, ଡେବିଟ୍ ଓ କ୍ରେଡିଟ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତ ୧୩ରୁ ଅଧିକ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଛି।

ସୂଚନାନୁସାରେ, ବ୍ରହ୍ମପୁରରେ ରହୁଥିବା ଜଣେ ବରିଷ୍ଠ ନାଗରିକ ଏହି ସାଇବର ଠକେଇ ଶିକାର ହୋଇଛନ୍ତି। ନିଜକୁ ଟ୍ରାଇ ଏବଂ ମୁମ୍ବାଇ ସାଇବର କ୍ରାଇମ୍ ଡିଭିଜନ ପୋଲିସ ଭାବେ ପରିଚୟ ଦେବା ସହ ଗିରଫ କରିବାର ଧମକ ଦେଇ ଠକମାନେ ଏତେ ପରିମାଣର ଟଙ୍କା ତାଙ୍କଠାରୁ ଠକେଇ କରିଛନ୍ତି। ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ତାଙ୍କ ଆଧାର କାର୍ଡରେ ଲିଙ୍କ୍ ହୋଇଥିବା ଏକ ମୋବାଇଲ ନମ୍ବର ସମ୍ପର୍କରେ ଠକମାନେ ପଚାରିଥିଲେ। ସେହି ମୋବାଇଲ ନମ୍ବରଟି ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ କିଣିବାରେ ବ୍ୟବହୃତ ହୋଇଛି ବୋଲି ପ୍ରଥମେ ଭୟଭୀତ କରିଥିଲେ। ଉକ୍ତ ନମ୍ବରରୁ ମହାରାଷ୍ଟ୍ରର ଅନେକ ବ୍ୟକ୍ତିଙ୍କୁ ଧମକପୂର୍ଣ୍ଣ କଲ୍ ଯାଇଥିବା ସଂକ୍ରାନ୍ତରେ ମଧ୍ୟ ଠକମାନେ କହିଥିଲେ। ଏଥିପାଇଁ ୩ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହେବ ବୋଲି କହି ଠକମାନେ ତାଙ୍କୁ ହ୍ୱାଟ୍ସଆପ୍ ଜରିଆରେ ଭିଡିଓ କଲ କରି ଅଟକ ରଖିଥିଲେ। ଏହାଦ୍ୱାରା ସେ ମାନସିକ ଅବସାଦରେ ରହୁଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟ ଯାଞ୍ଚ ପାଇଁ କହି ତାଙ୍କର ସମସ୍ତ ଟଙ୍କା ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ କହିଥିଲେ। ଏହାସହ ଯାଞ୍ଚ ସମାପ୍ତ ହେବା ପରେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରାଇ ଦିଆଯିବ ବୋଲି ଠକମାନେ କହିଥିଲେ। ସେହି ଅନୁଯାୟୀ ଅଭିଯୋଗକାରୀ ବରିଷ୍ଠ ନାଗରିକ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୨ ଥରରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିଥିଲେ। ପରେ ସେ ଠକାମିର ଶିକାର ହୋଇଥିବା ଜାଣି କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ।

# ପ୍ରେମିକ ସହ ଯାଇଥିଲେ, ଶବ ହୋଇ ଫେରିଲେ

### ଫେରାର ଯୁବକଙ୍କ ଘର ଆଗରେ ମୃତଦେହ ରଖି ଧାରଣା

**ଧାମନଗର,୨୮।୧୧(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)**

୮ ମାସ ତଳେ ଜଣେ ଯୁବକ ତାଙ୍କ ଝିଅକୁ ନେଇ ବେଙ୍ଗାଲୁରୁ ଚାଲି ଯାଇଥିଲେ। ଏବେ ତାଙ୍କ ଝିଅର ଶବ ଫେରିଥିବା ବେଳେ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ଯୁବକ ଜଣକ ନ ଆସିବା ଯାଏ ତାଙ୍କ ଝିଅର ଅନ୍ତିମ ସଂସ୍କାର କରାଯିବ ନାହିଁ ବୋଲି ମୃତ ନାବାଳିକାଙ୍କ ପରିବାର ଲୋକେ ଜିଦ୍ ଧରିଥିଲେ। ଏପରିକି ବୁଧବାର ସନ୍ଧ୍ୟାରୁ ଯୁବକଙ୍କ ଘର ଦୁଆରେ ଝିଅର ମୃତଦେହ ରଖି ପରିବାର ଲୋକେ ଧାରଣାରେ ବସିଥିଲେ। ପୋଲିସ ରାତିରୁ ମୃତଦେହକୁ ଜଗି ରହିଥିଲା। ଗୁରୁବାର ବୁଝାଶୁଝା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଧାମନଗର ଥାନା ଅଧୀନ ସରେଇ ବୁଡ଼ାକୁଟି ପଞ୍ଚାୟତର ସୋରିଷଡିହ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଝିଅକୁ ହତ୍ୟା କରାଯାଇଥିବା ମୃତା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ଗତ ମାର୍ଚ୍ଚ ୩୧ରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ମା' ଏପ୍ରିଲ ୧ରେ ଧାମନଗର ଥାନାରେ ଏତଲା ଦେଇଥିଲେ। ଏନେଇ ମାମଲା (ନଂ.୧୪୪/୨୪) ମଧ୍ୟ ରୁଜୁ ହୋଇଥିଲା। ପରେ ଗ୍ରାମର ଜଣେ ଯୁବକ ଝିଅକୁ ନେଇ ଯାଇଥିବା ସନ୍ଦେହରେ ତାଙ୍କ ପରିବାର ଲୋକଙ୍କୁ ପଚାରିଥିଲେ ହେଁ ସେମାନେ ଏ ବିଷୟରେ ଜାଣି ନ ଥିବା କହିଥିଲେ। ହେଲେ ୨ ଦିନ ତଳେ କଟକ ବଡ଼ ଡାକ୍ତରଖାନାରେ ନାବାଳିକାଙ୍କ ଚିକିତ୍ସା ପାଇଁ ଉକ୍ତ ଯୁବକଙ୍କ ପରିବାର ପକ୍ଷରୁ ତାଙ୍କ ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଗିଥିଲେ। ନାବାଳିକାଙ୍କ ପରିବାର ଲୋକେ କଟକ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ହୋଇସାରିଥିଲା। ବୁଧବାର ମୃତଦେହ ଗାଁରେ ପହଞ୍ଚିଥିବା ବେଳେ ପ୍ରେମିକ ସାଙ୍ଗରେ ଆସି ନ ଥିବାରୁ ମୃତଦେହ ସତ୍କାର କରାଯିବ ନାହିଁ ବୋଲି ମୃତ ନାବାଳିକାଙ୍କ ପରିବାର ଲୋକେ ଅଡ଼ି ବସିଥିଲେ। ଖବରପାଇ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ପୋଲିସ ରାତିସାରା ମୃତଦେହକୁ ଜଗି ରହିଥିଲା। ଗୁରୁବାର ପୂର୍ବାହ୍ନରେ ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ଦୀପକ କୁମାର ଦାସ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ରିପୋର୍ଟ ଲେଖାହେବା ସୁଦ୍ଧା ହତ୍ୟା ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ। ପୂର୍ବ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧାମନଗର ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ କହିଛନ୍ତି।



# ଟାଙ୍ଗିଆ ଚୋଟରେ ପାପୁଲି ଛିଣ୍ଡିଲା

**ବଁଅରପାଳ,୨୮।୧୧ (ସୁବାସ ସାହୁ)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଗିରାଙ୍ଗ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର ମିଥୁନ ଜେନାଙ୍କ ଟାଙ୍ଗିଆ ଚୋଟରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଓମ୍ ପ୍ରକାଶ ଦେହୁରୀ (୧୮) ଓ ଦାଦା ପ୍ରଶାନ୍ତ ଦେହୁରୀ( ୪୦)। ଟାଙ୍ଗିଆ ଚୋଟରେ ଓମ୍ ପ୍ରକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଶାନ୍ତଙ୍କ ହାତ ପାପୁଲି ଛିଣ୍ଡି ଯାଇଛି। ପରେ ଗ୍ରାମବାସୀ ଅଭିଯୁକ୍ତ ମିଥୁନଙ୍କୁ କାବୁ କରି ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଦେଇଥିଲେ। ଖବରପାଇ ନାଲ୍‌କୋ ପୋଲିସ ପହଞ୍ଚି ଗୁରୁତର ଦାଦା ପୁତୁରାଙ୍କୁ ମେଡିକାଲ ପଠାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୋଲିସ କହିଛି, ଗିରାଙ୍ଗ ଗ୍ରାମର ସୁନୀଲ ଦେହୁରୀ ଏକ ପାନ ଦୋକାନ ଦେଇଛନ୍ତି। ଅଭିଯୁକ୍ତ ମିଥୁନ ଦୈନିକ ଉକ୍ତ ଦୋକାନକୁ ଆସି ବେଆଇନ ଭାବେ ବିକ୍ରି ହେଉଥିବା ନିଶା ସାମଗ୍ରୀ ନେଇଥାନ୍ତି। ତେବେ ଅନେକ ଥର ଦୋକାନୀ ସୁନୀଲ ଓ ପୁଅ ଓମ୍ ପ୍ରକାଶ (୧୮)ଙ୍କ ସହ ମିଥୁନଙ୍କ ଝଗଡ଼ା ହୋଇଥିଲା। ଏପରି କି ବାପ, ପୁଅ ମିଶି ମିଥୁନଙ୍କୁ ବାଡ଼ିଆପିଟା କରିଥିଲେ। ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ଥିବା ମିଥୁନ ଗୁରୁବାର ସୁନୀଲଙ୍କ ଦୋକାନକୁ ଯାଇଥିବାବେଳେ ଓମ୍ ପ୍ରକାଶଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଏହାପରେ ମିଥୁନ ଘରୁ ଏକ ଟାଙ୍ଗିଆ ଆଣି ଓମ୍‌ପ୍ରକାଶଙ୍କ ମୁଣ୍ଡକୁ ୨ ଚୋଟ ପକାଇଥିଲେ। ଏହା ଦେଖି ଓମ୍‌ପ୍ରକାଶଙ୍କ ଦାଦା ପ୍ରଶାନ୍ତ ଦୌଡ଼ି ଆସିବାରୁ ତାଙ୍କୁ ମଧ୍ୟ ମିଥୁନ ଆକ୍ରମଣ କରିଥିଲେ। ଫଳରେ ପ୍ରଶାନ୍ତଙ୍କ ହାତ ପାପୁଲି ଛିଣ୍ଡି ଯାଇଥିଲା। ଘଟଣାସ୍ଥଳକୁ ଆସୁଥିବା ସୁନୀଲଙ୍କ ଆଉ ଜଣେ ପୁଅଙ୍କୁ ମଧ୍ୟ ମିଥୁନ ହାଣିବାକୁ ଗୋଡ଼ାଇଥିଲେ। ପରେ ଗ୍ରାମବାସୀ ମିଥୁନଙ୍କୁ କାବୁ କରି ଏକ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଦେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ୨ ଜଣଙ୍କୁ ତୁରନ୍ତ ଡାକ୍ତରଖାନା ପଠାଇବା ସହ ଅଭିଯୁକ୍ତ ମିଥୁନଙ୍କୁ ଥାନାକୁ ନେଇଥିଲା। ସୁନୀଲଙ୍କ ଆଉ ଜଣେ ପୁଅ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪୮/୨୪ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଦାଦା-ପୁତୁରା ଗୁରୁତର

### ଅଭିଯୁକ୍ତଙ୍କୁ କାବୁ କରି ଖୁଣ୍ଟରେ ବାନ୍ଧିଲେ ଲୋକେ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟି ମାଟି ଚାଳଘର,
ନିଆଁ ପାଣିକି ସଦା ଡର।**

ସାଧାରଣତଃ ଝାଟିମାଟିରେ ତିଆରି ହୋଇଥିବା ଚାଳ ଘରଟିରେ ନିଆଁ ଲାଗିଯିବାର ଭୟ ରହିଥାଏ। ଠିକ୍ ସେମିତି ବର୍ଷା ପାଣିରେ ଚାଳ ଘରଟି ସମ୍ପୂର୍ଣ୍ଣ ଓଦା ହୋଇଯାଉଥିବା କାରଣରୁ ଏହା ଶୀଘ୍ର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଥାଏ। ତେଣୁ ଏଭଳି ଘରେ ବାସ କରୁଥିବା ବ୍ୟକ୍ତି ସଦାବେଳେ ଆତଙ୍କିତ ଅବସ୍ଥାରେ ରହୁଥିବା ଅର୍ଥରେ ଏହି ଉକ୍ତି ଉଲ୍ଲେଖ କରାଯାଇଛି ।

**ଝିଅ ନେଲେ ଘର ସରଇ ନାହିଁ,
ବୋହୂ ଆଣିଲେ ଘର ପୂରଇ ନାହିଁ।**

ଝିଅକୁ ବିଭାଦେଇ ଶାଶୁଘରକୁ ପଠାଇଦେଲା ପରେ ବାପଘର ଲୋକସଂଖ୍ୟା କମିଯାଉଥିବା ବେଳେ ତାହା ବୋହୂ ଆସିବା ଦ୍ୱାରା ପୂରଣ ହୋଇଯାଇଥାଏ। ଠିକ୍ ସେମିତି ଝିଅ ବାହାଘର ବେଳେ ଯାନି ଯୌତୁକ ପାଇଁ ଖର୍ଚ୍ଚ କରାଯାଇଥିବା ଧନ ବୋହୂ ଆଣିବା ଦ୍ୱାରା ପୂରଣ ହୋଇଥାଏ। ଏହିଭଳି ଯୋଗ ବିଯୋଗ ପ୍ରକ୍ରିୟା ଯୋଗୁ ସଂଖ୍ୟା ଏବଂ ଧନର କୌଣସି ହାନିଲାଭ ଘଟି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଅ ସହ ମିଶି ପୁତୁରାଙ୍କୁ ହତ୍ୟା

**ବ୍ରହ୍ମପୁର,୨୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ଅନ୍ତର୍ଗତ ରୋହିଗାଁ ବଡ଼ସାହିରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ପୁତୁରାଙ୍କୁ ପୁଅ ସହ ମିଶି ଦାଦା ହତ୍ୟା କରିଛନ୍ତି। ମୃତକ ହେଲେ ମଧୁସୂଦନ ଜେନା (୩୦)। ଦାଦା ଗୁଣି କରୁଥିବା ଅଭିଯୋଗ କରିବାରୁ ମଧୁସୂଦନଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତ ଦାଦା ପ୍ରସନ୍ନ ଜେନା ଆହତ ହୋଇଥିବା ଦର୍ଶାଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଏକ ସେକ୍ସନ ପୋଲିସ ସେଠାରେ ଜଗିରହିଛି। ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନଙ୍କ ପୁଅ ଫେରାର ଅଛନ୍ତି। ଗୁରୁବାର ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ ତଦନ୍ତ ଆରମ୍ଭ କରିଛି।

ରୋହିଗାଁର ମଧୁସୂଦନଙ୍କ ମା'ବାପା କୋଲକାତାରେ ରହି ଏକ କମ୍ପାନୀରେ କାମ କରୁଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ମଧୁସୂଦନ ଗାଁରେ ରହୁଥିଲେ। ପାଖ ଘରେ ରହୁଥିବା ଦାଦା ଗୁଣି କରୁଥିବାରୁ ଦେହ ଭଲ ରହୁ ନ ଥିବା ସନ୍ଦେହ କରୁଥିଲେ। ଏଥିସହ ଅନ୍ୟାନ୍ୟ କାରଣକୁ ନେଇ ଦାଦା ପ୍ରସନ୍ନଙ୍କ ପରିବାର ସହ ତାଙ୍କର କଳହ ଲାଗି ରହିଥିଲା। ପ୍ରତି କଥାରେ ଝଗଡ଼ା ହେଉଥିଲା। ବୁଧବାର ରାତିରେ ଏହା ଉଗ୍ରରୂପ ନେଇଥିଲା। ପ୍ରସନ୍ନ ଓ ତାଙ୍କ ପୁଅ ସିପୁ ଜେନା ମାରଣାସ୍ତ୍ର ଧରି ମଧୁସୂଦନଙ୍କ ଘରକୁ ଯାଇ ପାଟିତୁଣ୍ଡ କରିଥିଲେ। ପରେ ବାପପୁଅ ମିଶି ମଧୁସୂଦନଙ୍କୁ ହାଣିଥିଲେ। ସେ ସେଠାରେ ମରିଯାଇଥିବା ଭାବି ସେମାନେ ଘରେ ତାଲା ପକାଇ ଚମ୍ପଟ ମାରିଥିଲେ। ସେହି ସାହିରେ ରହୁଥିବା ମଧୁସୂଦନଙ୍କ ଭଉଣୀ ସସ୍ମିତା ସ୍ୱାଇଁ ଓ ତାଙ୍କ ସ୍ୱାମୀ ପାଣ୍ଡବ ସ୍ୱାଇଁ ଖବରପାଇ ଘରେ ପହଞ୍ଚିଥିଲେ। ମଧୁସୂଦନ ରକ୍ତ ଜୁଡୁବୁଡୁ ହୋଇ ମରି ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଏମ୍‌କେସିଜି ମେଡିକାଲକୁ ପଠାଇଥିଲା। ସସ୍ମିତାଙ୍କ ଅଭିଯୋଗକ୍ରମେ ନଂ. ୪୦୫/୨୪ରେ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ପ୍ରସନ୍ନ ଗାଁ ନିକଟରେ ଲୁଚି ରହିଥିବା ବେଳେ ପୋଲିସ ତାଙ୍କୁ କାବୁ କରିଛି। ସିପୁ ଫେରାର ଅଛନ୍ତି। ଗୁରୁବାର ତଦନ୍ତ ଅଧିକାରୀ ଏମ୍‌କେସିଜି ମେଡିକାଲରେ ପହଞ୍ଚି ମଧୁସୂଦନଙ୍କ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଗୁଣି ଅଭିଯୋଗ କରିବାରୁ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଖଣ୍ଡଗିରିରେ ଦେହ ବ୍ୟବସାୟ, ୪ ଯୁବତୀ ଉଦ୍ଧାର

**ଭୁବନେଶ୍ୱର,୨୮।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳର ଏକ ଭଡ଼ାଘରୁ ଗୁରୁବାର ପୋଲିସ ଜଣେ ନାବାଳିକାଙ୍କ ସମେତ ୪ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀମାନେ ସମସ୍ତେ ଓଡ଼ିଶାର ହୋଇଥିବାବେଳେ ସେମାନଙ୍କୁ ଦେହ ବ୍ୟବସାୟରେ ଲଗାଯାଉଥିବା ନେଇ ଜଣାପଡ଼ିଥିବା ଜୋନ୍-୩ ଏସିପି ତାପସ କୁମାର ପ୍ରଧାନ କହିଛନ୍ତି। ଅପରପକ୍ଷରେ ଯୁବତୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଡଲି ସ୍ୱାଇଁ ଫେରାର ଅଛନ୍ତି। ତାଙ୍କ ଘର ନୟାଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ଘର ଭଡ଼ାରେ ନେଇ ଉକ୍ତ ଅନୈତିକ କାର୍ଯ୍ୟ କରୁଥିଲେ। ଡଲିଙ୍କୁ ଏହି କାର୍ଯ୍ୟରେ ତାଙ୍କ ପୁଅ ସହଯୋଗ କରୁଥିବା ଜଣାପଡ଼ିବା ପରେ ସେ ମଧ୍ୟ ଫେରାର ଅଛନ୍ତି।

# ୩ ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକ ନିଲମ୍ବିତ

**ନବରଙ୍ଗପୁର,୨୮।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସଦର ବ୍ଲକ ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବାଜୀ ଚରଣ ଦାଶଙ୍କ ନାଁରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ୩ ଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ। ଛାତ୍ରୀଙ୍କ ଅଭିଯୋଗ ହେଉଛି, ପ୍ରଧାନ ଶିକ୍ଷକ ଦାଶ ଛାତ୍ରୀମାନଙ୍କୁ ଶୌଚାଳୟକୁ ଡାକି ଦୁର୍ବ୍ୟବହାର କରୁଛନ୍ତି। ଗୁରୁବାର ଛାତ୍ରୀମାନେ ଅଭିଭାବକଙ୍କୁ ଘଟଣା ବିଷୟରେ କହିବା ପରେ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏକାଠି ହୋଇ ପ୍ରଧାନ ଶିକ୍ଷକଙ୍କୁ ଏକ କୋଠରିରେ ଅଟକ ରଖି ଠେଲାପେଲା କରିବା ସହ ପାଟିତୁଣ୍ଡ କରିଥିଲେ। ନବରଙ୍ଗପୁର ପୋଲିସ ସ୍କୁଲରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାରକରି ଥାନାକୁ ଆଣି ଅଟକ ରଖିଛି। ଘଟଣା ସମ୍ପର୍କରେ ଖବରପାଇବା ପରେ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଏବିଇଓ ସୁରେନ୍ଦ୍ର ନାଥ ନାୟକଙ୍କୁ ଘଟଣା ବିଷୟରେ ବୁଝିବାକୁ ସ୍କୁଲକୁ ପଠାଇଥିଲେ। ଏବିଇଓ ନାୟକ ଓ ସିଆର୍‌ସିସି ଏ. ଚନ୍ଦ୍ରମୌଳି, ଶୁଭେନ୍ଦୁ କୁମାର ପଣ୍ଡା ଓ ବାଲାଜୀ ସାହୁ ବିଦ୍ୟାଳୟକୁ ଆସି ତଦନ୍ତ କରି ଫେରିଛନ୍ତି। ଏ ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସସ୍ମିତ କୁମାର ବେହେରା କହିଛନ୍ତି। ଏହି ଘଟଣା ଉପରେ ପୋଲିସ ତଦନ୍ତ କରୁଛି। ଏବିଇଓ ତଦନ୍ତ ରିପୋର୍ଟ ବିଇଓ ରମେଶ ରାୟଙ୍କୁ ଦେବା ପରେ ପ୍ରଧାନ ଶିକ୍ଷକ ଦାଶଙ୍କୁ ନିଲମ୍ବନ କରି ମୁଦିନୟକଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏନେଇ ବିଇଓ ଡିଇଓଙ୍କୁ ଚିଠି ନମ୍ବର ୨୩୯୩/୨୮।୧୧।୨୪ ଅନୁଯାୟୀ ଜଣାଇଛନ୍ତି। ୩ ଜଣ ଛାତ୍ରୀ ମୌଖିକ ଅଭିଯୋଗ କରିଥିବା ବେଳେ ଲିଖିତ ଅଭିଯୋଗ ଦେବାକୁ ତଦନ୍ତକାରି ଟିମ୍ କହିଥିଲେ ମଧ୍ୟ ଦେଇ ନ ଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଏନେଇ ପ୍ରଧାନ ଶିକ୍ଷକ ଦାଶ କହିଛନ୍ତି, ମୁଁ ଅଶାଳୀନ ବ୍ୟବହାର କରିନାହିଁ। ବାଥ୍‌ରୁମ୍ ସଫା ଅଛି କି ନାହିଁ ପିଲାମାନେ ଦେଖନ୍ତି। ମୋ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ନୁହେଁ, ସବୁ ମିଥ୍ୟା ବୋଲି ସେ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୁରୁଷୋତ୍ତମ ନାୟକ କହିଛନ୍ତି, ସେ ନବରଙ୍ଗପୁରରେ ଥିଲେ, ଖବର ପାଇବା ପରେ ବିଦ୍ୟାଳୟକୁ ଆସିଥିଲେ। ଘଟଣା କେତେ ସତ ତାହା ଜାଣିନାହିଁ । ପ୍ରାର୍ଥନା ସମୟରେ ଯାଇ ଠିଆହେଉଛି, ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝି ଆସୁଛି ବୋଲି ନାୟକ କହିଛନ୍ତି।



ବାବାଜୀ ଚରଣ ଦାଶ

### ସ୍କୁଲରେ ଉତ୍ତେଜନା

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅନିକେତ
ପରିବାରବର୍ଗ


କାବ୍ୟାନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୨୦୦ ପଏଣ୍ଟ କମିଲା ସେନ୍‌ସେକ୍ସ

**୨୪,୦୦୦ ଅଙ୍କ ତଳେ ନିଫ୍ଟି**



**ମୁମ୍ବାଇ,୨୮।୧୧**

ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀର ପ୍ରଭାବ ଭାରତୀୟ ପୁଞ୍ଜି ବଜାର କାରବାରରେ ଦେଖିବାକୁ ମିଳୁଛି। ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାର ହ୍ରାସ ପାଉଛି। ଫଳରେ ଶେୟାର ବଜାରର ନିବେଶକମାନେ ବଡ ଧରଣର କ୍ଷତି ସହ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର ବଜାର ପୁଞ୍ଜି ଅନୁସାରେ ଗୁରୁବାର ନିବେଶକମାନେ ୧.୫୨ ଲକ୍ଷ କୋଟି ନିବେଶ ହରାଇବା ଫଳରେ ବଜାର ପୁଞ୍ଜି ୪୪୨.୯୬ ଲକ୍ଷ କୋଟିରେ ରହିଛି। ଅପରପକ୍ଷରେ ବୈଶ୍ୱିକ ବଜାରର କାରବାର ମଧ୍ୟ ମାନ୍ଦା ଥିବାରୁ ଘରୋଇ ବଜାର କାରବାର ତା'ର ପ୍ରଭାବ ପଡୁଛି। ଗୋଟି ପଟରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟ ଯୁଦ୍ଧର ସ୍ଥିତ ଅଣାୟତ ପରିସ୍ଥିତରେ ଥିଲାବେଳେ ଇସ୍ରାଏଲ ଓ ହେଜବୁଲା ମଧ୍ୟ ଯୁଦ୍ଧର ଭୟାବହତା ଭାରତ ବଜାରରେ ନାନା ଆଶଙ୍କା ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଏପରିକି ଗୁରୁବାର ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ହ୍ରାସ ପାଇଛି। ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସରେ ପ୍ରାୟ ୧୨୦୦ ପଏଣ୍ଟ କମି ୭୯,୦୪୩.୭୪ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି ୫୦ର କାରବାର ୧.୪୯% ହ୍ରାସ ଘଟି ୨୪,୦୦୦ ଅଙ୍କର ତଳେ ରହିଛି। ସେହିଭଳି ବିଏସଇ ମିଡକ୍ୟାପ ଓ ସ୍ମଲକ୍ୟାପର କାରବାର ପ୍ରାୟ ୨% ହ୍ରାସ ଘଟିଥିଲାବେଳେ ନିଫ୍ଟି ମିଡକ୍ୟାପର କାରବାର ୦.୦୫% ବୃଦ୍ଧି ଘଟି ୫୬,୩୦୦.୫ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ସ୍ମଲକ୍ୟାପ କାରବାର ୦.୧୩% ହ୍ରାସ ଘଟି ୮୯୦୦.୧୫ ଅଙ୍କରେ ଥିଲାବେଳେ ନିଫ୍ଟି ବ୍ୟାଙ୍କିଙ୍ଗ ୩୯୪.୯୬ ପଏଣ୍ଟ କମି ୫୧,୯୦୬.୮୫ ଅଙ୍କରେ ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହ୍ରାସ କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୧୯୦.୩୪ ପଏଣ୍ଟ କମି ୭୯,୦୪୩.୭୪ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୬୦.୭୫ ପଏଣ୍ଟ ହ୍ରାସ ଘଟି ୨୩,୯୧୪.୧୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଜିନ୍ଦଲ ପାନ୍ଥର ସିମେଣ୍ଟର ଅନାବରଣ

JINDAL PANTHER CEMENT

**ଭୁବନେଶ୍ୱର,୨୮।୧୧ (ଅଭୟ ଦାଶ)**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ସହାୟକ କମ୍ପାନୀ ଜିନ୍ଦଲ ପାନ୍ଥର ସିମେଣ୍ଟର ଆନୁଷ୍ଠାନିକ ଶୁଭାରମ୍ଭ ସହ ଉତ୍ପାଦର ଉନ୍ମୋଚନ ସାଙ୍ଗକୁ ଓଡ଼ିଶା ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଜିନ୍ଦଲ ପାନ୍ଥର ସିମେଣ୍ଟ ସମ୍ଭାରର ଅନାବରଣ ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ନୂତନତା ଓ ଉଚ୍ଚମାନର ଗୁଣବତ୍ତା ପାଇଁ ଜଣାଶୁଣା ଜିନ୍ଦଲ ପାନ୍ଥର ସିମେଣ୍ଟ ଓଡ଼ିଶା ବଜାରରେ ପଦାର୍ପଣ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସହ ପୂର୍ବ ଭାରତର ନିର୍ମାଣ କ୍ଷେତ୍ରରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରସ୍ତୁତ ହେଉଥିଲାବେଳେ ଏହାର ଅତ୍ୟାଧୁନିକ ଅନୁଗୋଳ ସିମେଣ୍ଟ ପ୍ଲାଣ୍ଟର ଶୁଭାରମ୍ଭ ଉତ୍ସବ ମଧ୍ୟ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପାନ୍ଥର ସିମେଣ୍ଟର ୩ଟି ପ୍ରିମିୟମ ଭାରିଆଣ୍ଟକୁ ଅନାବରଣ ସହ ବିକ୍ରି ପାଇଁ କମ୍ପାନୀ ବଜାରରେ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଜିନ୍ଦଲ ପାନ୍ଥର ସିମେଣ୍ଟର ସିଇଓ ରୋହିତ ଭୋରା କହିଛନ୍ତି, ଅନୁଗୋଳ ସିମେଣ୍ଟ ପ୍ଲାଣ୍ଟ କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିଲାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ପରିବେଶ ଅନୁକୂଳ ବ୍ୟବସ୍ଥା ସହିତ ପରିଚାଳିତ ଏହି ପ୍ଲାଣ୍ଟ ଅଧିକ ମଜବୁତ, ଉନ୍ନତ ଓ ଦୀର୍ଘସ୍ଥାୟୀ ଗୁଣବତ୍ତାସମ୍ପନ୍ନ ସିମେଣ୍ଟ ଉତ୍ପାଦନ ପାଇଁ ସକ୍ଷମ ରହିଛି। ସେହିଭଳି ଗୁଣବତ୍ତା ଏବଂ ସ୍ଥାୟିତ୍ୱରେ ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରିବା ସହ ଭାରତରେ ନିର୍ମାଣ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉପରେ ଭୋରା ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ, ଜିନ୍ଦଲ ପାନ୍ଥର କଂକ୍ରିଟ ଅଲ୍‌ଟିମା (ପିଏସ୍‌ସି ସିମେଣ୍ଟ), ଜିନ୍ଦଲ ପାନ୍ଥର ସିଲ୍ଡ (ପିଏସ୍‌ସି) ଓ ଜିନ୍ଦଲ ପାନ୍ଥର ସିଲ୍ଡ (ସିସି ସିମେଣ୍ଟ) ବଜାରରେ ଉପଲବ୍ଧ ହେଉଛି। ବାର୍ଷିକ ୧.୫ନିୟୁତ ଟନ୍ ଉତ୍ପାଦନ କ୍ଷମତା ସହ ଅନୁଗୋଳ ସିମେଣ୍ଟ ପ୍ଲାଣ୍ଟର କାର୍ଯ୍ୟକ୍ଷମ ହୋଇଛି, ଯାହା ୨୦୨୬ ସୁଦ୍ଧା ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ। ଏହା ସହ ରାଇଗଡ଼ସ୍ଥିତ ସିମେଣ୍ଟ ପ୍ଲାଣ୍ଟରେ ବାର୍ଷିକ ଉତ୍ପାଦନ କ୍ଷମତା ୧ମିଲିୟନ ଟନକୁ ମିଶାଇ ବର୍ତ୍ତମାନ କମ୍ପାନୀର ମୋଟ୍ ଉତ୍ପାଦନ କ୍ଷମତା ୨.୫ ମିଲିୟନ ଟନ ରହିଛି।

# ରୟାଲ ଏନ୍‌ଫିଲ୍ଡ ଗୁଆନ୍ କ୍ଲାସିକ୍ ୩୫୦

**ନୂଆଦିଲ୍ଲୀ,୨୮।୧୧**



ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ଗୁଆନ କ୍ଲାସିକ୍୩୫୦ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଯାହାକି ୭୦ ଓ ୮୦ ଦଶକର ଆଇକୋନିକ ଗୁଆନ ମୋଟୋ-କଲ୍ଟରରୁ ଏହା ପ୍ରେରଣା ହାସଲ କରିଛି। ଏପରିକି ଗୁଆନ କ୍ଲାସିକ୍‌ରେ ଲୋକପ୍ରିୟ ୩୪୯ସିସି ଏୟାର-ଅଏଲ୍-କୁଲ୍ଡ,ସିଙ୍ଗଲ-ସିଲିଣ୍ଡର ଇଞ୍ଜିନ ସାମିଲ ରହିଛି। ସେହିଭଳି ୬୧୦୦ ଆର୍‌ପିଏମ୍, ୨୦.୨ ବିଏଚ୍‌ପି ଓ ୪୦୦୦ ଆର୍‌ପିଏମ୍, ୨୭ ଏନ୍‌ଏମ୍‌ର ଟର୍କ ଉତ୍ପନ୍ନ କରୁଥିବା ଏହି ଇଞ୍ଜିନକୁ ସୁଗମ, ସହଜ ପ୍ରଦର୍ଶନ ପାଇଁ ନିର୍ମାଣ କରାଯାଇଛି। ୫-ସ୍ପିଡ୍ ଗିୟରବକ୍ସ ସହରର ଟ୍ରାଫିକ୍ ହେଉ କିମ୍ବା ଏକ ଖୋଲା ରାଜପଥରେ ସହଜ ସିଫ୍ଟ ଓ ଆରାମଦାୟକ କ୍ରୁଜିଂ ଦେଇଥାଏ। ଏକ ଟୁଇନ୍ ଡାଉନଟ୍ୟୁବ୍ ସ୍ପାଇନ ଫ୍ରେମ୍ ଉପରେ ନିର୍ମିତ ଏହି ମୋଟରସାଇକେଲ ସମସ୍ତ ପ୍ରକାର ସଡକ ପାଇଁ ସୁଗମ ଓ ସ୍ଥିର ଚାଳନା ଦେଇଥାଏ। ଗୁଆନ କ୍ଲାସିକ୍ ୩୫୦ ଏକ ସହଜ ବୋଲ୍ଟ-ଅନ୍ ଆରେମେଣ୍ଟ ପିଲିୟନ ସିଟ୍ ସହ ଆସୁଛି, ଯାହା ରାଇଡରଙ୍କୁ ସିଙ୍ଗଲ ଓ ଡୁଆଲ ସିଟ୍ କନ୍‌ଫିଗରେଶନ ମଧ୍ୟରେ ସ୍ୱିଚ୍ କରିବାକୁ ଅନୁମତି ଦେଇଥାଏ। ଗୋଆ ମୋଟୋଭର୍ସରେ ଶୁଭାରମ୍ଭ ହୋଇଥିବା ଏହି ମୋଟରସାଇକେଲ ୪ଟି ଭାଇବ୍ରାଣ୍ଟ ସିଙ୍ଗଲ ଓ ଡୁଆଲ-ଟୋନ୍‌ଡ କଲର୍‌ୱେଜ୍‌ରେ ଉପଲବ୍ଧ ହେଉଛି, ଯାହାର ମୂଲ୍ୟ ଯଥାକ୍ରମେ ୨୩୫,୦୦୦ ଟଙ୍କା ଓ ୨୩୮,୦୦୦ ଟଙ୍କା ରହିଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଇଓ ବି. ଗୋବିନ୍ଦରାଜନ କହିଛନ୍ତି, କଷ୍ଟମ ବବର୍ ସଂସ୍କୃତି ସହ ଜଡ଼ିତ ଗୁଆନ କ୍ଲାସିକ୍ ହେଉଛି, କ୍ଲାସିକ୍ ଡିଜାଇନ ଓ ମଡର୍ନ ଇଞ୍ଜିନିୟରିଂର ଏକ ସୁନ୍ଦର ମିଶ୍ରଣ। ଲୋ-ସ୍ଲଙ୍ଗ୍ ସିଲ୍‌ହୌଟେ ଓ ସିଙ୍ଗଲ ଫ୍ଲୋଟିଂ ରାଇଡର ସିଟ୍‌ଠାରୁ ଆରମ୍ଭକରି କଂଟୋର ଓ ଏର୍ଗୋନୋମିକ୍ସ ଓ ରଙ୍ଗଗୁଡ଼ିକର ଆକର୍ଷଣୀୟ ମିଶ୍ରଣ ପର୍ଯ୍ୟନ୍ତ ଗୁଆନ କ୍ଲାସିକ୍‌ର ରିଲାକ୍ସଡ ଓ ଆରାମଦାୟକ ରାଇଡିଂ ଶୈଳୀ ସହ ଏକତ୍ରିତ ହୋଇଥିବା ଏକ ବୋହେମିଆନ ଓ ଫ୍ରି-ସ୍ପିରିଟେଡ ଭାଇବ୍ ରହିଛି।

# ଟ୍ରେଣ୍ଡସ୍‌ର 'ବ୍ଲାକ୍ ଫ୍ରାଇଡେ ସେଲ୍'

**ଭୁବନେଶ୍ୱର,୨୮।୧୧**




ରିଲାଏନ୍ସ ଟ୍ରେଣ୍ଡସ୍‌ର ବହୁ ପ୍ରତୀକ୍ଷିତ ତଥା ଏକ୍ସକ୍ଲୁସିଭ ଡିସ୍‌କାଉଣ୍ଟ ଅଫର 'ବ୍ଲାକ୍ ଫ୍ରାଇଡେ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ନଭେମ୍ବର ୨୮ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରିଲାଏନ୍ସ ଟ୍ରେଣ୍ଡସ୍‌ରେ ଉପଲବ୍ଧ। ଏହା ଜରିଆରେ ଗ୍ରାହକ ୩୯୯୯ ଟଙ୍କାରେ କିଣାକିଣି କଲେ ଆକର୍ଷଣୀୟ ୨୦୦୦ ଟଙ୍କାର ରିହାତି ଅଫର ବା ୨୦୦୦ ଟଙ୍କା ମାଗଣା ପାଇପାରିବେ। ଏପରିକି ବ୍ରାଣ୍ଡ୍ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର୧, ୨ ସହର ଏବଂ ଏହାର ପହଞ୍ଚ ଓ ସଂଯୋଗକୁ ସୁଦୃଢ଼କରି ଟ୍ରେଣ୍ଡସ୍ ପ୍ରକୃତରେ ଫ୍ୟାଶନକୁ ଗଣତାନ୍ତ୍ରିକ କରୁଛି ଏବଂ ଏହା ଭାରତର ପ୍ରିୟ ଫ୍ୟାଶନ ଶପିଂ ଗନ୍ତବ୍ୟ ସ୍ଥଳ ପାଲଟିଛି। ଟ୍ରେଣ୍ଡସ୍ ଷ୍ଟୋରରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି, ଯେଉଁଥିରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି। ଯାହା ଏହି ଅଞ୍ଚଳର ଉପଭୋକ୍ତାମାନଙ୍କ ପାଇ ପ୍ରାସଙ୍ଗିକ ଏବଂ ସୁଲଭ ମୂଲ୍ୟରେ ଏବଂ ଟଙ୍କା ପାଇଁ ଉଚ୍ଚ ମୂଲ୍ୟ ଭାବରେ ଦେଖାଯାଏ । ଏହି ସହରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ସ ୱେର, ପୁରୁଷ ପୋଷାକ, କିଡ୍ସ ୱେର ଏବଂ ଫ୍ୟାଶନ ଆସେସରିଜ୍‌କୁ ଆନନ୍ଦଦାୟକ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।

# ଦକ୍ଷ ଉଡ଼ାଣ ଅଭିଜ୍ଞତା ମାଧ୍ୟମରେ ପ୍ରତିଶ୍ରୁତି ପୂରଣ

**ନୂଆଦିଲ୍ଲୀ,୨୮।୧୧**

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏୟାରଲାଇନ୍ସ ଆକାସା ଏୟାର ଖୁବ୍ କମ୍ ସମୟ ମଧ୍ୟରେ ବିମାନ ଯାତ୍ରାକୁ ଏକ ନୂଆ ରୂପ ଦେଇଛି। ଏପରିକି ଏହାର ଅନନ୍ୟ ସେବା ଓ ଶିଳ୍ପ-ପ୍ରଥମ ଅଫର ମାଧ୍ୟମରେ ଉଭୟ ଯାତ୍ରୀ ଓ ବିମାନ ଚଳାଚଳ କ୍ଷେତ୍ରକୁ ନୂଆ ରୂପ ଦେଉଛି। ସେହିଭଳି ଆକାସା ଏୟାରର କର୍ମଚାରୀ ଅନୁକୂଳ ସଂସ୍କୃତି, ଗ୍ରାହକ ସେବା ଦର୍ଶନ ଏବଂ ବୈଷୟିକ ଜ୍ଞାନକୌଶଳଭିତ୍ତିକ ଆଭିମୁଖ୍ୟ ଏହାକୁ ଲକ୍ଷ ଲକ୍ଷ ଗ୍ରାହକଙ୍କ ପସନ୍ଦର ଏୟାରଲାଇନରେ ପରିଣତ କରିଛି। ଏପରିକି ଏହାର ପ୍ରତ୍ୟେକ ବିମାନରେ ବୋଇଂ ସ୍କାଏ ଇଣ୍ଟେରିୟର ରହିଛି,ଯାହାକୁ ଆଧୁନିକ ସାଇଡୱାଲ୍, ୱିଣ୍ଡୋ ରିଭିଲ୍ ଏବଂ ଏଲ୍‌ଇଡି ଲାଇଟିଂ ଦ୍ୱାରା ଆଲୋକିତ କରାଯାଇଛି,ଯାହା କ୍ୟାବିନ୍ ଅନୁଭୂତିକୁ ଆହୁରି ଅଧିକ ବଢ଼ାଇ ଦେଇଥାଏ। ସେହିପରି ଥେକାବିନ୍ ଭିତରେ ଯାତ୍ରୀଙ୍କ ପାଇଁ ନରମ ସିଟ୍ କୁସନ୍ ଏବଂ ବିଶାଳ ଲେଗ୍‌ରୁମ୍ ସହ ଅଧିକାଂଶ ବିମାନରେ ଉଡ଼ାଣ ଅବଧି ପାଇଁ ଡିଭାଇସ୍ ଚାର୍ଜ କରିବା ନିମନ୍ତେ ୟୁଏସ୍‌ବି ପୋର୍ଟ ମଧ୍ୟ ରହିଛି। ଏହାବ୍ୟତୀତ ବିଶାଳ ଓଭରହେଡ୍ ସ୍ପେସ୍ ବିନ୍ ଦ୍ୱାରା ୭ କେଜି ପର୍ଯ୍ୟନ୍ତ କ୍ୟାବିନ୍ ବ୍ୟାଗେଜ୍ ଆରାମରେ ଏବଂ ସୁରକ୍ଷିତ ଭାବେ ପରିବହନ କରାଯାଇପାରିବ। ଏହାର ସ୍କାଏସ୍କୋର ବାଏ ଆକାସା ନାମକ ଏକ ପଦକ୍ଷେପ ମାଧ୍ୟମରେ ବିମାନରେ ବର୍ଷ ସାରା ପ୍ରମୁଖ କ୍ରୀଡ଼ା ଇଭେଣ୍ଟର ମ୍ୟାଚ୍ ସ୍କୋର ସମ୍ପର୍କରେ ଅପ୍‌ଡେଟ୍ ପ୍ରଦାନ କରାଯାଏ। ଏ ସମ୍ପର୍କରେ ଆକାସା ଏୟାରର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ମାର୍କେଟିଂ ଆଣ୍ଡ ଏକ୍ସପେରିଏନ୍ସ ଅଫିସର ବେଲସନ କୁଟିନୋ କହିଛନ୍ତି, ଆକାସା ଏୟାରରେ ସର୍ଭିସ୍ ଏକ୍ସଲେନ୍ସ ଏକ ପ୍ରମୁଖ ସଂସ୍କୃତି ସ୍ତମ୍ଭ ଏବଂ ଆମ ଡିଏନ୍‌ଏର ଏକ ଅଂଶ ରହିଛି। ଗତ ୨ ବର୍ଷ ପୂର୍ବେ ଆମେ ଏକ ନିର୍ଭରଯୋଗ୍ୟ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଆମେ ଖୁସି ଯେ ଟିମ୍ ଆକାସା ଆମର ଉତ୍କୃଷ୍ଟ ଏବଂ ଦକ୍ଷ ଉଡ଼ାଣ ଅଭିଜ୍ଞତା ମାଧ୍ୟମରେ ପ୍ରତିଶ୍ରୁତି ପୂରଣ କରିଛି। ଆକାସା ହୋଲିଡେଜ୍ ଭାରତ ଏବଂ ବିଦେଶୀ ଛୁଟି ଗନ୍ତବ୍ୟସ୍ଥଳରେ ସୁଲଭ ଏବଂ କଷ୍ଟମାଇଜ୍ ହୋଇଥିବା ଛୁଟି ପ୍ୟାକେଜ୍‌ର ଏକ ବିସ୍ତୃତ ପରିସର ପ୍ରଦାନ କରୁଛି।

# ବଜାରରେ ରିଅଲ୍‌ମି ଜିଟି ୭ପ୍ରୋ

**ନୂଆଦିଲ୍ଲୀ,୨୮।୧୧**

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଜିଟି ୭ ପ୍ରୋ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଭାରତର ପ୍ରଥମ ସ୍ନାପ୍‌ଡ୍ରାଗନ ୮ ଏଲିଟ୍ ଫ୍ଲାଗ୍‌ଶପ ଚିପ୍‌ସେଟ୍ ସହିତ ଜିଟି ୭ ପ୍ରୋର ଡିଜାଇନ କରାଯାଇଛି। ସେହିଭଳି ରିଅଲ୍‌ମି ଜିଟି ୭ ପ୍ରୋ ଦୁଇଟି ଆକର୍ଷଣୀୟ କଲର ଯଥା ମାର୍ସ ଅରେଞ୍ଜ ଓ ଗ୍ୟାଲାକ୍ସି ଗ୍ରେ'ରେ ଉପଲବ୍ଧ ହେଉଥିଲାବେଳେ ଦୁଇଟି ଆକର୍ଷଣୀୟ ଷ୍ଟୋରେଜ ଭାରିଆଣ୍ଟ ସମେତ ୧୨ଜିବି+୨୫୬ଜିବି ପାଇଁ ୫୬,୯୯୯ ଟଙ୍କା ଏବଂ ୧୬ଜିବି+୫୧୨ଜିବି ପାଇଁ ୬୨,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ରିଅଲ୍‌ମି ଜିଟି ୭ ପ୍ରୋ ହେଉଛି, ଏକ ଅତ୍ୟାଧୁନିକ ଡିଭାଇସ୍। ଯେଉଁଥିରେ ଅନେକ ଶିଳ୍ପ ପ୍ରଥମ ଫିଚର ରହିଛି। ଏହା ହେଉଛି, ସ୍ନାପ୍‌ଡ୍ରାଗନ ୮ଏଲିଟ ଫ୍ଲାଗ୍‌ଶିପ ଚିପ୍‌ସେଟ୍ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ୍, ଯାହା କାର୍ଯ୍ୟଦକ୍ଷତା ପାଇଁ ନୂତନ ମାନକ ଧାର୍ଯ୍ୟ କରିଛି ଏବଂ ୩ମିଲିୟନର ଏକ ଆକର୍ଷଣୀୟ ଆନ୍‌ଟୁଟୁ ସ୍କୋର ସହିତ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ସେହିପରି ଫଟୋଗ୍ରାଫି ଉତ୍ସାହୀଙ୍କ ପାଇଁ ରିଅଲ୍‌ମି ଜିଟି ୭ ପ୍ରୋ ସୋନି ଆଇଏମ୍‌ଏକ୍ସ ୮୮୨ପେରିସ୍କୋପ କ୍ୟାମେରା ସହିତ ଆସୁଛି ଏବଂ ରିଅଲ୍‌ମି ଜିଟି ୭ପ୍ରୋ ଏକ ଆଡ୍‌ଭାନ୍ସଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିଷ୍ଟମ ନେକ୍ସଟ ଏଆଇ ସମେତ ଏଆଇ ସ୍କେଚ୍ ଟୁ ଇମେଜ, ଶିଳ୍ପର ପ୍ରଥମ ଅଣ୍ଡରୱାଟର ଫଟୋଗ୍ରାଫି ମୋଡ୍ ସମେତ ଫ୍ଲାଶ୍ ସ୍ନାପ ମୋଡ୍ ଓ ଏଆଇ ଜୁମ୍ ଅଲ୍‌ଟ୍ରା କ୍ଲାରିଟି ସହ ଏଆଇ ଅଲ୍‌ଟ୍ରା-କ୍ଲିୟର ସ୍ନାପ କ୍ୟାମେରା ଭଳି ଫିଚରର ଶୁଭାରମ୍ଭ କରିଛି। ଅପରପକ୍ଷରେ ଏହା ସାମ୍‌ସଙ୍ଗ ଡିସ୍‌ପ୍ଲେ ସହ ମିଳିତ ଭାବେ ବିକଶିତ ରିଅଲ୍‌ୱାର୍ଲ୍ଡ ଇକୋ୨ ଡିସ୍‌ପ୍ଲେ ସହ ଆସୁଛି ଏବଂ ଏଥିରେ ସେଗ୍‌ମେଣ୍ଟର ସର୍ବୋତ୍ତମ ୫୮୦୦ ଏମ୍‌ଏଏଚ୍ ବ୍ୟାଟେରି ଓ ୧୨୦ୱାଟ୍ ସୁପର୍‌ଭିଓଓସି ଚାର୍ଜିଂ ରହିଛି। ଏହି ଡିଭାଇସ୍ ଏକ ଆକର୍ଷଣୀୟ ଓ ଜୀବନ୍ତ ଭଳି ଭିଜୁଆଲ ଅନୁଭୂତି ପାଇଁ ଉଭୟ ଭିଡିଓ କ୍ୟାପ୍ଚରିଂ ଓ ପ୍ଲେବ୍ୟାକ୍ ଲାଗି ଡଲ୍‌ବି ଭିଜନ ସହ ଆସୁଛି।

# ଓଲାର ନୂତନ ଉତ୍ପାଦ ରେଞ୍ଜ

**ନୂଆଦିଲ୍ଲୀ,୨୮।୧୧**

ଓଲା ଇଲେକ୍‌ଟ୍ରିକ୍‌ର ନୂତନ ଉତ୍ପାଦ ରେଞ୍ଜ (ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜ) ସ୍କୁଟରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ନୂଆ ରେଞ୍ଜର ସ୍କୁଟରରେ ଓଲା ଗିଗ୍, ଓଲା ଗିଗ୍+, ଓଲା ଏସ୍୧ ଜେଡ୍ ଓ ଓଲା ଏସ୍୧ ଜେଡ୍+ ଅନ୍ତର୍ଭୁକ୍ତ ରହିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ଯଥାକ୍ରମେ ୩୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୪୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୫୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍) ଓ ୬୪,୯୯୯ ଟଙ୍କା (ଏକ୍ସ-ଶୋରୁମ୍) ରହିଛି। ଉଭୟ ଗିଗ୍ ଓ ଏସ୍୧ ଜେଡ୍ ସିରିଜ ପାଇଁ ରିଜର୍ଭେଶନ କେବଳ ୪୯୯ ଟଙ୍କାରେ ଆରମ୍ଭ ହୋଇଯାଇଛି। ଏହି ନୂଆ ରେଞ୍ଜର ସ୍କୁଟରଗୁଡିକ ସ୍ଥାୟୀ, ନିର୍ଭରଯୋଗ୍ୟ, ସୁଲଭ ଓ ନମନୀୟ ସମାଧାନ ପ୍ରଦାନ କରୁଛନ୍ତି। ଯେଉଁଥିରେ ରିମୁଭେବଲ ବ୍ୟାଟେରି ଅନ୍ତର୍ଭୁକ୍ତ ରହିଛି। ଏହା ଗ୍ରାମାଞ୍ଚଳ, ଅର୍ଦ୍ଧସହରାଞ୍ଚଳ ଓ ସହରାଞ୍ଚଳ ଗ୍ରାହକଙ୍କର ବ୍ୟକ୍ତିଗତ ଓ ବାଣିଜ୍ୟିକ ବ୍ୟବହାର ଆବଶ୍ୟକତାକୁ ପୂରଣ କରୁଛି। ଏହି ନୂତନ ରେଞ୍ଜର ସ୍କୁଟରଗୁଡିକ ସହିତ ଓଲା ଇଲେକ୍‌ଟ୍ରିକ ବିଭିନ୍ନ ବର୍ଗରେ ସୁଲଭ ଉତ୍ପାଦଗୁଡ଼ିକର ଏକ ବିସ୍ତୃତ ଶୃଙ୍ଖଳା ସହ ଇଭି ପାଇଁ ପହଞ୍ଚକୁ ବୈପ୍ଳବିକ କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଓଲା ଇଲେକ୍‌ଟ୍ରିକ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଶ ଅଗ୍ରୱାଲ କହିଛନ୍ତି, ଓଲା ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜ ସ୍କୁଟରଗୁଡିକର ଶୁଭାରମ୍ଭ ସହ ଆମେ ଇଭି ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବୁ,ଯାହା ମୂଳ ସ୍ତମ୍ଭ ଭାବେ ସୁଲଭତା, ନିର୍ଭରଯୋଗ୍ୟତା ଓ ସୁରକ୍ଷା ସହ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ଓ ବାଣିଜ୍ୟିକ ଉପଯୋଗର ଆବଶ୍ୟକତାକୁ ପୂରଣ କରୁଛି। ଏହି ନୂତନ ରେଞ୍ଜ ସ୍କୁଟରରେ ପୋର୍ଟେବୁଲ ବ୍ୟାଟେରି ସାମିଲ ରହିଛି, ଯାହା ଓଲା ପାୱାରପଡ୍‌ର ବ୍ୟବହାରକରି ଏକ ଇନ୍‌ଭର୍ଟର ଭାବେ ଦୁଇଗୁଣିତ ହୋଇପାରେ ଏବଂ ହୋମ୍ ଆପ୍ଲାଏନ୍ସଗୁଡିକୁ ପାୱାର ଯୋଗାଇପାରେ ବୋଲି ଅଗ୍ରୱାଲ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

**Classified Everyday 0674-2580101, 2549949**



**REAL ESTATE**
**SALE**

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ – 7735565157. D-76216

Investment plot @ 2.5Lakh-3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-2094

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

**Gharabari plot 2003SF. near Lingaraj Temple. No Litigation, direct owner. Contact No.- 9178924698. Time- 3.30PM to 7P.M.** D-2066

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75799

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/–ରେ ବିକ୍ରିହେବ – 7008768345. D-76215

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-2093

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

**HEALTH CARE**

Newly open health benefits SPA special offer @ 799 Bapuji Nagar. 8018429809. D-76172

Newly open health benefits SPA by expert therapist. Contact- 8280961126. D-76175

**LOST**

Notice is hereby given to General Public that, I Sri Tapas Gochhayat has lost the original link RSD bearing No.11082011174, dtd. 23.12.2020 Executed in favour of Padmini Sethi, in respect of Plot No.-173 from Khata No.-101 Tahasil- Bhubaneswar, Mouza- Krushnapur, Dist.-Khordha, while he was coming from Court to his residence at Chintamaniswar, Bhubaneswar, lost the original sale deed somewhere and inspite of his best efforts failed to trace the same. Therefore, if any one has found the same, please contact Advocate Sri NC.Pattnaik, Mob-9853311189, of LICHFL at Sahid Nagar, Bhubaneswar within 15 days from the date of the publication, failing which the document will lose its legal force and any mis -use of the document will be punishable under law. D-2091

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, BBSR, dated- 06.11.2024, I, Prasanta Das, Address Sangram Club Lane, Badasankha Puri-752002, declare that I have changed my daughter's name from Preeti Pratyusha Das to Arpita Das. Henceforth she shall be known as Arpita Das for all purposes. D-2095

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ଲକ୍ଷ୍ମୀଧର ଜେନା**
ବେଣୁପୁର, ବାଲିଅନ୍ତା

ଆବିର୍ଭାବ: ୧୯।୦୪।୧୯୫୦
ତିରୋଧାନ: ୨୧।୧୧।୨୦୨୨

ଚାହୁଁ ଚାହୁଁ ଦୁଇବର୍ଷ ପୂରିଗଲା । ଆମେ ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ସର୍ବଦା ମନେ ପଡୁଛି। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ, ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ । ଶୋକସନ୍ତପ୍ତ ପରିବାର: ପୁଅ-ଜୟକୃଷ୍ଣ ମଙ୍ଗରାଜ, ସରୋଜ କୁମାର ମଙ୍ଗରାଜ, ବୋହୂ: କବିତା, ମାମା, ଝିଅ: ସବିତା, ସସ୍ମିତା, ଜ୍ୱାଇଁ: କାର୍ତ୍ତିକ, ବିଶ୍ୱନାଥ, ନାତି/ନାତୁଣୀ: ନିରଞ୍ଜନ, ଶୋୟମ ପ୍ରକାଶ, ବବୁଲ, ସିତୁଲ, ଦୀପ୍ତିମୟୀ ଖୁସି, ରାନୀ ।
ଧ-୨୦୮୯

# ବିଶ୍ୱ ବିଜେତା ଭର୍ଷ୍ଟାପେନ୍

ଫର୍ମୁଲାଓ୍ୱାନ ମୋଟରରେସିଂ ସିଜନ-୨୦୨୪ରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି ରେଡ୍‌ବୁଲ୍‌ର ଡଚ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ। ଏହାକୁ ମିଶାଇ ସେ ୪ଥର ବିଶ୍ୱ ଟାଇଟଲ ହାସଲ କରି ସର୍ବକାଳୀନ ବିଜେତାଙ୍କ ତାଲିକାର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି...



ଚଳିତ ବର୍ଷର ଫର୍ମୁଲାଓ୍ୱାନ ମୋଟର ରେସିଂରେ ଇତିମଧ୍ୟରେ ୨୨ଟି ଗ୍ରାଁ ପ୍ରି ଅନୁଷ୍ଠିତ ହୋଇଯାଇଛି। ଅବଶିଷ୍ଟ ୨ଟି ରେସ୍ କାତାର ଓ ଆବୁଧାବି ଗ୍ରାଁ ପ୍ରି ଯଥାକ୍ରମେ ଡିସେମ୍ବର ୧ ଓ ୮ରେ ଅନୁଷ୍ଠିତ ହେବ। ତେବେ ସିଜନରେ ଚମତ୍କାର ପ୍ରଦର୍ଶନ କରି ଆଗୁଆ ବାଜି ମାରି ନେଇଛନ୍ତି ରେଡ୍‌ବୁଲ୍ ଟିମ୍‌ର ଡଚ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ। ନିକଟରେ ଶେଷ ହୋଇଥିବା ଲାସ୍‌ଭେଗାସ ଫର୍ମୁଲା ଓ୍ୱାନ ଗ୍ରାଁ ପ୍ରିରେ ୫ମ ସ୍ଥାନରେ ରହିଥିଲେ ମଧ୍ୟ ସେ ବିଶ୍ୱ ଟାଇଟଲ ଜିତିବା ସ୍ପଷ୍ଟ ହୋଇ ଯାଇଥିଲା। କାରଣ ପରବର୍ତ୍ତୀ ୨ଟି ଗ୍ରାଁ ପ୍ରିର ଫଳାଫଳ ତାଙ୍କ ବିଶ୍ୱ ଟାଇଟଲ ହାସଲ କ୍ଷେତ୍ରରେ ପ୍ରତିବନ୍ଧକ ସାଜି ପାରିବ ନାହିଁ। ୨୦୨୪ ସିଜନରେ ସର୍ବାଧିକ ୮ଟି ରେସ୍ ଜିତିଛନ୍ତି ଭର୍ଷ୍ଟାପେନ୍। ଫଳରେ ତାଙ୍କ ପଏଣ୍ଟ ସଂଖ୍ୟା ୪୦୩ରେ ପହଞ୍ଚି ଯାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହେଲେ ମ୍ୟାକଲରେନର ଲାଣ୍ଡୋ ନୋରିସ। ନୋରିସ ୩୪୦ ପଏଣ୍ଟ ପାଇଥିବାରୁ ସିଜନ ଶେଷ ୨ଟି ଗ୍ରାଁ ପ୍ରିରେ ପ୍ରଥମସ୍ଥାନ ଅଧିକାର କରିଥିଲେ ମଧ୍ୟ ଭର୍ଷ୍ଟାପେନ୍‌ଙ୍କ ପଏଣ୍ଟକୁ ଅତିକ୍ରମ କରିପାରିବେ ନାହିଁ। ତେଣୁ ଭର୍ଷ୍ଟାପେନ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଜିତିବା ପକ୍କା ହୋଇଯାଇଛି। ଏହାକୁ ମିଶାଇ ଏହି ରେଡ୍‌ବୁଲ୍ ଡ୍ରାଇଭର ୪ର୍ଥ ଥରପାଇଁ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଫର୍ମୁଲା ଓ୍ୱାନ ଇତିହାସରେ ଅତିକମ୍‌ରେ ୪ଟି ଟାଇଟଲ ହାସଲ କରିବାରେ ସେ ହେଉଛନ୍ତି ୬ଷ୍ଠ ଡ୍ରାଇଭର।

ଫର୍ମୁଲାଓ୍ୱାନ ଇତିହାସରେ ଜର୍ମାନୀର ମାଇକେଲ ସୁମାକର ୧୯୯୪, ୧୯୯୫, ୨୦୦୦, ୨୦୦୧, ୨୦୦୨, ୨୦୦୩ ଓ ୨୦୦୪ରେ ୭ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିଥିଲେ। ପରେ ବ୍ରିଟେନର ଲୁଇସ ହାମିଲଟନ ୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ରେ ୭ ଥର ଟାଇଟଲ ଜିତି ସୁମାକରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଆର୍ଜେଣ୍ଟିନାର ଜୁଆନ ମାନୁଏଲ ଫାଙ୍ଗିଓ ୧୯୫୧, ୧୯୫୪, ୧୯୫୫, ୧୯୫୬ ଓ ୧୯୫୭ରେ ୫ ଥର ଚାମ୍ପିୟନ ହୋଇ ତାଲିକାର ତୃତୀୟ ସ୍ଥାନରେ ରହିଥିବାବେଳେ ୪ ଥର ଟାଇଟଲ ଜିତି ଫ୍ରାନ୍ସର ଆଲେନ ପ୍ରୋଷ୍ଟ (୧୯୮୫, ୧୯୮୬, ୧୯୮୯, ୧୯୯୩) ଓ ଜର୍ମାନୀର ସେବାଷ୍ଟିଆନ ଭେଟେଲ (୨୦୧୦, ୨୦୧୧, ୨୦୧୨, ୨୦୧୩)ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ଭର୍ଷ୍ଟାପେନ।

ଭର୍ଷ୍ଟାପେନ ୨୦୧୫ରେ ଫର୍ମୁଲାଓ୍ୱାନ କ୍ୟାରିୟର ଆରମ୍ଭ କରି ୧୨ଶ ସ୍ଥାନରେ ରହିଥିଲେ। ଏହାପରେ ୨୦୧୬ରେ ୫ମ, ୨୦୧୭ରେ ୬ଷ୍ଠ, ୨୦୧୮ରେ ୪ର୍ଥ, ୨୦୧୯ ଓ ୨୦୨୦ରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ୨୦୨୧ରେ ପ୍ରଥମଥରପାଇଁ ବିଶ୍ୱ ଟାଇଟଲ ଜିତିବାର ସ୍ୱାଦ ପାଇଥିଲେ ଏହି ରେଡ୍‌ବୁଲ୍ ଡ୍ରାଇଭର। ସେବେଠାରୁ ଆଉ ସେ ପଛକୁ ଫେରି ଚାହିଁ ନାହାନ୍ତି। ୨୦୨୨ ଓ ୨୦୨୩ରେ ଟାଇଟଲ ଜିତି ହ୍ୟାଟ୍ରିକ କରିଥିବାବେଳେ ୨୦୨୪ରେ ପୁଣି ଚାମ୍ପିୟନ ହୋଇ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରକୁ ଆଗେଇ ନେଇଛନ୍ତି। ଇତି ମଧ୍ୟରେ ପାଖାପାଖି ୧୦ ସିଜନ ଫର୍ମୁଲାଓ୍ୱାନ କ୍ୟାରିୟରରେ ସେ ୬୨ଟି ଗ୍ରାଁ ପ୍ରି ଜିତି ସାରିଛନ୍ତି।

## ବିଭିନ୍ନ ଗ୍ରାଁ ପ୍ରି ବିଜେତା

| ରେସ୍ | ଗ୍ରାଁ ପ୍ରି | ବିଜେତା ଡ୍ରାଇଭର | ଟିମ୍ |
|---|---|---|---|
| ୧ | ବାହାରିନ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୨ | ସୌଦୀ ଆରବ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୩ | ଅଷ୍ଟ୍ରେଲିଆନ | କାର୍ଲୋସ ସିଞ୍ଜ ଜୁନିୟର | ଫେରାରୀ |
| ୪ | ଜାପାନିଜ୍ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୫ | ଚାଇନିଜ୍ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୬ | ମାୟାମି | ଲାଣ୍ଡୋ ନୋରିସ | ମ୍ୟାକଲରେନ |
| ୭ | ଇମିଲିଆ ରୋମାଗ୍ନା | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୮ | ମୋନାକୋ | ଚାର୍ଲ୍ସ ଲେକ୍‌ରେକ୍ | ଫେରାରୀ |
| ୯ | କାନାଡ଼ିଆନ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୧୦ | ସ୍ପାନିଶ୍ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୧୧ | ଅଷ୍ଟ୍ରେଲିଆନ | ଜର୍ଜ ରସେଲ | ମର୍ସିଡିଜ୍ |
| ୧୨ | ବ୍ରିଟିଶ୍ | ଲୁଇସ ହାମିଲଟନ | ମର୍ସିଡିଜ୍ |
| ୧୩ | ହଙ୍ଗାରିଆନ | ଓସ୍କାର ପିଆଷ୍ଟ୍ରି | ମ୍ୟାକଲରେନ |
| ୧୪ | ବେଲଜିଆନ | ଲୁଇସ ହାମିଲଟନ | ମର୍ସିଡିଜ୍ |
| ୧୫ | ଡଚ୍ | ଲାନ୍‌ଡୋ ନୋରିସ | ମ୍ୟାକଲରେନ |
| ୧୬ | ଇଟାଲିଆନ | ଚାର୍ଲ୍ସ ଲେକ୍‌ରେକ୍ | ଫେରାରୀ |
| ୧୭ | ଆଜରବୈଜାନ | ଓସ୍କାର ପିଆଷ୍ଟ୍ରି | ମ୍ୟାକଲରେନ |
| ୧୮ | ସିଙ୍ଗାପୁର | ଲାଣ୍ଡୋ ନୋରିସ | ମ୍ୟାକଲରେନ |
| ୧୯ | ଆମେରିକା | ଚାର୍ଲ୍ସ ଲେକ୍‌ରେକ୍ | ଫେରାରୀ |
| ୨୦ | ମେକ୍ସିକୋ ସିଟି | କାର୍ଲୋସ ସିଞ୍ଜ ଜୁନିୟର | ଫେରାରୀ |
| ୨୧ | ସାଓ ପାଉଲୋ | ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ |
| ୨୨ | ଲସ୍ ଭେଗାସ | ଜର୍ଜ ରସେଲ | ମର୍ସିଡିଜ୍ |





## ଡ୍ରାଇଭର୍ସ ଷ୍ଟାଣ୍ଡିଂ

| ଡ୍ରାଇଭର | ଟିମ୍ | ବିଜୟ | ପଏଣ୍ଟ |
|---|---|---|---|
| ମାକ୍ସ ଭର୍ଷ୍ଟାପେନ | ରେଡ୍‌ବୁଲ୍ | ୮ | ୪୦୩ |
| ଲାଣ୍ଡୋ ନୋରିସ | ମ୍ୟାକଲରେନ | ୩ | ୩୪୦ |
| ଚାର୍ଲ୍ସ ଲେକରେକ | ଫେରାରୀ | ୩ | ୩୧୯ |
| ଓସ୍କାର ପିଆଷ୍ଟ୍ରି | ମ୍ୟାକଲରେନ | ୨ | ୨୬୮ |
| କାର୍ଲୋସ ସିଞ୍ଜ ଜୁନିୟର | ଫେରାରୀ | ୨ | ୨୫୯ |
| ଜର୍ଜ ରସେଲ | ମର୍ସିଡିଜ୍ | ୨ | ୨୧୭ |
| ଲୁଇସ ହାମିଲଟନ | ମର୍ସିଡିଜ୍ | ୨ | ୨୦୮ |
| ସର୍ଗିଓ ପେରେଜ | ରେଡବୁଲ୍ | ୦ | ୧୫୨ |
| ଫର୍ନାଣ୍ଡୋ ଆଲୋଁସୋ | ଆଷ୍ଟନ ମାର୍ଟିନ | ୦ | ୬୨ |

# ଆଇପିଏଲ୍ ଅଙ୍କ



ନିର୍ମଳ କୁମାର ମିଶ୍ର

ଆଇପିଏଲ୍‌ର ୧୮ଶ ସଂସ୍କରଣ ପାଇଁ ପଥ ପ୍ରସ୍ତୁତ ହୋଇଛି । ଖେଳାଳି ନିଲାମ ସହ ବିଭିନ୍ନ ଫ୍ରାଞ୍ଚାଇଜ୍ ସେମାନଙ୍କର ଦଳଗୁଡ଼ିକୁ ଚୂଡ଼ାନ୍ତ ରୂପରେଖ ଦେଇଛନ୍ତି। ସମସ୍ତ ରେକର୍ଡ ଭାଙ୍ଗି ଏଥର ରିଷଭ ପନ୍ତ ସର୍ବାଧିକ ୨୭ କୋଟି ଟଙ୍କାରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳକୁ ଯାଇଥିବାବେଳେ ଶ୍ରେୟସ ଆୟରଙ୍କୁ ୨୬.୭୫ କୋଟି ଟଙ୍କାରେ କିଣିଛି ପଞ୍ଜାବ କିଙ୍ଗ୍ସ...

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଖେଳାଳି ନିଲାମ ଶେଷ ହୋଇଛି। ଫ୍ରାଞ୍ଚାଇଜମାନେ ମନ ପସନ୍ଦର ଖେଳାଳି କିଣି ନୂଆ ଦଳ ଗଢ଼ିଛନ୍ତି। କେତେଜଣ ନାମୀଦାମୀ ଖେଳାଳିଙ୍କୁ ଛାଡ଼ିଛନ୍ତି ଓ କେତେକଙ୍କୁ କିଣିଛନ୍ତି। ଦଳଗୁଡ଼ିକର ସମୀକରଣ ବଦଳିଛି। ନୂଆ ଗେମ୍‌ପ୍ଲାନ ସହ ଦଳଗୁଡ଼ିକ ଅଭ୍ୟାସ ଆରମ୍ଭ କରିବେ ଏବଂ ପ୍ରତିପକ୍ଷର ଦୁର୍ବଳତା ଉପରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବେ। ଗତ ୧୭ତମ ସଂସ୍କରଣରେ ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ନିମ୍ନରେ ରହିଥିବା ଦଳଗୁଡିକ ନୂଆ ଖେଳାଳିଙ୍କୁ ନେଇଥିବାରୁ ସେମାନଙ୍କ ଦକ୍ଷତା ପରଖିବେ। ଦଳକୁ କିପରି ସନ୍ତୁଳିତ କରାଯାଇ ପାରିବ ତା' ଉପରେ ମୁଖ୍ୟ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନଜର ରହିବ। ଟ୍ରଫି ହାତେଇବାକୁ ସବୁ ଦଳର ଲକ୍ଷ୍ୟ ରହିବ ନିଶ୍ଚିତ। ଗତ ଖେଳାଳି ନିଲାମ ସମୟରେ ଭାରତୀୟ ଖେଳାଳିଙ୍କ ଚାହିଦା ଅଧିକ ରହିଥିଲା। ଫଳରେ ଅନେକ ଖେଳାଳିଙ୍କ ଉପରେ ଟଙ୍କାର ବର୍ଷା ହୋଇଛି। ଲିଗ୍ ଇତିହାସରେ ରିଷଭ ପନ୍ତ ସବୁଠାରୁ ଦାମୀ ଖେଳାଳି ହେବା ସହ ଦଳ ପରିବର୍ତ୍ତନ କରିଛନ୍ତି। ସେହିପରି ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଖେଳାଳି ରୂପେ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଛନ୍ତି।

ମୁମ୍ବାଇ ଇଣ୍ଡିଆନ୍ସ ଭାରତୀୟ ତାରକା ଖେଳାଳିଙ୍କ ଉପରେ ଗୁରୁତ୍ୱ ଦେଇଛି। ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ତିଲକ ବର୍ମା, ଯଶପ୍ରୀତ ବୁମରାଙ୍କ ଭଳି ଷ୍ଟାର ଖେଳାଳି ଏହି ଦଳରେ ଥିବାବେଳେ ବିଦେଶୀ ଖେଳାଳିଙ୍କ ଚୟନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଟ୍ରେଣ୍ଟ ବୋଲ୍ଟ ଓ ମିଚେଲ ସାଣ୍ଟନରଙ୍କ ବ୍ୟତୀତ ଅନ୍ୟ ୬ଜଣ ବିଦେଶୀ ଖେଳାଳି ଅପରିପକ୍ୱ। ଏହା ବ୍ୟତୀତ କେତେଜଣ ଖେଳାଳି ଆହତ ସମସ୍ୟାଦେଇ ଗତି କରୁଥିବାରୁ ପ୍ରଶଂସକଙ୍କ ଚିନ୍ତା ବଢ଼ିଛି।

ଚେନ୍ନାଇ ସୁପର କିଙ୍ଗ୍ସ ୧୦ ସିଜନ ପରେ ଭାରତୀୟ ଷ୍ଟାର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ଦଳରେ ସାମିଲ କରିଛି। ରବୀନ୍ଦ୍ର ଜାଡେଜା, ଅଶ୍ୱିନୀ ଓ ନୁର ଅହମ୍ମଦଙ୍କୁ ନେଇ ଦଳ ନିଜ ହୋମ ଗ୍ରାଉଣ୍ଡ ସ୍ପିନିଂ ଟ୍ରାକ୍‌ରେ ଚକ୍‌ମା ଦେବାକୁ ଆଶା ରଖିଛି। ଦଳରେ ରାହୁଲ ତ୍ରିପାଠୀ, ବିଜୟ ଶଙ୍କର, କମଲେଶ ନାଗରକୋଟି, ଦୀପକ ହୁଡା ଓ ଶ୍ରେୟସ ଗୋପାଳଙ୍କ ପରି ଅଲ୍‌ରାଉଣ୍ଡର ରହିଛନ୍ତି। ମୋଟାମୋଟି ଭାବରେ ଦଳ ସନ୍ତୁଳିତ ଜଣାପଡୁଛି।

ଅନ୍ୟ ପକ୍ଷରେ ଆଦୌ ଚାମ୍ପିୟନ ହୋଇ ନ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳ ଚୟନ ପ୍ରକ୍ରିୟା ସମୟରେ ଷ୍ଟାର ଖେଳାଳିଙ୍କ ଉପରେ ନିର୍ଭର କରିନାହିଁ। ଫିଲ୍ ସଲ୍ଟ, ବିରାଟ କୋହଲିଙ୍କ ଛଡ଼ା ଦଳରେ କୌଣସି ଷ୍ଟାର ଖେଳାଳି ନାହାନ୍ତି। ଜୋସ ହାଜେଲଉଡ୍ ଓ ଭୁବନେଶ୍ୱର କୁମାରଙ୍କ ପରି ଅଭିଜ୍ଞ ପେସ୍ ବୋଲର ଦଳରେ ରହିଛନ୍ତି। ଏହା ବ୍ୟତୀତ ଲିଆମ ଲିଭିଂଷ୍ଟୋନ, କୃନାଲ ପାଣ୍ଡ୍ୟା ଓ ସ୍ୱପ୍ନିଲ ସିଂଙ୍କ ପରି ଅଲରାଉଣ୍ଡର କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବା ପାଇଁ ଆର୍‌ସିବି ଫ୍ୟାନମାନେ ଅପେକ୍ଷା କରିଛନ୍ତି।

ସନରାଇଜର୍ସ ହାଇଦ୍ରାବାଦ ଦଳରେ ଟ୍ରାଭିସ ହେଡ୍, ଅଭିଷେକ ଶର୍ମା, ହେନେରି କ୍ଲାସେନ, ଇଶାନ କିଶନଙ୍କ ପରି ବିସ୍ଫୋରକ ବ୍ୟାଟର୍ସ ରହିଛନ୍ତି । ବୋଲିଂ ବିଭାଗରେ ମହମ୍ମଦ ଶାମୀ ଓ ପ୍ୟାଟ୍ କୁମିନ୍ସଙ୍କ ଭଳି ଦକ୍ଷ ବୋଲର ଅଛନ୍ତି। ଆଡାମ ଜାମ୍ପା ଓ ରାହୁଲ ଚହର ସ୍ପିନ ବିଭାଗ ସମ୍ଭାଳିବେ। ଦଳ ଏପରି କମ୍ବିନେଶନକୁ ନେଇ ବେଶ୍ ଆତ୍ମବିଶ୍ୱାସରେ ରହିଛି । ଗତ ସିଜନରେ ରନରଅପ୍ ହୋଇଥିଲା ଏହି ସନରାଇଜର୍ସ।

ଗତ ସଂସ୍କରଣର ଚାମ୍ପିୟନ ଦଳ ହେଉଛି କୋଲକାତା ନାଇଟ ରାଇଡର୍ସ । ୬ଜଣ ଖେଳାଳିଙ୍କୁ ରିଟେନ କରିଥିଲା ଏହି ଚାମ୍ପିୟନ୍ସ ଟିମ୍। ଏହା ବ୍ୟତୀତ ମୋଟା ଅଙ୍କ ବିନିମୟରେ ଦଳ ଭେଙ୍କଟେଶ ଆୟାରଙ୍କ ପରି ବିସ୍ଫୋରକ ବ୍ୟାଟରଙ୍କୁ ଦଳରେ ସାମିଲ କରିଛି। ତାଙ୍କୁ ଅଧିନାୟକ ଦାୟିତ୍ୱ ଦେଇପାରେ ଫ୍ରାଞ୍ଚାଇଜ। କ୍ୱିଣ୍ଟନ ଡି'କକ୍ ଓ ଏନ୍‌ରିଚ ଷ୍ଟେନସର୍ସଙ୍କ ଭଳି ଖେଳାଳିଙ୍କୁ ଶସ୍ତାରେ ହାସଲ କରିଛି। ଦଳରେ ମଧ୍ୟ ଅଲରାଉଣ୍ଡରମାନେ ସାମିଲ ଅଛନ୍ତି।

ଅକ୍ଷର ପଟେଲ ଓ ଲୋକେଶ ରାହୁଲଙ୍କ ମଧ୍ୟରୁ କିଏ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଅଧିନାୟକ ହେବ ତାହା ସ୍ଥିର କରିନି ଫ୍ରାଞ୍ଚାଇଜ। ରାହୁଲ ଜଣେ ଓପନିଂ ବ୍ୟାଟର ଓ ଉଇକେଟ କିପର ରୂପେ କାର୍ଯ୍ୟ କରିବା ସହିତ ଜଣେ ଉଚ୍ଚକୋଟୀର ଅଧିନାୟକ। ଲକ୍ଷ୍ନୌ ସୁପରଜାଏଣ୍ଟ୍ସରୁ ରିଲିଜ ହେବା ପରେ ନିଲାମରେ ତାଙ୍କର ମୂଲ୍ୟ ୨୦କୋଟି ଛୁଇଁପାରେ ବୋଲି ଆଶା କରାଯାଉଥିଲା। ମାତ୍ର ଦିଲ୍ଲୀ ତାଙ୍କୁ ୧୪ କୋଟି ଟଙ୍କାରେ କିଣିଛି।

ଗୁଜରାଟ ଟାଇଟନ୍ସ ଦଳ ଜୋସ୍ ବଟଲର, ମହମ୍ମଦ ସିରାଜ ଓ କାଗିଶୋ ରାବାଡାଙ୍କ ପରି ଖେଳାଳିଙ୍କୁ ଦଳରେ ସାମିଲ କରି ପରିପକ୍ୱତା ଦେଖାଇଛି। ଶୁବମନ ଗିଲ, ରସିଦ ଖାଁ, ଓ୍ୱାନିନ୍ଦୁ ହସରଙ୍ଗା ଓ ମହେଶ ତୀକ୍ଷ୍‌ଣାଙ୍କ ପରି କ୍ୱାଲିଟି ଖେଳାଳି ଦଳରେ ରହିଛନ୍ତି।

ଚଳିତ ସଂସ୍କରଣରେ ଖେଳାଳି ନିଲାମ ସମୟରେ ପଞ୍ଜାବ କିଙ୍ଗ୍ସ ବେଶ୍ ସକ୍ରିୟ ରହିଥିଲା। ମାତ୍ର ୨ଜଣ ଖେଳାଳି ରିଟେନ କରିଥିବାରୁ ଦଳ ପାଖରେ ସର୍ବାଧିକ ଅର୍ଥ ରହିଥିଲା। ଚଳିତ ବର୍ଷ ନିଲାମୀରେ ଦ୍ୱିତୀୟ ସର୍ବାଧିକ ଦାମୀ ଖେଳାଳିଭାବେ ଶ୍ରେୟସ ଆୟରଙ୍କୁ ୨୬.୭୫ କୋଟି ଟଙ୍କାରେ ନେଇ ସମସ୍ତଙ୍କୁ ଚକିତ କରିଥିଲା। ଏହା ବ୍ୟତୀତ ଦଳ ପାଖରେ ଭାରତୀୟ ଦୁଇ ଯୁବ ବୋଲର ଅର୍ଶଦୀପ ସିଂ ଓ ଅଭିଜ୍ଞ ସ୍ପିନର ୟେଜୁବେନ୍ଦ୍ର ଚହଲ ରହିଛନ୍ତି। ମାର୍କସ୍ ଷ୍ଟୋଇନିସ୍, ଗ୍ଲେନ ମାକ୍ସୱେଲ, ଶଶାଙ୍କ ସିଂ ଓ ପ୍ରଭସିମରନ ସିଂଙ୍କ ଭଳି ଦକ୍ଷ ଖେଳାଳି ଦଳରେ ଅଛନ୍ତି। ତେଣୁ ଆଗାମୀ ଆଇପିଏଲ୍‌ରେ ସବୁଠାରୁ ଶକ୍ତିଶାଳୀ ଦଳରୂପେ ପ୍ରତୀୟମାନ ହେଉଛି ପଞ୍ଜାବ।

ଶୀର୍ଷସ୍ଥାନୀୟ ଅନ୍ତର୍ଜାତୀୟ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା ହୋଇଥିବା ବେଳେ କେତେଜଣ ଅନକ୍ୟାପେଡ୍ ଖେଳାଳି ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ନିଜର ବେସ୍ ପ୍ରାଇସ୍‌ଠାରୁ ଢେର ଅଧିକ ଟଙ୍କାରେ ଫ୍ରାଞ୍ଚାଇଜମାନଙ୍କ ମଧ୍ୟରେ ଟଣା ଓଟରା ଲାଗିଥିଲା। ସେମାନଙ୍କ ମଧ୍ୟରେ ନମନ ଧୀର (ମୁମ୍ବାଇ ଇଣ୍ଡିଆନ୍ସ), ଅବଦୁଲ ସମଦ (ଏଲ୍‌ଏସ୍‌ଜି) ଆଶୁତୋଷ ଶର୍ମା (ଦିଲ୍ଲୀ କ୍ୟାପିଟାଲ୍ସ), ଅଙ୍ଗକ୍ରିଶ ରଘୁବଂଶୀ (କେକେଆର୍)ଙ୍କ ଚାହିଦା ରହିଥିଲା। ପ୍ରଥମ ଥର ପାଇଁ ଡେଭିଡ ୱାର୍ନର, ଜନି ବେୟାରଷ୍ଟୋ, କେନ୍ ୱିଲିୟମସନ୍, ମୟଙ୍କ ଅଗ୍ରୱାଲ, ଉମେଶ ଯାଦବ, ପୃଥ୍ୱୀ ଶ, ଶାର୍ଦ୍ଦୂଳ ଠାକୁର, ନବଦୀପ ସଇନଙ୍କ ପରି ଖେଳାଳି ଆଇପିଏଲ୍ ଖେଳିବାର ସୁଯୋଗ ହରାଇଲେ।



ଶ୍ରେୟସ ଆୟର

ରିଷଭ ପନ୍ତ

## ପଜିଟିଭ୍ ଥିଙ୍କିଙ୍ଗ୍ସ

ଆର୍ଜେଣ୍ଟିନା ଷ୍ଟାର
ଲିଓନେଲ ମେସି
ପୁଅ ଖେଳେ ଫୁଟବଲ
ନିଓ୍ୱେଲ୍ସ କପ୍ ପ୍ରତିଯୋଗିତାରେ
ସ୍କୋର ଏକ ଶୂନ ଗୋଲ
ଟିମ୍ ହେଉ ପଛେ ଫେଲ୍
ତେର ବରଷର
ଥିଆଗୋ ଷ୍ଟାଇଲ
ବାପ ପରି ଝଲମଲ।

ଉଣେଇଶ ବର୍ଷରୁ
କମ୍ କୁଚବିହାର
ଟ୍ରଫି କ୍ରିକେଟରେ ହିରୋ
ଦ୍ୱିଶତକ ମାରି ସେହ୍ୱାଗଙ୍କ ପୁଅ
ବୀର ହେଲା ଆର୍ଯ୍ୟବୀର
ଦିଲ୍ଲୀ ଥିଲା ଟିମ୍ ତା'ର
ମେଘାଳୟ ବିପକ୍ଷରେ
ଏ ରେକର୍ଡ
ସାକ୍ଷୀ କ୍ରୀଡ଼ା କ୍ୟାଲେଣ୍ଡର।

ମୋବାଇଲ ସାଥି
ମଡର୍ନ ଚିଲଡ୍ରେନ
ପ୍ୟାରେଣ୍ଟଙ୍କୁ ଯା'ନ୍ତି ଭୁଲି
ଲାଇକ୍ ଫାଦର ଲାଇକ୍
ସନ୍ କଥା
ଇତିହାସ ହୁଏ କାଲି
ଲେଜି ବସି କାନ୍ଦେ ଡେଲି
ପଜିଟିଭ୍ ଥିଙ୍କିଙ୍ଗରେ
ବଡ଼େ ଲୋକ
ବଡ଼େ ତା' ଫ୍ୟାମିଲି ମିଲି।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୯/୨୦୨୪ Bhubaneswar, Friday, November 29/ 2024

# ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲା ଭାରତୀୟ ଦଳ

କାନବେରା,୨୮।୧୧(ପି.ଟି.)

ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ମଧ୍ୟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍‌ଙ୍କୁ ଭେଟିଛି ଭାରତୀୟ କ୍ରିକେଟ ଦଳ। ନଭେମ୍ବର ୩୦ ତାରିଖରେ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ରହିଥିବା ବେଳେ ଗୁରୁବାର ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ଡିସେମ୍ବର ୬ ତାରିଖରେ ଆଡିଲେଡ୍‌ରେ ଅଭ୍ୟାସ ମ୍ୟାଚ୍ ଖେଳିବ ଭାରତ। ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଭାରତ ୨୯୫ ରନ୍ ବ୍ୟବଧାନରେ ଜିତି ନେଇଥିଲା।

ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ଆନ୍ଥୋନୀ ଆଲବାନିଜ୍‌ଙ୍କୁ ଭେଟିଥିଲେ। ଏହି ଅବସରରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ପ୍ରଥମ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ ପାଇଁ ଯଶପ୍ରୀତ ବୁମ୍‌ରା ଓ ବିରାଟ କୋହଲିଙ୍କୁ ପ୍ରଶଂସା କରିଥିଲେ। ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ ଭାରତୀୟ ଖେଳାଳିଙ୍କୁ ଭେଟିବା ସହ ଏହାର ଫଟୋ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଥିଲେ। ଏହା ସହିତ ମାନୁକା ଓଭାଲରେ ଖେଳାଯିବାକୁ ଥିବା ଅଭ୍ୟାସ ମ୍ୟାଚ୍ ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଏକାଦଶର ଅଧିନାୟକ ଜ୍ୟାକ୍ ଏଡ୍‌ୱାର୍ଡସ ଓ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିଲା।

ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଅଷ୍ଟ୍ରେଲିଆ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ। ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ରହିଥିବା ଦ୍ୱିପାକ୍ଷିକ ସମ୍ପର୍କ ଓ ଉଭୟ ରାଷ୍ଟ୍ରର କ୍ରିକେଟ ପ୍ରତି ଥିବା ଭଲପାଇବା ସମ୍ପର୍କରେ ସେ କହିଥିଲେ। ଭାରତୀୟ ଖେଳାଳିଙ୍କୁ ଅଷ୍ଟ୍ରେଲିଆର ଚ୍ୟାଲେଞ୍ଜ ପସନ୍ଦ ଆସିଥାଏ ବୋଲି କହିଥିଲେ ରୋହିତ। ଭାରତ ଅତୀତରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଉଭୟ ବର୍ଡର ଗାଭାସ୍କର ଟ୍ରଫି ଭାରତ ଜିତି ନେଇଛି। ଭାରତୀୟ ଦଳ ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବ ବୋଲି ସେ କହିଥିଲେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ କ୍ରିକେଟ ବଡ଼ ଭୂମିକା ଗ୍ରହଣ କରିଥାଏ। ପୂର୍ବରୁ ୨୦୨୩ରେ ଅହମଦାବାଦରେ ଖେଳା ଯାଇଥିବା ଟେଷ୍ଟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ଭେଟିଥିଲେ ଆନ୍ଥୋନୀ ଆଲବାନିଜ୍।


ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ସହ ଭାରତ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶର ଖେଳାଳି।

# ହାଇବ୍ରିଡ୍ ମଡେଲ୍ ଉପରେ ଆଜି ଆଲୋଚନା

ଦୁବାଇ,୨୮।୧୧(ପି.ଟି.)

ପାକିସ୍ତାନରେ ଆୟୋଜିତ ଚାମ୍ପିୟନ୍ସ ଟ୍ରଫି ପାଇଁ ଯିବାକୁ ଭାରତ ମନା କରିସାରିଥିବା ବେଳେ ବର୍ତ୍ତମାନ ଆଇସିସି କୋର୍ଟରେ ରହିଛି ବଲ୍। ଆଇସିସି ମଧ୍ୟସ୍ଥତାରେ ଶୁକ୍ରବାର ବୈଠକ ହେବାକୁ ଯାଉଥିବା ବେଳେ ହାଇବ୍ରିଡ୍ ମଡେଲ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଭର୍ଚୁଆଲରେ ଏହି ବୈଠକ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ହାଇବ୍ରିଡ୍ ମଡେଲକୁ ପ୍ରତ୍ୟାଖ୍ୟାନ କରାଯିବ ବୋଲି କୁହାଯାଇଛି। ହାଇବ୍ରିଡ୍ ମଡେଲ୍‌ରେ ଟୁର୍ନାମେଣ୍ଟର ଆୟୋଜନ ଏଭଳି ବଡ଼ ଟୁର୍ନାମେଣ୍ଟର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି ପିସିବି ପକ୍ଷରୁ କୁହାଯାଇଛି। ଏପରି କରିବା ଦ୍ୱାରା ଅର୍ଥନୈତିକ କ୍ଷତି ସହିବାକୁ ପଡ଼ିପାରେ। ଟିଭି ରାଇଟ୍ସ ହାତେଇଥିବା ଜିଓ ଷ୍ଟାର ପକ୍ଷରୁ ଏହାକୁ ନେଇ ଅସହମତି ମଧ୍ୟ ବ୍ୟକ୍ତ କରାଯାଇଛି। ଦେଶ ବାହାରକୁ ଟୁର୍ନାମେଣ୍ଟ ଯିବା ଦ୍ୱାରା ଅତିରିକ୍ତ ଖର୍ଚ୍ଚର ଚାପ ପଡ଼ିବ ବୋଲି ଆଇସିସି ନିକଟରେ ଅଭିଯୋଗ କରିଛି ଜିଓ ଷ୍ଟାର। ତେବେ ଏହି ଘଟଣାରେ ଜଡ଼ିତ ସମସ୍ତ ପକ୍ଷଙ୍କ ମତାମତ ଜରୁରୀ ବୋଲି ଆଇସିସି କହିଛି।

ଅନ୍ୟପକ୍ଷରେ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ପୂର୍ବରୁ ୯୦ ଦିନର ସମୟସୀମା ଆବଶ୍ୟକ ରହିଥାଏ। ଏହି ସମୟସୀମା ପାର ହୋଇ ସାରିଥିବାରୁ ହାଇବ୍ରିଡ୍ ମଡେଲର ଅନୁରୋଧ ଗ୍ରହଣୀୟ ନୁହେଁ ବୋଲି ପିସିବି କହିଛି। ଅନ୍ୟପକ୍ଷରେ

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

୨୦୦୮ ମୁମ୍ବାଇ ଆକ୍ରମଣ ପରଠାରୁ ପାକିସ୍ତାନ ଗସ୍ତ କରିନାହିଁ ଭାରତ। ଏହି ଆକ୍ରମଣରେ ୧୫୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ପିସିବି ପକ୍ଷରୁ ଉଠାଯାଇଥିବା ଅନ୍ୟ ପ୍ରଶ୍ନ ହେଉଛି ଯଦି ଭାରତ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୁଏ ତେବେ ଟୁର୍ନାମେଣ୍ଟର ରୂପରେଖ କ'ଣ ରହିବ। ନକ୍‌ଆଉଟ ମ୍ୟାଚ୍ ବିଦେଶ ମାଟିରେ କରିବା ପାଇଁ ପିସିବି ଅନିଚ୍ଛା ପ୍ରକାଶ କରିଛି। ତେଣୁ ଆଇସିସି ଯଦି ନିରପେକ୍ଷ ଭେନ୍ୟୁ ଚୟନ କରିବ ତେବେ ଓହରିବା ପାଇଁ ପାକିସ୍ତାନ ଧମକ ଦେଇଛି।


ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ବିଜେତା ସାତ୍ତ୍ୱିକ ସ୍ୱାଇଁଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

## ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର

**ଡର୍ବାନ, ୨୮।୧୧ (ଏପି):** ସ୍ଥାନୀୟ କିଙ୍ଗ୍ସମିଡ୍‌ଠାରେ ବୁଧବାରଠାରୁ ଆରମ୍ଭ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୧୯୧ ଜବାବରେ ଶ୍ରୀଲଙ୍କା ୧୩.୫ ଓଭର (୮୩ ବଲ୍) ଖେଳି ମାତ୍ର ୪୨ ରନରେ ଅଲ୍‌ଆଉଟ ହୋଇଯାଇଛି। ଟେଷ୍ଟ କ୍ରିକେଟରେ ଦଳର ଏହା ହେଉଛି ସର୍ବନିମ୍ନ ସ୍କୋର। ୧୦୦ ବର୍ଷରେ କୌଣସି ଦଳ ଏତେ କମ୍ ବଲ୍‌ରେ ଅଲଆଉଟ ହେବା ଏହା ପ୍ରଥମ। ୧୯୨୪ରେ ଇଂଲଣ୍ଡ ୭୫ ବଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଅଲ୍‌ଆଉଟ କରି ଦେଇଥିଲା। ପୂର୍ବରୁ ଏକ ଟେଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ଭ୍ରମଣକାରୀ ଦଳର ସର୍ବନିମ୍ନ ସ୍କୋର ୭୧ ରନ ଥିଲା। ୨୦ବର୍ଷ ପୂର୍ବେ କାଣ୍ଡିରେ ପାକିସ୍ତାନ ବିପକ୍ଷରେ ଦଳ ଏହି ସ୍କୋର କରିଥିଲା। ଅନ୍ୟପକ୍ଷରେ କିଙ୍ଗ୍ସମିଡ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ୪୨ରନ ହେଉଛି ସର୍ବନିମ୍ନ ସ୍କୋର, ଯାହାକି ଏକ ରେକର୍ଡ। ପୂର୍ବରୁ ୨୦୧୩ରେ କେପ୍ ଟାଉନ୍‌ରେ ନ୍ୟୁଜିଲାଣ୍ଡ ମାତ୍ର ୪୫ ରନରେ ଅଲଆଉଟ ହୋଇଯାଇଥିଲା। କିଙ୍ଗ୍ସମିଡ୍ ଟେଷ୍ଟରେ ଶ୍ରୀଲଙ୍କାର ଟପ୍ ସ୍କୋରର କାମିଣ୍ଡୁ ମେଣ୍ଡିସ ମାତ୍ର ୧୩ ରନ କରିଥିଲେ। ୪ଜଣ ଖେଳାଳି ବିନା କୌଣସି ରନରେ ପ୍ୟାଭିଲିଅନ ଫେରିଥିଲେ। ଘରୋଇ ଦଳର ମିଡିୟମ ପେସ୍‌ବୋଲର ମାର୍କୋ ଜାନସେନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରି ୬.୫ ଓଭରରେ ୧୩ ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ। ଏକ ଟେଷ୍ଟ ଇନିଂସରେ ୭ ଓଭର ବୋଲିଂରେ ୭ ଉଇକେଟ ଦଖଲ କରିବାରେ ଅଷ୍ଟ୍ରେଲିଆର ହ୍ୟୁଗ୍ ଟ୍ରମ୍ବଲଙ୍କ ପରେ ଜାନସେନ ହେଉଛନ୍ତି ଦ୍ୱିତୀୟ ଖେଳାଳି। ହ୍ୟୁଗ୍ ୧୯୦୪ରେ ଇଂଲଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ।

# ଇଣ୍ଡିଆନ୍ ଓପନ ଗେଟ୍‌ବଲରେ ଓଡ଼ିଶା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଭୁବନେଶ୍ୱର,୨୮।୧୧(ସରୋଜ ଜେନା)

ନୂଆଦିଲ୍ଲୀର ପଟୌଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସର୍ବଭାରତୀୟ ଇଣ୍ଡିଆନ୍ ଓପନ ଗେଟ୍‌ବଲ୍‌ରେ ଓଡ଼ିଶା ଉଭୟ ଚାମ୍ପିୟନ ଓ ରନର ଅପ୍ ଆଖ୍ୟା ଅର୍ଜନ କରିଛି। ୧ ବିଦେଶୀ ଦଳ ଓ ଓଡ଼ିଶାର ୩ ଦଳ ସମେତ ଦେଶର ମୋଟ ୨୦ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ଭାଗନେଇଥିବା ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ସିନିୟର ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ଜୁନିୟର ଦଳ ରନର୍ ଅପ୍ ରହିଥିଲା। ତାଇୱାନର ଏକ ଦଳ ଓ ରାଜସ୍ଥାନ ସେମିଫାଇନାଲରେ ପରାଜିତ ହୋଇଥିଲେ। ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ସିନିୟର ଦଳରେ ରଞ୍ଜନ ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଦିଲୀପ ଷଡ଼ଙ୍ଗୀ, ଗିରିଜା ନାୟକ, ଏଜାଜ୍ ଅହମଦ ରହିଥିବା ବେଳେ ଜୁନିୟର ଦଳରେ ରାଜେନ୍ଦ୍ର ମୁର୍ମୁ, ବିଷ୍ଣୁପ୍ରିୟା ବେହେରା, ରୁଦ୍ରପ୍ରସାଦ ଧଳ, ଅମରୀଶ ଓଝା ଓ ସନ୍ଦୀପ ପ୍ରଧାନ ଜୁନିୟର ଦଳର ସଦସ୍ୟ ରହିଥିଲେ। ଟୁର୍ନାମେଣ୍ଟ ପାଇଁ ଗଠିତ କାର୍ଯ୍ୟକାରୀ କମିଟିରେ ଉମାକାନ୍ତ ପାଣି ସଭାଧ୍ୟକ୍ଷ, ଅମିତ ଗୁପ୍ତା ଓ ସର୍ବେଶ୍ୱର ମହାପାତ୍ର ଉପସଭାଧ୍ୟକ୍ଷ, ଡ. ସଞ୍ଜୀବ ପରିଡ଼ା ସମ୍ପାଦକ ଓ ଶରତ ପାତ୍ର କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଇଣ୍ଡିଆନ୍ ଗେଟ୍‌ବଲ ୟୁନିୟନ ସଭାପତି ଦ୍ୱୈପାୟନ ପଟ୍ଟନାୟକ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ: କିଟ୍ ସେମିରେ

ଭୁବନେଶ୍ୱର, ୨୮।୧୧ (ବିଜୟ ରଣା)

କିଟ୍‌ର ପୁରୁଷ ଟେନିସ ଦଳ ଜୟପୁରସ୍ଥିତ ମଣିପାଲ ୟୁନିଭର୍ସିଟି ପରିସରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ୨୦୨୪-୨୫ର ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟରଫାଇନାଲରେ ଏହି ଦଳ କୋଏମ୍ବାଟୁର୍‌ର ଭାରଥିଆର ୟୁନିଭର୍ସିଟିକୁ ୩-୦ରେ ହରାଇ ଦେଇଛି। ଏହି ଦଳ ପୂର୍ବରୁ ପ୍ରି-କ୍ୱାର୍ଟରରେ କୁରୁକ୍ଷେତ୍ର ୟୁନିଭର୍ସିଟି ବିପକ୍ଷରେ ୩-୦ରେ ବିଜୟ ଲାଭ କରିଥିଲା। କିଟ୍ ଗୋଟିଏ ସେମିଫାଇନାଲରେ ଆୟୋଜକ ମଣିପାଲ ୟୁନିଭର୍ସିଟିକୁ ଭେଟିବାକୁ ଥିବା ବେଳେ ଦ୍ୱିତୀୟଟିରେ କେଏଲ୍‌ଇଏଫ୍ ୟୁନିଭର୍ସିଟି ଧ ମଣିପୁର ୟୁନିଭର୍ସିଟି ପରସ୍ପରକୁ ଭେଟିବେ।

## ସର୍ବଭାରତୀୟ ବେସାମରିକ କ୍ରିକେଟ ପାଇଁ ଟ୍ରାଏଲ୍ସ

**ଭୁବନେଶ୍ୱର,୨୮।୧୧(ସରୋଜ ଜେନା):** ସର୍ବଭାରତୀୟ ବେସାମରିକ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ୨ ଦିନିଆ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଜାନୁଆରୀ ୩ରୁ ୧୦ ତାରିଖ ଯାଏ ଖେଳାଯିବ। ହାଇଟେକ୍ ମେଡିକାଲ କଲେଜ୍ ହସ୍ପିଟାଲ କ୍ରିକେଟ ଷ୍ଟାଡିୟମରେ ଡିସେମ୍ବର ୧ ଓ ୨ ତାରିଖରେ ଏହି ଟ୍ରାଏଲ୍ସ ଅନୁଷ୍ଠିତ ହେବ।

## ମର୍ସିଡିଜ୍‌କୁ ଫେରିବେ ବୋଟାସ

ଲୁସେଲ (କାତାର), ୨୮।୧୧ (ଏପି)

ଭାଲ୍‌ଟେରୀ ବୋଟାସ ଫର୍ମୁଲା ୱାନକୁ ଫେରିବେ। ଆସନ୍ତାବର୍ଷ ପାଇଁ ସେ ମର୍ସିଡିଜ୍‌ର ରିଜର୍ଭ ଡ୍ରାଇଭର ହେବାକୁ ଯାଉଛନ୍ତି। ଟିମ୍ ସହିତ ସେ ଯୋଗାଯୋଗରେ ରହିଛନ୍ତି। ଖୁବ୍‌ନିକଟରେ ଏକ ଚୁକ୍ତି ସ୍ୱାକ୍ଷର ହେବାକୁ ଯାଉଛି। ୭ଥର ଚାମ୍ପିୟନ ମାଇକେଲ ସୁମାକରଙ୍କ ପୁତ୍ର ନିକ୍ ସୁମାକର ମର୍ସିଡିଜ ଛାଡୁଥିବା ଘୋଷଣା କରିବା ପରେ ବୋଟାସଙ୍କ ପାଇଁ ଏହି ସୁଯୋଗ ଆସିଛି। ସୂଚନାଯୋଗ୍ୟ, ବୋଟାସ ଟିମ୍‌ମେଟ୍ ଲୁଇସ୍ ହାମିଲଟନଙ୍କ ସହ ମର୍ସିଡିଜ ଟିମ୍‌ରୁ ୫ ସିଜନ ରେସ୍‌ରେ ଭାଗ ନେଇଛନ୍ତି। ଏହି ସମୟକାଳ ମଧ୍ୟରେ ସେ ୧୦ଥର ଫର୍ମୁଲା ୱାନ ରେସ୍ ଜିତିଛନ୍ତି। ଚଳିତ ସିଜନରେ ସେ କିନ୍ତୁ ସୌବେର ସହ ଗୋଟିଏ ହେଲେ ପଏଣ୍ଟ ସ୍କୋର କରିବାରେ ସମର୍ଥ ହୋଇପାରି ନାହାନ୍ତି। ବୋଟାସ ୧୮ ବର୍ଷୀୟ ଆଣ୍ଡ୍ରିଆ କିମି ଆଣ୍ଟୋନେଲିଙ୍କ ମେଣ୍ଟର ଭାବେ କାର୍ଯ୍ୟ କରିପାରନ୍ତି।

# ଓଡ଼ିଶା,ଉତ୍ତରାଖଣ୍ଡ, କର୍ଣ୍ଣାଟକ, ଝାଡ଼ଖଣ୍ଡ ବିଜୟୀ

ସିକନ୍ଦରାବାଦ, ୨୮।୧୧ (ପି.ଟି.)

ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ କର୍ଣ୍ଣାଟକ ଏଠାରେ ଚାଲିଥିବା ୧୪ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ଗୁରୁବାର ତୃତୀୟ ଦିବସ ଖେଳରେ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପୁଲ୍ 'ସି'ରେ ହିମାଚଳପ୍ରଦେଶ ଓହରିଯିବାରୁ ଓଡ଼ିଶାକୁ ୫-୦ ଗୋଲ୍‌ରେ ବିଜୟୀ ଘୋଷଣା କରାଯାଇଥିଲା। ପୁଲ୍ 'ବି'ରେ ଝାଡ଼ଖଣ୍ଡ ସମାନ ୫-୦ ଗୋଲ୍ ବ୍ୟବଧାନରେ ଛତିଶଗଡ଼କୁ ପରାସ୍ତ କରିଥିବା ବେଳେ ପୁଲ୍ 'ଡି'ରେ ରାଜସ୍ଥାନ ବିପକ୍ଷରେ ଉତ୍ତରାଖଣ୍ଡ ୩-୧ ଗୋଲରେ ବିଜୟୀ ହୋଇଛି। ପୁଲ୍ 'ଏଫ୍'ରେ ଜମ୍ମୁ କଶ୍ମୀର ଓ କର୍ଣ୍ଣାଟକ ମଧ୍ୟରେ ମ୍ୟାଚ ଖେଳାଯିବାର ଥିଲା। ଜମ୍ମୁ କଶ୍ମୀର ଓହରିଯିବାରୁ ଟୁର୍ନାମେଣ୍ଟର ନିୟମାନୁସାରେ କର୍ଣ୍ଣାଟକକୁ ୫-୦ରେ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ପୁଲ୍ 'ଏଚ'ରେ ଆନ୍ଧ୍ର ପ୍ରଦେଶ ୬-୧ ଗୋଲରେ ବେଙ୍ଗଲକୁ ପରାଜିତ କରିଥିବା ବେଳେ ପୁଲ୍ 'ଜି'ରେ ପଞ୍ଜାବ ଓ ଗୁଜରାଟ ମଧ୍ୟରେ ମ୍ୟାଚ୍ ୨-୨ରେ ଡ୍ର ରହିଥିଲା।

# ଇଗା ସ୍ୱିଟେକ୍ ମାସେ ବାସନ୍ଦ

**ଲଣ୍ଡନ,୨୮।୧୧(ପି.ଟି.):** ୫ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱିଟେକ ଡୋପିଂ ମାମଲାରେ ୧ ମାସ ବାସନ୍ଦ ହୋଇଛନ୍ତି। ନିଷିଦ୍ଧ ଡ୍ରଗ୍ସ ଟ୍ରିମେଟାଜିଡିନର ନମୂନା ସ୍ୱିଟେକଙ୍କ ନିକଟରୁ ମିଳିଥିଲା। ସେ ନିଜ ଭୁଲ ମାନିବା ସହ ଦଣ୍ଡାଦେଶକୁ ସ୍ୱୀକାର କରିଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ୍ ଇଣ୍ଟେଗ୍ରିଟି ପକ୍ଷରୁ ସ୍ୱିଟେକଙ୍କୁ ଏହି ଦଣ୍ଡାଦେଶ କରାଯାଇଛି। ସାଧାରଣତଃ ହୃଦରୋଗରେ ଆକ୍ରାନ୍ତ ରୋଗୀ ମାନେ ଏହି ଔଷଧର ବ୍ୟବହାର କରିଥାନ୍ତି। ଅଗଷ୍ଟ ମାସରେ ଟୁର୍ନାମେଣ୍ଟ ବାହାରେ ସ୍ୱିଟେକ୍‌ଙ୍କ ନମୂନା ପଜିଟିଭ୍ ଆସିଥିଲା। ଜେଟ୍ ଲାଗ୍ ଓ ନିଦ୍ରା ଜନିତ ସମସ୍ୟା କାରଣରୁ ସେ ମେଲାଟୋନିନ୍ ସେବନ କରିଥିବା ବେଳେ ଅନିଚ୍ଛାକୃତ ଭାବରେ ଏହି ତ୍ରୁଟି ହୋଇଥିବା ସ୍ୱୀକାର କରିଛନ୍ତି ସ୍ୱିଟେକ୍। ପୂର୍ବରୁ ଡୋପିଙ୍ଗ ମାମଲାରେ ଇଟାଲୀର ଜାନିକ୍ ସିନର ଚର୍ଚ୍ଚାରେ ରହିଥିଲେ।



# କିଟ୍‌କୁ ୫, ଉତ୍କଳକୁ ୩ ପଦକ

ଭୁବନେଶ୍ୱର, ୨୮।୧୧ (ବିଜୟ ରଣା)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ତତ୍ତ୍ୱାବଧାନରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଉତ୍ତରପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଇଭେଣ୍ଟର ଉଦ୍‌ଘାଟନ

**ଉତ୍ତରପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ**

କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ଇଭେଣ୍ଟର ସାଂଗଠନିକ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। କିସ୍ କ୍ୟାମ୍ପସ-୨ ପରିସରରେ ରହିଥିବା କିଟ୍-କିସ୍ ସୁଇମିଂ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ କିଟ୍ ୫ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ୩ ପଦକ ଜିତିବାରେ ସଫଳ ହୋଇଛନ୍ତି। ଚାମ୍ପିୟନଶିପ୍‌ରେ ୧୧୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରରୁ ୫୦୦ରୁ ଅଧିକ ସନ୍ତରଣକାରୀ ଭାଗ ନେଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ପଦକ ବିଜେତାମାନେ ହେଲେ ୧. ଦିବ୍ୟାଙ୍କ ଦିବ୍ୟଜ୍ୟୋତି ପ୍ରଧାନ (ମହିଳା ୨୦୦ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ, ମହିଳା ୪୦୦ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ); ୨. ଫିର୍ଦ୍ଦୋଶ କାୟାମକାନି (୪୦୦ମିଟର ମିଡ୍‌ଲେରେ ସ୍ୱର୍ଣ୍ଣ); ୩. ନିଲାବ୍‌ଜା ଘୋଷ (ମହିଳା ୫୦ମିଟର ବଟରଫ୍ଲାଏରେ ବ୍ରୋଞ୍ଜ), ୪. କିଟ୍ ମହିଳା ରିଲେ ଟିମ (୪x୨୦୦ମିଟର ଫ୍ରିଷ୍ଟାଇଲ ରିଲେରେ ସ୍ୱର୍ଣ୍ଣ)। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପଦକ ବିଜେତାମାନେ ହେଲେ ୧. ପ୍ରତ୍ୟାଶା ରାୟ (ମହିଳା ୧୦୦ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ମହିଳା ୪୦୦ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ଓ ମହିଳା ୪୦୦ମିଟର ମିଡ୍‌ଲେରେ ରୌପ୍ୟ)। ପ୍ରତି ଇଭେଣ୍ଟର ଶ୍ରେଷ୍ଠ ୧୬ ସନ୍ତରଣକାରୀ ଆସନ୍ତା ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଚେନ୍ନାଇସ୍ଥିତ ଏସ୍‌ଆରଏମ୍ ୟୁନିଭର୍ସିଟିରେ ହେବାକୁଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ସନ୍ତରଣ ଚାମ୍ପିୟନଶିପ୍ ୨୦୨୪-୨୫ ପାଇଁ ଯୋଗ୍ୟତା ଅର୍ଜନ କରିବେ।


ପ୍ରଥମ ଦିନରେ ଅନୁଷ୍ଠିତ ଏକ ସନ୍ତରଣ ଇଭେଣ୍ଟ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ